# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୨୫/୨୦୧୮ (୧୬ ପୃଷ୍ଠା + ମନ ମିଜାଜ) | Bhubaneswar, Thursday, October 25/ 2018 | ★★★★

୪୪ଶ ଭାଗ ୩୨୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**କୋହଲି ଦ୍ରୁତତମ ୧୦,୦୦୦**

ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି ଏକଦିବସୀୟ କ୍ରିକେଟରେ ୧୦,୦୦୦ ରନ ପୂରଣ କରିବାରେ ଦ୍ରୁତତମ ସାବ୍ୟସ୍ତ ହୋଇଛନ୍ତି।

୧୫

୦୨

**ଦୁଇଟି ଫିଲ୍ମ ରିଲିଜ୍ ପାଇଁ ନାମଦେବ୍ ଉତ୍ସାହିତ**

ଗୋଟିଏ ଦିନରେ ନିଜ ଅଭିନୀତ ଦୁଇଟି ଫିଲ୍ମ ରିଲିଜ ହେଉଥିବାରୁ ବିଶିଷ୍ଟ ଅଭିନେତା ଗୋବିନ୍ଦ ନାମଦେବ୍ ବେଶ୍ ଖୁସି ଅଛନ୍ତି।








■ ସିବିଆଇରେ ଅମୁନି ଅନ୍ତର୍କନ୍ଦଳ

# ଦୁଇ ମୁଖିଆଙ୍କୁ ବାଧ୍ୟତାମୂଳକ ଛୁଟି

ନୂଆଦିଲ୍ଲୀ,୨୪।୧୦(ପି.ଟି.)

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ଶୀର୍ଷସ୍ତରୀୟ ଅଧିକାରୀଙ୍କ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ ଚରମ ସୀମା ଟପିଛି। ଅହଙ୍କାରକୁ ନେଇ ଲାଗିରହିଥିବା ଲଢ଼େଇ ତଦନ୍ତ ସଂସ୍ଥାକୁ ଲଜ୍ଜିତ କରିଥିବାବେଳେ ସମାଧାନ ବାଟ ଖୋଜିପାଉନି କେନ୍ଦ୍ର। ତଥାପି 'ବାଡ଼ି ନ ଭାଙ୍ଗୁ କି ସାପ ନ ମରୁ' ନ୍ୟାୟରେ ମଧ୍ୟମ ପନ୍ଥା ଆପଣାଇଛନ୍ତି ନରେନ୍ଦ୍ର ମୋଦି ସରକାର। କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମା ଏବଂ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କ ହାତରୁ କ୍ଷମତା ହଟାଇଦିଆଯାଇଛି। ରାତାରାତି ଉଭୟଙ୍କୁ ବାଧ୍ୟତାମୂଳକ ଛୁଟିରେ ପଠାଇଦେଇଛନ୍ତି ସରକାର। ଆଲୋଚନା ପର୍ଯ୍ୟାଲୋଚନା ପରେ ତଦନ୍ତ ସଂସ୍ଥାର ଯୁଗ୍ମ ନିର୍ଦ୍ଦେଶକ ତଥା ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର ଏମ୍. ନାଗେଶ୍ୱର ରାଓଙ୍କୁ କାମଚଳା ଦାୟିତ୍ୱ ପ୍ରଦାନ କରାଯାଇଛି। ସିବିଆଇ ଇତିହାସରେ ପ୍ରଥମଥର ପାଇଁ ଏଭଳି ଘଟଣା ଘଟିଥିବାରୁ ଚାଞ୍ଚଲ୍ୟ ଖେଳିଯାଇଛି। ତେବେ କେନ୍ଦ୍ରର ଏହି ନିଷ୍ପତ୍ତିକୁ ବିରୋଧ କରି ବର୍ମା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କ ଆବେଦନ ଉପରେ ଶୁକ୍ରବାର ବିଚାର ହେବ ବୋଲି ଅଦାଲତ କହିଛନ୍ତି।

**କେନ୍ଦ୍ରର ରାତିଅଧିଆ କାର୍ଯ୍ୟାନୁଷ୍ଠାନ**

- ସାମୟିକ ଭାବେ କାର୍ଯ୍ୟରୁ ନିବୃତ୍ତ ହେଲେ ବର୍ମା, ଅସ୍ଥାନା
- ଓଡ଼ିଶା କ୍ୟାଡର ଅଫିସର ନାଗେଶ୍ୱର ରାଓ କାମଚଳା ନିର୍ଦ୍ଦେଶକ
- ଦାୟିତ୍ୱ ଗ୍ରହଣ ପରେ କଲେ ବ୍ୟାପକ ଅଦଳବଦଳ
- ତଦନ୍ତ ସଂସ୍ଥାର ଗରିମା ରକ୍ଷା ପାଇଁ ହୋଇଛି କାର୍ଯ୍ୟାନୁଷ୍ଠାନ: ଜେଟ୍‌ଲୀ
- କେନ୍ଦ୍ରର ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କଲେ ବର୍ମା






ଏମ୍. ନାଗେଶ୍ୱର ରାଓ

ଦିନ ଥିଲା, ସିବିଆଇ ନାଁ ଶୁଣିଲେ ଭ୍ରଷ୍ଟାଚାରୀଙ୍କ ଲୋମ ଟାଙ୍କୁରି ପଡୁଥିଲା। କିନ୍ତୁ ଏହାର କରିଡରରେ ଏବେ ଚାଲିଛି ଖୋଲାଯୁଦ୍ଧ। ସିବିଆଇ ନିର୍ଦ୍ଦେଶକ ବର୍ମା ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ପସନ୍ଦର ଅଧିକାରୀ ଅସ୍ଥାନା ପରସ୍ପର ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିବା ପରେ ଏବେ ତଥାକଥିତ ବିଶ୍ୱସନୀୟ ତଦନ୍ତକାରୀ ସଂସ୍ଥା ଉପରେ ଲୋକଙ୍କ ସନ୍ଦେହ ଜାତ ହୋଇଛି। ସିବିଆଇର ଦୁଇ ମୁଖିଆ ନିଜ ନିଜର ଦବ୍‌ଦବା ସାବ୍ୟସ୍ତ କରିବାରେ ଲାଗିଛନ୍ତି। ଏଭଳି ଘଟଣା ସାମ୍ନାକୁ ଆସିବା ପରେ ତଦନ୍ତ ସଂସ୍ଥାର ମର୍ଯ୍ୟାଦା ରକ୍ଷା ପାଇଁ ଅଣ୍ଟା ଭିଡ଼ିଛି କେନ୍ଦ୍ର। କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି)ର ସୁପାରିସକ୍ରମେ ସରକାର ସିବିଆଇର ନମ୍ବର ୧ ଓ ୨ ଅଧିକାରୀ ବର୍ମା ଓ ଗୁଜରାଟ କ୍ୟାଡର ଆଇପିଏସ୍ ଅଫିସର ଅସ୍ଥାନାଙ୍କ ହାତରୁ କ୍ଷମତା ଛଡ଼ାଇନେଇଥିବା ବୁଧବାର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ସୂଚନା ଦେଇଛନ୍ତି। କ୍ଷମତା କନ୍ଦଳ ତଦନ୍ତ ସଂସ୍ଥାର ମୁଣ୍ଡ ନୁଆଁଇଦେବା ପରେ ମଙ୍ଗଳବାର ସନ୍ଧ୍ୟାରେ ସିଭିସି ବୈଠକ ବସିଥିଲା। ବର୍ମା ଓ ଅସ୍ଥାନାଙ୍କୁ ଛୁଟିରେ ପଠାଇବା ସହ ଉଭୟଙ୍କ ବିରୋଧରେ ଆସିଥିବା ଅଭିଯୋଗର ସତ୍ୟତା ପ୍ରମାଣ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ ଲାଗି କମିଶନ ସୁପାରିସ ☞ପୃଷ୍ଠା–୪

■ ଲୋକାୟୁକ୍ତ ନିଯୁକ୍ତି ଝଟକା

# ଚୂଡ଼ାନ୍ତ ତାରିଖ ତୁରନ୍ତ ଜଣାଅ

ଭୁବନେଶ୍ୱର,୨୪।୧୦(ବ୍ୟୁରୋ)

**ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ କଡ଼ା ନିର୍ଦ୍ଦେଶ**

ଲୋକାୟୁକ୍ତ ନିଯୁକ୍ତିକୁ ନେଇ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ଜୋରଦାର ଝଟ୍‌କା ଦେଇଛନ୍ତି। ଲୋକାୟୁକ୍ତ ନିଯୁକ୍ତି ନେଇ ଆଉ ସମୟ ଦେଇହେବ ନାହିଁ। ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ଏ ନେଇ ରୋକ୍‌ଠୋକ୍ ଜଣାଇ ଦେଇଛନ୍ତି। ଏଥିସହିତ ୩ ମାସ ସମୟ ଦେବାକୁ ରାଜ୍ୟ ସରକାର କରିଥିବା ଗୁହାରିକୁ ମଧ୍ୟ ବୁଧବାର ସର୍ବୋଚ୍ଚ ଅଦାଲତ ଅଗ୍ରାହ୍ୟ କରି ଦେଇଛନ୍ତି। ଦୁର୍ନୀତି ନିରୋଧୀ ଅମ୍ବୁଡ୍‌ସମ୍ୟାନ ସଂସ୍ଥା କେବେ ଗଠନ ହେବ ଓ କେବେ ସୁଦ୍ଧା ଲୋକାୟୁକ୍ତ ନିଯୁକ୍ତି ହେବେ ସେ ନେଇ ନିର୍ଦ୍ଦିଷ୍ଟ ତାରିଖ ଜଣାଇବାକୁ ଅଦାଲତ ରାଜ୍ୟ ସରକାରଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

ଜୁଲାଇ ୧୦ ତାରିଖ ସୁଦ୍ଧା ଲୋକାୟୁକ୍ତ ନିଯୁକ୍ତି ନେଇ ଷ୍ଟାଟସ ରିପୋର୍ଟ ଦାଖଲ କରିବା ପାଇଁ କୋର୍ଟ ରାଜ୍ୟ ସରକାରଙ୍କୁ ଏପ୍ରିଲ ୧୯ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଏପ୍ରିଲ ୯ ତାରିଖରେ ଲୋକାୟୁକ୍ତ ନିଯୁକ୍ତି ନେଇ ଏକ ସତ୍ୟପାଠ ଦାଖଲ କରାଯାଇଥିଲା। ଏଥିରେ କୁହାଯାଇଥିଲା ଯେ, ରାଜ୍ୟରେ ୨୦୧୫ ଜାନୁୟାରୀ ୧୬ ତାରିଖରୁ ଓଡ଼ିଶା ଲୋକାୟୁକ୍ତ ☞ପୃଷ୍ଠା–୪


**ଆପଣଙ୍କ ଏହି କପି ସହିତ ପାଇବେ ମନ ମିଜାଜ**




**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**


**କିଛି ତଥ୍ୟ**

୨୦୧୭–୧୮ ଆର୍ଥିକ ବର୍ଷରେ ଭାରତ–ଚାଇନା ମଧ୍ୟରେ ବାଣିଜ୍ୟ ନିଅଣ୍ଟ ୬୩.୧୨ ବିଲିୟନ ଡଲାରକୁ ବୃଦ୍ଧି ଘଟିଛି। ଏହା ପୂର୍ବବର୍ତ୍ତୀ ବର୍ଷରେ ୫୧.୧୧ ବିଲିୟନ ଡଲାର ଥିଲା।

– ବାଣିଜ୍ୟ ମନ୍ତ୍ରଣାଳୟ

# ଖାରବେଳଙ୍କୁ ଆକ୍ରମଣ

ଆଳି (ଡି.ଏନ୍.ଏ.)/କେନ୍ଦ୍ରାପଡା ଅଫିସ୍, ୨୪।୧୦

ଓଡ଼ିଶା ଭାଗ୍ୟ ପରିବର୍ତ୍ତନ ଯାତ୍ରାରେ ସାମିଲ ହୋଇଥିବା ଉତ୍କଳ ଭାରତ ସଭାପତି ଐର ଖାରବେଳ ସ୍ୱାଇଁଙ୍କୁ କେନ୍ଦ୍ରାପଡା ଜିଲାର ଆଳିଠାରେ କେତେଜଣ ଦୁର୍ବୃତ୍ତ ବୁଧବାର ଆକ୍ରମଣ କରିଛନ୍ତି। ଏ ସମ୍ପର୍କରେ ଖାରବେଳ କେନ୍ଦ୍ରାପଡ଼ା ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ପରିସରରେ ଏସ୍‌ପି ନୀତିଶେଖରଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଆଳି ନୂଆବଜାରର ଅନ୍ନପୂର୍ଣ୍ଣା ପଡ଼ିଆଠାରେ ଦଳ ପକ୍ଷରୁ ଅନୁଷ୍ଠିତ ସଭାରେ ଖାରବେଳଙ୍କ ସମେତ ଉତ୍କଳ ଭାରତର ଜିଲା ପଦାଧିକାରୀ ଓ ତାଙ୍କ ସହଯୋଗୀଙ୍କ ଗାଡ଼ି ଉପରକୁ ମଧ୍ୟ ଆକ୍ରମଣ ହୋଇଥିବା ଜଣାପଡିଛି। ଏ ନେଇ ତଦନ୍ତ କରାଯିବ ବୋଲି ଏସ୍‌ପି ନୀତିଶେଖର ସୂଚନା ଦେଇଛନ୍ତି।

ଖାରବେଳ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଯେ, ଓଡ଼ିଶା ଭାଗ୍ୟ ପରିବର୍ତ୍ତନ ଯାତ୍ରାରେ ରାଜ୍ୟ ସରକାରଙ୍କ ଅପାରଗତା ଓ ଓଡ଼ିଶା ବିକାଶର ☞ପୃଷ୍ଠା–୪

■ କେନ୍ଦୁଝରରେ ସଡ଼କ ଦୁର୍ଘଟଣା

# ମା'ବାପାଙ୍କ ସହ ଝିଅ ମୃତ

ପାଟଣା/କେନ୍ଦୁଝର, ୨୪।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ବୁଧବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ପାଟଣା ବ୍ଲକ ଦେଇ ଯାଇଥିବା ମୁମ୍ବାଇ କଲିକତା ୪୯ ନମ୍ବର ଜାତୀୟ ରାଜପଥର ଚେମଣା ଶାଳବଣ ନିକଟରେ ଏକ ପିକ୍‌ଅପ ଓ ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରାଯିବା ପରେ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ମୃତକମାନେ ହେଲେ ମୟୂରଭଞ୍ଜ ଜିଲା ରାଇରଙ୍ଗପୁରର ସବୀର ଅଲ୍ଲୀଙ୍କ ପୁଅ ସେଖ୍ ସାଜିଦ, ତାଙ୍କ ସ୍ତ୍ରୀ ତମନା ବିବି ଓ ବଡ଼ଝିଅ ଅଫିପା ତେହେସିନ୍। ଗୁରୁତର ଜଣଙ୍କ ହେଲେ ସେଖ୍ ସାଜିଦଙ୍କ ସାନଝିଅ ତେହେସିନ ପର୍‌ବିନ୍। ଏ ନେଇ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

■ ବଢ଼ିଲା ବଳାତ୍କାର ପୀଡ଼ିତା କ୍ଷତିପୂରଣ ରାଶି

# ମୃତ୍ୟୁ ଘଟିଲେ ୧୦ ଲକ୍ଷ

ଭୁବନେଶ୍ୱର, ୨୪।୧୦(ବ୍ୟୁରୋ)

**ବଳାତ୍କାର ପୀଡ଼ିତାଙ୍କୁ ୭, ଏସିଡ୍ ମାଡ଼ ପାଇଁ ୮ ଲକ୍ଷ**

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ସରକାର ୨୦୧୨ରେ ଓଡ଼ିଶା ବଳାତ୍କାର ପୀଡ଼ିତା କ୍ଷତିପୂରଣ ଯୋଜନା(ଓଡ଼ିଶା ରେପ ଭିକ୍ଟିମ କମ୍ପେନସେଶନ ସ୍କିମ)ଆରମ୍ଭ କରିଥିଲେ। ତେବେ ଏଥିରେ ଯେଉଁ କ୍ଷତିପୂରଣ ବ୍ୟବସ୍ଥା କରାଯାଇଥିଲା ତାହା ପର୍ଯ୍ୟାପ୍ତ ନ ଥିଲା। ଏହି ରାଶିକୁ ବୃଦ୍ଧି କରିବାକୁ ସୁପ୍ରିମକୋର୍ଟ ପୁଣି ନିର୍ଦ୍ଦେଶ ଦେବା ପରେ ରାଜ୍ୟ ସରକାର ସହାୟତା ରାଶି ପରିମାଣ ବୃଦ୍ଧି କରିଛନ୍ତି। ଏ ନେଇ ଗୃହ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ବଳାତ୍କାର ଶିକାର ପରେ ଯଦି ପୀଡ଼ିତାଙ୍କ ମୃତ୍ୟୁ ହୁଏ ତେବେ ତାଙ୍କ ପରିବାରକୁ ଉକ୍ତ ଯୋଜନା ଜରିଆରେ ୫ରୁ ୧୦ ଲକ୍ଷ ପର୍ଯ୍ୟନ୍ତ କ୍ଷତିପୂରଣ ପ୍ରଦାନ କରାଯିବ। ପୂର୍ବରୁ ଏହି କ୍ଷତିପୂରଣ ରାଶି ୩ ଲକ୍ଷ ଟଙ୍କା ଥିଲା। ସେହିପରି ବଳାତ୍କାର ଶିକାର ହୋଇଥିବା ମହିଳାଙ୍କୁ ୪ରୁ ୭ ଲକ୍ଷ, ଗଣ ବଳାତ୍କାର ମହିଳାଙ୍କୁ ୫ରୁ ୧୦ ଲକ୍ଷ, ଅପ୍ରାକୃତି ଯୌନ ନିର୍ଯାତନା ପାଇଁ ୪ରୁ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ଦେବାକୁ ବ୍ୟବସ୍ଥା କରାଯାଇଛି। ସେହିପରି ବଳାତ୍କାର କିମ୍ବା ଏସିଡ୍ ମାଡ଼ ଯୋଗୁ ଯଦି ଶରୀରର ୮୦ ଭାଗ କ୍ଷତିଗ୍ରସ୍ତ ହୋଇଥିବ ତେବେ ସେ କ୍ଷେତ୍ରରେ ପୀଡ଼ିତାଙ୍କୁ ୨ରୁ ୫ ଲକ୍ଷ, ୮୦ରୁ ୪୦ ପ୍ରତିଶତ ମଧ୍ୟରେ ୨ରୁ ୪ ଲକ୍ଷ, ୨୦ରୁ ୪୦ ପ୍ରତିଶତ ମଧ୍ୟରେ ୧ରୁ ୩ ଲକ୍ଷ ଏବଂ ୨୦ ପ୍ରତିଶତରୁ କମ କ୍ଷତି ହୋଇଥିଲେ ୧ରୁ ୨ ଲକ୍ଷ ମଧ୍ୟରେ କ୍ଷତିପୂରଣ ରାଶି ମିଳିବ। ବଳାତ୍କାର ଯୋଗୁ ମାନସିକ ସ୍ତରରେ ଆଘାତ ପାଇ ପୁନର୍ବାସ ଆବଶ୍ୟକ କରୁଥିବା ପାଇଁ ଉକ୍ତ ଯୋଜନାରେ ସହାୟତା ରାଶି ୧ରୁ ୨ ଲକ୍ଷ ଟଙ୍କା ବୃଦ୍ଧି କରାଯାଇଥିବାବେଳେ ଗର୍ଭବତୀ ମହିଳାଙ୍କୁ ବଳାତ୍କାର କିମ୍ବା ଆକ୍ରମଣ ଯୋଗୁ ଗର୍ଭସ୍ଥ ଶିଶୁର ମୃତ୍ୟୁ କିମ୍ବା କ୍ଷତି ହେଲେ ୨ରୁ ୩ ଲକ୍ଷ, ବଳାତ୍କାର ଯୋଗୁ ଗର୍ଭଧାରଣ କଲେ ୩ରୁ ୪ ଲକ୍ଷ, ଏସିଡ଼ି ମାଡ଼ ଯୋଗୁ ମୁଖମଣ୍ଡଳ ବିକୃତ ହୋଇଗଲେ ୭ରୁ ୮ ଲକ୍ଷ ଟଙ୍କା କ୍ଷତିପୂରଣ ମିଳିବ। ସେହିପରି ଏସିଡ଼ିମାଡ଼ ଯୋଗୁ ୫୦ପ୍ରତିଶତ କ୍ଷତିଗ୍ରସ୍ତ ହୋଇଥିଲେ ୫ରୁ ୮ ଲକ୍ଷ, ୫୦ ପ୍ରତିଶତରୁ କମ ହୋଇଥିଲେ ୩ରୁ ୫ ଲକ୍ଷ, ୨୦ ପ୍ରତିଶତରୁ କମ କ୍ଷତି ହୋଇଥିଲେ ୩ରୁ ୪ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

ନକଲି ପନିର

**ଆଜିର ମନ୍ତବ୍ୟ**

"ସିବିଆଇରେ ଯେଉଁ ସଙ୍କଟ ସ୍ଥିତି ଉପୁଜିଛି, ତାହା ତଦନ୍ତ ସଂସ୍ଥାର ବିଶ୍ୱସନୀୟତାକୁ ଧୂଳିସାତ୍ କରିଦେଇଛି।"

–ଡି. ରାଜା, ସିପିଆଇ ନେତା


NECC NATIONAL EGG CO-ORDINATION COMMITTEE | 24.10.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 77 | 128 | 138 |
| DKL | 77 | 128 | 138 |
| BDK | 77 | 128 | 138 |
| BLS | 77 | 128 | 138 |
| ANG | 77 | 128 | 138 |

*Conditions Apply

Eggs Retail Price- 48/-Dozen
Issued in the Interest of Consumers







"ସିବିଆଇରେ ସୃଷ୍ଟି ହୋଇଥିବା ଅନ୍ତର୍କନ୍ଦଳ ପାଇଁ କେନ୍ଦ୍ର ଦାୟୀ। ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁ ଅନ୍ୟ ସଂସ୍ଥାଗୁଡ଼ିକରେ ମଧ ସମାନ ପରିସ୍ଥିତି ଦେଖିବାକୁ ମିଳୁଛି।
-ମାୟାବତୀ, ବିଏସ୍‌ପି ସୁପ୍ରିମୋ

## ସଂକ୍ଷେପରେ

### ଯିଶୁଙ୍କୁ ପାଇବାକୁ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା କଲେ ମହିଳା

**ଖମ୍ମାମ, ୨୪।୧୦:** ଈଶ୍ୱରଙ୍କ ପ୍ରତି ଅଧିକ ଆସ୍ଥା ଓ ବିଶ୍ୱାସ ରଖି କିଛି ଲୋକ ନିଜର ଜୀବନ ଦେବାକୁ ପଛାନ୍ତି ନାହିଁ। ଏଭଳି ଏକ ଘଟଣା ଘଟିଛି ତେଲେଙ୍ଗାନାର ଖମ୍ମାମ ଜିଲାସ୍ଥିତ ପେଡାଗୋପଥି ଗାଁରେ। ବଙ୍ଗାରାଲା ବୀଣା ନାମକ ଜଣେ ମହିଳା ଈଶ୍ୱର ପ୍ରାପ୍ତି ଉଦ୍ଦେଶ୍ୟରେ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ମଙ୍ଗଳବାର ଆତ୍ମହତ୍ୟା କରିଛନ୍ତି। ମହିଳା ଜଣକ ପେସାରେ ଜଣେ ଆୟୁର୍ବେଦିକ ଡାକ୍ତର। ତାଙ୍କ ପର୍ସ ଭିତରକୁ ଏକ ଚିଠି ମିଳିଛି। ସେ ଏଥିରେ ଲେଖିଛନ୍ତି, ତାଙ୍କୁ ଯିଶୁଖ୍ରୀଷ୍ଟ ଡାକୁଛନ୍ତି। ସେଥିପାଇଁ ସେ ତାଙ୍କ ସହିତ ରହିବାକୁ ଯାଉଛନ୍ତି। ଏହାସହ ଚିଠିରେ ଉଲ୍ଲେଖ କରିଛନ୍ତି ତାଙ୍କ ସ୍ୱାମୀ ଖୁବ୍ ଭଲ। ସେ ପିଲାଙ୍କର ଯତ୍ନ ନେବେ। ବୀଣାଙ୍କ ସ୍ୱାମୀ ବି.ଶିବକୁମାର ହାଇଦ୍ରାବାଦର ଏକ ଫାର୍ମାସୀ କମ୍ପାନୀରେ କାର୍ଯ୍ୟରତ। ବୀଣାଙ୍କୁ ତାଙ୍କର ସହକର୍ମୀମାନେ ହସ୍ପିଟାଲକୁ ଆଣିଥିଲେ। ତେବେ ଏହା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇସାରିଥିଲା ବୋଲି ପୋଲିସ ସୂଚନା ଦେଇଛି।

### ମୁଖ୍ୟ ଶାସନ ସଚିବଙ୍କୁ ନେଇ ଯାଉଥିବା ବୋଟ୍ ବୁଡ଼ିଲା

**ମୁମ୍ବାଇ, ୨୪,୧୦ (ପି.ଟି.):** ମହାରାଷ୍ଟ୍ରର ମୁଖ୍ୟ ଶାସନ ସଚିବ ଡି.କେ. ଜୈନ ଏବଂ କିଛି ବରିଷ୍ଠ ସରକାରୀ ଅଧିକାରୀ ଯାଉଥିବା ଏକ ବୋଟ୍ ବୁଧବାର ମୁମ୍ବାଇ ଉପକୂଳ ଆରବ ସାଗରରେ ଓଲଟି ପଡିଥିଲା। ଏଥିରେ ସିଦ୍ଧେଶ ପାୱାର ନାମକ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ଅନ୍ୟମାନଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଥିବାର ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ୍ ସୂଚନା ଦେଇଛନ୍ତି। ଛତ୍ରପତି ଶିବାଜୀ ମହାରାଜ ମେମୋରିଆଲର ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉଥିବାରୁ ପ୍ରଶାସନିକ ଅଧିକାରୀଙ୍କ ସହ ମୁଖ୍ୟ ଶାସନ ସଚିବ ଏବଂ କିଛି ଶ୍ରମିକ ବୋଟ୍ ଯୋଗେ ସେଠାକୁ ଯାଉଥିବା ବେଳେ ପାଣିରେ ଏହା ବୁଡି ଯାଇଥିଲା। ଉଦ୍ଧାର କାର୍ଯ୍ୟରେ ତଟରକ୍ଷୀ ବାହିନୀ ଏବଂ ୨ଟି ହେଲିକପ୍ଟର ନିୟୋଜିତ ହୋଇଥିଲେ।

### କାର୍ଯ୍ୟସ୍ଥଳରେ ଯୌନ ଉତ୍ପୀଡ଼ନ : ଅନୁଧ୍ୟାନ କରିବ ମନ୍ତ୍ରୀଗୋଷ୍ଠୀ

**ନୂଆଦିଲ୍ଲୀ,୨୪।୧୦(ପି.ଟି.):** କାର୍ଯ୍ୟସ୍ଥଳରେ ଯୌନ ଉତ୍ପୀଡନ ନିରାକରଣ ପାଇଁ ସରକାର ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂଙ୍କ ନେତୃତ୍ୱରେ ଏକ ମନ୍ତ୍ରୀଗୋଷ୍ଠୀ ଗଠନ କରିଛନ୍ତି। ଏହା ଯୌନ ଉତ୍ପୀଡନ ସମ୍ପର୍କିତ ଆଇନଗତ ଏବଂ ଆନୁଷ୍ଠାନିକ ବିଧିବ୍ୟବସ୍ଥାକୁ ସୁଦୃଢ଼ କରିବ। ଦେଶରେ ମିଟୁ ଆନ୍ଦୋଳନ ମୁଣ୍ଡ ଟେକିଥିବା ବେଳେ ସରକାର ମନ୍ତ୍ରୀଗୋଷ୍ଠୀ ଗଠନ ଜରୁରୀ ହୋଇପଡ଼ିଥିଲା। କାର୍ଯ୍ୟସ୍ଥଳରେ ଯୌନ ନିର୍ଯାତନା ଦିଆଯାଉଥିବା ବିଷୟରେ ଅନେକ ମହିଳା ମୁହଁ ଖୋଲିବା ପରେ ଏହି ଆନ୍ଦୋଳନ ଜୋର ଧରିଛି। ପୂର୍ବତନ ଖବରକାଗଜ ସମ୍ପାଦକ ଏମ୍.ଜେ. ଆକବର ତାଙ୍କର ଜଣେ ସହକର୍ମୀଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ଆସିବା ପରେ ତାଙ୍କୁ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀପଦରୁ ଇସ୍ତଫା ଦେବାକୁ ପଡିଥିଲା।

## ହଟିଲେ ସିବିଆଇର ଦୁଇ ମୁଖିଆ: ତେଜିଲା ରାଜନୀତି

# ରାଫାଲ୍ ପେଡ଼ି ଖୋଲିବାରୁ ଠେଙ୍ଗା

**ନୂଆଦିଲ୍ଲୀ,୨୪।୧୦(ପି.ଟି.)**



ରାହୁଲ ଗାନ୍ଧୀ



ଡି. ରାଜା



ସୀତାରାମ ୟେଚୁରୀ

ଦେଶର ସର୍ବାଧିକ ଭରସାଯୋଗ୍ୟ ତଦନ୍ତକାରୀ ସଂସ୍ଥା କୁହାଯାଉଥିବା ସିବିଆଇର ନମ୍ବର ୧ ଓ ୨ ଅଧିକାରୀଙ୍କ ବିରୋଧରେ ଲାଞ୍ଚ ଅଭିଯୋଗ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଅପ୍ରତ୍ୟାଶିତ ଭାବେ ଦୁର୍ଭାଗ୍ୟଜନକ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ତଦନ୍ତ ସଂସ୍ଥାର ଗରିମା ରକ୍ଷା ଲାଗି ବାଧ୍ୟ ହୋଇ କେନ୍ଦ୍ର ସରକାର ଚରମ ନିଷ୍ପତ୍ତି ନେଇଛନ୍ତି। ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମା ଏବଂ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଆସ୍ଥାନାଙ୍କୁ ସାମୟିକ ଭାବେ କାର୍ଯ୍ୟରୁ ନିବୃତ୍ତ କରାଯାଇଛି। ଦୁହିଙ୍କୁ ବାଧ୍ୟତାମୂଳକ ଛୁଟିରେ ପଠାଇଦେବା ପରେ ବୁଧବାର ଜାତୀୟ ରାଜନୀତି ଜୋର ଧରିଛି। ରାଫାଲ୍ ଦୁର୍ନୀତି ସଂକ୍ରାନ୍ତ ଦସ୍ତାବିଜ ଖୋଜୁଥିବାରୁ ବର୍ମାଙ୍କୁ ଏଭଳି ବଳପୂର୍ବକ କ୍ଷମତାରୁ ହଟାଇଦିଆଯାଇଛି ବୋଲି କଂଗ୍ରେସ କହିଛି। ସେହିପରି ଅନ୍ୟ ବିରୋଧୀ ଦଳଗୁଡ଼ିକ ମଧ୍ୟ ସମାନ ସ୍ୱର ଉଠାଇଛନ୍ତି।

ସିବିଆଇ ଭିତରେ କ୍ଷମତାକୁ ନେଇ ପ୍ରଥମଥର ପାଇଁ ଖୋଲାଖୋଲି କଳି ଚାଲିଥିବାରୁ ଲୋକଙ୍କ ମନରେ ଅନେକ ପ୍ରଶ୍ନ ଉଙ୍କି ମାରୁଛି। କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କ ଭୂମିକାକୁ ନେଇ ମଧ୍ୟ ଅଙ୍ଗୁଳି ନିର୍ଦ୍ଦେଶ ହେଉଛି। ଗୋଟିଏ ପଟେ ନିର୍ବାଚନ ପାଖେଇ ଆସୁଥିବାବେଳେ ଏଭଳି ବିବାଦ ପ୍ରଧାନମନ୍ତ୍ରୀଙ୍କୁ ଅଡୁଆରେ ପକାଇଛି। ଅନ୍ୟ ଉପାୟ ନ ପାଇ ମୋଦିଙ୍କ ନେତୃତ୍ୱାଧୀନ କ୍ୟାବିନେଟ କମିଟି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ବର୍ମା ଓ ଅସ୍ଥାନାଙ୍କୁ କାର୍ଯ୍ୟରୁ ହଟାଇଦେଇଛନ୍ତି। ତେବେ କେନ୍ଦ୍ରର ଏଭଳି ନିଷ୍ପତ୍ତିକୁ ତୀବ୍ର ସମାଲୋଚନା କରିଛି ମୁଖ୍ୟ ବିରୋଧୀ କଂଗ୍ରେସ। ରାଫାଲ୍ ଦୁର୍ନୀତିର ପେଡ଼ି ଖୋଜୁଥିଲେ ପୂର୍ବତନ ସିବିଆଇ ନିର୍ଦ୍ଦେଶକ ବର୍ମା। ତାଙ୍କ ହାତରେ ପ୍ରମାଣ ପଡ଼ିଯାଇଥିଲେ ମୋଦି ସରକାରଙ୍କ ମୁଖା ଖୋଲିଯାଇଥାଆନ୍ତା। ତେଣୁ ଜାଣିଶୁଣି ତାଙ୍କ ବିରୋଧରେ ଲାଞ୍ଚ ଭଳି ସଙ୍ଗିନ ଅଭିଯୋଗ ଆଣି ବାଧ୍ୟତାମୂଳକ ଛୁଟିରେ ପଠାଇଦିଆଯାଇଛି ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହିଛନ୍ତି। ପ୍ରଧାନମନ୍ତ୍ରୀ ଏକ ପାଖିଆ ନିଷ୍ପତ୍ତି ନେଇ ଆଇନ ଉଲ୍ଲଂଘନ କରିବା ସହ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି (ସିଜେଆଇ) ଏବଂ ବିରୋଧୀ ଦଳ ନେତା (ଏଲ୍‌ଓପି)ଙ୍କୁ ବେଖାତିର କରିଛନ୍ତି। ସିବିଆଇ ମୁଖ୍ୟଙ୍କ ନିଯୁକ୍ତି ସଂକ୍ରାନ୍ତ କମିଟିରେ ଏମାନେ ମଧ୍ୟ ସଦସ୍ୟ ଥିଲେ। କିନ୍ତୁ ଏତେବଡ଼ ନିଷ୍ପତ୍ତି ନେବା ପୂର୍ବରୁ ମୋଦି ସେମାନଙ୍କ ମତ ଲୋଡ଼ିଲେ ନାହିଁ ବୋଲି ରାହୁଲ ଅଭିଯୋଗ କରିଛନ୍ତି। ତେବେ

### କେନ୍ଦ୍ରକୁ ବିରୋଧୀଙ୍କ ଭର୍ତ୍ସନା

- ସିଜେଆଇ, ଏଲ୍‌ଓପିଙ୍କୁ ବେଖାତିର କରିଛନ୍ତି ସରକାର: ରାହୁଲ
- ବର୍ମା, ଅସ୍ଥାନାଙ୍କ କଳି ମୋଦିଙ୍କୁ କରିଛି ଛାନିଆ: ୟେଚୁରୀ
- ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ସତ କୁହନ୍ତୁ: ରାଜା

ଏନେଇ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନ ଥିବାବେଳେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ କଂଗ୍ରେସ ମୁଖ୍ୟଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଜାଣିଶୁଣି କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି) କାର୍ଯ୍ୟରେ ବାଧା ଦେଇଥିବାରୁ ଏବଂ ତାଙ୍କ ଡେପୁଟି ଅସ୍ଥାନାଙ୍କ ସହ ବିବାଦ ବଢ଼ିବାରୁ ବର୍ମାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଥିବା ଏକ ସରକାରୀ ବିବୃତିରେ କୁହାଯାଇଛି।

ସେହିପରି ସିପିଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ମଧ୍ୟ ଟୁଇଟ୍ ଜରିଆରେ ବୁଧବାର ସରକାରଙ୍କୁ ସମାଲୋଚନା କରିଛନ୍ତି। ସିବିଆଇ ନିର୍ଦ୍ଦେଶକ ଏବଂ ସ୍ୱତନ୍ତ୍ର ନିର୍ଦ୍ଦେଶକଙ୍କ ମଧ୍ୟରେ କଳି ଦେଖି ମୋଦି ଛାନିଆ ହୋଇଯାଇଛନ୍ତି। ପସନ୍ଦର ଅଧିକାରୀଙ୍କୁ ସୁରକ୍ଷା ଦେବା ଲାଗି ସେ ବେଆଇନ ଭାବେ ସିବିଆଇ ମୁଖ୍ୟଙ୍କୁ ହଟାଇଦେଇଛନ୍ତି ବୋଲି ୟେଚୁରୀ ଅଭିଯୋଗ ଆଣିଛନ୍ତି। ସିପିଆଇର ଜାତୀୟ ସମ୍ପାଦକ ଡି.ରାଜା ମଧ୍ୟ ଶାଣିତ ସ୍ୱର ଉଠାଇଛନ୍ତି। ଏବେ ସିବିଆଇରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ତାହା 'ସାମରିକ ବିଦ୍ରୋହ' ସଙ୍ଗେ ସମାନ। ଏହା ଦେଶବାସୀଙ୍କୁ ସ୍ତବ୍ଧ କରିଦେଇଛି। ସରକାରର ମୁଖ୍ୟ ଭାବେ ପ୍ରଧାନମନ୍ତ୍ରୀ ମୋଦି ଲୋକଙ୍କୁ ଏ ସମ୍ପର୍କରେ ସତକଥା କୁହନ୍ତୁ। କାହିଁକି ନା ପ୍ରଧାନମନ୍ତ୍ରୀଙ୍କ ନାକ ତଳେ ସବୁକିଛି ଘଟୁଛି ବୋଲି ରାଜା କହିଛନ୍ତି। ରାଫାଲ ଦୁର୍ନୀତି ସହ ସଦ୍ୟ ବିବାଦର ସମ୍ପୃକ୍ତି ରହିଥିବା କୁହାଯାଉଛି। ଏହା କେତେଦୂର ସତ ଅବା ମିଛ, ତାହା ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିବା ଉଚିତ ବୋଲି ରାଜା କହିଛନ୍ତି।

### ସିବିଆଇରେ ବ୍ୟାପକ ଅଦଳବଦଳ



**ନୂଆଦିଲ୍ଲୀ,୨୪।୧୦(ପି.ଟି.):** ସିବିଆଇର ନୂଆ କାମଚଳା ନିର୍ଦ୍ଦେଶକ ଭାବେ ଏମ୍. ନାଗେଶ୍ୱର ରାଓ ଦାୟିତ୍ୱ ଗ୍ରହଣ କରିବା ପରେ ତଦନ୍ତ ସଂସ୍ଥାରେ ବ୍ୟାପକ ଅଦଳବଦଳ କରିଛନ୍ତି। ମୁଖ୍ୟତଃ ଆଲୋକ ବର୍ମା ଓ ଅସ୍ଥାନାଙ୍କ ସହ ଘନିଷ୍ଠ ଥିବା ଅଧିକାରୀଙ୍କୁ ସେ ଅନ୍ୟତ୍ର ବଦଳି କରିଦେଇଛନ୍ତି। ପୂର୍ବତନ ସିବିଆଇ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କ ବିରୋଧରେ ଥିବା ଦୁର୍ନୀତି ମାମଲାର ତଦନ୍ତ ଲାଗି ସେ ମଧ୍ୟ ସାନି ଟିମ୍ ଗଠନ କରିଛନ୍ତି, ଯେଉଁଥିରେ ନୂଆ ଚେହେରା ସାମିଲ ହୋଇଛନ୍ତି। ସାନି ଟିମ୍‌ରେ ଏସ୍‌ପି ସତୀଶ ଡାଗର ଏବଂ ଡିଆଇଜି ତରୁଣ ଗୌବା ସାମିଲ ଅଛନ୍ତି। ଏମାନେ ତଦନ୍ତ କରିବା ପରେ ଯୁଗ୍ମ ନିର୍ଦ୍ଦେଶକ ଭି. ମୁରୁଗେଶନ୍‌ଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି ସିବିଆଇ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଅସ୍ଥାନାଙ୍କ ବିରୋଧରେ ପୂର୍ବରୁ ତଦନ୍ତ କରୁଥିବା ଏ.କେ. ବାସିଙ୍କୁ ଭ୍ରିତ୍ ନ୍ୟାୟରେ ପୋର୍ଟ ବ୍ଲେୟାରକୁ ବଦଳି କରିଦିଆଯାଇଛି। ତାଙ୍କ ରିପୋର୍ଟିଂ ଅଫିସର ତଥା ଅତିରିକ୍ତ ଏସ୍‌ପି ଏସ.ଏସ୍. ଗୁର୍ମଙ୍କୁ ଜବଲପୁର ଏବଂ ସୁପରଭାଇଜର ଡିଆଇଜି ଏମ୍.କେ. ସିହ୍ନାଙ୍କୁ ନାଗପୁର ପଠାଇଦେଇଛନ୍ତି ରାଓ।

## ୨ ଆତଙ୍କବାଦୀ ନିହତ

**ଶ୍ରୀନଗର,୨୪।୧୦(ପି.ଟି.)**

### ହିଜବୁଲ ସଦସ୍ୟ ସୋଫି ଥିଲେ ଏମ୍.ଫିଲ୍ ଡିଗ୍ରୀଧାରୀ



ଜମ୍ମୁ-କଶ୍ମୀରର ଗ୍ରୀଷ୍ମ ରାଜଧାନୀ ଶ୍ରୀନଗରର ନୌଗାମ୍ ଅଞ୍ଚଳରେ ବୁଧବାର ବଡ଼ଧରଣର ଏନ୍‌କାଉଣ୍ଟର ଘଟି ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନେ ହେଉଛନ୍ତି ସାବ୍‌ଜାର ଅହମଦ ସୋଫି ଏବଂ ଅସିଫ୍ ଅହମଦ। ଦୁହେଁ ହିଜବୁଲ ମୁଜାହିଦ୍ଦିନ୍‌ର ସଦସ୍ୟ ଥିଲେ। ସୋଫି ଏମ୍.ଫିଲ୍ ଡିଗ୍ରୀ ହାସଲ କରିଥିବା ପୋଲିସ ସୂଚନା ଦେଇଛି।

ନୌଗାମ୍‌ର ସୁଥୁ କୋଥାଇର ଅଞ୍ଚଳରେ ଆତଙ୍କବାଦୀମାନେ ଲୁଚିରହିଥିବା ସୂଚନା ମିଳିଥିଲା। ବୁଧବାର ସକାଳେ ପୋଲିସ ଏବଂ ସିଆର୍‌ପିଏଫ୍‌ର ମିଳିତ ଟିମ୍ ସେଠାରେ ଘେରାବନ୍ଦୀ କରି ତଲାସି ଅଭିଯାନ ଚଳାଇଥିଲେ। ଏତିକିବେଳେ ଆତଙ୍କବାଦୀମାନେ ଗୁଳିମାଡ଼ ଆରମ୍ଭ କରିଦେଇଥିଲେ। ଉଭୟ ପଟୁ ଘମାଘୋଟ ଗୁଳି ବିନିମୟ ହେବା ପରେ ସୋଫି ଏବଂ ଅସିଫ୍ ଟଳିପଡ଼ିଥିଲେ। ଏନ୍‌କାଉଣ୍ଟରସ୍ଥଳରୁ ଅନେକ ଅସ୍ତ୍ର ଜବତ କରାଯାଇଛି। ଏନ୍‌କାଉଣ୍ଟର ଶେଷ ହେବା ପରେ ସ୍ଥାନୀୟ ଲୋକ ଏବଂ ସୁରକ୍ଷାକର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ପୋଲିସ ଓ ଅର୍ଦ୍ଧସାମରିକ ବାହିନୀ ଯବାନଙ୍କ ଉପରକୁ ଉତ୍ୟକ୍ତ ଲୋକେ ଟେକାମାଡ଼ କରିଥିଲେ।

କଶ୍ମୀରରେ ଉଚ୍ଚ ଶିକ୍ଷିତମାନେ ଆତଙ୍କବାଦୀ ସାଜିବା ଏକ ଟ୍ରେଣ୍ଡ ପାଲଟିଗଲାଣି। ନିହତ ଆତଙ୍କବାଦୀ ସୋଫି ମଧ୍ୟ ନୂଆଦିଲ୍ଲୀସ୍ଥିତ ଜାମିଆ ମିଲିଆ ଇସ୍‌ଲାମିଆରେ ବଟାନିରେ ଏମ୍.ଫିଲ୍ ପଢୁଥିଲେ। କିନ୍ତୁ ପାଠପଢ଼ାକୁ ଡୋରି ଲଗାଇ ସେ ସାଜିଲେ ଆତଙ୍କବାଦୀ। ୨୦୧୬ରେ ହିଜବୁଲ କମାଣ୍ଡର ବୁର୍‌ହାନ୍ ୱାନି ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟରରେ ନିହତ ହେବା ପରେ ସେ ଆତଙ୍କବାଦୀ ସଙ୍ଗଠନରେ ସାମିଲ ହୋଇଥିବା ଜଣାପଡ଼ିଛି। ନିକଟରେ ଏଏମ୍‌ୟୁରୁ ପିଏଚ୍.ଡି. ଡିଗ୍ରୀ ହାସଲ କରିଥିବା ମନାନ୍ ବଶିର ୱାନି ମଧ୍ୟ ନିହତ ହୋଇଥିଲେ।

## ମୋଦିଙ୍କୁ ସିଓଲ ଶାନ୍ତି ପୁରସ୍କାର

**ନୂଆଦିଲ୍ଲୀ,୨୪।୧୦(ପି.ଟି.)**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଦାନ କରାଯିବ ସିଓଲ ଶାନ୍ତି ପୁରସ୍କାର ୨୦୧୮। ଅନ୍ତର୍ଜାତୀୟ ସ୍ତରରେ ସହଯୋଗ, ବିଶ୍ୱ ଆର୍ଥିକ ବିକାଶକୁ ପ୍ରୋତ୍ସାହନ, ବିଶ୍ୱଶାନ୍ତି, ମାନବ ବିକାଶରେ ସୁଧାର, ଭାରତରେ ଲୋକତନ୍ତ୍ରକୁ ସୁଦୃଢ଼ କରିବା ଆଦି ଦିଗରେ ତାଙ୍କର ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟପାଇଁ ଏହି ପୁରସ୍କାର ଦିଆଯିବ। ଏ ସମ୍ପର୍କରେ ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରବୀଶ କୁମାର ଟ୍ୱିଟ୍ କରି ବୁଧବାର ସୂଚନା ଦେଇଛନ୍ତି। ତାଙ୍କୁ ଏହି ସମ୍ମାନଜନକ ପୁରସ୍କାର ମିଳୁଥିବାରୁ ମୋଦି ଧନ୍ୟବାଦ ଜଣାଇଛନ୍ତି। ସେ ହେଉଛନ୍ତି ଚତୁର୍ଦ୍ଦଶ ବିଶିଷ୍ଟ ବ୍ୟକ୍ତି ଯାହାଙ୍କୁ ଏହି ପୁରସ୍କର ପ୍ରଦାନ କରାଯିବ। ୧୯୯୦ରେ ସିଓଲରେ ଅନୁଷ୍ଠିତ ୨୪ତମ ଅଲିମ୍ପିକରେ ସଫଳତା ପାଇବା ପରେ ସିଓଲ ଶାନ୍ତି ପୁରସ୍କାର ଆରମ୍ଭ କରାଯାଇଥିଲା। ମୋଦିଙ୍କ ପୂର୍ବରୁ ଏହି ପୁରସ୍କାର ଜାତିସଂଘର ପୂର୍ବତନ ମହାସଚିବ କୋଫି ଅନ୍ନାନ୍ , ଜର୍ମାନ ଚାନ୍‌ସେଲର ଆଞ୍ଜେଲା ମର୍କେଲଙ୍କ ସହ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ବିଶେଷଙ୍କୁ ମଧ୍ୟ ପ୍ରଦାନ କରାଯାଇ ସାରିଛି।

## ଫୁର୍‌ସତ

### ପୋଲିସ କୁକୁର ପିଠିରେ କ୍ୟାମେରା



**ମିଲ୍‌ୱକି(ଆମେରିକା):** ପୋଲିସ କୁକୁର ଆଖିରେ ଦେଖି ଏବଂ ଘ୍ରାଣଶକ୍ତି ବଳରେ ବିସ୍ଫୋରକ ପଦାର୍ଥ, ସନ୍ଦିଗ୍ଧ ଓ ନିଖୋଜ ବ୍ୟକ୍ତିଙ୍କୁ ଠାବ କରିବାକୁ ସମର୍ଥ ହୋଇଥାଏ। କିନ୍ତୁ ଆମେରିକାର ୱିକନ୍‌ସିନ୍ ରାଜ୍ୟର ମିଲ୍‌ୱକି ନଗରୀ ପୋଲିସ କୁକୁରଙ୍କ ଦେହରେ କ୍ୟାମେରା ଖଞ୍ଜି ଘଟଣାସ୍ଥଳର ଲାଇଭ୍ ଭିଡିଓ ଦେଖିବାକୁ ସମର୍ଥ ହୋଇପାରୁଛନ୍ତି। ଏହି କ୍ୟାମେରା କୁକୁରଙ୍କ ପିଠିରେ କିମ୍ବା ବେକରେ ଖଞ୍ଜିଦିଆଯାଏ। ଘଟଣାସ୍ଥଳର ବାସ୍ତବ ଚିତ୍ର ପାଇବା ପାଇଁ ଏପରି କୌଶଳ ଅବଲମ୍ବନ କରାଯାଇଛି। ସଶସ୍ତ୍ର ସଂଗ୍ରାମ ବେଳେ ଘଟଣାସ୍ଥଳକୁ କୌଣସି ବ୍ୟକ୍ତି ଯିବା ବିପଦପୂର୍ଣ୍ଣ। କିଛି ଦୂରରୁ କୁକୁର କ୍ୟାମେରା ଦ୍ୱାରା ଘଟଣାବଳୀର ସିଧା ପ୍ରସାରଣକୁ ଦେଖି ପ୍ରତିକାର ବ୍ୟବସ୍ଥା କରାଯାଇ ପାରିବ। ଏହାକୁ ମଧ୍ୟ ପ୍ରମାଣ ଭାବରେ ଅଦାଲତରେ ମଧ୍ୟ ଉପସ୍ଥାପନ କରାଯାଇ ପାରିବ।

### ଭାରତର ପ୍ରଥମ ଇଞ୍ଜିନବିହୀନ ଟ୍ରେନ୍



**ଚେନ୍ନାଇ:** ଦେଶର ପ୍ରଥମ ଇଞ୍ଜିନ୍‌ବିହୀନ ଟ୍ରେନ୍ ଅକ୍ଟୋବର ୨୯ରେ ଅନାବରଣ ହେବାକୁ ଯାଉଛି। 'ଟ୍ରେନ୍ ୧୮' ନାମକ ଏହି ସ୍ୱତନ୍ତ୍ର ଟ୍ରେନ୍ ଦୀର୍ଘ ୩୦ବର୍ଷର ଶତାବ୍ଦୀ ଏକ୍ସପ୍ରେସ୍‌ର ଉତ୍ତରାଧିକାରୀ ହେବ ବୋଲି ବିବେଚନା କରାଯାଉଛି। ସେଲ୍‌ଫ୍-ପ୍ରପଲ୍‌ସନ୍ ମୋଡ୍ୟୁଲ୍ ଦ୍ୱାରା ଚାଳିତ ଏହି ନିଆରା ଲୋକୋମୋଟିଭ୍ ପ୍ରତି ଘଣ୍ଟାରେ ୧୬୦କିଲୋମିଟର ବେଗରେ ଗତି କରିବ। ଆଧୁନିକ ବୈଷୟିକ ବ୍ୟବସ୍ଥା ଅନୁଯାୟୀ ଏହାର ଗତିକୁ ତ୍ୱରାନ୍ୱିତ କରାଯାଇପାରିବ। ୧୬ ବଗି ବିଶିଷ୍ଟ ଏହି ଟ୍ରେନ୍‌ରେ ଆଦୌ ଇଞ୍ଜିନ୍ ସଂଲଗ୍ନ ହୋଇନାହିଁ। ପ୍ରତି ବଗି ତଳେ ଖଞ୍ଜାଯାଇଥିବା ସ୍ୱୟଂଚାଳିତ ମୋଟର ଦ୍ୱାରା ଏହା ଚଳାଚଳ କରିବ। ଶତାବ୍ଦୀ ଏକ୍ସପ୍ରେସ୍ ତୁଳନାରେ ଏଥିରେ ଯାତ୍ରା କରିବାର ସମୟ ୧୫% ହ୍ରାସ ପାଇବ। ଚେନ୍ନାଇର ଇଣ୍ଟିଗ୍ରାଲ୍ କୋଚ ଫ୍ୟାକ୍ଟ୍ରି(ଆଇସିଏଫ୍)ରେ ୧୮ମାସ ମଧ୍ୟରେ ଏହାର ବିକାଶ କରାଯାଇଛି। ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ଏହି ଟ୍ରେନ୍‌ର ଡିଜାଇନ୍ ଏଭଳି କରାଯାଇଛି, ଯଦ୍ୱାରା ଯାତ୍ରୀମାନେ ଡ୍ରାଇଭର କ୍ୟାବିନ୍‌କୁ ଦେଖିପାରିବେ। ଏହାକୁ ନିର୍ମାଣ କରିବାରେ ୧୦୦କୋଟି ଟଙ୍କା ବ୍ୟୟ ହୋଇଥିବା ଆଇସିଏଫ୍ ଜେନେରାଲ ମ୍ୟାନେଜର ସୁଧାଂଶୁ ମଣି ପ୍ରକାଶ କରିଛନ୍ତି।

ଅକ୍ଟୋବର ୨୯ରେ ଏହାର ପରୀକ୍ଷାମୂଳକ ଚଳାଚଳ ଆରମ୍ଭ ହେବ। ୩ରୁ ୪ ଦିନ ପର୍ଯ୍ୟନ୍ତ ଏହାକୁ ଟ୍ରାକ୍‌ରେ ଗଡାଯିବ। ଟ୍ରେନ୍ ୧୮ରେ ବିଚ୍ଛୁରିତ ଆଲୋକ ବ୍ୟବସ୍ଥା, ସ୍ୱୟଂଚାଳିତ ଡୋର ଏବଂ ଫୁଟଷ୍ଟେପ୍ ବ୍ୟତୀତ ଜିପିଏସ୍ ଭିତ୍ତିକ ଯାତ୍ରୀ ସୂଚନା ବ୍ୟବସ୍ଥା ରହିଛି।

୧୯୮୮ରେ ଶତାବ୍ଦୀ ଏକ୍ସପ୍ରେସ ଚଳାଚଳ ଆରମ୍ଭ ହୋଇଥିଲା। ଏହା ବର୍ତ୍ତମାନ ୨୦ଟି ରୁଟ୍‌ରେ ଚଳାଚଳ କରି ଦେଶର ବିଭିନ୍ନ ମୁଖ୍ୟ ନଗରୀ ଏବଂ ମେଟ୍ରୋ ସହରକୁ ସଂଯୋଗ କରୁଛି।

### [ଇତିହାସର ଆଇନାରେ]

### ଅକ୍ଟୋବର ୨୫ର ପ୍ରମୁଖ ଘଟଣା

୧୯୭୩ ଅକ୍ଟୋବର ୨୫ରେ ୟୋମ କିପ୍ପୁର ଯୁଦ୍ଧ ଔପଚାରିକ ଭାବରେ ଶେଷ ହେବା ନେଇ ଘୋଷଣା କରାଯାଇଥିଲା। ଏହାକୁ ରମଦାନ୍ ୱାର ବା ଅକ୍ଟୋବର ୱାର ବୋଲି ଜଣାଯାଏ। ଆରବ-ଇସ୍ରାଏଲ ମଧ୍ୟରେ ଏହା ଅକ୍ଟୋବର ୬ରୁ ୨୫ ମଧ୍ୟରେ ହୋଇଥିଲା। ଆରବ ନେତୃତ୍ୱରେ ଇଜିପ୍ଟ ଏବଂ ସିରିଆ ଇସ୍ରାଏଲ ବିରୋଧରେ ଯୁଦ୍ଧ କରିଥିଲେ। ଏହା ପୂର୍ବରୁ ୧୯୬୭ରେ ହୋଇଥିବା ଯୁଦ୍ଧ ପ୍ରାୟ ୬୦ ଦିନ ଧରି ଚାଲିଥିଲା।

୨୦୦୯ ଅକ୍ଟୋବର ୨୫ରେ ଇରାକର ରାଜଧାନୀ ବାଗଦାଦ୍‌ରେ ବିସ୍ଫୋରଣ ଘଟି ୧୫୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୭୨୧ ଆହତ ହୋଇଥିଲେ। ସ୍ଥାନୀୟ ସମୟ ସକାଳ ସାଢେ ୧୦ଟାରେ ଦୁଇଟି ଆତ୍ମଘାତୀ ବିସ୍ଫୋରଣ ହୋଇଥିଲା। ପ୍ରଥମ ବିସ୍ଫୋରଣ କାରରେ ଏବଂ ଦ୍ୱିତୀୟଟି ଏକ ବସ୍‌ରେ ହୋଇଥିଲା। ନ୍ୟାୟ ମନ୍ତ୍ରଣାଳୟରର ବିଲ୍ଡିଂକୁ ଟାର୍ଗେଟ କରି ଏହି ଆକ୍ରମଣ କରାଯାଇଥିଲା।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ଅଳ୍ପ କେତେକ ଅଞ୍ଚଳରେ ବର୍ଷା ହେବାର ସମ୍ଭାବନା ରହିଛି।
**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୪ | ୨୧.୪ |
| ଚାନ୍ଦବାଲି | ୩୧.୭ | ୨୪.୧ |
| କଟକ | ୩୧.୮ | ୨୨.୦ |
| ପାରାଦ୍ୱୀପ | ୩୩.୦ | ୨୪.୪ |
| ଭୁବନେଶ୍ୱର | ୩୩.୭ | ୨୨.୫ |
| ଗୋପାଳପୁର | ୩୩.୯ | ୨୩.୪ |
| ପୁରୀ | ୩୩.୦ | ୨୫.୨ |
| ଅନୁଗୋଳ | ୩୩.୧ | ୧୯.୬ |
| ବାରିପଦା | ୩୦.୦ | ୨୨.୮ |
| ଝାରସୁଗୁଡ଼ା | ୩୩.୫ | ୨୦.୬ |
| କେନ୍ଦୁଝର | ୨୯.୮ | ୧୯.୨ |
| ସମ୍ବଲପୁର | ୩୪.୫ | ୨୧.୩ |
| ସୁନ୍ଦରଗଡ଼ | --- | --- |
| ହୀରାକୁଦ | ୩୩.୯ | ୨୧.୫ |
| ତାଳଚେର | --- | ୨୦.୭ |
| ଭବାନୀପାଟଣା | ୩୨.୦ | ୨୦.୫ |
| ବଲାଙ୍ଗୀର | ୩୩.୮ | ୨୧.୯ |
| କୋରାପୁଟ | ୩୦.୪ | ୧୯.୬ |
| ଫୁଲବାଣୀ | ୩୧.୫ | ୧୮.୨ |
| ଟିଟିଲାଗଡ଼ | ୩୪.୫ | ୨୦.୫ |
| ମାଲକାନଗିରି | ୩୫.୨ | --- |
| ସୋନପୁର | ୩୩.୮ | ୨୦.୪ |
| ଦାରିଙ୍ଗିବାଡ଼ି | ୨୯.୦ | ୧୭.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### ଦିନକରେ ଦୁଇଟି ଫିଲ୍ମ ରିଲିଜ୍ ପାଇଁ ନାମଦେବ ଉତ୍ସାହିତ



**ମୁମ୍ବାଇ:** ଗୋଟିଏ ଦିନରେ ନିଜ ଅଭିନୀତ ଦୁଇଟି ଫିଲ୍ମ ରିଲିଜ ହେଉଥିବାରୁ ବିଶିଷ୍ଟ ଅଭିନେତା ଗୋବିନ୍ଦ ନାମଦେବ ବେଶ୍ ଉତ୍ସାହିତ ଅଛନ୍ତି। ତାଙ୍କ ଅଭିନୀତ 'ଦଶହରା' ଏବଂ 'କାଶୀ ଇନ୍ ସର୍ଚ୍ଚ ଅଫ୍ ଗଙ୍ଗା' ଅକ୍ଟୋବର ୨୬ (ଶୁକ୍ରବାର)ରେ ରିଲିଜ ହେବାକୁ ଯାଉଛି। ସେ ଏକ ବିବୃତିରେ କହନ୍ତି, ମୋ ଅଭିନୟ ଜୀବନରେ ପ୍ରଥମଥର ପାଇଁ ଦୁଇଟି ଫିଲ୍ମ ଗୋଟିଏ ଦିନରେ ରିଲିଜ୍ ହେଉଥିବାରୁ ଖୁବ୍ ଖୁସି। ଏହି ଦୁଇଟି ଫିଲ୍ମ ସମ୍ପୂର୍ଣ୍ଣ ଭିନ୍ନ। ତେଣୁ ଦର୍ଶକମାନେ ଏହାକୁ ଭଲ ଭାବରେ ଉପଭୋଗ କରିବାର ସୁଯୋଗ ପାଇବେ ବୋଲି ମୁଁ ନିଶ୍ଚିତ। 'ଦଶହରା।' ଫିଲ୍ମ ଖୁବ୍ ରୋମାଞ୍ଚକର। ଏଥିରେ ନୀଲ୍ ନୀତୀନ୍ ମୁକେଶ ଅଭିନୟ କରିଛନ୍ତି। 'କାଶୀ ଇନ୍ ସର୍ଚ୍ଚ ଅଫ୍ ଗଙ୍ଗା'ରେ ମଧ୍ୟ ତାଙ୍କ ସହ ଅଭିନୟ କରିଛନ୍ତି ଶ୍ରମଣ ଜୋଷୀ। ଏହା ରୋମାଞ୍ଚକର ଏବଂ ଏଥିରେ ସସ୍‌ପେନ୍ସ ରହିଛି। ନାମଦେବ 'ସତ୍ୟ', 'ଜନୀ ଗଦ୍ଦାର', 'ୱାଣ୍ଟେଡ୍' ଏବଂ 'ସିଂହମ୍' ଭଳି ଫିଲ୍ମରେ ଅଭିନୟ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି।

### ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ୍-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.




## ■ ବିମାନସେବା ପ୍ରଦାନରେ ବିଫଳ

# ଏୟାର ଓଡ଼ିଶାକୁ କାରଣଦର୍ଶାଅ ନୋଟିସ୍

ଝାରସୁଗୁଡ଼ା ଅଫିସ,୨୪।୧୦

ଉଡାନ୍ ଯୋଜନାରେ ନିରବଚ୍ଛିନ୍ନ ବିମାନସେବା ପ୍ରଦାନରେ ବିଫଳ ହୋଇଥିବା ଏୟାର ଓଡ଼ିଶାକୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ତରଫରୁ କାରଣଦର୍ଶାଅ ନୋଟିସ୍ ଜାରି କରାଯାଇଛି। ବୁଧବାର ଏହି ନୋଟିସ୍ ଜାରି କରାଯାଇଥିବା ବିଷୟରେ ମନ୍ତ୍ରଣାଳୟ ତରଫରୁ ଟ୍ୱିଟ୍ କରାଯାଇଛି। ଝାରସୁଗୁଡ଼ା ବିମାନବନ୍ଦର ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଥିବା ବେଳେ ଏଠାରୁ ସମସ୍ତ ପ୍ରକାର ସିଡ୍ୟୁଲ୍ ଏବଂ ନନ୍-ସିଡ୍ୟୁଲ୍ ବିମାନ ଚଳାଚଳ କରିପାରିବ। ହେଲେ ଏୟାର ଓଡ଼ିଶା ବିନା କାରଣରେ ବିମାନସେବା କ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରୁଥିବା ଦର୍ଶାଯାଇଛି। ସେଥିପାଇଁ ବିମାନ କମ୍ପାନୀ ତରଫରୁ ଏୟାର ଓଡ଼ିଶାକୁ ଏହି ନୋଟିସ୍ ଜାରି କରାଯାଇଛି ବୋଲି ମନ୍ତ୍ରଣାଳୟ ନିଜ ଅଫିସିଆଲ୍ ଟ୍ୱିଟରେ ଉଲ୍ଲେଖ କରିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ କାରଣଦର୍ଶାଅ ନୋଟିସର ଉତ୍ତର ନ ଦେଲେ ବିମାନ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆବଶ୍ୟକ ପଡିଲେ ଝାରସୁଗୁଡ଼ାରୁ ଉଡାନ୍ ସେବା ପ୍ରଦାନ ନେଇ ହୋଇଥିବା ଚୁକ୍ତି ରଦ୍ଦ ମଧ୍ୟ କରାଯାଇପାରେ ବୋଲି ସୂଚନା ମିଳିଛି।

ସୂଚନାଯୋଗ୍ୟ, ସେପ୍ଟେମ୍ବର ୨୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଝାରସୁଗୁଡ଼ା ବିମାନବନ୍ଦରର ଉଦ୍‌ଘାଟନ କରିଥିଲେ। ଗତ ୧୭ ଦିନ ହେବ ଉଡାନ୍ ସେବା ବନ୍ଦ ରହିଛି। ପୂର୍ଣ୍ଣାଙ୍ଗ ଏବଂ ବାଣିଜ୍ୟିକ ବିମାନସେବା ଦାବିରେ ବିଧାୟକଙ୍କ ଅନଶନ ପରେ ମନ୍ତ୍ରଣାଳୟ ଏହି ନୋଟିସ୍ ଜାରି କରିଛି। ସେହିପରି ଉଡାନ୍ ଯୋଜନାରେ ପାଇଥିବା ରୁଟ୍‌ଗୁଡ଼ିକରେ ଏୟାର ଓଡ଼ିଶା ବିମାନ ଚଳାଚଳ ପ୍ରଦର୍ଶନ ଭଲ ନ ଥିବା ଡିଜିସିଏ ପୂର୍ବରୁ ପ୍ରକାଶ କରିସାରିଛି।




# ଅଭିଜିତଙ୍କୁ ୪ଦିନ ରିମାଣ୍ଡରେ ନେବ କୋଣାର୍କ ପୋଲିସ

## ■ ଅନୁମତି ଦେଲେ ଭୁବନେଶ୍ୱର ଏସ୍‌ଡିଜେଏମ୍

ଭୁବନେଶ୍ୱର, ୨୪।୧୦(ବ୍ୟୁରୋ)

ଓଡ଼ିଶା, କୋଣାର୍କ ସୂର୍ଯ୍ୟମନ୍ଦିର, ଶ୍ରୀମନ୍ଦିର ଏବଂ ଓଡ଼ିଶାର ବିଧାୟକମାନଙ୍କ ସମ୍ପର୍କରେ ଅରୁଚିକର ମନ୍ତବ୍ୟ ଦେଇ ଗିରଫ ହୋଇଥିବା ସାମ୍ବାଦିକ ଅଭିଜିତ ଆୟର ମିତ୍ରଙ୍କୁ ରିମାଣ୍ଡରେ ନେବା ଲାଗି କୋଣାର୍କ ପୋଲିସକୁ ଅନୁମତି ମିଳିଛି। ଏହି ପ୍ରସଙ୍ଗରେ କୋଣାର୍କ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ତାଙ୍କୁ ଗୁରୁବାରଠାରୁ ରିମାଣ୍ଡରେ ନେଇ ପଚରାଉଚରା କରିବ। ମଙ୍ଗଳବାର ଅଭିଜିତ ବିଧାନସଭା ଗୃହ କମିଟିରେ ହାଜର ହେବା ପରେ ଶହୀଦନଗର ପୋଲିସ ତାଙ୍କୁ ଗିରଫ କରିଥିଲା। ପରେ ତାଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ଏହି ସମୟରେ କୋଣାର୍କ ପୋଲିସ ପକ୍ଷରୁ ଅଭିଜିତଙ୍କୁ ୭ଦିନିଆ ରିମାଣ୍ଡରେ ନେବା ଲାଗି କୋର୍ଟରେ ଆବେଦନ କରାଯାଇଥିଲା। କୋର୍ଟ ଅଭିଜିତଙ୍କୁ ୪ଦିନ ରିମାଣ୍ଡରେ ନେବାକୁ କୋଣାର୍କ ପୋଲିସକୁ ଅନୁମତି ଦେଇଛନ୍ତି। ଅନ୍ୟପଟେ ଅଭିଜିତ ଟୁଇଟର୍‌ରେ ଯେଉଁସବୁ ପୋଷ୍ଟ କରିଥିଲେ ତାହାର ସବିଶେଷ ତଥ୍ୟ ପ୍ରଦାନ କରିବା ଲାଗି ଶହୀଦନଗର ପୋଲିସ ପକ୍ଷରୁ ଟୁଇଟର କର୍ତ୍ତୃପକ୍ଷଙ୍କୁ କୁହାଯାଇଛି।

ଅନ୍ୟପକ୍ଷରେ ମଙ୍ଗଳବାର ଅଭିଜିତଙ୍କ ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିଲା। କୋର୍ଟରୁ ତାଙ୍କୁ ଝାରପଡ଼ା ସ୍ୱତନ୍ତ୍ର କାରାଗାରକୁ ନିଆଯାଇଥିଲା। ସେଠାରେ ତାଙ୍କୁ ସାଧାରଣ ବିଚାର ବିଭାଗୀୟ କଏଦୀଙ୍କ ସହ ରହିବା ଲାଗି ୧୮ ନମ୍ବର ସେଲରେ ରଖାଯାଇଥିଲା। ପରେ ସୁରକ୍ଷା ଦୃଷ୍ଟିକୋଣରୁ ତାଙ୍କୁ ୧୧ ନମ୍ବର ସେଲକୁ ସ୍ଥାନାନ୍ତର କରାଯାଇଥିଲା। ଉକ୍ତ ସେଲ୍‌ରେ ସେ ଅନ୍ୟ ୨ କଏଦୀଙ୍କ ସହ ରହିଥିଲେ। କିନ୍ତୁ ଜେଲ୍‌ରେ ରାତ୍ର ଭୋଜନ ଗ୍ରହଣ କରି ନ ଥିଲେ।






## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ରିଶୁ
ପରିବାରବର୍ଗ


ସର୍ବଜିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ଜନ୍ମଦିନ ଶୁଭେଚ୍ଛା


(Rishu)
**Shaira Kuanar**
Plot No-388/2331, Damana sqr, C.S Pur, BBSR
ପ୍ରଥମ ଜନ୍ମଦିନରେ ଅନେକ ଶୁଭେଚ୍ଛା। ଶ୍ରୀଜଗନ୍ନାଥ ତୁମ ଚଲାପଥକୁ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: ବାବା, ମାମା, ଅଜା, ଆଈ, ମିମି, ଜେଜେ, ଜେଜେମା, ବନ୍ଧୁ ଓ ପରିବାରବର୍ଗ। ଧ-୯୦୪୦

# Classified

## automobile

### SALE

JCB Machine Excavators 22T, 20T, 12T, 10T, 8T & loader- 2dX, 3dX, JCB Compactor, JCB loadall available for sale and hire. Contact immediately: 9556240228, 9937292015. email: kttbbsr@gmail.com. D-9047

Indigo, Verito, Innova, Tata ACE, Maximo Dala passenger, Swift Dzire, Bolero Plus. 9853020992. D-63394

## real estate

### SALE

Litigation free plots near Xavier University backside BDA Zone, Bhubaneswar. Sqft.- 250/-, 160/-. 9337259012, 9937746907. D-64343

Morningsun Residency simplex near Hanspal- 28,00,000/- (Handover within 1month) 8908015464, 9853347909. D-64349

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 9437240295. D-64352

ଭୁବନେଶ୍ୱର ଜଟଣୀରୋଡ୍ NH-5ରୁ 900ମିଟର 1200ଫୁ 1,80,000/- ପ୍ରତାପ ନଗରୀ ଧାଉଲେଇ ପୀଠରୁ ଅଳ୍ପ ଦୂରତାରେ 1200ଫୁ 2,10,000/- outrightରେ ମିଳୁଛି। 9776934361, 9938177361. D-64346

ପଟିଆ KIIS College ପଛପଟେ ଘରବାରି ପ୍ଲଟ୍ boundary wall ସହିତ ମିଳୁଛି। ସୁବାସ: 9439899918. D-9043

1BHK, 2BHK, 3BHK approved flats at Hitech Heaven near Gudiapokhari Chowk, Bhubaneswar. 9778832554, 9040307584. D-9026

## construction

Construct your building in finished house contact: 9937004680. D-27282

Prabhakar construction complete finishing building 1350/- semifinished 1150/-. 9437025258, 9437484711. D-8967

## GENERAL

### SALE

All machineries working, lathes, shapping, drillings, slottings, powerhacksaw, weldings, benchgrinders, handgrinders etc. Contact: 9437385951. Pragati Engineering works, BBSR. D-9042

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-64353

## to-let

2BHK with 2 porticos, separate puja room, parking space just behind Hotel VITS on Cuttack-road 10,000/-. Contact: 9937961430. D-9043

## healthcare

Fully refreshed/ relaxed body massage by expert therapist, Shastrinagar. 7377984773. D-64190

Rejuvenate and Ayurvedic full body massage by smart therapist. 9114402304. D-64188

Pamper yourself this Mansoon with profesional massage. Contact Purple Orchid. 9776598888. D-64189

Newly opening ayurvedic body massage in joint pains, smart therapist. 9776383819. D-65124

Newly opening ayurvedic body massage smart therapist, Shree herbal. 7750020754. D-65125

Improving your health, skincare though expert therapist, excellent offfer. 9668374480. D-65126

Ayurvedic herbal body massage by smart expert therapist. 9040900385, 9778131131. D-64622

Saishree ayurvedic full body massage ladies & gents. Contact: 7438896074. D-64623

Ayurvedic full body massage ladies / gents smart experts therapist. 9114697517. D-64624

Herbal full body massage by smart/ expert therapist. Contact: 8338067247. D-65121

All type of full body massage by expert therapist. 7609005923. D-65122

Sonali ayuvedic full body massage/ smart lady expert therapist best facility. 9661643016, 9006760945, 9631368840, 7352469289. D-9036

Newly open herbal full body massage with refreshment well trained therapist. 7381239385. D-64625

Experience full body massage with us by experts. Enquiry: 7377048581. D-65128

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଜନ୍ମଦିନ ଶୁଭେଚ୍ଛା


(ବିରୁ, କାର୍ତ୍ତିକ)
**ଆଦିତ୍ୟ ଦେବ ପ୍ରଧାନ**
ତୃତୀୟ ଜନ୍ମବାର୍ଷିକୀ ଉପଲକ୍ଷେ
ତା: ୨୫।୧୦।୨୦୧୮
ପବିତ୍ର କାର୍ତ୍ତିକ ମାସର କାର୍ତ୍ତିକ ବ୍ରତାରମ୍ଭ ଅବସରରେ ତୋର ତୃତୀୟ ଜନ୍ମବାର୍ଷିକୀରେ ତୋତେ ଅନେକ ଅନେକ ଶୁଭେଚ୍ଛା। ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ତୋର ଚଲାପଥ କୁସୁମିତ ହେଉ। ତୋତେ ବିଦ୍ୟା, ବୁଦ୍ଧି, ଯଶ, ଆୟୁ, ସୌଭାଗ୍ୟ ପ୍ରାପ୍ତ ହେଉ। ଶୁଭେଚ୍ଛା ସହ ତୋର ଜେଜେ, ଜେଜେମା, ପିତା (ବିଭୂତି), ମାତା (ରିଙ୍କି), ଅଜା, ଆଈ, ମାମୁ, ମାଈଁ, ଦିଦି, ସାନବାପା(ଗିରିଜା) ଓ ସାନମା (ପ୍ରଜ୍ଞା)। ଧ-୯୦୩୯


## ଦୁଇ ମୁଖିଆଙ୍କୁ... ପ୍ରଥମ ପୃଷ୍ଠାରୁ...

କରିଥିଲେ। ଏହାପରେ ବିଳମ୍ବିତ ରାତିରେ ପ୍ରଧାନମନ୍ତ୍ରୀ ମୋଦି ଅଧ୍ୟକ୍ଷତା କରୁଥିବା କ୍ୟାବିନେଟ ନିଯୁକ୍ତି କମିଟି ବୈଠକ ବସିଥିଲା। ଘନଘନ ଆଲୋଚନା ପରେ ଶେଷରେ କମିଟି ଏକ ନିଷ୍କର୍ଷରେ ପହଞ୍ଚିଥିଲା ଏବଂ ସିଭିସିର ସୁପାରିସକୁ ଗ୍ରହଣ କରିଥିଲା। ତେବେ ବର୍ମା ଓ ଅସ୍ଥାନା ସାମୟିକ ଭାବେ କାର୍ଯ୍ୟରୁ ବିରତ ରହିବେ ବୋଲି ଜେଟ୍‌ଲୀ କହିଛନ୍ତି। ସିବିଆଇ ନିର୍ଦ୍ଦେଶକ ଓ ସ୍ୱତନ୍ତ୍ର ନିର୍ଦ୍ଦେଶକଙ୍କ ବିରୋଧରେ ଲାଞ୍ଚ ଅଭିଯୋଗ ନିହାତି ଅଜବ ଓ ଦୁର୍ଭାଗ୍ୟଜନକ ପରିସ୍ଥିତି ସୃଷ୍ଟି କରିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ପସନ୍ଦର ଅଧିକାରୀ ହୋଇଥିବାରୁ ଅସ୍ଥାନାଙ୍କ ବିରୋଧରେ ଲାଞ୍ଚ ମାମଲା ଦାଏର ହେବା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉ ନ ଥିବା ଅଭିଯୋଗ ଆସୁଛି। ଏପରିସ୍ଥଳେ ସିବିଆଇର ଗରିମା ଓ ବିଶ୍ୱସନୀୟତା ବଜାୟ ରଖିବା ଲାଗି ମାମଲାର ତଦନ୍ତ ଶେଷହେବା ପର୍ଯ୍ୟନ୍ତ ଦୁଇ ମୁଖିଆଙ୍କୁ ହଟାଇଦେବା ନିତାନ୍ତ ଆବଶ୍ୟକ ଥିଲା ବୋଲି ଜେଟ୍‌ଲୀ କହିଛନ୍ତି। ବୁଧବାର ଏକ ଲମ୍ବା ବିବୃତି ଜାରି କରି କେନ୍ଦ୍ର ସରକାର ବର୍ମାଙ୍କ ବିରୋଧରେ ଅଭିଯୋଗ ଆଣିଛି। ଭିଜିଲାନ୍ସ କମିଶନଙ୍କୁ ସେ ସହଯୋଗ କରୁ ନ ଥିବା ସେଥିରେ ଦର୍ଶାଯାଇଛି।

ଗୋଟିଏ ପଟେ ଦୁଇ ଶୀର୍ଷ ସ୍ତରର ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇଥିବାବେଳେ ଅନ୍ୟପଟେ ସିବିଆଇର କାମଚଳା ନିର୍ଦ୍ଦେଶକ ଭାବେ ମଙ୍ଗଳବାର ବିଳମ୍ବିତ ରାତିରେ ଦାୟିତ୍ୱ ଗ୍ରହଣ କରିଛନ୍ତି ନାଗେଶ୍ୱର ରାଓ। ୧୯୮୬ ବ୍ୟାଚ୍‌ର ଏହି ବରିଷ୍ଠ ଅଧିକାରୀ କାର୍ଯ୍ୟରେ ଯୋଗ ଦେବା ପରେ ତତ୍‌କ୍ଷଣାତ୍ ତଦନ୍ତ ସଂସ୍ଥାରେ ଅଦଳବଦଳ କରିଛନ୍ତି। ବର୍ମା ଓ ଅସ୍ଥାନାଙ୍କ ସହ ଘନିଷ୍ଠ ଥିବା ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରିଦେଇଛନ୍ତି। ଏହାପରେ ସତୀଶ ସାନାଙ୍କ ବୟାନକୁ ଭିତ୍ତିକରି ଅକ୍ଟୋବର ୧୫ରେ ଅସ୍ଥାନାଙ୍କ ନାଁରେ ଦାଏର ହୋଇଥିବା ମାମଲାର ତଦନ୍ତ ଲାଗି ସେ ଏକ ନୂଆ ଟିମ୍ ଗଠନ କରିଛନ୍ତି। ତେବେ ଅସ୍ଥାନାଙ୍କ ବିରୋଧରେ ନିରପେକ୍ଷ ତଦନ୍ତ ଚାଲିବ ବୋଲି ସିବିଆଇ କହିଛି। କେନ୍ଦ୍ର ସରକାରଙ୍କ ଅଚାନକ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି ବର୍ମା। ନାଗେଶ୍ୱର ରାଓଙ୍କ ନିଯୁକ୍ତିକୁ ନେଇ ମଧ୍ୟ ସେ ଆପତ୍ତି ଉଠାଇଛନ୍ତି। ବର୍ମାଙ୍କ ଆବେଦନର ତ୍ୱରିତ ଶୁଣାଣି ପାଇଁ ତାଙ୍କ ଓକିଲ ଗୋପାଳ ଶଙ୍କରନାରାୟଣନ୍ ନିବେଦନ କରିବା ପରେ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ, ଜଷ୍ଟିସ୍ ଏସ୍.କେ. କୌଲ ଏବଂ କେ.ଏମ୍. ଯୋସେଫଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ବିଚାର ପାଇଁ ସବୁଜ ସଙ୍କେତ ଦେଇଛନ୍ତି। ୨୬ ତାରିଖରେ ମାମଲାର ଶୁଣାଣି ହେବ।


## ମନେ ପଡ଼ନ୍ତି

### ଚତୁର୍ଥ ବାର୍ଷିକ ଶ୍ରଦ୍ଧାଞ୍ଜଳି


**ସ୍ୱର୍ଗତ ସ୍ମୃତି ପ୍ରକାଶ ସ୍ୱାଇଁ (ଗୁଡ୍ଡୁ)**
ବେଣୁଧର ଭବନ, କାକଟପୁର, ପୁରୀ
ଆବିର୍ଭାବ: ୧୪।୦୨।୧୯୯୬
ତିରୋଧାନ: ୦୯।୧୦।୨୦୧୪
(କାର୍ତ୍ତିକ ପ୍ରତିପଦା ତିଥି)
ଧନରେ, ତୁ ଆମମାନଙ୍କୁ ଛାଡି ଚାଲିଯିବା ଚାରିବର୍ଷ ବିତିଗଲାଣି। ଜମାରୁ ବିଶ୍ୱାସ ହେଉନି। ଯେଉଁଠି ଥା, ଭଲରେ ଥା। ତୋ ଆତ୍ମା ସଦ୍‌ଗତି ଲାଭକରୁ ଏତିକି ଠାକୁରଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ: ବାପା- ଅଭୟ କୁମାର ସ୍ୱାଇଁ, ବୋଉ- ଜ୍ୟୋତ୍ସ୍ନାରାଣୀ, ସୌମ୍ୟପ୍ରକାଶ (ଚିକୁ), ବଡବାପା, ବଡବୋଉ, ଦାଦା, ଖୁଡୀ, ମଉସା, ମାଉସୀ, ପିଉସା, ପିଉସୀ, ଅଜା, ଆଈ, ମାମୁ, ମାଇଁ, ଭଉଣୀ, ଭିଣୋଇ, ଭାଇ, ଭଉଣୀ, ଭଣଜା, ଭାଣେଜୀ, ବନ୍ଧୁ ଓ ବାନ୍ଧବମାନେ। ଧ-୯୦୪୪

### ୫ମ ଶ୍ରାଦ୍ଧବାର୍ଷିକୀ


**ସ୍ୱର୍ଗତ ଲକ୍ଷ୍ମୀଧର ବାଗସିଂହ**
ଚିନ୍ତାମଣିଶ୍ୱର, ଭୁବନେଶ୍ୱର
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ। ଧ-୬୪୩୫୪

### ଏକାଦଶାହ ଉପଲକ୍ଷେ


**ସ୍ୱର୍ଗତ ନନ୍ଦ କୁଜୁର**
ତିରୋଧାନ: ୧୫।୧୦।୨୦୧୮
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ସାନପୁଅ- ରାଜେନ୍ଦ୍ର କୁଜୁର, ସମିତି ସଭ୍ୟ ତୁମେରଯୋର ତଥା କୁଆଁରମୁଣ୍ଡା ବ୍ଲକ ବିଜେଡି ସଭାପତି, ବଡପୁଅ- ବୈଦ୍ୟୁ କୁଜୁର, ଝିଅ- ଦମୟନ୍ତୀ, ଶକୁନ୍ତଳା, ସୁନୀତି, ସସ୍ମିତା, ନାତି- ଗୌରବ, ବୈଭବ, ତନ୍ମୟ, ନାତୁଣୀ- ଶ୍ରେୟା ଓ କୁଜୁର ପରିବାରବର୍ଗ। ଧ-୯୦୫୦

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**


# ଖଟିରେ ଖଟିରେ...

## ନାଁ ପକେଇବୁନି

ଇଲୋ ହେଇ ବଡ଼କରି କହିଦେଲି ସିନା ସତରେ ହଜାରେ ଖଣ୍ଡେ ମହିଳା ଆସି ପହଞ୍ଚିବେ ନା ନାହିଁ। ଯଦି ନ ଆସିଲେ ଜାଣ, ଇଜତ ଖଣ୍ଡକ ପୂରା ଯିବ। ଆମ ପାପୁଲି ଦଳିଆ ନୂଆ ନେତ୍ରୀ ଜଣଙ୍କ ପ୍ରଥମ କରି ବଡ଼ କାର୍ଯ୍ୟକ୍ରମଟିଏ କରିବେ। ଏଇ କାର୍ଯ୍ୟକ୍ରମରେ ରାଇଜ ଯାକରୁ ହଜାର ହଜାର ମହିଳା ଆସି ପହଞ୍ଚିବେ ବୋଲି ଗଣମାଧ୍ୟମ ବାଲାଙ୍କୁ ଡକାଇ କହିଦେଲେ। ହେଲେ ଯେମିତି ଏତିକି କଥା କହି ସାରିଲେ ତାପରେ ମା'ଙ୍କ ମୁଣ୍ଡ ପୂରା ଖରାପ। ସେଥିରୁ ପାଖରେ ଥିବା କର୍ମୀ ଜଣକ କହିଲେ ଆଜ୍ଞା, ଆପଣ ତ ନିଜେ ୧୦ଦିନ ହେଲା ମୋରି ପାଖରେ ବସିକି ନିତି ଗାଇ ହଉଛନ୍ତି ଦେଖିବୁ କେତେ ମହିଳା ଆସିବେ। ଏ ମୁଖିଆଳୟଟା ଫୁଲ୍ କରିଦେବି। ଏଥିପାଇଁ ପରା ଦିନକୁ ଲକ୍ଷେ ଖଣ୍ଡେ ଫୋନ୍ କରି ଚାଲିଛନ୍ତି। ଆଉ ଏତେବେଳକୁ ଡରିଲେ କ'ଣ ହବ। ଗଣମାଧ୍ୟମ ପ୍ରତିନିଧିମାନଙ୍କ ଆଗରେ ତ ବଡ଼କରି କହିଦେଲେ, ଆଉ ଏବେ ଭାବିଲେ କ'ଣ ହବ କହୁ ନାହାନ୍ତି। ସେଥିରୁ ନେତ୍ରୀ ଜଣକ କହିଲେ, ଆଲୋ ହେ, ପ୍ରଥମ ଥର ଲାଗି ଏଇ ଖବରଦାତାଙ୍କ ଆଗରେ ବସିକି ଦୁଇପଦ କହିଲି। ମୋତେ ପରା ଏମାନଙ୍କୁ ହାଲେ ଡର। ଦଳ ମୁଖିଆ ବାରବାର କରି କହିଛନ୍ତି, ତତେ ସବୁଠୁ ବଡ଼ ପଦବୀ ଦେଲି, ସବୁ କରିବୁ ଭୁଲ୍ କଥା କହି ମୋର ନାଁ ପକେଇବୁନି।

## ଖାଲି ଫୁଲୁଛନ୍ତି

କିଛିଦିନ ହେବ ରାଇଜ ମୁଖିଆଙ୍କୁ ଚେକ୍‌ମେଟ୍ ଦେବା ଲାଗି କେତେଜଣ ଉଦ୍ୟମ କରୁଛନ୍ତି। ହେଲେ କ'ଣ ହେବ ସେମାନଙ୍କ ସବୁ ଯୋଜନା ଫସର ଫାଟି ଯାଉଛି। ଛାମୁ ଶାସନ କରିବା ଭିତରେ ଯେତେ ପ୍ରକାର ଝଡ଼ ଆସିଛି, ସବୁ ନିଜର ଗତିପଥ ବଦଳାଇ ଦେଇଛନ୍ତି। ନିକଟରେ ଛାମୁଙ୍କ ଦଳର ପୁରୁଣା ତୁଣ୍ଡ ନେତା ଦଳରୁ ବହିଷ୍କାର ହେବା ପରେ ଏବେ ବାହାରେ ଅରଣା ମଇଁଷି ପରି ବୁଲୁଛନ୍ତି। କେତେବେଳେ କାହାକୁ କ'ଣ କହୁଛନ୍ତି , ତାହା ଜାଣିପାରୁ ନାହାନ୍ତି। ନିକଟରେ ଉତ୍ତର ଆଡେ କରିଥିବା ସଭାକୁ ଆକାଶବୁଲା ନେତା କଥା ଦେଇ ଆସିଲେନି। ଯାହା ତୁଣ୍ଡ ନେତାଙ୍କୁ ଭାରି ବାଧିଛି। ସବୁ ଖଟିରେ ଆଲୋଚନା ତୁଣ୍ଡ ନେତା ଆକାଶବୁଲାଙ୍କ ବେଲୁନ। ସେ ପବନ ଦେଇ ଫୁଲଉଛନ୍ତି। ତେଣୁ ସେ ଅଧାରୁ ବାଟ ଛାଡ଼ିଦେଲେ କେମିତି ହେବ। ଏସବୁ ବାଦ୍ ଶଙ୍ଖଦଳିଆଙ୍କ ହ୍ୱାଟସ୍ ଆପ୍ ଗ୍ରୁପରେ ଯେଉଁ କାର୍ଟୁନ ବୁଲୁଛି, ତାହା କୁଆଡ଼େ ତୁଣ୍ଡ ନେତାଙ୍କୁ ଭାରି ବାଧିଛି। ବାଧିବନି କେମିତି ଯେ, କାର୍ଟୁନରେ ଆକାଶବୁଲା ନେତା ଚୁଙ୍ଗା ଖଣ୍ଡେ ଧରିଥିବା ବେଳେ, ଜନୈକ ଦିଲ୍ଲୀ ନେତା ପମ୍ପ ଦେଉଛନ୍ତି। ଆଉ ତୁଣ୍ଡ ନେତା ଖାଲି ଫୁଲୁଛନ୍ତି।

## ଚୂଡାନ୍ତ ତାରିଖ... ପ୍ରଥମ ପୃଷ୍ଠାରୁ...

ଆଇନ ୨୦୧୪ କାର୍ଯ୍ୟକାରୀ ହେଉଛି। ଲୋକାୟୁକ୍ତ ନିଯୁକ୍ତି ନେଇ ଓଡ଼ିଶା ସର୍ଚ୍ଚ କମିଟି ରୁଲ୍ ପ୍ରସ୍ତୁତିକାର୍ଯ୍ୟ ଜାରି ରହିଛି। ୨୦୧୮ ଜୁଲାଇ ୭ ତାରିଖରେ ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏ ନେଇ ଗେଜେଟ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଓଡ଼ିଶା ଲୋକାୟୁକ୍ତ ଆଇନର ସେକ୍ସନ-୧ର ସବ୍ ସେକ୍ସନ (୪) ଆଧାରରେ ରାଜ୍ୟ ସରକାର ସର୍ଚ୍ଚ କମିଟି ଗଠନ କରିବା ସହ ଚୟନ କମିଟିର ଅଧ୍ୟକ୍ଷ ଓ ଅନ୍ୟ ସଦସ୍ୟମାନଙ୍କ ନିଯୁକ୍ତି ପାଇଁ ପ୍ରସ୍ତୁତି କାର୍ଯ୍ୟ ଜାରି ରହିଛି । ଜୁଲାଇ ୧୦ ତାରିଖରେ ରାଜ୍ୟ ସରକାର ଲୋକାୟୁକ୍ତ ନିଯୁକ୍ତି ନେଇ ଷ୍ଟାଟସ ରିପୋର୍ଟ ଦାଖଲ କରିଥିଲେ।

ଲୋକାୟୁକ୍ତ ଆଇନ କାର୍ଯ୍ୟକାରୀ କରିବା ନେଇ ସରକାର ଗେଜେଟ ବିଜ୍ଞପ୍ତି ପ୍ରକାଶ କରିଥିବା ସତ୍ୟପାଠରେ ଉଲ୍ଲେଖ କରିଥିଲେ। ଦୁଇମାସ ଅର୍ଥାତ ଅକ୍ଟୋବର ୧୦ ତାରିଖ ମଧ୍ୟରେ ଲୋକାୟୁକ୍ତ ନିଯୁକ୍ତି ନେଇ ସମସ୍ତ ପ୍ରକ୍ରିୟା ସାରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସରକାର ଗତ ଏପ୍ରିଲ ୯ ତାରିଖରେ ସୁପ୍ରିମକୋର୍ଟରେ କରିଥିବା ସତ୍ୟପାଠ ଦାଖଲକୁ ନେଇ ବିରୋଧୀ ଦଳ ବିଧାନସଭାରେ ସରକାରଙ୍କୁ ହଲାପଟା କରିଥିଲେ। ରାଜ୍ୟ ସରକାର ସୁପ୍ରିମକୋର୍ଟରେ ମିଥ୍ୟା ସତ୍ୟପାଠ ଦାଖଲ କରିଛନ୍ତି ବୋଲି ବିରୋଧୀ ଅଭିଯୋଗ ଆଣିଥିଲେ। କେନ୍ଦ୍ରରେ ଲୋକପାଳ ବିଲ୍ ଆଇନରେ ପରିଣତ ହେବା ପରେ ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ୨୦୧୪ ଫେବୃୟାରୀ ୧୪ ତାରିଖରେ ଏହି ବିଲ୍‌କୁ ବିଧାନସଭାରେ ପାରିତ କରାଯାଇଥିଲା। ଏହି ଆଇନ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇବା ପରେ ମଧ୍ୟ ରାଜ୍ୟ ସରକାର ଏ ନେଇ ବିଜ୍ଞପ୍ତି ପ୍ରକାଶ କରି ନ ଥିଲେ। ସେବେଠାରୁ ରାଜ୍ୟରେ ଲୋକାୟୁକ୍ତ ନିଯୁକ୍ତି ହୋଇ ନ ଥିଲେ । ବିରୋଧୀ କଂଗ୍ରେସ ଓ ଭାଜପା ରାଜ୍ୟରେ ଲୋକପାଳ କିମ୍ବା ଲୋକାୟୁକ୍ତ ନିଯୁକ୍ତି ନେଇ ସରକାର ସ୍ପଷ୍ଟ କରନ୍ତୁ ବୋଲି ଦାବି କରିଥିଲେ। ଏହାକୁ ନେଇ ଗତ ବିଧାନସଭା ମଧ୍ୟ ଅଚଳ ହୋଇଥିଲା। ରାଜ୍ୟ ସରକାର ଇତିମଧ୍ୟରେ ଲୋକାୟୁକ୍ତ ନିଯୁକ୍ତି ନେଇ ଗେଜେଟ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ସର୍ଚ୍ଚ କମିଟି ଗଠନ ନେଇ ମଧ୍ୟ ବିଜ୍ଞପ୍ତି ପ୍ରକାଶିତ ହୋଇଛି।

ବିଜ୍ଞପ୍ତି ଅନୁଯାୟୀ ଲୋକାୟୁକ୍ତ ନିଯୁକ୍ତି ନେଇ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯିବ। ଏହି କମିଟିରେ ବିରୋଧୀ ଦଳ ନେତା ଓ ବିଧାନସଭା ବାଚସ୍ପତି ସଦସ୍ୟ ରହିବେ। ଏହି ତିନିଜଣ ମିଶି ଚତୁର୍ଥ ସଦସ୍ୟଙ୍କୁ ମନୋନୀତ କରିବେ। ସେହି ମନୋନୀତ ସଦସ୍ୟଙ୍କୁ ରାଜ୍ୟପାଳ ନିଯୁକ୍ତି କରିବେ। ସମସ୍ତ ସଦସ୍ୟଙ୍କୁ ନେଇ ଏକ ଚୟନ କମିଟି ଗଠନ କରାଯିବ। ସେହି କମିଟି ଲୋକାୟୁକ୍ତ ଓ ଅନ୍ୟ ସଦସ୍ୟମାନଙ୍କୁ ଚୟନ କରିବେ। ଏହି କମିଟି ଏକ ୫ ଜଣିଆ ସର୍ଚ୍ଚ କମିଟି ବାଛିବେ। ଏହି ସର୍ଚ୍ଚ କମିଟି ଲୋକାୟୁକ୍ତ ଅଧ୍ୟକ୍ଷ ଓ ସଦସ୍ୟମାନଙ୍କୁ ଚୟନ କରି ସେମାନଙ୍କ ନାମ ଚୟନ କମିଟିକୁ ସୁପାରିସ କରିବେ। ଲୋକାୟୁକ୍ତ ନିଯୁକ୍ତି ନେଇ ଚୟନ କମିଟିର ପ୍ରଥମ ବୈଠକ ଅକ୍ଟୋବର ୬ ତାରିଖରେ ଅନୁଷ୍ଠିତ ହୋଇଥିଲା।

## ଖାରବେଳଙ୍କୁ...

ସମ୍ଭାବନା ଚିତ୍ର ଦଳ ପକ୍ଷରୁ ସାରା ରାଜ୍ୟରେ ପ୍ରଚାର କରାଯାଉଛି। ଏହି ସମ୍ପର୍କରେ ବୁଧବାର ରାଜକନିକାର ଓଳାଭର, ଆଳି ନୂଆବଜାର, ପଟ୍ଟାମୁଣ୍ଡାଇର ବଡମୂଳବସନ୍ତ ଓ କେନ୍ଦ୍ରାପଡା ବ୍ଲକର କୋରୁଆଠାରେ କାର୍ଯ୍ୟକ୍ରମ ହେବାର ଥିଲା। ଏଥିପାଇଁ ସ୍ଥାନୀୟ ପୋଲିସଠାରୁ ଅନୁମତି ମଧ୍ୟ ନିଆଯାଇଥିଲା। ଓଳାଭରଠାରେ କାର୍ଯ୍ୟକ୍ରମ ପରେ ଅପରାହ୍ନ ୩ଟା ୩୦ମିନିଟ୍‌ରେ ଦଳୀୟ କର୍ମକର୍ତ୍ତା ଦେବେନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଆଳିଠାରେ ପ୍ରାୟ ୪୦ ମିନିଟ୍ ଧରି ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ତେବେ ଖାରବେଳ ଭାଷଣ ଆରମ୍ଭ କରିବା ମାତ୍ରେ ସ୍ଥାନୀୟ ଅଞ୍ଚଳର ୧୦ରୁ ଊର୍ଦ୍ଧ୍ୱ ଲୋକ ସେଠାରେ ପହଞ୍ଚି ସଭାକୁ ବନ୍ଦ କରିବା ପାଇଁ କହିଥିଲେ। ଏପରିକି ତୁରନ୍ତ ସ୍ଥାନ ଛାଡ଼ି ନ ପଳାଇଲେ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଏଥିସହିତ ଯୁବ ଦଳିତ ସେଲ୍‌ର ସଭାପତି ଦିଲୀପ କୁମାର ମଲିକ ଓ ଅନ୍ୟ ୨ କର୍ମକର୍ତ୍ତାଙ୍କୁ ସେମାନେ ମାଡ଼ ମାରିବା ସହ ଦିଲୀପଙ୍କ ଗାଡି ଭଙ୍ଗାରୁଜା କରିଥିଲେ। ଏହାପରେ ସଭାସ୍ଥଳରେ ଖାରବେଳ ବସି ଥିବା ସମୟରେ କେତେଜଣ ଦୁର୍ବୃତ୍ତ ତାଙ୍କୁ ମାଡ଼ ମାରିଥିବା ସେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଆଳି ଥାନାଧିକାରୀ ମହେଶ୍ୱର ସେଠୀ କୁହନ୍ତି, ପଥପ୍ରାନ୍ତ ସଭା ପାଇଁ ଦିନ ୧୨ଟା ସମୟ ଧାର୍ଯ୍ୟ ହୋଇଥିଲା। ପୋଲିସ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଏହି ସ୍ଥାନରେ ରହିବା ପରେ ଫେରି ଆସିଥିଲେ। ଏ ସମ୍ପର୍କରେ କେତେଜଣ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି, ଓଡ଼ିଶାକୁ ବିଦ୍ରୂପ କରିଥିବା ଅଭିଜିତ୍ ଆୟାର ମିତ୍ରଙ୍କ ସପକ୍ଷରେ ଉତ୍କଳ ଭାରତର ସଭାପତି ସ୍ୱାଇଁ ମନ୍ତବ୍ୟ ଦେବାକୁ ନେଇ ସ୍ଥାନୀୟ ଲୋକେ କିଛି ସମୟ ପାଇଁ ସଭାକୁ ବିରୋଧ କରିଥିଲେ। ତେବେ ଖାରବେଳଙ୍କୁ ମାଡ଼ ଘଟଣାରେ କେତେଜଣ ବିଜେଡି କର୍ମୀଙ୍କ ସମ୍ପୃକ୍ତି ଥିବା ସାଧାରଣରେ ଆଲୋଚନା ଦେଉଛି।

## ମୃତ୍ୟୁ ଘଟିଲେ...

ପିଲା ଚୋରି କିମ୍ବା ଡାହାଣୀ ସନ୍ଦେହରେ କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ହେଲେ ଏହି ଯୋଜନାରେ ମଧ୍ୟ କ୍ଷତିପୂରଣ ମିଳିବ। କ୍ଷତିପୂରଣ ଦେବାକୁ ଚଳିତ ବଜେଟରେ ୧୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ମହିଳାମାନେ ବିଭିନ୍ନ ସମୟରେ ଯୌନ ନିର୍ଯାତନାର ଶିକାର ହେବା ସହ ସେମାନଙ୍କୁ ଅନେକ ସମୟରେ ମାରି ଦିଆଯାଉଛି କିମ୍ବା ବିକଳାଙ୍ଗ କରି ଦିଆଯାଉଛି। ଏପରି କି ଡାହାଣୀ ଓ ପିଲାଚୋରି ସନ୍ଦେହରେ ମଧ୍ୟ ମହିଳାମାନେ ନିର୍ଯାତନାର ଶିକାର ହେଉଛନ୍ତି। ଏଭଳି ଅପରାଧର ଶିକାର ହେଉଥିବା ମହିଳାମାନେ ଜୀବନ ସାରା ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଏ ନେଇ ସୁପ୍ରିମକୋର୍ଟ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ମହିଳାଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ସହ ସେମାନଙ୍କୁ କ୍ଷତିପୂରଣ ଦେବା ପାଇଁ ରାଜ୍ୟ ସରକାରମାନଙ୍କୁ ସ୍ୱତନ୍ତ୍ର ଯୋଜନା କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଶ୍ରୀଚନ୍ଦ୍ର ପ୍ରଭାବରେ ଆର୍ଥିକ ଉନ୍ନତି, ପାରିବାରିକ ସଦ୍‌ଭାବ ଏବଂ ବ୍ୟବସାୟିକ ସଫଳତା ପାଇବେ। କିନ୍ତୁ ଚର ରାଶିସ୍ଥ ଚନ୍ଦ୍ର କାରଣରୁ ମାନସିକ ସ୍ଥିତି ଠିକ୍ ରହି ନ ପାରେ। ଅବଶ୍ୟ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ସଭା ସମିତି, ରାଜନୀତି, ସଙ୍ଗଠନ ତଥା ଅଧ୍ୟାପନା କ୍ଷେତ୍ରରୁ ପ୍ରଶଂସା ମିଳିବ।

**ବୃଷ** ଦ୍ୱିତୀୟଭାବକୁ ଶନିଙ୍କ ଦୃଷ୍ଟି ଧନହାନି ଓ କଳହର କାରଣ ହେବ। ପ୍ରତ୍ୟେକ କ୍ଷେତ୍ରରେ ବାକ୍‌ସଂଯମ ଅବଲମ୍ବନ କରି ନୀରବ ରହିବାକୁ ବାଧ ହେବେ। ତଥାପି ବନ୍ଧୁମାନଙ୍କ ନିକଟରୁ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଲାଗିରହିଥିବା ସମସ୍ୟା ଜନିତ ଟେନସନ୍ ଅପରାହ୍ନରେ ଦୂର ହେବାର ସୂଚନା ରହିଛି।

**ମିଥୁନ** ଚନ୍ଦ୍ର ଓ ବୁଧଙ୍କ ପାରସ୍ପରିକ ବିଷମ ଦୃଷ୍ଟି ମନ ଚାହୁଁଥିବା ପ୍ରକାରେ ଭାବପ୍ରକାଶ କରିପାରିବେ ନାହିଁ। ସମସ୍ତ ପ୍ରକାରର ସୁବିଧା ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ। ପାରିପାର୍ଶ୍ୱିକ ପରିବେଶରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ।

**କର୍କଟ** ଆଜିର ଗ୍ରହସ୍ଥିତି ପ୍ରାୟତଃ ଅନୁକୂଳ ରହିଥିବାରୁ କର୍ମକ୍ଷେତ୍ର,ପାରିବାରିକ ପରିସ୍ଥିତି ଭଲ ରହିବ। କିନ୍ତୁ ଶାରୀରିକ ଅସୁସ୍ଥତା କେତେକାଂଶରେ ମାନସିକ ସ୍ଥିତିକୁ ଦୁର୍ବଳ କରିଦେଇପାରେ। ଭୁଲ୍ ବୁଝାମଣାରୁ ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ। କାମଗୁଡିକ ସୁରୁଖୁରୁରେ ସମ୍ପନ୍ନ ହେବା ସହ ସଭାସମିତି କାର୍ଯ୍ୟରେ ସଫଳତା ପାଇବେ।

**ସିଂହ** ରବି ଓ ଚନ୍ଦ୍ରଙ୍କ ଦୃଷ୍ଟି ବିନିମୟ ଏକାଧାରରେ ଶାରୀରିକ ଓ ମାନସିକ ସ୍ଥିତିକୁ ଠିକ୍ ରଖିବନାହିଁ। ବ୍ୟୟବୃଦ୍ଧି, ଆକସ୍ମିକ ଯାତ୍ରା ଓ ଶତ୍ରୁତାଜନିତ ସମସ୍ୟା ବିଷୟରେ ଚିନ୍ତିତ ରହିବେ। ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ଅତି ଜରୁରୀ ହୋଇପଡିବ।

**କନ୍ୟା** ଆଜିର ଅଷ୍ଟମ ଚନ୍ଦ୍ର ଆପଣଙ୍କ କାମକୁ ଓ କଥାକୁ ଏପଟ ସେପଟ କରିଦେବ। ନିଜ ଲୋକମାନଙ୍କ ଉପରେ ଭରସା କରି ପରିଶେଷରେ ନିରାଶ ହେବାକୁ ପଡିପାରେ। ବହୁତ ଦିନରୁ ଅଟକି ରହିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି, ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ତୁଳା** ଆପଣଙ୍କ ଯୁକ୍ତିଯୁକ୍ତ କଥା ସର୍ବଜନ ଗ୍ରାହ୍ୟ ହେବା ସହ ପ୍ରଶଂସିତ ହେବ। ବ୍ୟବସାୟ ଓ ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବଢିପାରେ। ପାରିବାରିକ ସମସ୍ୟାର ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। କଳା, ସାହିତ୍ୟ, କ୍ରୀଡା, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡିପାରେ। ସହକର୍ମୀଙ୍କ କୌଣସି ଘଟଣା ମନକୁ ବିବ୍ରତ କରିପାରେ।

**ବିଛା** କୌଣସି ଅସୁବିଧା ନ ଥିଲେ ମଧ୍ୟ ସକାଳୁ ସକାଳୁ ମନଟା କେମିତି କେମିତି ଲାଗିବ। ପାରିପାର୍ଶ୍ୱିକ ପରିସ୍ଥିତି ଓ ପରିବେଶରେ ସହଜରେ ଆଡଜଷ୍ଟ ହୋଇପାରିବେ ନାହିଁ। ବନ୍ଧୁମିଳନ ସାଙ୍ଗକୁ ଆତ୍ମୀୟ ସ୍ୱଜନଙ୍କ ସହାୟତାରେ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି। କଳା ସାହିତ୍ୟରେ ସମସ୍ୟା ସମାଧାନ ହେବାର କ୍ଷୀଣ ଆଶା ମନରେ ଉଙ୍କି ମାରିବ।

**ଧନୁ** ଅନ୍ୟମାନଙ୍କ କଥା ଓ କାର୍ଯ୍ୟକଳାପ ନିଜ ମନକୁ ନ ପାଇଲେ ଟିକିଏ ଟିକିଏ କଥାରେ ଚିହିଁକି ଉଠିପାରନ୍ତି। ଦ୍ୱାଦଶସ୍ଥ ଶନି ହେତୁ ଅନିଦ୍ରା, କର୍ମହାନି, ଖର୍ଚ୍ଚାନ୍ତଜନିତ ପୂର୍ଣ୍ଣ ମାନସିକ ସୁସ୍ଥତା ରହିବନାହିଁ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡିବେ କିନ୍ତୁ ତାହାର ସରଳ ସମାଧାନ ହୋଇପାରିବ। ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖା ଦେଇପାରେ।

**ମକର** ପୂର୍ବର ସ୍ଥିତି ବହୁଳାଂଶରେ ବଦଳି ଯାଇଥିବାରୁ ଏକପ୍ରକାର ଖୁସି ଅନୁଭବ କରିବେ। ତଥାପି ବନ୍ଧୁଙ୍କ ବ୍ୟବହାରରେ ପରିବର୍ତ୍ତନ ପରିଲକ୍ଷିତ ହେବାରୁ ବିସ୍ମୟାଭିଭୂତ ହୋଇପାରନ୍ତି। ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବା ଆଶାରେ ବିଭିନ୍ନ ପ୍ରକାର ବିନୟପୂର୍ଣ୍ଣ କଥା କହିବାକୁ ପଡିବ। ଶେଷ ସମୟରେ ବିଚାର ବଦଳି ଯାଇପାରେ।

**କୁମ୍ଭ** ଆତ୍ମୀୟସ୍ୱଜନ କିମ୍ବା ବନ୍ଧୁଙ୍କ କାର୍ଯ୍ୟରେ ଅସନ୍ତୋଷ ବ୍ୟକ୍ତ କରିବେ। ଅଭାବ ଅସୁବିଧା ସମ୍ପର୍କରେ ଉପରିସ୍ଥ ଅଫିସରଙ୍କ ମୁହଁ ସାମ୍ନାରେ ପ୍ରକାଶ କରିବାକୁ ପଛେଇଯିବେ। ଶିକ୍ଷା, ସନ୍ତାନ, ବାଣିଜ୍ୟ, କଳା, ସାହିତ୍ୟ ଦିଗଟି ଆଜି ଭଲ ରହିବ। ଯାତ୍ରା ସମୟରେ ସାମୟିକ ଅସୁବିଧାର ସମ୍ମୁଖୀନ ହେବାର ଆଶଙ୍କା ରହିଛି।

**ମୀନ** ସମସ୍ୟା ସମାଧାନ ହୋଇଯାଇଥିବାରୁ ଖୁସି ଅନୁଭବ କରିବେ। ଦୂରେଇ ଯାଉଥିବା ବନ୍ଧୁମାନେ କ୍ରମଶଃ ପାଖେଇ ଆସିବାରୁ ମନରେ ଭାବାନ୍ତର ସୃଷ୍ଟି ହେବ। ତଥାପି ପାରିବାରିକ ସ୍ଥିତିରେ ସୁଧାର ଆସିଲେ ମଧ୍ୟ କର୍ମକ୍ଷେତ୍ରର ସମସ୍ୟା ସୁଖ, ସନ୍ତୋଷ ଦେଇ ପାରିବ ନାହିଁ। ବିବାଦୀୟ ପରିସ୍ଥିତିରେ ଗୁରୁଜନଙ୍କ ସାନ୍ତ୍ୱନାବାଣୀ ମନରେ ଆଶ୍ୱସ୍ତି ଭରିପାରେ।

ଆଜି କାର୍ତ୍ତିକ ବ୍ରତାରମ୍ଭ, କୃଷ୍ଣ ପ୍ରତିପଦା ଗୁରୁବାର, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ଅକ୍ଟୋବର ୨୫ ତାରିଖ, ରାଶି ନକ୍ଷତ୍ର- ଅଶ୍ୱିନୀ/ମେଷ, ଦିବା ଘ୧୦।୧୪ମି. ଗତେ, ଦ୍ୱିଜା ନକ୍ଷତ୍ର, ମେଷ ରାଶିର ଘାତଚନ୍ଦ୍ର, ଦିବା ଘ୧୦।୧୮ମି. ଗତେ ଘ୧୧।୫୧ମି. ମଧ୍ୟେ, ଘ୧।୨୭ମି. ଗତେ ଘ୩।୦୦ମି. ମଧ୍ୟେ ଅମୃତ ବେଳା । ସକାଳ ଘ୭।୧୧ମି. ମଧ୍ୟେ ଘ୧୧।୫୧ମି. ଗତେ, ଘ୧।୨୭ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୧୨।୫୬ମି. ଗତେ ଘ୨।୨୧ମି. ମଧ୍ୟେ ରାହୁକାଳ।

PLEDGE 'PLASTIC-FREE' ODISHA
Sudarsan Pattnaik
Sand Artist
#PlasticFreeOdisha
ଧରିତ୍ରୀ DHARITRI
TEAM

**ସଂକ୍ଷେପରେ**

## ପୁରୀ ହିଂସା: ଗିରଫଦାରି ସଂଖ୍ୟା ୯୬ ଛୁଇଁଲା

ପୁରୀ ଅଫିସ,୨୪।୧୦: ଶ୍ରୀମନ୍ଦିରରେ ଧାଡ଼ିଦର୍ଶନକୁ ନେଇ ହୋଇଥିବା ପୁରୀ ହିଂସାରେ ଗିରଫଦାରି ସଂଖ୍ୟା ୯୬ ଛୁଇଁଛି। ପୂର୍ବରୁ ପୋଲିସ ୯୩ ଜଣଙ୍କୁ ଗିରଫ କରିଥିବା ବେଳେ ବୁଧବାର ଆଉ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସିଂହଦ୍ୱାର ଥାନା ପୋଲିସ କେସ୍ ନଂ.୮୪/୧୮ରେ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କାଳିକାଦେବୀ ସାହିର ଦିଲୀପ କୁମାର ଦାସ ଓ ମାର୍କଣ୍ଡେଶ୍ୱର ସାହିର ବିକାଶ ଚନ୍ଦ୍ର ସାହୁ। ସେହିପରି ଟାଉନ ଥାନା ପୋଲିସ ଟ୍ରାଫିକ ପୋଷ୍ଟ ଭଙ୍ଗାରୁଜା ଏବଂ ପୋଡ଼ି ଘଟଣାରେ କେସ୍ ନଂ. ୧୬୯/୧୮ରେ ଜଣକୁ ଗିରଫ କରିଛି। ସେ ହେଲେ ବାସେଲିସାହି ଥାନା ଅନ୍ତର୍ଗତ ମାର୍କଣ୍ଡେୟ ପୁଷ୍କରିଣୀ ଅଞ୍ଚଳର ଲୋକନାଥ ମହାପାତ୍ର। ସେ ଜଣେ ଯାତ୍ରୀ ଗୁମାସ୍ତା ବୋଲି ଜଣାପଡିଛି।

ଅପରପକ୍ଷରେ ଗିରଫଦାରି ନେଇ ମୁହଁ ଖୋଲିଛନ୍ତି ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି। ଏହି ଘଟଣାରେ ପ୍ରକୃତ ଗଣ୍ଡଗୋଳକାରୀଙ୍କୁ ଗିରଫ କରିବା ପରିବର୍ତ୍ତେ ପୋଲିସ ସାଧାରଣ ଜନତାଙ୍କୁ ଗିରଫ କରୁଛି ବୋଲି ସେ କହିଛନ୍ତି। ଏହାଛଡ଼ା ଶ୍ରୀମନ୍ଦିରରେ ଧାଡ଼ିଦର୍ଶନ ସମ୍ଭବ ନୁହେଁ ବୋଲି ମନ୍ତ୍ରୀ କହିଥିଲେ।

# ଚିଲିକାରେ ପହଞ୍ଚିଲେ ବିଦେଶୀ ପକ୍ଷୀ

## ବନ୍ୟପ୍ରାଣୀ ବିଭାଗ ତତ୍ପର, ସୁରକ୍ଷା ପାଇଁ ୧୯ଟି କ୍ୟାମ୍ପ



ବାଲୁଗାଁ, ୨୪।୧୦(ଡି.ଏନ.ଏ.)

ଶୀତର ଆଗମନ ହେବା ସଙ୍ଗେ ସଙ୍ଗେ ଚିଲିକାକୁ ରଙ୍ଗବେରଙ୍ଗର ବିଦେଶୀ ପକ୍ଷୀଙ୍କ ସୁଅ ଛୁଟିବା ଆରମ୍ଭ ହୋଇଛି। ବୁଧବାର ସୁଦ୍ଧା ଖୋର୍ଦ୍ଧା ଜିଲା ଚିଲିକା ମଧ୍ୟସ୍ଥ ପକ୍ଷୀ ଅଭୟାରଣ୍ୟ ନଳବଣ ଅଞ୍ଚଳରେ ପ୍ରାୟ ୫ହଜାରରୁ ଊର୍ଦ୍ଧ୍ୱ ବିଦେଶାଗତ ପକ୍ଷୀଙ୍କ ସମାଗମ ହୋଇଥିବା ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ସୂତ୍ରରୁ ଜଣାଯାଇଛି। ପକ୍ଷୀଙ୍କ ଆଗମନ ହେତୁ ଚିଲିକା ଚଳଚଞ୍ଚଳ ହୋଇପଡ଼ିଥିବା ବେଳେ ଅପେକ୍ଷାରତ ପର୍ଯ୍ୟଟକ ଓ ପକ୍ଷୀ ବିଶାରଦଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି । ଚିଲିକାରେ ଶୀତଦିନେ ପ୍ରାୟ ୧୬୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପକ୍ଷୀଙ୍କ ସମାଗମ ହୋଇଥାଏ। ବର୍ତ୍ତମାନ ସୁଦ୍ଧା ପ୍ରଥମ ପର୍ଯ୍ୟାୟରେ ୟୁରାସିଆନ୍ ୱିଜିଅନ୍, ନର୍ଦନ୍ ପିଣ୍ଟେଲ୍, ପ୍ଲୋଭର୍ସ, ସ୍ୟାଣ୍ଡପାଇପର୍, ଗ୍ରେଟର ଫ୍ଲେମିଙ୍ଗୋ (ଏରା ପକ୍ଷୀ) ଓ ଗଡ଼ୱାଲ ପ୍ରଭୃତି ୨୦ ପ୍ରଜାତିର ୫ ହଜାରରୁ ଊର୍ଦ୍ଧ୍ୱ ପକ୍ଷୀଙ୍କ ଆଗମନ ହୋଇଥିବା ଜଣାଯାଇଛି। ସେଥିମଧ୍ୟରୁ ୟୁରାସିଆନ୍ ୱିଜିଅନ୍ ସର୍ବାଧିକ ସଂଖ୍ୟାରେ ଦୃଷ୍ଟିଗୋଚର ହୋଇଥିବା ବନପାଳ ପ୍ରମୋଦ ପଣ୍ଡା ସୂଚନା ଦେଇଛନ୍ତି ।

ପ୍ରାୟତଃ ଅକ୍ଟୋବର ପହିଲାରେ ଶୀତ ପଡ଼ିବା ମାତ୍ରେ ଚିଲିକାକୁ ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଥାଏ। କିନ୍ତୁ ଚଳିତବର୍ଷ ଅକ୍ଟୋବର ଶେଷାର୍ଦ୍ଧରେ ତଥା ଦୁଇ ସପ୍ତାହ ବିଳମ୍ବରେ ପକ୍ଷୀ ଆସି ଚିଲିକା ବକ୍ଷରେ ପାଦ ଥାପିଛନ୍ତି। ତିତ୍‌ଲି ବାତ୍ୟାର ପ୍ରଭାବରେ ପକ୍ଷୀଙ୍କ ଆଗମନ କ୍ଷେତ୍ରରେ ବିଳମ୍ବ ଘଟିଥିବା ଅନୁମାନ କରାଯାଉଛି। ତେବେ ପାଗ ଅନୁକୂଳ ରହିଲେ ଚଳିତ ବର୍ଷ ପକ୍ଷୀ ସଂଖ୍ୟା ବୃଦ୍ଧି ପାଇବ ବୋଲି ବିଶାରଦମାନେ ଆଶାବାଦୀ । ଶୀତଋତୁରେ ସୁଦୂର ସାଇବେରିଆ, ରୁଷିଆ, କାଜାକସ୍ଥାନ, ମଙ୍ଗୋଲିଆ, ଆମେରିକା, କାନାଡା ଆଦି ଦେଶର ବରଫାବୃତ ଅଞ୍ଚଳରୁ ପ୍ରବଳ ହୀମପ୍ରବାହ ଓ ଅସହ୍ୟ ଶୀତ ଦାଉରୁ ରକ୍ଷାପାଇବା ପାଇଁ ବିଭିନ୍ନ ପ୍ରଜାତିର ପକ୍ଷୀମାନେ ହଜାର ହଜାର ମାଇଲ୍ ଅତିକ୍ରମ କରି ଚିଲିକାରେ ପହଞ୍ଚିଥାଆନ୍ତି । ପକ୍ଷୀ ଚିଲିକାରେ ପହଞ୍ଚିବା ପୂର୍ବରୁ ଉପଯୁକ୍ତ ନିରାପଦ ବାସସ୍ଥାନ ଓ ଖାଦ୍ୟ ଅନ୍ୱେଷଣରେ ଦୁଇତିନି ଦିନ ଧରି ଇଂଲିଶ ଅକ୍ଷର 'ୟୁ' ଓ 'ଭି' ଆକୃତିରେ ଘୂରି ବୁଲି ଚିଲିକା ଜଳ ରାଶିରେ ଓହ୍ଲାଇଥାନ୍ତି । ବର୍ତ୍ତମାନ ଅନୁରୂପ ଭାବେ ଏହି ରଙ୍ଗ ବେରଙ୍ଗର ବିଦେଶୀ ପକ୍ଷୀ ନଳବଣ ଉପର ଆକାଶରେ ପଇଁତରା ମାରୁଥିବାବେଳେ କେତେକ ସ୍ଥାନରେ ଜଳରାଶିରେ ଓହ୍ଲାଇଥିବା ଦେଖାଦେଇଛି ।

ଅନ୍ୟପକ୍ଷରେ ପକ୍ଷୀଙ୍କ ଆଗମନ ହେତୁ ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ପକ୍ଷୀଙ୍କ ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ଏଥିନିମନ୍ତେ ୧୯ଟି କ୍ୟାମ୍ପ ଓ ଗୋଟିଏ ଭ୍ରାମ୍ୟମାଣ ସ୍କ୍ୱାଡ୍ ଗଠନ କରାଯାଇଛି । ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଅଧୀନ ୫ଗୋଟି ରେଞ୍ଜ୍ ତଥା ବାଲୁଗାଁ, ଟାଙ୍ଗୀ, ରମ୍ଭା, ସାତପଡ଼ା ଓ ଚିଲିକା ଅଞ୍ଚଳରେ ଏହି ସ୍କ୍ୱାଡ୍ ଗୁଡ଼ିକୁ ନିୟୋଜିତ କରାଯାଇଛି। ଟାଙ୍ଗୀ ରେଞ୍ଜରେ ସର୍ବାଧିକ ୧୦ଟି କ୍ୟାମ୍ପ, ବାଲୁଗାଁ ରେଞ୍ଜ ଅଧୀନ ନଳବଣରେ ୪, ସାତପଡ଼ାରେ ୨, ରମ୍ଭା ୧ ଓ ଚିଲିକାରେ୧ଟି କ୍ୟାମ୍ପ ରହିଛି । ସ୍ଥଳପଥରେ ବିଭିନ୍ନ ଢାବା, ହୋଟେଲ୍ ଆଦି ତଲାସିବା ପାଇଁ ଗୋଟିଏ ଭ୍ରାମ୍ୟମାଣ ସ୍କ୍ୱାଡ୍ ନିୟୋଜିତ ହୋଇଛନ୍ତି। ପ୍ରତ୍ୟେକ କ୍ୟାମ୍ପରେ ଗୋଟିଏ ଲେଖାଏ ଯନ୍ତ୍ରଚାଳିତ ବୋଟ୍ ସମେତ ଜଣେ ବନପାଳ କିମ୍ବା ବନରକ୍ଷୀ ଏବଂ ଚିଲିକା ତଟବର୍ତ୍ତୀ ଗ୍ରାମ ପକ୍ଷୀ ସୁରକ୍ଷା ମଞ୍ଚର ୩ଜଣ ଲେଖାଏ ସଦସ୍ୟ ସାମିଲ୍ ହୋଇଛନ୍ତି । ଏତଦ୍‌ବ୍ୟତୀତ ଚିଲିକା ତଟବର୍ତ୍ତୀ ଗ୍ରାମଗୁଡ଼ିକରେ ପକ୍ଷୀସୁରକ୍ଷା ସମ୍ପର୍କିତ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି।

## ମାଓବାଦୀଙ୍କ ବର୍ବରତା

# ଇନ୍‌ଫର୍ମର ସନ୍ଦେହରେ ଯୁବକଙ୍କୁ ହତ୍ୟା

ମାଥିଲି, ୨୪।୧୦ (ଡି.ଏନ୍.ଏ)

ମାଲକାନଗିରି ଜିଲା ମାଥିଲି ବ୍ଲକରେ ମାଓବାଦୀଙ୍କ ବର୍ବରତା ସୀମା ଟପିଛି। ଜଣେ ଯୁବକଙ୍କୁ ତାଙ୍କ ମା'ଙ୍କ ସମ୍ମୁଖରେ ଇନଫର୍ମର ସନ୍ଦେହରେ ନିର୍ମମ ଭାବେ ହତ୍ୟା କରିଛନ୍ତି। ମାଥିଲି ଥାନା ଅଞ୍ଚଳରେ ମାଓବାଦୀଙ୍କ ଏପରି କାର୍ଯ୍ୟକଳାପ ସାଧାରଣରେ ଭୟ ସୃଷ୍ଟି କରିଛି।

ମାଥିଲି ଥାନା ଅନ୍ତର୍ଗତ ସାଲିମି ପଞ୍ଚାୟତ ଅଧୀନ ବାରୁବେଡା ଗ୍ରାମର ଅନନ୍ତରାମ ଭୂମିଆ (୩୦)ଙ୍କୁ ଟାଙ୍ଗିଆରେ ହାଣି ପରେ ଧାରୁଆ ଅସ୍ତ୍ର ଛାତିରେ ଭୁସି ମାଓବାଦୀମାନେ ହତ୍ୟା କରିଛନ୍ତି। ଅନନ୍ତ ମଙ୍ଗଳବାର ରାତିରେ ଘରେ ଥିଲେ। ଏହି ସମୟରେ ବାରା ଅଞ୍ଚଳର ଜଣେ ଯୁବକଙ୍କ ସମେତ ଅନ୍ୟ ଜଣେ ଅଚିହ୍ନା ଯୁବକ ଅନନ୍ତଙ୍କୁ ଧାକଡରାଶିକୁ ନାଟ ଦେଖିଯିବାକୁ ଡାକି ନେଇଥିଲେ। ଅନନ୍ତ ସ୍ତ୍ରୀଙ୍କୁ କହି ନାଟ ଦେଖିବାକୁ ଯାଇଥିଲେ। ମାଓବାଦୀମାନେ ଅଧା ବାଟରେ ଅନନ୍ତଙ୍କୁ ମାଡ଼ ମାରିଥିଲେ। ପ୍ରଥମେ ଅନନ୍ତଙ୍କ ମୁଣ୍ଡକୁ ଟାଙ୍ଗିଆରେ ହାଣି ଏକ ଧାରୁଆ ଅସ୍ତ୍ର ଛାତିରେ ଭୁସି ଚାଲିଯାଇଥିଲେ। ପରେ ଗୁରୁତର ଅବସ୍ଥାରେ ଅନନ୍ତଙ୍କୁ ଉଦ୍ଧାର କରାଯାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଉଥିବା ବେଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

Regional Office-1:
Plot No.: 1556 & 1561,
Jagamara, Khandagiri,
Bhubaneswar - 751 019

सिंडिकेटबैंक SyndicateBank

**NOTICE INVITING TENDERS**

**Syndicate Bank** invites Tenders from reputed, experienced and eligible contractors/firms for **Supply, Erection and Commissioning of Passenger Lift** of its office complex building at Plot No.: 1556 (P) & 1561(P), Jagamara, Bhubaneswar. The details of the project, eligibility criteria etc., are available in our website: **www.syndicatebank.in** under Category **"Advt/bids/Tenders."**

Interested and eligible contractors/firms may apply in the prescribed format in two separate covers i.e. Technical & Financial bids respectively to **THE REGIONAL MANAGER, SYNDICATE BANK, REGIONAL OFFICE, JAGAMARA, BHUBANESWAR** at the above address on or before **31.10.2018 upto 3.00 P.M.**

Bidders are requested to refer the website for any modifications/changes/corrigendum & to this notice. No other advertisement will be released in the newspaper in this regard.

Bank reserves the right to accept or reject any or all the applications without assigning any reasons whatsoever.

Place : Bhubaneswar
Date : 24.10.2018
Sd/-
Regional Manager

## ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

# ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଧର୍ମେନ୍ଦ୍ର

ଭୁବନେଶ୍ୱର,୨୪।୧୦(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ଦେଖାଦେଇଥିବା ଆଇନଜୀବୀ-ପୋଲିସ ବିବାଦର ସମାଧାନ ପାଇଁ ରାସ୍ତା ବାହାର କରନ୍ତୁ। ଏହାର ସମାଧାନ ନ ହେବା ଯୋଗୁ ସାଧାରଣ ଲୋକେ କ୍ଷତି ସହୁଥିବା ଅଭିଯୋଗ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

କେନ୍ଦ୍ରମନ୍ତ୍ରୀ ପ୍ରଧାନ ଏହି ପ୍ରସଙ୍ଗ ଉପରେ ବୁଧବାର ଏକ ଭିଡିଓ ବାର୍ତ୍ତା ଜାରି କରିଛନ୍ତି। ସେ କହିଛନ୍ତି ଯେ, ଦୀର୍ଘ ଦେଢ଼ମାସ ହେବ ଓକିଲ-ପୋଲିସ ବନ୍ଧୁମାନଙ୍କ ମଧ୍ୟରେ ଚାଲିଥିବା ବିବାଦର ସମାଧାନ ହୋଇ ପାରୁନାହିଁ। ପ୍ରସଙ୍ଗଟି ହାଇକୋର୍ଟ, ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଯାଇଛି, ହେଲେ ସମାଧାନ ହୋଇପାରିନାହିଁ। ମୁଖ୍ୟମନ୍ତ୍ରୀ ଘଟଣାରେ ହସ୍ତକ୍ଷେପ କରି ସମାଧାନର ରାସ୍ତା ବାହାର କରନ୍ତୁ। ଏହା କ'ଣ ତାଙ୍କର ଦାୟିତ୍ୱ ନୁହେଁ କି ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି। ଓକିଲମାନଙ୍କର ଆନ୍ଦୋଳନ ଯୋଗୁ ଚାକିରି, ଜମିଜମା



- ପିସିସି ସଭାପତିଙ୍କ ସମାଲୋଚନା
- ପ୍ରତିକ୍ରିୟା ରଖିଲା ବିଜେଡି

ବ୍ୟାପାର, ସାମାନ୍ୟ ଘଟଣାରେ ଜାମିନ ଇତ୍ୟାଦି ପ୍ରସଙ୍ଗ ର ସମାଧାନ ସମ୍ଭବ ହୋଇ ପାରୁନାହିଁ। ପୋଲିସ ବ୍ୟାପାର ଗୃହ ବିଭାଗ ସମ୍ବନ୍ଧୀୟ ବିଷୟ, ଯାହା ମୁଖ୍ୟମନ୍ତ୍ରୀଙ୍କ ନିଜସ୍ୱ ବିଭାଗ। ଏଣୁ ବିବାଦର ସମାଧାନ ନ ହେବା କ'ଣ ଶାସକ ଦଳର ଅପାରଗତା ନୁହେଁ। ବିରୋଧୀ ହିସାବରେ କିଛି ମନ୍ତବ୍ୟ ଦେଲେ , ସରକାରଙ୍କୁ ଚେଙ୍କ ରକମର ଲାଗୁଛି। ଯାହା ବି ହୋଇଯାଇଛି, ତାହାର ତର୍ଜମା କରାଯିବାର ଆବଶ୍ୟକତା ରହିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଏହି ପ୍ରସଙ୍ଗରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମଧ୍ୟ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ହାଇକୋର୍ଟଠାରୁ ଆରମ୍ଭ କରି ସାଧାରଣ କୋର୍ଟ ସବୁଠି ବନ୍ଦ। ଲୋକେ ନ୍ୟାୟ ପାଇବା ପାଇଁ ଅସୁବିଧା ଭୋଗୁଛନ୍ତି। ଏସବୁ ଦେଖିଲେ ଲାଗୁଛି ରାଜ୍ୟରେ ଆଇନର ଶାସନ ନାହିଁ। ରାଜ୍ୟ ସରକାର ତୁରନ୍ତ ବିବାଦର ସମାଧାନ କରନ୍ତୁ। ବିରୋଧୀଙ୍କ ଅଭିଯୋଗ ଉପରେ ପ୍ରତିକ୍ରିୟା ଦେଇଛନ୍ତି ଶାସକ ଦଳର ବିଧାୟକ ସମୀର ରଞ୍ଜନ ଦାଶ। ସେ କହିଛନ୍ତି ଯେ, ପୂଜା ଛୁଟି ଚାଲିଛି। ଦିନ କେଇଟା ପରେ ଓକିଲ ବନ୍ଧୁମାନେ କାର୍ଯ୍ୟକୁ ଫେରିବେ। ଏହି ଘଟଣାକୁ ନେଇ ବିରୋଧୀ ଅଯଥା ରାଜନୀତି ନ କରନ୍ତୁ।

## ବିରୋଧୀଙ୍କ ଅଭିଯୋଗ

# 'ସିବିଆଇକୁ ଅସ୍ତ୍ର କରାଯାଉଛି'

ଭୁବନେଶ୍ୱର,୨୪।୧୦(ବ୍ୟୁରୋ)

ସିବିଆଇର ଦୁଇ ସର୍ବୋଚ୍ଚ ଅଧିକାରୀଙ୍କୁ କେନ୍ଦ୍ର ସରକାର ଛୁଟିରେ ପଠାଇଦେଇଛନ୍ତି। ସେହିପରି ଓଡ଼ିଶା କ୍ୟାଡରର ଆଇପିଏସ୍ ଅଫିସର ଏମ୍. ନାଗେଶ୍ୱର ରାଓଙ୍କୁ ସିବିଆଇର ଅନ୍ତରୀଣ ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଛି। ଏହାକୁ ନେଇ ରାଜ୍ୟ ରାଜନୀତିରେ ଚର୍ଚ୍ଚା ଜୋର ଧରିଛି। ରାଜ୍ୟରେ ଚିଟ୍‌ଫଣ୍ଡ, ବ୍ଲାକଲୋଜ ଜାହାଜ ବୁଡ଼ି, ଟିଟୋ ଲିଙ୍କ୍ ପରି ପ୍ରସଙ୍ଗରେ ସିବିଆଇ ତଦନ୍ତକୁ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ବିଜେଡିରୁ ବିଦା ହୋଇଥିବା ଦାମ ରାଉତ ମଧ୍ୟ ରାଜ୍ୟ-କେନ୍ଦ୍ର ସରକାରଙ୍କ ମଧ୍ୟରେ ଭିତିରି ବୁଝାମଣା ଥିବା କଥା କହି ସମାଲୋଚନା କରିଛନ୍ତି।

ରାଜ୍ୟରେ ଚିଟ୍‌ଫଣ୍ଡ ଦୁର୍ନୀତି ସମ୍ପର୍କରେ ସମସ୍ତ ତଥ୍ୟ ପ୍ରମାଣଥିବା କହିଛନ୍ତି ଭାଜପା ମୁଖପାତ୍ର ସମୀର ମହାନ୍ତି। ସେ କହିଛନ୍ତି ଯେ, ରାଜ୍ୟ ସରକାର ଏବଂ ସିବିଆଇର ସର୍ବୋଚ୍ଚ ପଦରେ ଥିବା କେତେଜଣ ଅଧିକାରୀଙ୍କ ମଧ୍ୟରେ ବୁଝାମଣା ରହିଛି। ଏଥିଯୋଗୁ ତଦନ୍ତ ଶୀଥିଳ ହୋଇଛି। ପୂର୍ବତନ ମନ୍ତ୍ରୀ ଦାମ ରାଉତ କହିଛନ୍ତି ଯେ, ବିଭିନ୍ନ ନେତାଙ୍କୁ ଏକାଧିକ ଥର ନୋଟିସ ହୋଇଥିଲେ ହେଁ ସେମାନେ ହାଜର ହୋଇ ନାହାନ୍ତି। କିଛିମାସ ପୂର୍ବେ ସିବିଆଇର ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନା ଓଡ଼ିଶା ଆସି ଚିଟ୍‌ଫଣ୍ଡ ତଦନ୍ତ କରିବା ପରେ ମାମଲା ଶୀଥିଳ ହୋଇଛି। ସିବିଆଇ ଅଫିସରମାନେ ଓଡ଼ିଶାରୁ ଲାଞ୍ଚ ନେଇଛନ୍ତି ନା ନାହିଁ, ତାହାର ତଦନ୍ତ ହେଉ ବୋଲି ଦାମ ଦାବି କରିଛନ୍ତି। ସେହିପରି ସିବିଆଇ-କେନ୍ଦ୍ର-ରାଜ୍ୟ ମଧ୍ୟରେ ଭିତିରି ବୁଝାମଣା ସହ ୧୦୦ କୋଟି ଟଙ୍କାର କାରବାର ହୋଇଛି। ବ୍ଲାକରୋଜ ଘଟଣାର ସିବିଆଇ ଖୋଳତାଡ଼ କରିବା ପରେ ବିଜେଡି ଜାତୀୟ ରାଜନୀତିରେ ଅନାସ୍ଥା ପ୍ରସ୍ତାବ ଏବଂ ରାଜ୍ୟ ସଭା ଉପାଧ୍ୟକ୍ଷ ନିର୍ବାଚନରେ ନିଜ ଆଭିମୁଖ୍ୟ ପରିବର୍ତ୍ତନ କରିଥିବା ନେଇ ଦାମ ଅଭିଯୋଗ କରିଛନ୍ତି।

ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମଧ୍ୟ ରାଜ୍ୟ-କେନ୍ଦ୍ର ମଧ୍ୟରେ ବୁଝାମଣା ରହିଥିବା ଅଭିଯୋଗ କରିଛନ୍ତି। ହେଲେ ବରିଷ୍ଠ ଭାଜପା ନେତା ବିଜୟ ମହାପାତ୍ର ନାଗେଶ୍ୱରଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଯେ,ନାଗେଶ୍ୱରଙ୍କ ନାମରେ ରାଜ୍ୟରେ ଅଭିଯୋଗ ରହିଛି। ସମ୍ପୃକ୍ତ ଅଭିଯୋଗଗୁଡ଼ିକ କେବେ ବି ଉଠିପାରେ। ଅଗ୍ନିଶମ ଡିଜି ଥିବାବେଳେ ନାଗେଶ୍ୱରଙ୍କ ନାମରେ ଅଭିଯୋଗ ରହିଥିଲା। ପ୍ରକାଶ ଯେ,ପୂର୍ବତନ ଅଗ୍ନିଶମ ଡିଜି ସ୍ୱର୍ଗତ ବିନୟ ଭୂଷଣ ବେହେରା ଏମ୍. ନାଗେଶ୍ୱର ରାଓଙ୍କ ବିରୋଧରେ ପୋଷାକ କିଣାରେ ଅନିୟମିତତା ଅଭିଯୋଗ ଆଣିଥିଲେ। ୨୦୧୪ ମସିହାରେ ଅଗ୍ନିଶମ ବିଭାଗର ୟେଲୋ ୟୁନିଫର୍ମ କିଣିବାରେ ଅନିୟମିତତା ନେଇ ଅଭିଯୋଗ ଆସିଥିଲା।

ସମସ୍ତ ଘଟଣାକ୍ରମରେ ମତାମତ ଦେଇ ବିଜେଡି ମୁଖପାତ୍ର ସମୀର ରଞ୍ଜନ ଦାଶ କହିଛନ୍ତି ଯେ, ସିବିଆଇକୁ କେନ୍ଦ୍ର ସରକାର ହିଁ ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରିଥାନ୍ତି। ଆଗାମୀ ଦିନରେ ଏହାର ପୁନରାବୃତ୍ତି ନ ହେଉ। ଅନ୍ତରୀଣ ଦାୟିତ୍ୱ ପାଇଥିବା ନାଗେଶ୍ୱର ସଂସ୍ଥାର ନିରପେକ୍ଷତା ବଜାୟ ରଖିବେ ବୋଲି ଆଶା।

DSPL-206
ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟ ସଚେତନତା
ବନ୍ୟାପାଣିରେ ବୁଡ଼ିଯାଇଥିବା କୂଅ ଓ ନଳକୂଅର ପାଣି ପିଅନ୍ତୁ ନାହିଁ ।
ପାଣିକୁ ଫୁଟାଇ କିମ୍ବା ହାଲୋଜେନ୍ ବଟିକା ପକାଇ ପିଅନ୍ତୁ ।
ଖାଇବା ପୂର୍ବରୁ ଓ ଶୌଚହେବା ପରେ ହାତକୁ ସାବୁନରେ ଧୁଅନ୍ତୁ ।
ରନ୍ଧା ଖାଦ୍ୟକୁ ଘୋଡାଇ ରଖନ୍ତୁ ଓ ମାଛି ବସିବାକୁ ଦିଅନ୍ତୁ ନାହିଁ ।
ତରଳ ଝାଡା ହେଲେ ଓ.ଆର.ଏସ୍. ଦ୍ରବଣ ପିଅନ୍ତୁ ।
ସାପ କାମୁଡିଲେ ତୁରନ୍ତ ଡାକ୍ତରଖାନା ନେଇଯାଆନ୍ତୁ ।
ମ୍ୟାଲେରିଆ ଓ ଡେଙ୍ଗୁରୁ ରକ୍ଷା ପାଇବା ପାଇଁ ମଶାରୀ ଟାଣି ଶୁଅନ୍ତୁ ।
ଘର ଆଖପାଖ ସଫା ରଖନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ ।
10003/13/0088/1819
ଗାଁ କଲ୍ୟାଣ ସମିତିର ସଭ୍ୟସଭ୍ୟା ମାନେ ଧ୍ୟାନ ଦିଅନ୍ତୁ:
- ଗାଁର ସମସ୍ତ କୂଅ, ନଳକୂଅ ଇତ୍ୟାଦି ବିଶୋଧନ ସହିତ ଗାଁ ସଫେଇ କାର୍ଯ୍ୟରେ ସାମିଲ ହୁଅନ୍ତୁ ଓ ଲୋକମାନଙ୍କୁ ବିଶୁଦ୍ଧ ପାଣି ପିଇବାପାଇଁ ବୁଝାନ୍ତୁ ।
- ସାପ କାମୁଡା ରୋଗୀକୁ ତୁରନ୍ତ ଡାକ୍ତରଖାନା ନେବାରେ ସାହାଯ୍ୟ କରନ୍ତୁ ।
- ଗାଁରେ ତରଳଝାଡ଼ା, ଜ୍ୱର,ଥଣ୍ଡା,ଚର୍ମରୋଗ,ଜଣ୍ଡିସ୍ ଆଦି ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଲେ ତୁରନ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ ଜଣାନ୍ତୁ ।
ଅଧିକ ସୂଚନା ପାଇଁ ଆଶା କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ସହ ଯୋଗାଯୋଗ କରନ୍ତୁ ।
facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

ଯୁଗ ଯୁଗର ଭାରତବର୍ଷ ମରିଯାଇ ନାହିଁ। କିମ୍ବା ସେ ତା'ର ଶେଷ ସୃଜନାତ୍ମକ ଶବ୍ଦଟି କହି ସାରିନାହିଁ। ସେ ବଞ୍ଚିଛି। ଏବଂ ନିଜ ପାଇଁ ଓ ମଣିଷମାନଙ୍କ ପାଇଁ ତା'ର କିଛି କରିବାର ଅଛି।
–ଶ୍ରୀଅରବିନ୍ଦ





ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

# ନକଲି ପନିର

ଗତ ଦୁଇମାସ ଭିତରେ ପଞ୍ଜାବରେ ଏକ ବଡ଼ ସଂକଟ ଦେଖାଦେଲା, ଯାହା ପ୍ରତ୍ୟେକ ସ୍ଥାନୀୟ ଖବରକାଗଜର ପ୍ରମୁଖ ପୃଷ୍ଠା ମଣ୍ଡନ କରିଥିଲା। ଖବରଟି ହେଉଛି ରାଜ୍ୟ ବ୍ୟଞ୍ଜନ ଭାବେ ଜଣାଶୁଣା ପନିର ବଜାରରୁ ଉଭାନ ହୋଇଯାଇଥିଲା। ଜୈବ ଅମ୍ଳ ଯଥା ଲେମ୍ବୁରସ, ଲାକ୍ଟିକ୍ ଏସିଡ୍, ଏସିଟିକ୍ ଏସିଡ୍, ଟାର୍ଟାରିକ୍ ଏସିଡ୍, ସାଇଟ୍ରିକ୍ ଏସିଡ୍, ଫିଟିକିରି ବା ଖଟା ଦହି (ମହି) ଦେଇ କ୍ଷୀରକୁ ଛିଣ୍ଡାଇ ପନିର ବା ଛେନା ପ୍ରସ୍ତୁତ କରାଯାଏ। କ୍ଷୀର ଛିଣ୍ଡିଗଲା ପରେ ପାଣି ଅଂଶକୁ ଅଲଗା କରିଦେଲେ ଯାହା ରହେ, ତାହା ହେଉଛି ପନିର। ଉତ୍ତର ଭାରତରେ ଏହା ଏକ ପ୍ରିୟଖାଦ୍ୟ, କିନ୍ତୁ ପଞ୍ଜାବରେ ପ୍ରତି ଘରେ ପନିର ନ ହେଲେ ଚଳେନା। ବ୍ୟକ୍ତିଗତ ଭାବେ ଏହା ମୋର ପସନ୍ଦର ଖାଦ୍ୟ ନୁହେଁ। ମୁଁ ବରଂ ଉପାସ ରହିବି, କିନ୍ତୁ ପନିର ଖାଇବି ନାହିଁ। ମୁଁ ବାହାରକୁ ଗଲେ ଯେଉଁଠି ନିରାମିଷ ଖାଦ୍ୟ ହିସାବରେ କେବଳ ପନିର ଛଡ଼ା ଆଉ କିଛି ନ ଥାଏ, ସେଠାରେ ମୋତେ ଉପାସ ହିଁ ରହିବାକୁ ପଡ଼େ। ବହୁବର୍ଷ ହେଲା ମୁଁ ଲୋକଙ୍କୁ ସଚେତନ କରାଇ ଆସୁଛି ଯେ, କ୍ଷୀର କିମ୍ବା ଏଥିରୁ ପ୍ରସ୍ତୁତ କୌଣସି ବି ଖାଦ୍ୟ ଖାଅ ନାହିଁ।

ପନିର ନ ଖାଇବା ଲାଗି ଏଠାରେ ଆଉ ଗୋଟିଏ କାରଣ ଉଲ୍ଲେଖ କରୁଛି। କାରଣ ଏହା ପନିର ନୁହେଁ। ଯଦି ଆପଣ ନିଜ ଘରେ ପାଳିଥିବା ଗାଈର କ୍ଷୀର ବା ବିଶ୍ୱସ୍ତ ସୂତ୍ରରୁ ପାଇଥିବା କ୍ଷୀରରୁ ନିଜ ଘରେ ପନିର ପ୍ରସ୍ତୁତ କରୁଛନ୍ତି, ତେବେ ତାହା ଅସଲି ପନିର ହୋଇପାରେ। କିନ୍ତୁ ବଜାରରେ ମିଳୁଥିବା ଅଧିକାଂଶ କ୍ଷୀର କ୍ଷୀର ହିଁ ନୁହେଁ ଏବଂ ବଜାରରେ ମିଳୁଥିବା ପନିର ପନିର ହିଁ ନୁହେଁ। ସରକାରୀ ତଥ୍ୟ ଅନୁସାରେ ଭାରତରେ ବାର୍ଷିକ ୧୫ କୋଟି ଟନ୍ କ୍ଷୀର ଉତ୍ପାଦନ ହେଉଛି। ଯଦି ଏ ସବୁଯାକ କ୍ଷୀରରୁ କେବଳ ପନିର ତିଆରି କରିବା ତେବେ ୭ ଲକ୍ଷ ଟନ୍ ପନିର ଉତ୍ପାଦନ ହେବ। କିନ୍ତୁ ତାହା ସମ୍ଭବ ନୁହେଁ, କାରଣ ମୋଟ ଉତ୍ପାଦିତ କ୍ଷୀରର ଅଳ୍ପ କିଛି ଅଂଶ ହିଁ ପନିର ତିଆରି କାମରେ ଲାଗିଥାଏ। କିନ୍ତୁ ଭାରତରେ ପ୍ରତିବର୍ଷ ୫ ଲକ୍ଷ ଟନ୍ ପନିର ବିକ୍ରି ହେଉଛି। ତା'ହେଲେ ଏତେ ପନିର ଆସୁଛି କେଉଁଠୁ? ଏଗୁଡ଼ିକ ତିଆରି ହେଉଛି ମଇଦା, ପାମୋଲିନ୍ ତେଲ, ଖାଇବା ସୋଡ଼ା, ଲହୁଣି କଢ଼ାଯାଇଥିବା ପରିତ୍ୟକ୍ତ ବାସି କ୍ଷୀର, ଡିଟର୍ଜେଣ୍ଟ ପାଉଡର, ସୋଡ଼ାର ବାଇକାର୍ବୋନେଟ୍ ଏବଂ ସଲ୍‌ଫ୍ୟୁରିକ୍ ଏସିଡ୍ (ଗନ୍ଧକାମ୍ଳ)ର ମିଶ୍ରଣ ମାଧ୍ୟମରେ। ସେହି ଏକା ସଲ୍‌ଫ୍ୟୁରିକ୍ ଏସିଡ୍ ମିଳେ ଲେଡ୍-ଏସିଡ୍ ବ୍ୟାଟେରି, ମେଟାଲ କ୍ଲିନର, ଡ୍ରେନ୍ କ୍ଲିନର ଏବଂ କଳଙ୍କି-ବିରୋଧୀ ଉତ୍ପାଦରେ। ଏହି ଏସିଡ୍‌କୁ ହିଁ ପକାଇ ଦୁର୍ବୃତ୍ତମାନେ ମହିଳାଙ୍କ ମୁହଁ ପୋଡ଼ିଦିଅନ୍ତି। ଉକ୍ତ ଏସିଡ୍ ଓ ଅନ୍ୟ ଜିନିଷର ମିଶ୍ରଣକୁ ଅର୍ଦ୍ଧତରଳ ଅବସ୍ଥାକୁ ଆସିବା ପର୍ଯ୍ୟନ୍ତ ଫୁଟାଯାଏ। ତା'ପରେ ତାକୁ ଏକ ପାତ୍ରରେ ଢାଳି କିଛି ଘଣ୍ଟା ରଖି ଥଣ୍ଡା କରାଯାଏ। ତା'ପରେ ତାକୁ ପାଞ୍ଚ କିଲିଆ ଇଟା ଆକାରରେ କାଟି ପନିର ନାମରେ ବିକ୍ରି କରାଯାଏ। ଏହି ନକଲି ପନିର ତିଆରିବେଳେ ଯେଉଁ ଆବର୍ଜନା ପାଣି ବାହାରେ ତାକୁ ପରିସର ଭିତରେ ଥିବା ବେଆଇନ ବୋର୍ ୱେଲ୍‌ରେ ଢାଳିଦିଆଯାଏ, ଯାହା ମାଇଲ ମାଇଲ ବ୍ୟାପି ଭୂତଳ ଜଳଭଣ୍ଡାରକୁ ପ୍ରଦୂଷିତ କରେ। ଏହିପରି ୫ କିଲୋ ନକଲି ପନିର ତିଆରି କରିବା ପାଇଁ ୩୦ରୁ ୧୫୦ ଟଙ୍କା ଭିତରେ ଖର୍ଚ୍ଚ ପଡ଼େ। ମାତ୍ର ତାକୁ ପାଇକାରିରେ କିଲୋ ୧୫୦ରୁ ୨୦୦ ଟଙ୍କାରେ ଏବଂ ଖୁଚୁରାରେ କିଲୋ ୩୦୦ ଟଙ୍କାରେ ବିକ୍ରି କରାଯାଏ।

କାରଖାନାର ମାଲିକ ଶିଳ୍ପାଞ୍ଚଳରେ ଶ୍ରମିକମାନେ ରହିବା ପାଇଁ ଉଦ୍ଦିଷ୍ଟ ଅପରିଚ୍ଛନ୍ନ ପ୍ରକୋଷ୍ଠରେ ଏ ନକଲି ପନିର ତିଆରି କରନ୍ତି। ତାକୁ ସେମାନେ ନିଜ ନାଁରେ ଥିବା ନକଲି ଡାଇରି ଫାର୍ମ ବା ଅଳ୍ପ କେଇଟା ଗାଈ ମଇଁଷି ଥିବା ଅସଲି ଡାଇରି ଫାର୍ମକୁ ବିକ୍ରି କରନ୍ତି। ତା'ପରେ ଉକ୍ତ ନକଲି ବା ଅସଲି ଡାଇରି ଫାର୍ମଗୁଡ଼ିକ ସେଗୁଡ଼ିକୁ ବିଭିନ୍ନ ମିଠା ଦୋକାନୀ ବା ବେକରିଗୁଡ଼ିକୁ ବିକ୍ରି କରନ୍ତି। ଅଧିକାଂଶ ପନିର କାରଖାନା ରାତିରେ ପନିର ତିଆରି କରନ୍ତି, ଭୋରରେ ସେଗୁଡ଼ିକ ଚାଲାଣ କରନ୍ତି ଏବଂ ଦିନର ଅବଶିଷ୍ଟ ସମୟ କାରଖାନା ବନ୍ଦ ରଖନ୍ତି। କାଳେ ଟୋଲଗୁଡ଼ିକରେ କେହି ଅଟକାଇବ ବା ଯାଞ୍ଚ କରିବ, ସେହି ଭୟରେ ସେଗୁଡ଼ିକୁ ଟେମ୍ପୋ ବଦଳରେ କାର ବା ଏସ୍‌ୟୁଭି ଡିକିରେ ଚାଲାଣ କରାଯାଏ। ଯେପରି ବନ ବିଭାଗର ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ସହଯୋଗରେ ଜଙ୍ଗଲ କଟା ହେଉଛି, ଠିକ୍ ସେମିତି ଏ ନକଲି ଖାଦ୍ୟ କାରବାର ଫୁଡ୍ ଇନ୍ସପେକ୍ଟର ତଥା ଡାଇରି ବିଭାଗର ଜାଣତରେ ଚାଲୁଛି। ବିଭିନ୍ନ ସମୟରେ କୌଣସି ମନ୍ତ୍ରୀଙ୍କ ଆଦେଶରେ ରେଡ୍ ହେଉଛି, କିଛି ଲୋକ ଜେଲ ଯାଉଛନ୍ତି, ନକଲି ଖାଦ୍ୟ ସାମଗ୍ରୀଗୁଡ଼ିକ ବଜାରରୁ ଉଭାନ ହୋଇଯାଉଛି ଏବଂ କିଛିଦିନ ପରେ ପୁଣି ଯେଉଁ କଥାକୁ ସେଇ କଥା। ଜଣେ କାରଖାନା ମାଲିକଙ୍କ କହିବା ଅନୁସାରେ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀ ମାସକୁ ୫୦୦୦ ଟଙ୍କା ଲେଖା ବଟି ନିଅନ୍ତି ଏବଂ କୌଣସି ଖାଦ୍ୟ ନମୁନା ଠିକ୍ ଅଛି ବୋଲି ସାର୍ଟିଫିକେଟ୍ ଦେବା ପାଇଁ ୧୦ରୁ ୧୫ ହଜାର ଟଙ୍କା ଲାଞ୍ଚ ନିଅନ୍ତି। ପଞ୍ଜାବ ଭଳି ଛୋଟ ରାଜ୍ୟରେ ଏତେ ନକଲି ପନିର କାରଖାନା ରହିବା ଆଶ୍ଚର୍ଯ୍ୟଜନକ। କୌଣସିଟି କାରଖାନା ଡାଇରି ଫାର୍ମ ନିକଟରେ ଅବସ୍ଥିତ ନୁହେଁ। ଅଧିକାଂଶ ଶିଳ୍ପାଞ୍ଚଳରେ ବା କୌଣସି ଛୋଟ ଗାଁରେ ଅବସ୍ଥିତ। ନକଲି ପନିର ତିଆରି ପାଇଁ ଅନେକ ଡଜନ ଲୋକଙ୍କୁ ଜେଲ ପଠାଯାଇଥିବା ବେଳେ ଜଣେ ହେଲେ ସ୍ୱାସ୍ଥ୍ୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ।

ଗତ ଅଗଷ୍ଟ ମାସ ସାରା ପଞ୍ଜାବରେ ଥିବା ଅନେକ ହଜାର ନକଲି ପନିର କାରଖାନା ମଧ୍ୟରୁ ଏକହଜାରରୁ ଅଧିକ କାରଖାନା ଉପରେ ଚଢ଼ାଉ କରାଯାଇଥିଲା। ସବୁଠାରେ ଏସିଡ୍ ଓ ବେଆଇନ ରଙ୍ଗକାରକ ମିଳିଥିଲା। ଏପରି କି ଯେଉଁ ଡାଇରି ଫାର୍ମଗୁଡ଼ିକ ସତସତିକା ପନିର ତିଆରି କରୁଥିଲେ, ସେଠାରେ ବି କର୍ମଚାରୀ, ଯନ୍ତ୍ରପାତି ଓ ପରିବେଶ ଏପରି ଅପରିଚ୍ଛନ୍ନ ଥିଲା ଯେ ସେ ପନିର ଖାଇବା ପାଇଁ ନିରାପଦ ନ ଥିଲା।

ଚଢ଼ାଉ ସମୟରେ ବଜାରରୁ ପନିର ଉଭାନ ହୋଇଯିବା ଅର୍ଥ ଅଧିକାଂଶ ବା ସବୁ କାରଖାନା ନକଲି ପନିର ତିଆରି କରୁଥିଲେ। କେବଳ ପନିର ନୁହେଁ, ଏଥିରୁ ତିଆରି ହେଉଥିବା ମିଠାଗୁଡ଼ିକ ମଧ୍ୟ ଆଉ ମିଠାଦୋକାନଗୁଡ଼ିକରେ ଦେଖିବାକୁ ମିଳିଲା ନାହିଁ। କୌଣସି ଦୋକାନୀ ବା ଡାଇରି ମାଲିକ ବଡ଼ ଭୋଜି ଇତ୍ୟାଦି ପାଇଁ ବଡ଼ ଆକାରର ଅର୍ଡର ରଖିଲେ ନାହିଁ।

ଏହି ବେଆଇନ ଶିଳ୍ପ କେତେ ବିରାଟ ଆକାରରେ ଚାଲିଛି, ତା'ର ଏକ ନମୁନା ଦେଉଛି। ମୋହାଲିର ସ୍ୱାସ୍ଥ୍ୟ ବିଭାଗ ବାଲୋମାଜ୍ରା ଗାଁରେ ଥିବା ଏକ ପନିର କାରଖାନା ଉପରେ ଚଢ଼ାଉ କରିବା ବେଳେ ସେଠାରୁ ୨୦.୬ କୁଇଣ୍ଟାଲ ନକଲି ପନିର, ୩୩ କୁଇଣ୍ଟାଲ ଲହୁଣି ନ ଥିବା କ୍ଷୀର ଗୁଣ୍ଡ, ସଲ୍‌ଫ୍ୟୁରିକ୍ ଏସିଡ୍ (ଗନ୍ଧକାମ୍ଳ) ଓ ଅନ୍ୟ ରାସାୟନିକ ମିଳିଲା। କାରଖାନାର ମାଲିକ ପ୍ରତିଦିନ ଚଣ୍ଡିଗଡ଼, ପିଞ୍ଜୋର, କାଲ୍‌କା, ରାଜପୁରା ଓ ପାଞ୍ଚକୁଲାରେ ଥିବା ହୋଟେଲ ଓ ଢାବାଗୁଡ଼ିକୁ ଓ କିଛି ସ୍ଥାନୀୟ କଲୋନୀକୁ ଏହି ପନିର ଚାଲାଣ କରିଥାନ୍ତି। ଉକ୍ତ ମାଲିକଙ୍କର ଖାଦ୍ୟ ଲାଇସେନ୍ସ ନାହିଁ ଏବଂ କାରଖାନା ପରିସର ଅତ୍ୟନ୍ତ ଅପରିଚ୍ଛନ୍ନ। ସେହିପରି ଆହୁରି ଅନେକ ସ୍ଥାନରେ ଚଢ଼ାଉ କରାଯାଇ ବ୍ୟାପକ ପରିମାଣର ନକଲି ପନିର, ସଲ୍‌ଫ୍ୟୁରିକ୍ ଏସିଡ୍, ପାମୋଲିନ୍ ତେଲ, ମଇଦା, କଷ୍ଟିକ୍ ସୋଡ଼ା, ଅପିଶ୍ରିତ ବାସି କ୍ଷୀର ଓ କ୍ଷୀର ଗୁଣ୍ଡ ଇତ୍ୟାଦି ଜବତ କରାଯାଇଥିଲା। ନକଲି ପନିର ପରି କେତେକ କାରଖାନାରେ ନକଲି ଖୁଆ ତିଆରି ହେଉଥିବା ମଧ୍ୟ ଚଢ଼ାଉ ବେଳେ ଜଣାପଡ଼ିଛି। ଜାନ୍ଦିୟାଲା ରୋଡ୍, ତରଣତାରଣଠାରେ ଏକ ଗାଡ଼ିରେ ଚାଲାଣ ହେଉଥିବା ବେଳେ ୩୦୦ କେଜି ନକଲି ଖୁଆ ବର୍ଫି, ମିଲ୍‌କ କେକ୍, ଲଡ୍ଡୁ, ପଟିସା ଆଦି ଜବତ କରାଯାଇଥିଲା। ଫରିଦକୋଟର ଜଇଟୋଠାରେ ଆଉ ଏକ ଦୋକାନରୁ ଦେଢ଼ କୁଇଣ୍ଟାଲ ନକଲି ଖୁଆ ବର୍ଫି ଓ ଧୋଡ଼ା ମିଠା ଜବତ କରାଯାଇଥିଲା। ତେବେ ଏ ନକଲି ପନିର କାରବାର କ'ଣ କେବଳ ପଞ୍ଜାବରେ ହେଉଛି? ନା, ସାରା ଭାରତର ସମସ୍ତ ଛୋଟ ବଡ଼ ସହରରେ ଏ କାରବାର ଚାଲିଛି।

ବର୍ତ୍ତମାନ ପ୍ରଶ୍ନ ହେଉଛି ଆପଣ ଅସଲି ଓ ନକଲି ପନିରକୁ ଚିହ୍ନିବେ କେମିତି। ଅସଲି ପନିର ନରମ ଓ ଟିକେ ଦୁଧିଆ ଲାଗେ। ନକଲି ପନିର ରବର ଭଳିଆ ଚେମଡ଼ା, ଯାହାର କିଛି ସ୍ୱାଦ ନ ଥାଏ। କଞ୍ଚା ପନିର ଉପରେ କିଛି ଆୟୋଡିନ୍ ଦ୍ରବଣ ପକାନ୍ତୁ, ଯଦି ତାହାର ରଙ୍ଗ ବଦଳି ନୀଳ-କଳା ହୋଇଯାଏ, ତେବେ ତାହା ନକଲି ବୋଲି ଜାଣିବେ।

Email: gandhim@nic.in

# ବିଶ୍ୱାସ, ଅବିଶ୍ୱାସ ଓ ଅନ୍ଧବିଶ୍ୱାସ



ଡ. ଶରତ ଚନ୍ଦ୍ର ରଥ

ବିଶ୍ୱାସ ଏକ ଅମୂଲ୍ୟ ଧନ। କିନ୍ତୁ ସମସ୍ତେ ଏହାର ମହତ୍ତ୍ୱ ବୁଝିପାରନ୍ତି ନାହିଁ। ଯେଉଁମାନେ ଏଇ ଅମୂଲ୍ୟଧନ ସହିତ ବିଶ୍ୱାସଘାତକତା କରନ୍ତି, ସେମାନେ ନିଜେ କ୍ଷତିଗ୍ରସ୍ତ ହୁଅନ୍ତି, କେହି ତାଙ୍କୁ ବିଶ୍ୱାସ କରନ୍ତି ନାହିଁ। ଫଳତଃ ସେମାନେ ଅବିଶ୍ୱସ୍ତ ହୋଇ ରହିଯାଆନ୍ତି। ବିଶ୍ୱାସର ବନ୍ଧୁତା ସବୁଠାରୁ ବଡ଼ ବନ୍ଧୁତା। ସେଥିପାଇଁ କୁହାଯାଏ, ''ସାଙ୍ଗକେ ମରି, ସାଙ୍ଗକେ ତରି, ସାଙ୍ଗକେ ଘର ଦୁଆର କରି।'' ସେହି ହେଉଛି ପ୍ରକୃତ ବନ୍ଧୁ, ଯିଏ ବିଶ୍ୱସ୍ତ ଭାବରେ ଅନ୍ୟ ବନ୍ଧୁର ଦୋଷତ୍ରୁଟି ଦର୍ଶାଇଦିଏ ଏବଂ ସୁଧାରିବାକୁ ଆଗ୍ରହୀ ହୁଏ। ବନ୍ଧୁତାର ହସ୍ତକ୍ଷେପରେ ଅନ୍ୟ ବନ୍ଧୁର କେତେ ଅସୁବିଧା ଦୂର ହୁଏ, କେତେ ସମସ୍ୟାର ସମାଧାନ ହୋଇଯାଏ, ପୁଣି କେତେ ବଦଗୁଣ ପରିଣତ ହୋଇଯାଏ ସଦ୍‌ଗୁଣରେ।

ବିଶ୍ୱାସରେ ଅସମ୍ଭବ ହୋଇଯାଏ ସମ୍ଭବ। ବିଶ୍ୱାସ ବଳରେ ଶ୍ରୀରାମ ଦର୍ଶନ ଦିଅନ୍ତି ଶବରୀକୁ, ବିଶ୍ୱାସରେ ବାଡିଗାଡିଆ ପ୍ରୟାଗ, ପୁଷ୍କରରେ ପରିଣତ ହୁଏ। ପଙ୍ଗୁ ଗିରି ଲଙ୍ଘନ କରେ। ମୂକ ବାଚାଳ ହୁଏ। ସ୍ତମ୍ଭରୁ ନରସିଂହ ମୂର୍ତ୍ତି ବିଶ୍ୱାସବଳରେ ପ୍ରକଟିତ ହୁଅନ୍ତି। ଭଗବତ୍ ବିଶ୍ୱାସରେ ଜୀବନ ଧନ୍ୟ ହୁଏ, ପୂର୍ଣ୍ଣ ବି ହୁଏ। ବିଶ୍ୱାସରୁ ଭଗବାନଙ୍କ ଉପରେ ଭରସା ଆସେ। ଭରସାରୁ ସଙ୍କଳ୍ପ ଏବଂ ସଙ୍କଳ୍ପରୁ ସିଦ୍ଧି ଆସେ। କାରଣ ବିଶ୍ୱାସର ବାଟ ଦେଇ ଭଗବତ୍ କୃପା ଝରିଆସେ। ସାଧାରଣ ଜୀବନରେ ସମସ୍ତ ପ୍ରକାର ସଫଳତାର ମୂଳରେ ରହିଛି ବିଶ୍ୱାସ। ଆତ୍ମବିଶ୍ୱାସ ଆଣେ ଏକାଗ୍ରତା, ଅଧ୍ୟବସାୟର ମାନସିକତା। ଯାହାର ଆତ୍ମବିଶ୍ୱାସ ନାହିଁ, ତା'ର ଅଗ୍ରଗତି ନାହିଁ।

ଜୀବନରେ ବିଶ୍ୱାସର ସ୍ଥାନ ଯେପରି ଅଛି ଅବିଶ୍ୱାସର ସ୍ଥାନ ମଧ୍ୟ ସେପରି ରହିଛି। କେତେ କଥାକୁ ଅବିଶ୍ୱାସ କରିବାକୁ ପଡ଼ିବ। ଏଇ ଯେମିତି ଶଠ, ଦୁଷ୍ଟ ଓ ଖଳ ଲୋକକୁ ଅବିଶ୍ୱାସ କରିବା ଉଚିତ। ତେଣୁ କୁହାଯାଇଛି 'ଖଳକୁ ଦେଖିଲେ ଖସିବ'। ଖଳ ଲୋକଙ୍କର ଚାରିପଟରେ ଏକ ଭୟଙ୍କର ବିଷବଳୟ ଥାଏ, ସେହି ବଳୟର ସ୍ପର୍ଶ ଲାଗିଲେ ଶାନ୍ତ ଲୋକ ଅଶାନ୍ତ ହୋଇଯାଏ, ଦୁଃଖଦୁଶ୍ଚିନ୍ତା ମାଡିବସେ। ଘଡିକରେ ଘର ଭାଙ୍ଗିଯାଏ। ମନେପଡେ ଏଇ ପ୍ରସଙ୍ଗରେ ଶ୍ରୀରାମକୃଷ୍ଣଙ୍କ କଥା। ସେ କହନ୍ତି, ''ସମସ୍ତଙ୍କ ଭିତରେ ଭଗବାନ ଅଛନ୍ତି, ଏପରିକି ବାଘ ଭିତରେ ମଧ୍ୟ ଭଗବାନ ଅଛନ୍ତି, ଖଳ ଲୋକଙ୍କ ଭିତରେ ମଧ୍ୟ ଭଗବାନ ଅଛନ୍ତି। ବାଘ ଭିତରେ ଭଗବାନ୍ ଥିଲେ ମଧ୍ୟ ଯେପରି ବାଘ ପାଖକୁ ଯିବା ଉଚିତ ନୁହେଁ, ସେପରି ଖଳ ପାଖକୁ ଯିବା ଉଚିତ ନୁହେଁ।'' ଆଉ ଅବିଶ୍ୱାସ କରିବାକୁ ହେବ କାନକୁହା ଓ ଖୋସାମତିଆ ଲୋକଙ୍କୁ। କାନରେ ଫୁସ୍‌ଫାସ୍ କହି ସେମାନେ ନିଜ ସ୍ୱାର୍ଥ ହାସଲ କରିବା ସହିତ ଅନ୍ୟର କ୍ଷତି କରିବାକୁ ଚେଷ୍ଟା କରିଥାନ୍ତି। ପୁଣି ଖୋସାମତିଆ ଲୋକ ନ ଡାକିଲେ ଆସନ୍ତି ଏବଂ ନ ପଚାରିଲେ ବି ବହୁ କଥା ପ୍ରଗଳ୍ଭ ହୋଇ ଭାଷନ୍ତି। ଅଯଥା ପ୍ରଶଂସା କରନ୍ତି, ଅନ୍ୟକୁ ଖୁସି କରିବାକୁ ଚେଷ୍ଟା କରୁଥାନ୍ତି। ସେମାନଙ୍କଠାରୁ ନିଜ ପ୍ରଶଂସା ଶୁଣିବା ଅର୍ଥ ଠକାମିରେ ପଡିବା। କାରଣ ସେମାନେ ଆସିଥାନ୍ତି ଭାଟ ପରି ପ୍ରଶଂସା କରି ନିଜର ଲକ୍ଷ୍ୟ ହାସଲ ନିମନ୍ତେ। ସେହିପରି ସର୍ବଦା ଚୁଙ୍ଗୁଚୁଙ୍ଗୁ ହେଉଥିବା ଲୋକ ଉପରେ ଆସ୍ଥା ରଖିବା ଉଚିତ ନୁହେଁ।

ମିଛ କହୁଥିବା ବ୍ୟକ୍ତି ଅତ୍ୟନ୍ତ ମାରାତ୍ମକ। ସେପରି ଲୋକଙ୍କୁ ଅବିଶ୍ୱାସ କରିବା ଉଚିତ। ଏପରି ଲୋକ ଗୁଜବ ପ୍ରଚାରରେ ଆଗୁଆ ହୋଇଥାଆନ୍ତି। ସତକୁ ମିଛ ଏବଂ ମିଛକୁ ସତ କରି ଗୁଜବକୁ ଆଉ ଟିକିଏ ରଙ୍ଗ ଦେଇ ବଢ଼େଇ ଚଢ଼େଇ କହିବା ଦିଗରେ ଏମାନେ ପାରଙ୍ଗମ। ଏମାନଙ୍କୁ ଅବିଶ୍ୱାସ କରିବା ସଙ୍ଗେ ସଙ୍ଗେ ଗୁଜବକୁ ଅବିଶ୍ୱାସ କରିବା ଉଚିତ। କୌଣସି ଘଟଣାକୁ ନ ବୁଝି ନ ଶୁଝି ହଠାତ୍ ସେଥିରେ ପ୍ରଭାବିତ ହେବା ଉଚିତ ନୁହେଁ। ପୁନଶ୍ଚ ଅପରିଚିତ ବ୍ୟକ୍ତି ପ୍ରତି ବିଶେଷତଃ ରେଳଯାତ୍ରା କାଳରେ ସତର୍କ ରହିବା ଉଚିତ। ସେମାନଙ୍କ ହାତରୁ କିଛି ଖାଦ୍ୟ ବା ପାନୀୟ ଗ୍ରହଣ କରିବା ଅନୁଚିତ। କାରଣ ସେହି ବ୍ୟକ୍ତି ନିଶାଦିଆ ଲୁଟେରା ହୋଇପାରନ୍ତି।

ଅନ୍ଧବିଶ୍ୱାସ ଆଉ ଏକ କଥା, ଯାହାର କରାଳ ଗ୍ରାସରେ ମଣିଷର ସର୍ବନାଶ ହୋଇଯାଏ। ଏଇ ଯେମିତି ସାପ କାମୁଡିଥିବା ବ୍ୟକ୍ତିଙ୍କୁ ଡାକ୍ତରଙ୍କ ପାଖକୁ ନ ନେଇ ଝଡ଼ାଫୁଙ୍କାରେ ମାତି ସମୟ ନଷ୍ଟ କରିବା ହିଁ ଅନ୍ଧବିଶ୍ୱାସ। ହାଡଫୁଟି ହେଲେ ମା' ଠାକୁରାଣୀ ବିଜେ ହୋଇଛନ୍ତି କହି ଚିକିତ୍ସା ନ କରିବା ଅନ୍ୟ ଏକ ଅନ୍ଧବିଶ୍ୱାସ। ବିଲେଇଟିଏ ଯାନବାହନ ଆଗରେ ଗୋଟିଏ ପାଖରୁ ଅପରପାଖକୁ ଚାଲିଗଲା, ଅତଏବ ବିପଦର ସୂଚନା ଆସିଲା, ଏପରି ଭାବନା ହିଁ ଅନ୍ଧବିଶ୍ୱାସ। ତିନିଜଣ ଏକାଠି ଗୋଟିଏ ଘରୁ କୌଣସି ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟରେ ବାହାରିବା ଅମଙ୍ଗଳଜନକ, ଏହା ଏକ ଅନ୍ଧବିଶ୍ୱାସ। ଯାତ୍ରା କାଳରେ ଘରୁ ବାହାରିଲା ବେଳେ କିଏ ଛିଙ୍କି ଦେବା ଅଶୁଭଜନକ ବୋଲି ବିଚାରିବା ଏକ ଅନ୍ଧବିଶ୍ୱାସ।

ସବୁଠାରୁ ବଡ଼ ଅନ୍ଧବିଶ୍ୱାସ ହେଉଛି ନୀଳତିମି ଏବଂ 'ମୋମୋ' ଜନିତ ଅନ୍ଧବିଶ୍ୱାସ, ଯାହା ଆଜିକାଲି ଯୁବ ସମାଜକୁ କେତେକାଂଶରେ ପ୍ରଭାବିତ କରୁଛି। ଯେଉଁମାନଙ୍କୁ ପ୍ରଭାବିତ କରୁଛି ସେମାନଙ୍କର ବହୁ କ୍ଷତି ଘଟାଉଛି। ସେମାନଙ୍କୁ ସର୍ବସ୍ୱାନ୍ତ କରାଉଛି, ପୁଣି ସେମାନଙ୍କର ସର୍ବନାଶ ମଧ୍ୟ ଘଟାଉଛି। ଅପଶକ୍ତିଙ୍କ ଦୁଷ୍ଟବୁଦ୍ଧିର ଜାଲରେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ କେତେକ ଯୁବକ ଏପରି ଛନ୍ଦିହୋଇ ଯାଉଛନ୍ତି ଯେ, ତହିଁରୁ ମୁକୁଳିବା ସହଜ ହେଉନାହିଁ। ମୋବାଇଲରେ ଏପରି ନିର୍ଦ୍ଦେଶମାନ ଆସୁଛି ଯାହା ଭିତ୍ତିହୀନ ଓ ଯୁକ୍ତିହୀନ। କିଛି ଯୁବଶକ୍ତି ଏହାକୁ ବିଶ୍ୱାସ କରି ସର୍ବନାଶର କରାଳ ଗ୍ରାସରେ ପଡିଯାଉଛନ୍ତି। ଏପରି ଅନ୍ଧବିଶ୍ୱାସ ସର୍ବଥା ବର୍ଜନୀୟ।

କେଦାରଗୌରୀ ଆପାର୍ଟମେଣ୍ଟ, ଭୁବନେଶ୍ୱର,
ମୋ- ୯୪୩୭୭୫୬୨୪୦

## ଏଇ ଭାରତରେ

ବିଭିନ୍ନ ଲୋକଙ୍କର ସଉକ୍ ଭିନ୍ନ ଭିନ୍ନ। ଏହା ମାଧ୍ୟମରେ ସେମାନେ ନିଜେ ଖୁସିହେବା ସହିତ ସମାଜର କଲ୍ୟାଣ ସାଧନ କରିଥାଆନ୍ତି। ସେଭଳି ଜଣେ ଫଟୋ ଜର୍ନାଲିଷ୍ଟ ହେଉଛନ୍ତି ସିନ୍ଧୁଜା ପାର୍ଥସାରଥି। ତାଙ୍କୁ ଏଥିପାଇଁ ମାନବତାବାଦୀ ଫଟୋ ସାମ୍ବାଦିକ ଆଖ୍ୟା ଦିଆଯାଇଛି। ସେ ନିଜ କ୍ୟାମେରା ଫ୍ରେମ୍‌ରେ ମାନବୀୟ ସଂବେଦନା ସମ୍ବଳିତ ଫଟୋଚିତ୍ର ଧରି ରଖନ୍ତି। ସିନ୍ଧୁଜା ଏଥିପାଇଁ ସମଗ୍ର ଭାରତବର୍ଷ ଭ୍ରମଣ କରିଛନ୍ତି। ତାଙ୍କ କ୍ୟାମେରା ଧରି ରଖୁଥିବା ଫଟୋ ସାମାଜିକ ବାର୍ତ୍ତା ବହନ କରେ। ଚେନ୍ନାଇର ବାସିନ୍ଦା ସିନ୍ଧୁଜାଙ୍କୁ ୨୨ବର୍ଷ ହୋଇଥିବା ବେଳେ ସେ ବିହେଭିଓରାଲ୍ ଟ୍ରେନର ଭାବେ କାର୍ଯ୍ୟ କରିଥିଲେ। ଏମ୍‌ବିଏ ପରେ କର୍ପୋରେଟ୍ ଜଗତ ସହ ସଂଶ୍ଳିଷ୍ଟ ହେଲେ ଏବଂ ବିଭିନ୍ନ ସ୍ଥାନ ବୁଲିବାର ସୁଯୋଗ ପାଇଲେ। ୨୦୦୮ରେ ସେ ଏକ କର୍ପୋରେଟ୍ କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ଦୀର୍ଘ ୨୫୦ ଦିନ ଭ୍ରମଣ କରିବାର ସୁଯୋଗ ପାଇଥିଲେ। ସେ ପାଖାପାଖି ବର୍ଷକ ମଧ୍ୟରେ ୨୦ଟି ରାଜ୍ୟ ଭ୍ରମଣ କରିଥିଲେ। ଟ୍ରାଭେଲ୍ ଫଟୋଗ୍ରାଫି ସିନ୍ଧୁଜାଙ୍କ ପାଇଁ ଏକ ହବିରେ ପରିଣତ ହୋଇଗଲା। ସେ ସୋସିଆଲ୍ ମିଡିଆରେ ବିଭିନ୍ନ ଛବି ପୋଷ୍ଟ କରିବା ପରେ ଅନେକ ଆଡୁ ପ୍ରଶଂସା ଓ ଅଭିନନ୍ଦନ ମିଳିଲା। ଏହାପରେ ସେ ତାଙ୍କର ଫଟୋଗୁଡିକୁ କେତେକ ମାଗାଜିନ୍‌କୁ ପଠାଇଲେ। ସୂର୍ଯ୍ୟାସ୍ତ ବେଳର ପ୍ରାକୃତିକ ଦୃଶ୍ୟ, ପର୍ବତମାଳା ଏବଂ ଦୂର ଦିଗ୍‌ବଳୟର ଫଟୋଚିତ୍ର ପ୍ରଶଂସିତ ହୋଇ ପୁରସ୍କାର ଲାଭକରିଛି। ସେ କୁଭଗମ୍ ଏବଂ ଟ୍ରାନ୍ସଜେଣ୍ଡର ଫେଷ୍ଟିଭାଲ୍‌ରେ ଯୋଗଦେଇ ଅନେକ ଫଟୋ ଉତ୍ତୋଳନ କରିଛନ୍ତି। ଏହିସବୁ ଦୃଶ୍ୟକୁ ଭିତ୍ତିକରି ମାନବିକ ଅଧିକାର ସମ୍ପର୍କିତ ପ୍ରବନ୍ଧ ମଧ୍ୟ ଲେଖିଛନ୍ତି। ୨୦୧୧ରେ ତାଙ୍କୁ ୟୁଏନ୍‌ଏଫ୍‌ପିଏ (ୟୁନାଇଟେଡ ନେଶନ୍ସ ଫଣ୍ଡ ଫର ପପୁଲେଶନ୍ ଆକ୍ଟିଭିଟିଜ୍) ଦ୍ୱାରା 'ଲାଡ୍‌ଲି ନ୍ୟାଶନାଲ୍ ମିଡିଆ ଆୱାର୍ଡସ ଫର ଜେଣ୍ଡର ସେନ୍‌ସିଟିଭିଟି' ପୁରସ୍କାର ପ୍ରଦାନ କରାଯାଇଛି। ବାସ୍ତବରେ ସିନ୍ଧୁଜା ପାର୍ଥସାରଥି ଅନ୍ୟ ଫଟୋ ସାମ୍ବାଦିକଙ୍କ ପାଇଁ ଉଦାହରଣ ନିଶ୍ଚୟ।

## ଚିରନ୍ତନୀ

ବିକଳ ପ୍ରାଣେ ବେଦନା ପ୍ରାସ
ସରମ ଚାରୁ ଚପଳ ହାସ
ଆସ ଗୋ ଆସ ଭୀତି ତରାସ ରଙ୍ଗିଣୀ
ଆସ ଗୋ ହୃଦ ଅଭୟ ଧାରା ସଙ୍ଗିନୀ।
(ବର୍ଷା ନାୟିକା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 3 | E | | | 9 | B | | | | | | | A | C |
| 7 | | | | | | | | | | 2 | | | 4 | |
| | 5 | | 2 | | | E | 8 | D | 7 | | | 3 | | |
| D | | | 4 | E | 1 | C | | | | | | | 2 | 5 |
| | | 6 | A | 5 | | | | 4 | C | 3 | 9 | | | |
| | | D | | | 6 | | | C | | | 4 | B | 5 | |
| | | | | | | | | | 0 | | | A | | 8 |
| | | 0 | | 8 | | 2 | 4 | | | | 3 | 7 | 6 | |
| A | | | | D | 2 | 7 | | | | | | | | 0 |
| 3 | | C | 1 | | B | D | | 8 | | | | | | |
| 9 | | 5 | | | | | | | | | E | 0 | B | |
| | | | | | | 5 | | | 3 | | A | E | | |
| | | | | | | 0 | E | | | B | | 2 | C | 1 |
| C | 2 | 8 | | | | 9 | A | | | D | | | 3 | 4 |
| | A | | | | | 8 | | | | 7 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 9 | 8 | A | 2 | 4 | 7 | E | 1 | 5 | 3 | 0 | 6 | B | D |
| 1 | 2 | 4 | 0 | 8 | 3 | 5 | B | 6 | 9 | 7 | D | A | E | C |
| B | 7 | D | E | 6 | 5 | 3 | A | C | 2 | 8 | 4 | 0 | 9 | 1 |
| A | 3 | 5 | 1 | B | D | 0 | 9 | 8 | E | 6 | C | 2 | 7 | 4 |
| E | 6 | 0 | C | 7 | 9 | D | 2 | 4 | B | A | 1 | 8 | 3 | 5 |
| 2 | 1 | B | 5 | A | 6 | E | 0 | 7 | D | C | 3 | 9 | 4 | 8 |
| 0 | 5 | 7 | 8 | 9 | E | 2 | 3 | D | 4 | B | A | C | 1 | 6 |
| 3 | 4 | 9 | 7 | D | 0 | C | 6 | A | 1 | 2 | 8 | B | 5 | E |
| D | C | E | 2 | 1 | B | 8 | 4 | 9 | 6 | 0 | 5 | 3 | A | 7 |
| 6 | 8 | A | 3 | 4 | C | B | 1 | 5 | 7 | 9 | E | D | 2 | 0 |
| 9 | B | 2 | 4 | C | 7 | 1 | D | 0 | 3 | E | 6 | 5 | 8 | A |
| 7 | D | C | 6 | E | 2 | 4 | 8 | B | A | 5 | 9 | 1 | 0 | 3 |
| 8 | E | 3 | D | 5 | 1 | A | C | 2 | 0 | 4 | B | 7 | 6 | 9 |
| 4 | A | 6 | B | 0 | 8 | 9 | 5 | 3 | C | 1 | 7 | E | D | 2 |
| 5 | 0 | 1 | 9 | 3 | A | 6 | 7 | E | 8 | D | 2 | 4 | C | B |

ଗତକାଲିର ଉତ୍ତର

# ମୁଖା ଖୋଲୁଛି 'ମିଟୁ'



ବିଚିତ୍ର ବିଶ୍ୱାଳ

ଫେସ୍‌ବୁକ୍‌ରେ ଜଣେ ବନ୍ଧୁ ପୋଷ୍ଟ କରିଥିଲେ, ଏବେ ଭାରତରେ ଦୁଇଟି କ୍ଷେପଣାସ୍ତ୍ରର ଚର୍ଚ୍ଚା ଚାଲିଛି, ଗୋଟିଏ ହେଲା ବ୍ରହ୍ମୋସ ଏବଂ ଅନ୍ୟଟି 'ମିଟୁ'। ଏହା ନିରାଟ ସତ୍ୟ ପରି ମନେ ହେଉଛି। କାରଣ ପ୍ରତିଦିନ 'ମିଟୁ' ମାଡ଼ରେ ଜଣେ ଜଣେ ମହାରଥୀ ଘାଇଲା ହେଉଥିବାର ଦେଖିବାକୁ ମିଳୁଛି। ସବୁଠାରୁ ମଜା କଥା ହେଉଛି, ସମାଜର ଅତି ଉପର ବର୍ଗରେ ଥିବା ଲୋକମାନଙ୍କର ମୁଖା ତଳର ଅସଲ ଚେହେରାକୁ ଏହି 'ମିଟୁ' ଅଭିଯାନ ସାମ୍ନାକୁ ଆଣୁଛି।

'ମିଟୁ' ଏକ ଜନ ଆନ୍ଦୋଳନ, ଯାହା ପ୍ରଥମେ ଆମେରିକାରେ ଆରମ୍ଭ ହୋଇଥିଲା। ଆମେରିକାର ସାମାଜିକ କର୍ମୀ ତରାନା ବୁର୍କ ୨୦୦୬ରେ ମହିଳାମାନଙ୍କ ବିରୋଧରେ ହେଉଥିବା ଯୌନ ଉତ୍ପୀଡ଼ନ ବିରୋଧରେ ଏହି ଅଭିଯାନ ଆରମ୍ଭ କରିଥିଲେ। ପରେ ପରେ ଏହି ଅଭିଯାନ ଏକ ଜନ ଆନ୍ଦୋଳନର ରୂପ ନେଇଛି। ୨୦୧୭ରେ ଆମେରିକୀୟ ଅଭିନେତ୍ରୀ ଆଲିସା ମିଲାନୋ ଟୁଇଟରରେ ଏହାକୁ ଲୋକପ୍ରିୟ କରାଇଥିଲେ। ମହିଳାମାନଙ୍କ ବିରୋଧରେ ହେଉଥିବା ଯୌନ ନିର୍ଯାତନା ଘଟଣାକୁ ଉଲ୍ଲେଖ କରି ସଂପୃକ୍ତ ବ୍ୟକ୍ତିମାନଙ୍କର ମୁଖା ଖୋଲିଦେବାକୁ ସେ ସାରା ବିଶ୍ୱର ମହିଳାମାନଙ୍କୁ ଆହ୍ୱାନ ଦେଇଥିଲେ। ଏହାପରେ ଅନେକ ଆମେରିକୀୟ ଅଭିନେତ୍ରୀ ଓ ପ୍ରତିଷ୍ଠିତ ମହିଳା ଏଥିରେ ସାମିଲ୍ ହୋଇ ନିଜ ପ୍ରତି ହୋଇଥିବା ନିର୍ଯାତନାର କାହାଣୀ ଲୋକଲୋଚନକୁ ଆଣିଥିଲେ। ୨୦୧୭ ପରଠାରୁ ଏହି ଆନ୍ଦୋଳନ ବିଶେଷ ଲୋକସମର୍ଥନ ପାଇଛି ଓ ସାରା ବିଶ୍ୱର ମହିଳା ଏହାକୁ ବ୍ୟବହାର କରି ନିଜ ପ୍ରତି ହୋଇଥିବା ଅତ୍ୟାଚାର କାହାଣୀକୁ ଲୋକଲୋଚନକୁ ଆଣୁଛନ୍ତି ଓ ସଂପୃକ୍ତ ଯୌନ ଉତ୍ପୀଡ଼ନକାରୀଙ୍କ ନାମ ପ୍ରକାଶ କରୁଛନ୍ତି।

ସଂପ୍ରତି ଆମ ଦେଶରେ ଏହି ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। 'ମିଟୁ' ଅଭିଯାନକୁ ବ୍ୟବହାର କରି ତନୁଶ୍ରୀ ଦତ୍ତ ପ୍ରସିଦ୍ଧ ଅଭିନେତା ନାନା ପାଟେକରଙ୍କ ବିରୋଧରେ ଯୌନ ଉତ୍ପୀଡ଼ନର ଅଭିଯୋଗ ଆଣିଛନ୍ତି। ଏହା ବ୍ୟତୀତ ବଲିଉଡ୍‌ରେ ସକ୍ରିୟ ଥିବା ଅନେକ ଅଭିନେତ୍ରୀ ବରିଷ୍ଠ ଅଭିନେତା ଆଲୋକ ନାଥ, ସାଜିଦ୍ ଖାନ୍, କୈଳାଶ୍ ଖେର୍, ଯତୀନ ଦାସ ଆଦି ଲୋକପ୍ରିୟ ସେଲିବ୍ରିଟିମାନଙ୍କ ବିରୋଧରେ ଯୌନ ଉତ୍ପୀଡ଼ନର ଜଘନ୍ୟ ଅଭିଯୋଗମାନ ଆଣିଛନ୍ତି। ପ୍ରତିଦିନ ସେଲିବ୍ରିଟିମାନଙ୍କ ବିରୋଧରେ ଅଭିଯୋଗର ଫର୍ଦ୍ଦ ଲମ୍ବି ଲମ୍ବି ଚାଲିଛି। ଅନେକ ବ୍ୟକ୍ତି ତ ନିଜ ବିରୋଧରେ ଆସିଥିବା ଅଭିଯୋଗକୁ ସ୍ୱୀକାର କରିସାରିଲେଣି। ଅଭିନେତ୍ରୀମାନଙ୍କ ଦ୍ୱାରା ଆସୁଥିବା ଏହି ଅଭିଯୋଗ ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ମହିଳା ଓ ଶିଶୁ କଲ୍ୟାଣ କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀ ଏହିସବୁ ଅଭିଯୋଗକୁ ଗୁରୁତ୍ୱର ସହିତ ନେବା ସହ ସଂପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବା ଉଚିତ ବୋଲି କହିଛନ୍ତି।

କେବଳ ସିନେମା ଶିଳ୍ପ ବା କଳା ସହିତ ଜଡ଼ିତ ଥିବା ବ୍ୟକ୍ତି ନୁହନ୍ତି, କର୍ପୋରେଟ୍ ଜଗତ ଓ ରାଜନୀତି ସହିତ ସଂପୃକ୍ତ ଥିବା ବ୍ୟକ୍ତିମାନଙ୍କ ବିରୋଧରେ ବି ଯୌନ ଉତ୍ପୀଡ଼ନର ଅଭିଯୋଗ ଆସିବା ଆରମ୍ଭ ହେଲାଣି। କେନ୍ଦ୍ରମନ୍ତ୍ରୀ ଏମ୍.ଜେ. ଆକବର୍‌ଙ୍କ ବିରୋଧରେ ଆସିଥିବା ଯୌନ ନିର୍ଯାତନା ଅଭିଯୋଗର ପରିଣତି ସ୍ୱରୂପ ତାଙ୍କୁ ମନ୍ତ୍ରିମଣ୍ଡଳରୁ ବିଦାୟ ନେବାକୁ ପଡିଛି, ଯଦିଓ ସେ ପ୍ରଥମ ଅଭିଯୋଗ ଆଣିଥିବା ମହିଳାଙ୍କ ବିରୋଧରେ ମାନହାନି ମକଦ୍ଦମା କରିଛନ୍ତି। 'ମିଟୁ' ଅଭିଯାନକୁ ଧନ୍ୟବାଦ ଯେ, ଅନେକ ଧଳାହାତୀଙ୍କ ମୁଖା ତଳର ମୁହଁକୁ ଦେଖାଇବାରେ ତାହା ସକ୍ଷମ ହୋଇଛି। ଯେଉଁ ମହିଳାମାନେ ଦୀର୍ଘ ଦିନ ହେବ ଅତ୍ୟାଚାରକୁ ସହି ଚୁପ୍‌ଚାପ୍ ରହିଯାଇଥିଲେ ବା ଅଭିଯୋଗ କରିବାକୁ ସାହସ ଜୁଟାଇ ପାରୁ ନ ଥିଲେ, ଏହି ଅଭିଯାନ ଦ୍ୱାରା ସେମାନେ ନିଜ ନିର୍ଯାତନାର କାହାଣୀ ସାମ୍ନାକୁ ଆଣିବାକୁ ସାହସ କରୁଛନ୍ତି। ଏହାଦ୍ୱାରା ନିଜକୁ ହିରୋ ବୋଲାଉଥିବା ଲୋକମାନଙ୍କର ମହିଳାମାନଙ୍କ ପ୍ରତି କିପରି ଇତର ମନୋଭାବ ଅଛି, ତାହା ଧୀରେ ଧୀରେ ସ୍ପଷ୍ଟ ହେଉଛି।

ମହିଳାମାନଙ୍କ ବିରୋଧରେ ଏପରି ଯୌନ ଉତ୍ପୀଡ଼ନ ଯେ, କେବଳ ଉଚ୍ଚ ସ୍ତରରେ ବା ସେଲିବ୍ରିଟିମାନଙ୍କ କ୍ଷେତ୍ରରେ ହେଉଛି ତାହା ନୁହେଁ, ସମାଜର ମଧ୍ୟମ ତଥା ନିମ୍ନବର୍ଗର ମହିଳାମାନଙ୍କ ସହିତ ବି ଏପରି ବ୍ୟବହାର ଅଧିକରୁ ଅଧିକ ପରିମାଣରେ ହେଉଛି। କିନ୍ତୁ ଏହି ଆନ୍ଦୋଳନ ଯେହେତୁ ସମାଜର ସବୁ ସ୍ତରରେ ପହଞ୍ଚିନି, ତେଣୁ ସେମାନଙ୍କ କାହାଣୀ ବାହାରକୁ ଆସି ପାରିନାହିଁ। ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ, ସମାଜର ଉଚ୍ଚବର୍ଗରେ ଥିବା ମହିଳାମାନଙ୍କ କ୍ଷେତ୍ରରେ ଯଦି ଏପରି ଯୌନ ଉତ୍ପୀଡ଼ନର ଘଟଣାମାନ ଦେଖିବାକୁ ମିଳୁଛି, ତେବେ ସମାଜର ମଧ୍ୟମ ଓ ନିମ୍ନବର୍ଗରେ ଥିବା ମହିଳାମାନଙ୍କ କ୍ଷେତ୍ରରେ ଏହା କେତେ ଅଧିକ ପରିମାଣରେ ହେଉଥିବ, ତାହା ବେଶ୍ ଅନୁମେୟ। ଆମ ସମାଜରେ ମହିଳାମାନଙ୍କୁ ପୁରୁଷମାନଙ୍କ ତୁଳନାରେ ହେୟ ଦୃଷ୍ଟିରେ ଦେଖାଯାଏ। ନିର୍ଯାତିତା ମହିଳାଙ୍କ ପ୍ରତି ସମବେଦନା ଦେଖାଇବା ତଥା ନିର୍ଯାତନା ଦେଇଥିବା ଲୋକ ପ୍ରତି ଘୃଣା ମନୋଭାବ ପୋଷଣ ପରିବର୍ତ୍ତେ ଆମ ଆଇନକାନୁନ ବ୍ୟବସ୍ଥାରେ ଜଣେ ମହିଳାଙ୍କୁ ଅଧିକରୁ ଅଧିକ ନିର୍ଯାତନା ସହିବାକୁ ପଡ଼ିଥାଏ। ସୁତରାଂ ମହିଳାମାନେ ଯାବତୀୟ ନିର୍ଯାତନା ସହି ଚୁପ୍ ରହିଯାନ୍ତି, ଯାହା 'ମିଟୁ' ଆନ୍ଦୋଳନ ଦ୍ୱାରା ଧୀରେ ଧୀରେ ପରିବର୍ତ୍ତନ ହେବା ଆରମ୍ଭ କରିଛି।

'ମିଟୁ' ସାରା ଦେଶରେ ମହିଳାମାନଙ୍କୁ ଯେପରି ସାହସର ସହିତ ମୁହଁ ଖୋଲିବା ପାଇଁ ଅବକାଶ ଦେଇଛି ତାହା ବାସ୍ତବିକ ପ୍ରଶଂସାର ଯୋଗ୍ୟ। ଏବେ ଦେଖିବାକୁ ବାକି ରହିଲା, ଏହିସବୁ ଅଭିଯୋଗ କେବଳ ମିଡିଆ ପାଇଁ ମସଲା ହୋଇ ରହିଯିବ କି ଏ ସବୁକୁ ବିଚାରକୁ ନେଇ ସଂପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ! ଏହା ନିଶ୍ଚୟ ଯେ, ପ୍ରତିଟି ଅଭିଯୋଗକୁ ବିଚାର କରି ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଗଲେ ଭବିଷ୍ୟତରେ କେହି ବି ନାରୀମାନଙ୍କର ଅସହାୟତାର ଫାଇଦା ନେବାକୁ ସାହସ କରିବେ ନାହିଁ। ଶେଷରେ କେବଳ ଏତିକି କୁହାଯାଇପାରେ 'ମିଟୁ' ଆହୁରି ବ୍ୟାପକ ହେଉ ଓ ମୁଖା ତଳର ମୁହଁମାନଙ୍କର ଅସଲ ଚରିତ୍ରର ପର୍ଦ୍ଦାଫାଶ ହେଉ। ଲୋକେ ଅପରାଧୀମାନଙ୍କୁ ନିନ୍ଦା କରିବା ଆରମ୍ଭ କରନ୍ତୁ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର, bichitra-biswal@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ଲାଷ୍ଟିକ୍ ଫ୍ରି ଅଭିଯାନ

ମହାଶୟ,

୨୦୧୮ ଅକ୍ଟୋବର ୨ ତାରିଖରୁ ରାଜ୍ୟରେ ପ୍ଲାଷ୍ଟିକ୍ ଓ ପଲିଥିନ୍‌ର ବ୍ୟବହାର ନିଷେଧ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ସରକାରୀ ଓ ବେସରକାରୀ ସଂସ୍ଥା, ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, କ୍ରୀଡ଼ା ସଙ୍ଗଠନ, ମହିଳା ସଙ୍ଗଠନ ଏବଂ ବିଶେଷ ଭାବରେ ଧରିତ୍ରୀ ଏବଂ ଓଡିଶାପୋଷ୍ଟ ଅଗ୍ରଣୀ ଭୂମିକା ଗ୍ରହଣ କରି ପ୍ଲାଷ୍ଟିକ୍ ଓ ପଲିଥିନ୍ ବ୍ୟବହାରର ଭୟଙ୍କର କୁପରିଣାମ ସମ୍ବନ୍ଧରେ ସଚେତନତାର ବାର୍ତ୍ତା ପ୍ରଚାର କରୁଛନ୍ତି। ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ଓ ପ୍ରଶଂସନୀୟ। କିନ୍ତୁ ଏହାକୁ ସଫଳ କରିବାକୁ ପ୍ରଶାସନର ଗୁରୁଦାୟିତ୍ୱ ରହିଛି। ନିଷିଦ୍ଧ ପ୍ଲାଷ୍ଟିକ୍ ତିଆରି କରୁଥିବା ସଂସ୍ଥା ବା ଉତ୍ପାଦନ କେନ୍ଦ୍ର, ବ୍ୟବସାୟିକ ପ୍ରତିଷ୍ଠାନ ପ୍ରଭୃତି ମୂଳ ଉତ୍ସଗୁଡିକ ଉପରେ ଚଢ଼ାଉ କରି ଉତ୍ପାଦନ ଓ ବିପଣନ ବନ୍ଦ କରିବା ଆବଶ୍ୟକ। ଆଇନକୁ ଅମାନ୍ୟ କରୁଥିବା ବ୍ୟକ୍ତି କିମ୍ବା ବ୍ୟବସାୟ ସଂସ୍ଥାଗୁଡିକ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର। ନଚେତ ଗୁଟ୍‌ଖା ବନ୍ଦ ଭଳି ଏ ପ୍ଲାଷ୍ଟିକ୍ ଫ୍ରି ଅଭିଯାନ ମଧ୍ୟ ପ୍ରହସନରେ ପରିଣତ ହେବ।

ବସନ୍ତ କୁମାର ସୁନ୍ଦରାୟ, ପ୍ରଭାତୀ ନିଳୟ, ଗୁରୁଜଙ୍ଗ, ଖୋର୍ଦ୍ଧା

### ବିମାନ ଓ ଅମ୍ଳଜାନ

କିଛିଦିନ ତଳେ ଏକ ଯାତ୍ରୀବାହୀ ବିମାନରେ ବାୟୁ ସଞ୍ଚାଳନ ସିଷ୍ଟମ୍‌କୁ କୌଣସି ବିମାନ କର୍ମଚାରୀ ଭୁଲ୍‌ବଶତଃ ବନ୍ଦ କରିଦେବାରୁ ଅମ୍ଳଜାନ ଅଭାବରୁ ଯାତ୍ରୀଙ୍କ ନାକରୁ ରକ୍ତ ନିଃସୃତ ହେବା ଖବର ପ୍ରକାଶ ପାଇଥିଲା। ଏଥି ସହ ବିମାନରେ ଆସୁଥିବା ଗୋଟିଏ ୧୧ ମାସ ଶିଶୁର ମୃତ୍ୟୁ ଘଟିଥିଲା। ତେବେ ସର୍ବପ୍ରଥମେ ଆବଶ୍ୟକ ଅମ୍ଳଜାନ, ପରେ ବିମାନରେ ବସି ଗନ୍ତବ୍ୟସ୍ଥଳକୁ ଯାତ୍ରା। ବିମାନ ମଧ୍ୟକୁ ସହଜରେ ଅମ୍ଳଜାନ ସଞ୍ଚାଳନ ଦିଗରେ ବିମାନ ସେବାକ୍ଷେତ୍ର ବେଶ୍ ସତର୍କତା ଅବଲମ୍ବନ କରିବା ଉଚିତ।

– ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ମା'ଚର୍ଚ୍ଚିକାଙ୍କ କୁମାରୀ ବେଶ

ବାଙ୍କୀ,୨୪।୧୦ (ସ୍ୱ.ପ୍ର.): କୁମାର ପୂର୍ଣ୍ଣିମା ଅବସରରେ ମା'ଚର୍ଚ୍ଚିକାଙ୍କ କୁମାରୀ ବେଶ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଦେବୀଙ୍କ ଏହି ଦୁର୍ଲଭବେଶ ଦେଖିବା ପାଇଁ ୨୫ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ଭୋର ୪ଟାରେ ମନ୍ଦିର ପହଡ଼ ଖୋଲାଯାଇ ଦୈନିକ ନୀତିକାନ୍ତି ପରେ ସକାଳ ବେଶ ସମ୍ପନ୍ନ ହୋଇଥିଲା। ଅପରାହ୍ନରେ ମାଜଣାପରେ ଦେବୀଙ୍କୁ କୁମାରୀ ବେଶରେ ସଜ୍ଜିତ କରାଯାଇ କେତକୀ ଫୁଲ ଅର୍ପଣ କରାଯାଇଥିଲା। ବର୍ଷର ଏହି ଗୋଟିଏ ଦିନରେ ମା'ଙ୍କୁ କେତକୀ ଫୁଲ ଅର୍ପଣ କରାଯାଏ। କୁମାର ପୂର୍ଣ୍ଣିମା ପାଇଁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଦେବୀଙ୍କ ଦର୍ଶନ ପାଇଁ ମନ୍ଦିର ଖୋଲା ରହିଥିଲା। କୁମାର ପୂର୍ଣ୍ଣିମା ତିଥିରେ ଦେବୀ ଲକ୍ଷ୍ମୀଙ୍କ କୁମାରୀ ଅବସ୍ଥାଥିବାରୁ ଆବାହମାନାକାଳରୁ ଏହି ପୀଠରେ ମା'ଚର୍ଚ୍ଚିକାଙ୍କ କୁମାରୀ ବେଶ ଅନୁଷ୍ଠିତ ହୋଇଥାଏ।



■ ପୂର୍ବଶତ୍ରୁତା ଯୋଗୁ ଲାଗି ରହିଥିଲା ବିବାଦ

# ଗାଁ ରାସ୍ତାରେ ଅଟକିଲା କଳସ ଶୋଭାଯାତ୍ରା

କୁଜଙ୍ଗ,୨୪।୧୦(ସ୍ୱ.ପ୍ର.)

କୁଜଙ୍ଗ ଥାନା ଅଧୀନ ଫତେପୁର ଗ୍ରାମରେ ପୂର୍ବ ବିବାଦରୁ ଦୁଇ ଗୋଷ୍ଠୀ ମଧ୍ୟରେ ଶତ୍ରୁତା ଲାଗି ରହିଥିଲା। ବୁଧବାର ଗଜଲକ୍ଷ୍ମୀ ପୂଜା ପାଇଁ ହୋଇଥିବା କଳସ ଶୋଭାଯାତ୍ରାକୁ ଗ୍ରାମ ରାସ୍ତାରେ ଅନ୍ୟ ଏକ ଗୋଷ୍ଠୀ ଛାଡ଼ି ନ ଥିଲା। ଫଳରେ ଦୀର୍ଘ ସମୟ ଧରି ରାସ୍ତାରେ କଳସ ଶୋଭାଯାତ୍ରା ଅଟକି ରହିଥିଲା। ଖବର ପାଇ ସ୍ଥାନୀୟ ପୋଲିସ ପହଞ୍ଚି ବିବାଦର ସମାଧାନ କରିଥିଲା।

ସୂଚନା ଅନୁସାରେ, ଗ୍ରାମର ବନବିହାରୀପଡ଼ା ଏବଂ ରାମମନ୍ଦିରପଡ଼ା ମଧ୍ୟରେ ପୂର୍ବରୁ ଖୁଦୁରୁକୁଣୀ ମୂର୍ତ୍ତି ବିସର୍ଜନ ଶୋଭାଯାତତ୍ରାକୁ ନେଇ ବିବାଦ ରହିଥିଲା। ପରବର୍ତ୍ତୀ ସମୟରେ ଥାନାରେ ଏହାର ସମାଧାନ କରାଯାଇଥିଲା। ବନବିହାରୀପଡ଼ାର କୌଣସି ଭସାଣି ଶୋଭାଯାତ୍ରା ରାମମନ୍ଦିର ପଡ଼ା ମଧ୍ୟ ଦେଇ ଯିବନାହିଁ ବୋଲି ଥାନାରେ ଚୁକ୍ତି ନାମା ହୋଇଥିବା ରାମମନ୍ଦିରପଡ଼ାର ଲୋକମାନେ ଅଭିଯୋଗ କରିଛନ୍ତି। ତେବେ ବନବିହାରୀପଡ଼ାରେ ହେଉଥିବା ଗଜଲକ୍ଷ୍ମୀ ପୂଜା ପାଇଁ ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ନିକଟସ୍ଥ ନଦୀକୁ ଯାଉଥିଲେ। ଏହି ଦଳ ରାମମନ୍ଦିରପଡ଼ା ବାଟରେ ଯାଉଥିବାବେଳେ ପୂର୍ବ ଶତ୍ରୁତା ତଥା ଚୁକ୍ତିନାମାକୁ ଆଳକରି ରାମମନ୍ଦିରର ପଡ଼ାର ଲୋକେ କଳସ ଶୋଭାଯାତ୍ରା ଦଳକୁ ନ ଛାଡ଼ି ବାଟରେ ଅଟକ ରଖିଥିଲେ। ଫଳରେ ଉଭୟ ପକ୍ଷ ରାସ୍ତା ଉପରେ ଦୀର୍ଘ ଦୁଇ ଘଣ୍ଟା ଧରି ବସିରହିଥିଲେ। ଏପରି କି ସଙ୍କୀର୍ତ୍ତନଦଳ ରାସ୍ତାରେ ବସି ସଙ୍କୀର୍ତ୍ତନ କରିଥିଲେ। ଶୁଭ ସମୟ ଗଡ଼ିଯାଉଥିବାରୁ କଳସ ଶୋଭାଯାତ୍ରା ତୁରନ୍ତ କରିବାକୁ ଉଦ୍ୟମ ହେଉଥିଲେ ମଧ୍ୟ ବିବାଦ ଯୋଗୁ କାର୍ଯ୍ୟରେ ବିଳମ୍ବ ଘଟୁଥିଲା। ଖବର ପାଇ କୁଜଙ୍ଗ ଥାନା ଅଧିକାରୀ ଦିଲୀପ ସାହୁ, ଏଏସ୍ଆଇ ଶୁଶାନ୍ତ ମିଶ୍ର, ଦେବରାଜ ପ୍ରଧାନ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଉଭୟ ପକ୍ଷଙ୍କ ସହିତ ଆଲୋଚନା କରି ବିବାଦର ସମାଧାନ କରିଥିଲେ। ବନବିହାରୀ ପଡ଼ାର ମୁରବୀ ହୃଷୀକେଶ ମାଝୀ, ମାନସ ବରାଳ, ଅଙ୍କୁର ବରାଳ ପ୍ରମୁଖ ପୋଲିସର ଭୂମିକାକୁ ପ୍ରଶଂସା କରିବା ସହିତ ଆଗାମୀ ଦିନରେ ଗ୍ରାମରେ ଶାନ୍ତି ବଜାୟ ରଖିବାକୁ ଉଭୟପକ୍ଷ ଗୁରୁତ୍ୱ ପ୍ରଦାନ କରିବେ ବୋଲି ପ୍ରକାଶ କରିଥିଲେ।



ଶୋଭାଯାତ୍ରାରେ ବାହାରିଥିବା ମହିଳାମାନେ ରାସ୍ତାରେ ବସି ରହିଛନ୍ତି।

### ରାହାସ ଉତ୍ସବ ଉଦ୍‌ଯାପିତ

ନେମାଳ,୨୪।୧୦(ଡି.ଏନ୍.ଏ)

କୁମାର ପୂର୍ଣ୍ଣିମା ଅବସରରେ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ନେମାଳ ପଦ୍ମବନ ପୀଠରେ ଆଶ୍ୱିନ ଶୁକ୍ଳ ଏକାଦଶୀଠାରୁ ଆରମ୍ଭ ହୋଇଥିବା ନିତ୍ୟ ରାହାସ ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଗୋପୀନାଥ ଜୀଉ, ମହାପୁରୁଷ ଅଚ୍ୟୁତାନନ୍ଦ ଆଶ୍ରମ ଟ୍ରଷ୍ଟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ ସଂଖ୍ୟାରେ ରାହାସମଣ୍ଡଳୀ ଯୋଗଦେଇଥିଲେ। ପ୍ରଭାତରୁ ମହାସ୍ନାନ, ମଙ୍ଗଳଆଳତି ଓ ଭୋଗ କରାଯିବା ପରେ ଗୋପୀନାଥ ମନ୍ଦିରରୁ ରାଧାକୃଷ୍ଣଙ୍କ ବିଗ୍ରହକୁ ବେଢ଼ା ପରିକ୍ରମା କରାଯାଇ ରାହାସ ମଣ୍ଡପକୁ ନିଆଯାଇଥିଲା । ମଣ୍ଡପରେ ପ୍ରଭୁଙ୍କୁ ସ୍ଥାପନା କରାଯାଇ ରାହାସ ପଠନ କାର୍ଯ୍ୟକ୍ରମ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରୁ ୫୦ରୁ ଉର୍ଦ୍ଧ୍ୱ ରାହାସ ଦଳ ଯୋଗଦେଇ ଥିଲେ। ସମସ୍ତ ରାହାସ ଦଳଙ୍କୁ ମହାପୁରୁଷ ଅଚ୍ୟୁତାନନ୍ଦ ଓ ଗୋପୀନାଥ ଜୀଉ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଫୁଲମାଳ, ଚନ୍ଦନ ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା ।

■ କଳିଙ୍ଗ ବାଲିଯାତ୍ରା କୋର୍ କମିଟି ବୈଠକ

# ଏଥର ଓଡ଼ିଆ ବାଧ୍ୟତାମୂଳକ

ପାରାଦୀପ,୨୪।୧୦(ସ୍ୱ.ପ୍ର.)

ଚଳିତ ବର୍ଷ କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଆସନ୍ତା ୨୨ରୁ ୨୮ ପର୍ଯ୍ୟନ୍ତ ସ୍ଥାନୀୟ ବେଳାଭୂମିରେ ଅନୁଷ୍ଠିତ ହେବ। ଉକ୍ତ ବାଲିଯାତ୍ରାରେ କେତେକ ସଂସ୍କାର ପାଇଁ ବୁଧବାର କଳିଙ୍ଗ ବାଲିଯାତ୍ରା କୋର କମିଟି ବୈଠକ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ବାଲିଯାତ୍ରାର ସମସ୍ତ କାଗଜପତ୍ର ଓଡ଼ିଆରେ ହେବ। ହୋର୍ଡିଂଠାରୁ ଆରମ୍ଭ କରି ସମସ୍ତ ଷ୍ଟଲରେ ନିଶ୍ଚିନ୍ତ ଓଡ଼ିଆ ଲେଖା ରହିବ। ଓଡ଼ିଆ ବ୍ୟତୀତ କେହି ଚାହିଁଲେ ଅନ୍ୟ ଭାଷା ଲେଖିପାରିବେ। କିନ୍ତୁ ଷ୍ଟଲରେ ଓଡ଼ିଆ ଭାଷା ବାଧ୍ୟତାମୂଳକ ହେବ। ଏଥିସହ ବାଲିଯାତ୍ରାର ମୁଖ୍ୟ ସ୍ଥାନରେ ଜାତୀୟ ଖେଳ ହକିର ଲୋଗୋ ରହିବ। ସମ୍ପ୍ରତି ବିଶ୍ୱକପ୍ ହକିରେ ଓଡ଼ିଶା ମୁଖ୍ୟ ଆୟୋଜକ ଥିବାରୁ ଏପରି ଆୟୋଜନ ସରକାରୀ ଭାବେ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଆସନ୍ତା ଶୁକ୍ରବାର ଭୂମିପୂଜା ପରେ ଅନ୍ୟ ସମସ୍ତ କାମ ଆରମ୍ଭ ହେବ। ଏଥିସହ ବାଲିଯାତ୍ରା ସ୍ମରଣିକା ପାଇଁ ଲେଖା ଆହ୍ୱାନ କରାଯାଇଛି ବୋଲି ଅତିରିକ୍ତ ଜିଲାପାଳ ତଥା ବାଲିଯାତ୍ରା କମିଟି ଉପାଧ୍ୟକ୍ଷ କାହ୍ନୁଚରଣ ଧୀର କହିଛନ୍ତି। ବୈଠକରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ସମେତ ବରିଷ୍ଠ ସଦସ୍ୟ ମାୟାଧର ରାଉତ, ସୁମନ୍ତ ବିଶ୍ୱାଳ ଓ ସବିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବାଲିଯାତ୍ରା ପରିଚାଳନା ପାଇଁ ଉକ୍ତ ବୈଠକରେ କେତେକ କମିଟି ଗଠନ କରାଯାଇଛି। ଏହି କମିଟିଗୁଡିକ ମଧ୍ୟରେ ସ୍ମରଣିକା, ଅଭ୍ୟର୍ଥନା, ରାଜସ୍ୱ ସଂଗ୍ରହ, ସାଂସ୍କୃତିକ ଓ ଷ୍ଟଲ ଆବଣ୍ଟନ ଆଦି ଅନ୍ତର୍ଭୁକ୍ତ। ପୂର୍ବ ବର୍ଷରେ ସାଂସ୍କୃତିକ କାର୍ଯକ୍ରମ ପାଇଁ ଇଭେଣ୍ଟ ମ୍ୟାନେଜମେଣ୍ଟକୁ ଟେଣ୍ଡର ଦିଆଯାଇଥିଲା। ସେହିଭଳି ପ୍ରକ୍ରିୟାରେ ଅଧିକ ଅର୍ଥ ବ୍ୟୟ ଓ ନିମ୍ନମାନର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିବାରୁ ଚଳିତ ବର୍ଷ ଇଭେଣ୍ଟ ପ୍ରଥା ବନ୍ଦ ରହିଛି। ସେହି ସ୍ଥାନରେ ପ୍ରତି ସନ୍ଧ୍ୟାରେ ଓଡିଶାର ଯଶସ୍ୱୀ କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି ନିଷ୍ପତ୍ତି ହୋଇଛି।

### ବାର୍‌ହା ଶିକାରୀ ଗିରଫ

ନରସିଂହପୁର,୨୪।୧୦ (ଡ଼ି.ଏନ୍.ଏ.)

ନରସିଂହପୁର ପୂର୍ବ ସର୍କଲ ବନ ବିଭାଗ ଅନ୍ତର୍ଗତ ଦେବଭୂମି ସଂରକ୍ଷିତ ଜଙ୍ଗଲର କମ୍ପାର୍ଟମେଣ୍ଟ ୬ରେ ଥିବା କଂସେଇଲୋ ଗ୍ରାମ ନିକଟରୁ ବୁଧବାର ମୃତ ବାରହା ଜବତ କରାଯାଇଛି। ଏଥିସହ ଜଣେ ଶିକାରୀଙ୍କୁ ଗିରଫ କରାଯାଇଛି। ସେ ହେଲେ କଂସେଇଲୋ ଗ୍ରାମର ସଦାନନ୍ଦ ପ୍ରଧାନ (୩୬)। ତାଙ୍କଠାରୁ ଏକ କଟୁରି, ଛୁରି ଓ ଦଉଡି ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ୭ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଏନେଇ ବନବିଭାଗ ପକ୍ଷରୁ ମାମଲା (ନଂ–୧୫/୧୮) ରୁଜୁ କରାଯାଇଛି। ସୂଚନାଯୋଗ୍ୟ, ଦ୍ୱିପ୍ରହର ସମୟରେ ଗାଁ ନିକଟ ଜଙ୍ଗଲରୁ ସଦାନନ୍ଦ ଅନ୍ୟ ଅଭିଯୁକ୍ତମାନଙ୍କ ସହ ମିଶି ଏକ ବାରହା ଶୀକାର କରି ମାଂସ କାଟୁଥିବା ବେଳେ ଜଙ୍ଗଲ ଭିତରେ ଡ୍ୟୁଟିରେ ଥିବା ବନ ବିଭାଗ କର୍ମଚାରୀଙ୍କ ହାବୁଡରେ ପଡିଥିଲେ। ଏହି ସମୟରେ ୭ ଅଭିଯୁକ୍ତ ଖସିଯିବାକୁ ସକ୍ଷମ ହୋଇଥିବା ବେଳେ ସଦାନନ୍ଦ ଧରାପଡି ଯାଇଥିଲେ। ପରେ ମୃତ ବାରାହାକୁ ବ୍ୟବଚ୍ଛେଦ କରାଯାଇ ପୋତି ଦିଆଯାଇଛି ବୋଲି ବନ ବିଭାଗ ଅଧିକାରୀ ଅଭିରାମ ଜେନା ସୂଚନା ଦେଇଛନ୍ତି।

## ମାର୍ଶାଘାଇ ଅଞ୍ଚଳରେ ଗଜଲକ୍ଷ୍ମୀ ପୂଜା



ଜିରଙ୍ଗ ଗଜଲକ୍ଷ୍ମୀ ପୂଜା ମଣ୍ଡପ।



ପଳାଶପୁର ଗଜଲକ୍ଷ୍ମୀ ପୂଜା ମଣ୍ଡପ।

ମାର୍ଶାଘାଇ,୨୪।୧୦(ଡି.ଏନ୍.ଏ.)

ବୁଧବାର କୁମାର ପୂର୍ଣ୍ଣିମା ଅବସରରେ ଧନ, ଧାନ୍ୟ, କିର୍ତ୍ତୀ ଓ ଯଶଦାୟିନୀ ମା' ଲକ୍ଷ୍ମୀଙ୍କ ପୂଜୋତ୍ସବ ମାର୍ଶାଘାଇ ଅଞ୍ଚଳରେ ଧୁମଧାମ୍‌ରେ ଆରମ୍ଭ ହୋଇଛି । ଚଳିତବର୍ଷ ୬୩ଟି ପୂଜା ମଣ୍ଡପରେ ମା' ଗଜଲକ୍ଷ୍ମୀଙ୍କ ସହ ଅନ୍ୟାନ୍ୟ ଦେବଦେବୀଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଉଛନ୍ତି । ଏଥର ମାର୍ଶାଘାଇ ବଜାର ଓ ଆଖପାଖରେ ୮ଗୋଟି, ଅଙ୍ଗୁଳାଇ ଗ୍ରାମ ଓ ବଜାରରେ ୫ ଗୋଟି, ନେମ୍ଭରା ଗ୍ରାମ ଓ ବଜାରରେ ୧୧, ଥାଉରୀ ଗ୍ରାମରେ ୬, ଅରଖିଆରେ ୨, ନରେନ୍ଦ୍ରପୁରରେ ଗୋଟିଏ, ନଛିପଡା ବଜାରରେ ଗୋଟିଏ, ମଙ୍ଗରାଜପୁରରେ ୧, ହଜାରୀ ଛକରେ ୨, କଷୋଟିରେ ୧ ଓ ପଳାଶପୁରରେ ଗୋଟିଏ ଗଜଲକ୍ଷ୍ମୀ ମେଢ ହୋଇଛି । ସେହିପରି ଗିରଙ୍ଗରେ ଗୋଟିଏ, କୁଆଁରପାଳରେ ୫, ହନ୍ତପଡ଼ାରେ ୧, ପଖୋଟରେ ୧, ବରିପଲାରେ ୧, ଉପର ବଟିରା ୧, ଖମଗାଁ ବିନ୍ଧାରେ ଗୋଟିଏ ମେଢ ହୋଇଛି । ହଳଦିଆରେ ଗୋଟିଏ, ତାଳସଙ୍ଗା ୧, ବାଘଡିଆ ୨, ନରସିଂହପୁର ୧, ବନ୍ଧକଟା ଖାରିଆ ସାହି ୧, ଜମପଡା ମାଁଙ୍କ ଛକ ୧, ଗରଜଙ୍ଗା ୧, ବଡପାଳ ଗ୍ରାମରେ ୭ ଓ ବଡପାଳ ବଜାରରେ ୬ ଗୋଟି ମେଢ ହୋଇଛି । ଗଜଲକ୍ଷ୍ମୀ ପୂଜା ଅବସରରେ ଅନନ୍ତ ଶୟନ, ହନୁମାନ ସମେତ ଅନ୍ୟାନ୍ୟ ଦେବଦେବୀ ପୂଜା ପାଉଛନ୍ତି । ବିଭିନ୍ନ ପୂଜା ମଣ୍ଡପରେ ସୁନ୍ଦର ତୋରଣ ହୋଇଥିବା ବେଳେ ରଙ୍ଗୀନ ଆଲୋକମାଳା ଝଲସି ଉଠୁଛି। ମାର୍ଶାଘାଇର ବିଭିନ୍ନ ମଣ୍ଡପରେ ମା' ଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଛନ୍ତି। ଏହିସବୁ ମଣ୍ଡପରେ ୯ ଦିନ ବ୍ୟାପି ପୂଜା ହେବା ପରେ ୨ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ।







## ପୂର୍ବ ତଟ ରେଳପଥ

### ଚୁକ୍ତିଭିତ୍ତିକ ମେଡ଼ିକାଲ ପ୍ରାକ୍ଟିସନର (CMP) ନିମନ୍ତେ ୱାକ୍-ଇନ୍-ଇଣ୍ଟରଭ୍ୟୁ

(1) ନିଯୁକ୍ତି ସୂଚନା ସଂ. 02/2018-CMP ତା.08.10.2018 ରିଖ

ପୂର୍ବ ତଟ ରେଳପଥ/ଖୋର୍ଦ୍ଧା ରୋଡ଼ ମଣ୍ଡଳ, ପୂର୍ଣ୍ଣକାଳୀନ ଚୁକ୍ତିଭିତ୍ତିକ ମେଡ଼ିକାଲ ପ୍ରାକ୍ଟିସନର (CMP) ଭାବେ ନିଯୁକ୍ତି ଦେବା ନିମନ୍ତେ ମୁକ୍ତ ବଜାର (Open Market)ରୁ ତଥା ଅବସରପ୍ରାପ୍ତ ରେଳବାଇ ଡାକ୍ତର ଏବଂ ଅବସରପ୍ରାପ୍ତ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ଡାକ୍ତରଙ୍କ ଏକ ନାମ ତାଲିକା ପ୍ରସ୍ତୁତ କରିବା ପାଇଁ ଚୁକ୍ତି ଭିତ୍ତିରେ ଏକ ବର୍ଷ ଅବଧି ନିମନ୍ତେ ଏକ ୱାକ୍-ଇନ୍-ଇଣ୍ଟରଭ୍ୟୁ ଆୟୋଜନ କରିବ। ସଂପୃକ୍ତ CMP ମାନଙ୍କ ସମ୍ମତି ଭିତ୍ତିରେ ପରବର୍ତ୍ତୀ ସମୟରେ ଏହାକୁ ପୁନର୍ବାର ବର୍ଷକୁ ବର୍ଷ ସାନି ଚୁକ୍ତି କରାଯାଇପାରିବ, ଯାହାକି 12 ବର୍ଷରୁ ଉର୍ଦ୍ଧ୍ୱ ଅବଧି ହେବ ନାହିଁ କିମ୍ବା IRMS ଦ୍ୱାରା ଚୟନ ହୋଇଥିବା ଡାକ୍ତରମାନଙ୍କୁ ଏହି ପଦରେ ନିଯୁକ୍ତି ପର୍ଯ୍ୟନ୍ତ କିମ୍ବା ଏହି ବ୍ୟବସ୍ଥା ଉପଲବ୍ଧ ଥିବା ପର୍ଯ୍ୟନ୍ତ ଯେଉଁଟି ପ୍ରଥମେ ହେବ, ସେହି ଅବଧି ପର୍ଯ୍ୟନ୍ତ ଏହି ନିଯୁକ୍ତି ବଳବତ୍ତର ରହିବ। ସବିଶେଷ ବିବରଣୀ ନିମ୍ନ ପ୍ରଦତ୍ତ ଅଟେ :

ଖାଲି ଥିବା ମୋଟ୍ ପଦବୀ: 02 (ଖୋର୍ଦ୍ଧା ରୋଡ଼ ମଣ୍ଡଳର ବ୍ରହ୍ମପୁର ହେଲ୍‌ଥ ୟୁନିଟ୍, କେନ୍ଦୁଝରଗଡ଼ - ଯଖପୁରା ସେକ୍ସନ ପ୍ରତ୍ୟେକଙ୍କ ପାଇଁ 01 ଗୋଟି ହିସାବରେ)।

ଶିକ୍ଷାଗତ ଯୋଗ୍ୟତା/ଉପଯୁକ୍ତତା: ପ୍ରାର୍ଥୀ ଭାରତୀୟ ଚିକିତ୍ସା ପରିଷଦ(Indian Medical Council) ଦ୍ୱାରା ସ୍ୱୀକୃତ ସର୍ବନିମ୍ନ MBBS ଡିଗ୍ରୀ ପ୍ରାପ୍ତ କରିଥିବା ସହିତ ସେ ଏକ ବର୍ଷ ବାଧ୍ୟତାମୂଳକ ରୋଟେଟୋରୀ ଇଣ୍ଟର୍ଣ୍ଣସିପ୍ (Rotatory Internship)ସମାପ୍ତ ପରେ କିମ୍ବା ଭାରତୀୟ ଚିକିତ୍ସା ପରିଷଦରେ ଭାରତର ଯେକୌଣସି ରାଜ୍ୟ ଚିକିତ୍ସା ପରିଷଦରୁ ବୈଧ ରେଜିଷ୍ଟ୍ରେସନ ପ୍ରମାଣ ପତ୍ର ପାଇଥିବେ। ଅନ୍ୟ କୌଣସି ପ୍ରମାଣପତ୍ର ଗ୍ରହଣ କରାଯିବ ନାହିଁ।

ପାରିଶ୍ରମିକ: ପୂର୍ଣ୍ଣକାଳୀନ ଜେନେରାଲ ଡ୍ୟୁଟି ମେଡ଼ିକାଲ ଅଫିସର-CMP ମାନଙ୍କ ପାଇଁ ମାସିକ ପାରିଶ୍ରମିକ ଟ.75,000/-(HRA ଏବଂ ପରିବହନ ଭତ୍ତା ସହିତ)।

### ଅଂଶକାଳିକ (Part Time) ଚୁକ୍ତିଭିତ୍ତିକ ମହିଳା ଚିକିତ୍ସକ ନିଯୁକ୍ତି ନିମନ୍ତେ ୱାକ୍-ଇନ୍-ଇଣ୍ଟରଭ୍ୟୁ

(2) ନିଯୁକ୍ତି ସୂଚନା ସଂ. CMP.03/2018 ତା.08.10.2018 ରିଖ

ଏକ ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନସ୍ଥ ହେଲ୍‌ଥ ୟୁନିଟ୍, ଅନୁଗୋଳ ଠାରେ ଦୈନିକ 4 ଘଣ୍ଟା ଏବଂ ସପ୍ତାହରେ 6 ଦିନ ଡ୍ୟୁଟି ପାଇଁ ଚୁକ୍ତି ଭିତ୍ତିରେ ଅଂଶକାଳିକ ମହିଳା ଚିକିତ୍ସକମାନଙ୍କ ନିଯୁକ୍ତି ପ୍ରଦାନ କରିବା ନିମନ୍ତେ ଏକ ନାମ ତାଲିକା (Panel) ପ୍ରସ୍ତୁତ କରିବା ପାଇଁ ଏକ ୱାକ୍-ଇନ୍-ଇଣ୍ଟରଭ୍ୟୁ ର ଆୟୋଜନ କରାଯିବ। ପରବର୍ତ୍ତୀ ସମୟରେ ସଂପୃକ୍ତ ଅଂଶକାଳିକ ଚୁକ୍ତିଭିତ୍ତିକ ମହିଳା ଚିକିତ୍ସକମାନଙ୍କ ସମ୍ମତି ଭିତ୍ତିରେ ପ୍ରତି ବର୍ଷ ସାନି ଚୁକ୍ତି ଦ୍ୱାରା ଏହାକୁ ପୁନଃ ନବୀକରଣ କରାଯାଇପାରିବ, ଯାହାର ଅବଧି ସର୍ବାଧିକ 05 ବର୍ଷ ପର୍ଯ୍ୟନ୍ତ କିମ୍ବା ନିୟମିତ IRMS ଚିକିତ୍ସକ ଦ୍ୱାରା ଏହି ପଦବୀ ପୂରଣ ହେବା ପର୍ଯ୍ୟନ୍ତ କିମ୍ବା ଏହି ଯୋଜନା ଉପଲବ୍ଧ ଥିବା ପର୍ଯ୍ୟନ୍ତ, ଯେଉଁଠି ପ୍ରଥମେ ହେବ, ସେହି ପର୍ଯ୍ୟନ୍ତ ଏହି ଚୁକ୍ତି ବଳବତ୍ତର ରହିବ। ସବିଶେଷ ବିବରଣୀ ନିମ୍ନ ପ୍ରଦତ୍ତ ଅଟେ :

ଖାଲି ଥିବା ମୋଟ୍ ପଦବୀ : 01(ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନସ୍ଥ ହେଲ୍‌ଥ ୟୁନିଟ୍, ଅନୁଗୋଳ ଠାରେ 01 ଗୋଟି)।

ଶିକ୍ଷାଗତ ଯୋଗ୍ୟତା/ଉପଯୁକ୍ତତା : ପ୍ରାର୍ଥୀ MBBS କିମ୍ବା ସ୍ନାତକୋତ୍ତର(MD କିମ୍ବା MS)ଡିଗ୍ରୀ ପ୍ରାପ୍ତ କରିଥିବା ସହିତ ସେ ଏକ ବର୍ଷ ବାଧ୍ୟତାମୂଳକ ରୋଟେଟୋରୀ ଇଣ୍ଟର୍ଣ୍ଣସିପ୍ (Rotatory Internship)ସମାପ୍ତ ପରେ କିମ୍ବା ଭାରତୀୟ ଚିକିତ୍ସା ପରିଷଦରେ ଭାରତର ଯେକୌଣସି ରାଜ୍ୟ ଚିକିତ୍ସା ପରିଷଦରୁ ବୈଧ ରେଜିଷ୍ଟ୍ରେସନ ପ୍ରମାଣପତ୍ର ପାଇଥିବେ।

ପାରିଶ୍ରମିକ : (i) ମାସିକ ପାରିଶ୍ରମିକ ଟ.36,900/-, (ii) ଉପଯୁକ୍ତ ସମୟ ଠାରୁ ଅଧିକ ଦିନ ଅନୁପସ୍ଥିତ କ୍ଷେତ୍ରରେ ପାରିଶ୍ରମିକରୁ ଦୈନିକ ଦିନ ପ୍ରତି ଟ.1,230/- ଦରରେ କାଟ ହୋଇପାରେ।

ବୟସ: ତା.01.10.2018 ରିଖ ସୁଦ୍ଧା 53 ବର୍ଷରୁ ଅଧିକ ବୟସ ହୋଇନଥିବ। ଅନ୍ୟ ପକ୍ଷରେ ଅନୁସୂଚିତ ଜାତି (SC)/ଅନୁସୂଚିତ ଜନଜାତି(ST)ପ୍ରାର୍ଥୀଙ୍କ ପାଇଁ 5 ବର୍ଷ ଏବଂ ଅନ୍ୟ ପଛୁଆ ବର୍ଗ(OBC) ପ୍ରାର୍ଥୀଙ୍କ ପାଇଁ 3 ବର୍ଷ ପର୍ଯ୍ୟନ୍ତ ବୟସ ସୀମାରେ କୋହଳ କରାଯିବ (କ୍ରମ ସଂ. 1 ଏବଂ 2 ନିମନ୍ତେ)।

'ୱାକ୍-ଇନ୍-ଇଣ୍ଟରଭ୍ୟୁ' ସ୍ଥାନ, ତାରିଖ ଓ ସମୟ (କ୍ରମ ସଂ. 1 ଏବଂ 2 ନିମନ୍ତେ) :

| "ୱାକ୍-ଇନ୍ ଇଣ୍ଟରଭ୍ୟୁ" ସ୍ଥାନ | ତାରିଖ, ରିପୋର୍ଟ କରିବା ସମୟ ଏବଂ "ୱାକ୍-ଇନ୍ ଇଣ୍ଟରଭ୍ୟୁ" ସମୟ |
|---|---|
| ମୁଖ୍ୟ ଚିକିତ୍ସା ଅଧୀକ୍ଷକଙ୍କ କାର୍ଯ୍ୟାଳୟ, ମଣ୍ଡଳ ରେଳ ଚିକିତ୍ସାଳୟ, ଖୋର୍ଦ୍ଧା ରୋଡ଼, ପୋଷ୍ଟ: ଜଟଣୀ-752025, ଓଡ଼ିଶା | ତା.08.11.2018ରିଖ 1030 ଘଟିକା |

ଦ୍ରଷ୍ଟବ୍ୟ : ସାକ୍ଷାତକାରରେ ଯୋଗଦେବା ପାଇଁ ପ୍ରାର୍ଥୀମାନଙ୍କୁ କୌଣସି ପ୍ରକାର ଯାତ୍ରା ଭତ୍ତା/ଦୈନିକ ଭତ୍ତା/ରହିବା ସୁବିଧା ପ୍ରଦାନ କରାଯିବ ନାହିଁ (କ୍ରମ ସଂ. 1 ଏବଂ 2 ନିମନ୍ତେ)।

ସଂପୂର୍ଣ୍ଣ ବିବରଣୀ, ଦରଖାସ୍ତ ଫର୍ମାଟ୍ ଓ ଅନ୍ୟାନ୍ୟ ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଦୟାକରି ୱେବ୍‌ସାଇଟ୍ www.eastcoastrail.indianrailways.gov.in ଅବଲୋକନ କରନ୍ତୁ।

PR-367/J/18-19 ମଣ୍ଡଳ ରେଳ ପ୍ରବନ୍ଧକ(କାର୍ମିକ), ଖୋର୍ଦ୍ଧା ରୋଡ଼



## ସର୍ବସାଧାରଣ ବିଜ୍ଞପ୍ତି

ଏତଦ୍ୱାରା ଅଧିସୂଚିତ କରାଯାଉଛି ଯେ ଶ୍ରୀ ଅଜିତ କୁମାର, ସିସି/ଡିଜେଏଚ୍ଆର୍, ସିଜିଏସ୍/ଡିଜେଏଚ୍ଆର୍ ଅଧୀନରେ ସିସି ଭାବେ କାର୍ଯ୍ୟରତ ଥିବା ବେଳେ ଗୁରୁତର ଅସଦାଚରଣ କରିଛନ୍ତି କାରଣ ଆପଣ କୌଣସି କ୍ଷମତାପ୍ରାପ୍ତ ରେଳପଥ କର୍ତ୍ତୃପକ୍ଷଙ୍କଠାରୁ ଆଗୁଆ ଅନୁମତି ନ ନେଇ ତା୧୪।୦୮।୨୦୧୫ରୁ ୧୦।୦୬।୨୦୧୬ରିଖ ତଥା ଆଜି ପର୍ଯ୍ୟନ୍ତ ଅଣପ୍ରାଧିକୃତ ଭାବେ ଅନୁପସ୍ଥିତ ରହିଆସିଛନ୍ତି ଯାହା ରେଳପଥ ସେବା ଆଚରଣ ନିୟମ, ୧୯୬୬ର ନିୟମ ୩.୧ (ii) ଏବଂ (iii)ର ଉଲ୍ଲଂଘନ ଅଟେ । କଥିତ ଉଲ୍ଲଂଘନ ପାଇଁ ଆପଣଙ୍କ ସକାଶେ ମେଜର୍ ପେନାଲ୍ଟି ଚାର୍ଜଶିଟ୍, ଜ୍ଞାପକପତ୍ର ନଂ. ସି.୯୪/ଏକେ/ସିସି/ଡିଜେଏଚ୍ଆର/୧୮, ତାରିଖ: ୨୧।୦୮।୨୦୧୭ ଜାରି କରାଯାଇଥିଲା, ଯେହେତୁ ଆପଣଙ୍କ ଖୋଜଖବର ମିଳୁ ନ ଥିଲା ଏବଂ ଆପଣ ନିଜର ଜ୍ଞାତ ଠିକଣାରେ ଉପଲବ୍ଧ ନ ଥିଲେ ତେଣୁ ଏହାକୁ ଆପଣଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଲଗାଯାଇଥିଲା। ପଞ୍ଜୀକୃତ ଡାକ ଯୋଗେ ଏବଂ ତା୨୫।୦୫, ୧୫।୦୬ ଏବଂ ୦୨।୦୭।୨୦୧୮ରିଖରେ ଷ୍ଟେଶନ ନୋଟିସ ବୋର୍ଡ ଲଗାଯାଇ ଆଇଓଙ୍କ ବାରମ୍ବାର ଆପଣଙ୍କୁ ସୂଚିତ କରାଯିବାର ପ୍ରଚେଷ୍ଟା ସତ୍ତ୍ୱେ ଆପଣ ଶୃଙ୍ଖଳାଗତ ଏବଂ ଅପିଲ ନିୟମ, ୧୯୬୮ ଅଧୀନରେ ତଦନ୍ତରେ ଉପସ୍ଥିତ ହେବାର ବିଫଳ ହୋଇଛନ୍ତି।
ଏହି ନୋଟିସକୁ ଚୂଡ଼ାନ୍ତ ନୋଟିସ ଭାବେ ବିବେଚନା କରାଯାଇପାରିବ ଯାହା ଆପଣଙ୍କୁ ନିଜର ସଫେଇ ଦେବା ଏବଂ ମାମଲାରେ ପ୍ରତିନିଧିତ୍ୱ କରିବାର ସୁଯୋଗ ଦେଇଥାଏ ଯାହାଦ୍ୱାରା ପ୍ରାକୃତିକ ନ୍ୟାୟ ମଞ୍ଜୁର କରାଯାଇପାରିବ। ଏଣୁ, ଆପଣଙ୍କୁ ଅନୁରୋଧ ଯେ ଖବରକାଗଜରେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୧୫ ଦିନ ମଧ୍ୟରେ ଡିଏ ଅର୍ଥାତ୍ ଏସିଏମ୍/ସିକେପିଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ହୁଅନ୍ତୁ ଅନ୍ୟଥା ପ୍ରଶାସନ ସମ୍ପୃକ୍ତ ମାମଲାରେ ଏକତରଫା ନିଷ୍ପତ୍ତି ଗ୍ରହଣ କରିବା ଲାଗି ବାଧ ହେବ। ଶୃଙ୍ଖଳାଗତ କର୍ତ୍ତୃପକ୍ଷ

(PR-840) ଏସିଏମ୍/ସିକେପି

ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହିତ ସେବା କରୁ



## ସର୍ବସାଧାରଣ ବିଜ୍ଞପ୍ତି

୧) ଶ୍ରୀ ପି.ସି. ଧୁନିଆ, ସିନିୟର୍ ଟେକ୍ (ଏମ୍), ଡିଏଲ୍ଏସ୍/ବିଏନ୍‌ଡିଏମ୍, ପିତା– ନକୁଳ ଧୁନିଆ, ଗ୍ରାମ– ତିନାଲଡିହି, ପୋଷ୍ଟ– ଚାନ୍ଦିଲ, ଥାନା – ପୂର୍ବ ଇଛାଗଡ଼, ଜିଲ୍ଲା– ସିଂହଭୂମ, ରାଜ୍ୟ– ଝାଡ଼ଖଣ୍ଡ, ପିନ୍–୮୩୨୪୦୧, ଭାୟା ସିନିୟର ଡିଏମ୍‌ଇ (ଡି)/ବିଏନ୍‌ଡିଏମ୍‌ଙ୍କ ଦଣ୍ଡ ନୋଟିସ୍ ଡିଏଲ୍‌ଇ/୬୬୬/ପିସିଡି/୧୮/୩୭୩୭, ଏତଦ୍ୱାରା ଆପଣଙ୍କୁ ରେଲୱେ ସର୍ଭାଣ୍ଟ (ଡି ଆଣ୍ଡ ଏ) ନିୟମାବଳୀ, ୧୯୬୮ର ନିୟମ ୬ (VIII) ଅଧୀନରେ ଅନୁକମ୍ପାମୂଳକ ଭତ୍ତା ଭାବେ ୨/୩ୟ ପେନସନ୍ ଏବଂ ଗ୍ରାଚୁଇଟି ସହିତ ଆପଣଙ୍କୁ ସେବାରୁ ବହିଷ୍କାର କରାଯାଉଛି। ଏହା ତତ୍‌କାଳ ଲାଗୁ ହେବ। ଅପିଲ, ଯଦି ଥାଏ, ୪୫ ଦିନ ମଧ୍ୟରେ ଅପିଲୀୟ କର୍ତ୍ତୃପକ୍ଷ ଏଡିଆର୍ଏମ୍/ସିକେପିଙ୍କ ନିକଟରେ କରାଯାଇପାରିବ।

୨) ଏନ୍.ବଡ଼ାଏକ, ଟେକ୍–III, ଡିଏଲ୍ଏସ୍/ବିଏନ୍‌ଡିଏମ୍, ମାର୍ଫତ ବୈଜୟନ୍ତ ବଡ଼ାଏକ, ସ୍ଥାନ– ଅରିଲେପ୍ଟା, ପୋଷ୍ଟ– ସୁନ୍ଦରଗଡ଼, ରାଜ୍ୟ– ଓଡ଼ିଶା, ପିନ୍–୭୭୦୦୩୫, ଭାୟା ଏଡିଏମ୍‌ଇ (ଡି)/ବିଏନ୍‌ଡିଏମ୍‌ଙ୍କ ଦଣ୍ଡ ନୋଟିସ ଡିଏଲ୍‌ଇ/୬୬୬/ଏନ୍‌ବି/୧୮/୧୫୧୬, ଏତଦ୍ୱାରା ଆପଣଙ୍କୁ କୌଣସି ଅନୁକମ୍ପାମୂଳକ ଭତ୍ତା ବିନା ସେବାରୁ ବହିଷ୍କାର କରାଯାଉଛି। ଏହା ତତ୍‌କାଳ ଲାଗୁ ହେବ। ଅପିଲ, ଯଦି ଥାଏ, ୪୫ ଦିନ ମଧ୍ୟରେ ଅପିଲୀୟ କର୍ତ୍ତୃପକ୍ଷ ଡିଏମ୍‌ଇ (ଡି)/ବିଏନ୍‌ଡିଏମ୍‌ଙ୍କ ନିକଟରେ କରାଯାଇପାରିବ।

୩) ସଚିନ କୁମାର, ଟେକ୍–III, ପିତା– ହରେକୃଷ୍ଣ ପ୍ରସାଦ, ଗ୍ରାମ– ବିରଶ୍ରା, ପୋଷ୍ଟ– ସିଙ୍ଘିଘାଇଟ, ଜିଲ୍ଲା– ସମସ୍ତିପୁର, ରାଜ୍ୟ– ବିହାର, ପିନ୍–୮୪୮୨୩୬ । ଭାୟା ଏଡିଏମ୍‌ଇ (ଡି)/ବିଏନ୍‌ଡିଏମ୍‌ଙ୍କ ଦଣ୍ଡ ନୋଟିସ ଡିଏଲ୍‌ଇ/୬୬୬/ଏନ୍‌ବି/୧୮/୧୫୧୬, ଏତଦ୍ୱାରା ଆପଣଙ୍କୁ କୌଣସି ଅନୁକମ୍ପାମୂଳକ ଭତ୍ତା ବିନା ସେବାରୁ ବହିଷ୍କାର କରାଯାଉଛି। ଏହା ତତ୍‌କାଳ ଲାଗୁ ହେବ। ଅପିଲ, ଯଦି ଥାଏ, ୪୫ ଦିନ ମଧ୍ୟରେ ଅପିଲୀୟ କର୍ତ୍ତୃପକ୍ଷ ଡିଏମ୍‌ଇ (ଡି)/ବିଏନ୍‌ଡିଏମ୍‌ଙ୍କ ନିକଟରେ କରାଯାଇପାରିବ।

(PR-844) ସିନିୟର ଡିଏମ୍‌ଇ (ଡି)/ବିଏନ୍‌ଡିଏମ୍

ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହିତ ସେବା କରୁ








ଧରିତ୍ରୀ DHARITRI
Quiz No.11
Puja Quiz- 2018
Main Sponsor TVS
Co-Sponsors CENTRAL Nikon

☑ Tick mark the box which is correct

୧. ପୋଷ୍ଟାଲ ଇଣ୍ଡେକ୍ସ ନମ୍ବର ଭାରତରେ କେବେ ପ୍ରଚଳିତ ହେଲା ?
କ. ୧୯୭୦ ☐ ଖ. ୧୯୭୨ ☐ ଗ. ୧୯୭୫ ☐ ଘ. କେଉଁଟି ନୁହେଁ ☐

୨. ନିମ୍ନଲିଖିତ କେଉଁ ଅର୍ଥବ୍ୟବସ୍ଥା ୟୁ.ଏସ୍.ଏ.ରେ ପ୍ରଚଳିତ ?
କ. ସମାଜବାଦୀ ଅର୍ଥବ୍ୟବସ୍ଥା ☐ ଖ. ପୁଞ୍ଜିବାଦୀ ଅର୍ଥବ୍ୟବସ୍ଥା ☐ ଗ. ମିଶ୍ରିତ ଅର୍ଥବ୍ୟବସ୍ଥା ☐ ଘ. କେଉଁଟି ନୁହେଁ ☐

୩. ଭାରତୀୟ ଗଣତନ୍ତ୍ରର ମୁଖ୍ୟ ବୈଶିଷ୍ଟ୍ୟଟି କ'ଣ ?
କ. ସୁପ୍ରିମ୍‌କୋର୍ଟ ☐ ଖ. ପାର୍ଲାମେଣ୍ଟ ☐ ଗ. ନିର୍ବାଚନ କମିଶନ ☐ ଘ. କେଉଁଟି ନୁହେଁ ☐

୪. ନିମ୍ନଲିଖିତ ମଧ୍ୟରୁ କେଉଁଟି ଶୀଘ୍ର ବଢୁଥିବା ଗଛ ?
କ. ନଡ଼ିଆ ଗଛ ☐ ଖ. ବରଗଛ ☐ ଗ. ଇଉକାଲିପଟାସ୍ ☐ ଘ. କେଉଁଟି ନୁହେଁ ☐

୫. ପୃଥିବୀର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ କିଏ ?
କ. ଗୋଲ୍‌ଡା ମିର୍ ☐ ଖ. ଇନ୍ଦିରା ଗାନ୍ଧୀ ☐ ଗ. ସିରିମାଭୋ ବନ୍ଦରନାଏକ ☐ ଘ. କେଉଁଟି ନୁହେଁ ☐

Participant's Name:........................
Address:........................
........................
Education ........................
Mobile........................Age:............
E-mail:........................

Terms & conditions:
1. Only original coupons will be considered.
2. Persons working with Dharitri or sponsors are not eligible for the contest.
3. Coupons should reach us within 7 days of publication.
4. Everyday three Daily Winners will be selected by lucky draw.
5. Mega prize winners will be selected from correct entries by lucky draw and Winners will bear gift taxes if any, as per Govt. norms.
6 Prize distribution date, time and venue will be intimated to the winners individually.
7. Selection of winners by the juries will be final. No complaints will be entertained.
*Conditions apply

Prizes: 1st - TVS Apache 160cc 2nd - TVS Jupiter Scooter, 3rd - TVS Scooty Pep+,
Consolation Prizes : Gift Vouchers from CENTRAL, Digital Cameras from NIKON
Cut this coupon and send it to the following address:
DHARITRI Puja Quiz No. 11
B-15, Industrial Estate, Rasulgarh, Bhubaneswar-10



## ସଂକ୍ଷେପରେ

### ରାଶନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ



**ମହାକାଳପଡ଼ା, ୨୪।୧୦ (ଡି.ଏନ୍.ଏ.):** ମହାକାଳପଡ଼ା ବ୍ଲକ କିଆରବାଙ୍କସ୍ଥିତ ପଞ୍ଚାୟତ ହାଇସ୍କୁଲ ପରିସରରେ ରାଶନକାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ସ୍ଥାନୀୟ ଅଞ୍ଚଳର ୧୦୫୦ ହିତାଧିକାରୀଙ୍କୁ ରାଶନକାର୍ଡ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ବ୍ଲକ ଅଞ୍ଚଳରେ ଅନୁଷ୍ଠିତ ଜନ ସମ୍ପର୍କ ପଦଯାତ୍ରାରେ ବିଧାୟକ ନାୟକ ସାମିଲ ହୋଇଥିଲେ। ଗୋପାଳପୁରଠାରୁ ଏହି ପଦଯାତ୍ରା ଆରମ୍ଭ ହୋଇ ଗୌଡ଼ବାଡ଼ପୁର, ଚଢ଼େଇଗୁଆଁ, ପଟଣା, ଶିଖର, ମହାକାଳପଡ଼ା ଓ କିଆରବାଙ୍କଠାରେ ଶେଷ ହୋଇଥିଲା। ଏଥିରେ ବିଧାୟକ ନାୟକ ଯୋଗଦେଇ ସ୍ଥାନୀୟ ଲୋକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ବିଧାୟକ ନାୟକ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ସସ୍ମିତା ବରାଳ, ବିଡିଓ ରମେଶ ଚନ୍ଦ୍ର ସେଠୀ, ଅତିରିକ୍ତ ତହସିଲଦାର ପ୍ରେମାନନ୍ଦ ବେହେରା, ବ୍ଲକ ଯୋଗାଣ ଅଧିକାରୀ ରବୀନ୍ଦ୍ର କୁମାର ବେହେରା, ଶିକ୍ଷାବିତ୍ ବିଜୟ କୁମାର ଜେନା, ନାରୀ ନେତ୍ରୀ ସୁରଭୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଚାନ୍ଦୋଳରେ ଖଦିହାଟ ଉଦ୍‌ଘାଟିତ

**ଡେରାବିଶ, ୨୪।୧୦ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଚାନ୍ଦୋଳ ବଜାର ଫାଣ୍ଡିଛକଠାରେ ଗଜଲକ୍ଷ୍ମୀ ପୂଜା ଅବସରରେ ଓଡ଼ିଶା ଖଦି ଗ୍ରାମୋଦ୍ୟୋଗ ବୋର୍ଡ ଆନୁକୂଲ୍ୟରେ ବୁଧବାର ସନ୍ଧ୍ୟାରେ ଖଦିହାଟ ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ଦାଶରଥି ଶତପଥୀ ଓ ଏସ୍‌ପି ନୀତି ଶେଖର ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଏକ ସଭାରେ ରାଜ୍ୟ ଖଦି ବୋର୍ଡ଼ ଅଧ୍ୟକ୍ଷ ତେଜେଶ୍ୱର ପରିଡ଼ା ଅଧ୍ୟକ୍ଷତା କରିଥିଲେ। ତେବେ ଗ୍ରାମାଞ୍ଚଳରେ କୁଶଳୀ କାରିଗର ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ପ୍ରତି ସାଧାରଣ ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ଏହି ଖଦିହାଟର ପରିକଳ୍ପନା ବୋଲି ରାଜ୍ୟ ଖଦି ବୋର୍ଡ ଅଧ୍ୟକ୍ଷ ପରିଡ଼ା କହିଥିଲେ। ସଭାରେ ଜିଲାପାଳ ଶତପଥୀ ମୁଖ୍ୟଅତିଥି ଓ ଏସ୍‌ପି ନୀତି ଶେଖର ମୁଖ୍ୟବକ୍ତା ଭାବେ ଯୋଗଦେଇ ଗ୍ରାମଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରିବା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ଅଭିନେତ୍ରୀ ଏଲିନା ଦାସ, ଶିକ୍ଷାବିତ୍ ପଞ୍ଚାନନ ଶତପଥୀ, ଚାନ୍ଦୋଳ ସମିତିସଭ୍ୟ ମଧୁସୂଦନ ଘଡ଼େଇ, ଚାନ୍ଦୋଳ ବଜାର କମିଟି ସଭାପତି ନିଶାମଣି ବେହେରା, ବଜାର କମିଟି ସହ-ସମ୍ପାଦକ ମିହିର ସାମଲ ପ୍ରମୁଖ ଗ୍ରାମ୍ୟଦ୍ୟୋଗୀମାନଙ୍କୁ ପ୍ରେରଣା ଯୋଗାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ାବିତ୍ ସାହାଜାହାନ୍ ଖାଁ, ପୂର୍ବତନ ସରପଞ୍ଚ ବିପିନ ବିହାରୀ ସାହୁ, ସୁମନ୍ତ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଖଦିବୋର୍ଡ଼ ସଚିବ ସରୋଜ କୁମାର ପଟେଲ ଧନ୍ୟବାଦ ଦେଇଥିଲେ। ପରେ ପରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଉତ୍ସବ ପରିଚାଳନାରେ ବୋର୍ଡର ଉପସଚିବ ତ୍ରିଯୋଗୀ ନାରାୟଣ ଦାସ, ଜିଲା ପରିଦର୍ଶକ ନିରଞ୍ଜନ ଦାସ ଓ ଖଦିବୋର୍ଡର ଅନ୍ୟ ଅଧିକାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଖଦିହାଟ ଉଦ୍‌ଘାଟନୀ ଅବସରରେ ଜିଲାପାଳ ଦାଶରଥି ଶତପଥୀ ଓ ଅନ୍ୟମାନେ।

## କାଟଣାବଣିଆଁରେ ଫାଣ୍ଡି ପାଇଁ ଦାବି

**ରାଜକନିକା, ୨୪।୧୦ (ଡି.ଏନ୍.ଏ.)**

ରାଜକନିକା ବ୍ଲକ ଅଧୀନ କାଟଣା-ବଣିଆଁଠାରେ ପୋଲିସ ଫାଣ୍ଡି ପ୍ରତିଷ୍ଠା ପାଇଁ ଭାଜପା ପକ୍ଷରୁ ଦୃଢ଼ ଦାବି ହୋଇଛି। ରାଜକନିକା ଥାନା ଅଧୀନ ଏହି ଅଞ୍ଚଳରେ ଏକ କଲେଜ, ଉଚ୍ଚ ବିଦ୍ୟାଳୟ, ପ୍ରସିଦ୍ଧ ଶୈବପୀଠ, ମିନି ବ୍ୟାଙ୍କ ଆଦି ରହିଥିବା ବେଳେ ଆଇନ ଶୃଙ୍ଖଳା ଦୃଷ୍ଟିରୁ କାଟଣାଠାରେ ଏକ ଫାଣ୍ଡି ପ୍ରତିଷ୍ଠା ପାଇଁ ଭାଜପା କର୍ମକର୍ତ୍ତାମାନେ ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ କୋରନ୍ଦ ଗାଁସ୍ଥିତ ମା'ଜଞ୍ଜାଳି ଠାକୁରାଣୀଙ୍କ ପୀଠରେ ବୁଧବାର ଭାଜପାର କର୍ମୀ ସମ୍ମିଳନୀ ଆୟୋଜିତ ହୋଇଥିଲା। ଯୁବନେତା ସଞ୍ଜୟ ବେହୁରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମ୍ମିଳନୀରୁ ଫାଣ୍ଡି ପ୍ରତିଷ୍ଠା ପାଇଁ ୧୦ହଜାର ସମ୍ବଳିତ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ସମ୍ମିଳନୀରେ କିଶୋର ପଣ୍ଡା, ହୃଷୀକେଶ ବେହେରା, ନରହରି ବିଶ୍ୱାଳ, ଭାବଗ୍ରାହୀ ବେହେରା, ବୈକୁଣ୍ଠ ବେହେରା, ରାଜଶ୍ରୀ ବେହେରା, ସଂଘମିତ୍ରା ବିଶ୍ୱାଳଙ୍କ ସମେତ ଶତାଧିକ ଭାଜପା କର୍ମୀ ଯୋଗ ଦେଇଥିଲେ।

## ଅତିରିକ୍ତ ଜିଲା ଦୌରାଜଜ୍ କୋର୍ଟ ପ୍ରତିଷ୍ଠା ଦାବି

**ପଟ୍ଟାମୁଣ୍ଡାଇ,୨୪।୧୦(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇଠାରେ ଅତିରିକ୍ତ ଜିଲା ଦୌରାଜଜ୍ କୋର୍ଟ ପ୍ରତିଷ୍ଠା ପାଇଁ ଦାବି ହୋଇଛି। ଏହି କୋର୍ଟ ପ୍ରତିଷ୍ଠା ହେଲେ ପଟ୍ଟାମୁଣ୍ଡାଇ , ରାଜନଗର, ଆଳି ଓ ରାଜକନିକା ଅଞ୍ଚଳର ଲୋକେ ଉପକୃତ ହୋଇପାରିବେ। ପଟ୍ଟାମୁଣ୍ଡାଇ କୋର୍ଟ ଓକିଲ ସଂଘ ପକ୍ଷରୁ କୁହାଯାଇଛି ଯେ, ପଟ୍ଟାମୁଣ୍ଡାଇଠାରେ ଅତିରିକ୍ତ ଜିଲା ଦୌରାଜଜ୍ କୋର୍ଟ ପ୍ରତିଷ୍ଠା ପାଇଁ ଭିତ୍ତିଭୂମି ରହିଛି। ତେବେ ଏହି କୋର୍ଟ ପ୍ରତିଷ୍ଠା କରିବାରେ ଅଯଥା ବିଳମ୍ବ ଘଟୁଛି। ଏଣୁ ଓକିଲ ସଂଘ ପକ୍ଷରୁ ରାଜ୍ୟ ଆଇନ ବିଭାଗ ନିକଟରେ ତୁରନ୍ତ ଅତିରିକ୍ତ ଜିଲା ଦୌରାଜଜ୍ କୋର୍ଟ ପ୍ରତିଷ୍ଠା କରିବା ପାଇଁ ଦୃଢ଼ ଦାବି ହୋଇଛି। ଓକିଲ ସଂଘ ସଭାପତି ପ୍ରମୋଦ କୁମାର ପଣ୍ଡା, ସମ୍ପାଦକ ସୁଶୀଲ କୁମାର ଦାଶଙ୍କ ସମେତ ବରିଷ୍ଠ ଆଇନଜୀବୀ ପ୍ରଭାତ କୁମାର ବେରା, ପ୍ରଫୁଲ୍ଲ କୁମାର ଦାଶ, ଭବାନୀଶଙ୍କର ପଣ୍ଡା, ବିଦ୍ୟାଭୂଷଣ ଦାଶ, ପ୍ରଣତୀ ଦାସ, ଅଭିରାମ କୁଣ୍ଡ, ବିଜ୍ଞାନ ମିହିର ଜେନା, ତପନ କୁମାର ନନ୍ଦି, ସୁଧୀର ଦାଶ, ଶରତ ଦାଶ, ଭୀମସେନ ପ୍ରଧାନ, ସୌମ୍ୟରଞ୍ଜନ ଧଳ, ଶରତ ମଲିକ, ମିର୍ଜା ଫୟାଜ୍ ବେଗ, ପ୍ରତାପ ପୃଷ୍ଟି, ହୃଦାନନ୍ଦ ମହାନ୍ତି ପ୍ରମୁଖ ଏ ଦିଗରେ ରାଜ୍ୟ ସରକାର ତଥା ଆଇନ ବିଭାଗ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି।

# ଚେତନା ସମାଜ ପକ୍ଷରୁ କୁମାରୋତ୍ସବ ପାଳିତ

**କେନ୍ଦ୍ରାପଡା ଅଫିସ, ୨୪।୧୦**

ଗୋପ ଛକସ୍ଥିତ ଚେତନା ସମାଜ ପକ୍ଷରୁ କୁମାରୋତ୍ସବ ନିକଟସ୍ଥ ପର୍ଯ୍ୟଟନ କ୍ଷେତ୍ର ସଖୀବଟଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ବକ୍ତୃତା, ସଂଗୀତ, ଚିତ୍ରାଙ୍କନ ଓ ପୁଚି ଖେଳ ପ୍ରତିଯୋଗିତାରେ ସ୍ଥାନୀୟ ଅଞ୍ଚଳର ପିଲାମାନଙ୍କ ସମେତ କେତେକ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରତିଯୋଗିତା ଶେଷରେ ଅନୁଷ୍ଠିତ ସଭାରେ ସଂଗଠନ ସଭାପତି ବ୍ରଜକିଶୋର ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଏଥିରେ ଶିକ୍ଷାବିତ୍ ଅଜୟ କୁମାର ସାମଲ, ନିରଞ୍ଜନ ସାହୁ, ନିରଞ୍ଜନ ଜେନା, ଭଜକୃଷ୍ଣ ରାଉତ, ଶ୍ରୀଚରଣ ସାମଲ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନେ କହିଥିଲେ ଯେ, ସମ୍ପ୍ରତି ଆଧୁନିକତାର ଦ୍ୱାହି ଦେଇ ବିଭିନ୍ନ ପାଶ୍ଚାତ୍ୟ ସଂସ୍କୃତି ଓଡ଼ିଆ ଘରର ପର୍ବପର୍ବାଣିରେ ଧସେଇ ପଶି ଆସୁଛି। ଫଳରେ ଆମେମାନେ ପର୍ବ ପାଳନର ମୂଳ ଉଦ୍ଦେଶ୍ୟରୁ କ୍ରମଶଃ ଦୂରେଇ ଯାଉଛୁ। ପାରମ୍ପରିକ ପର୍ବପର୍ବାଣି ପାଳନରେ ସାମାଜିକ ବ୍ୟବସ୍ଥା, ନୀତି ନିୟମ ଓ ବୈଜ୍ଞାନିକ ଭିତ୍ତିଭୂମି ଅଛି। ତେବେ ଆଧୁନିକ ସମାଜ ଏହାର ମୂଳ କାରଣ ନ ଖୋଜି ଏହାକୁ ଅପସଂସ୍କୃତି କହି ଏଡାଇ ଦେବାକୁ ବସିଛି। ଏହି ଅବସରରେ ସଂଗଠନ ପକ୍ଷରୁ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ପ୍ରତିଯୋଗୀ ସୃଷ୍ଟି ରେସମା ନାୟକ, ସଙ୍ଗୀତରେ ଚିନ୍ମୟୀ ସାହୁ, ଚିତ୍ରାଙ୍କନରେ ପ୍ରାତସ୍ମିତା ମଲ୍ଲିକ ଓ ପୁଚିରେ ଚିନ୍ମୟୀ ବିଶ୍ୱାଳଙ୍କ ସମେତ ଅନ୍ୟ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

ସଭାରେ ଆଦିକନ୍ଦ ରାଉଳ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପଣ୍ଡିତ ପ୍ରତାପ କୁମାର ପତି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତାରେ ରବୀନ୍ଦ୍ର ଦାସ, ରମଣୀରଞ୍ଜନ ରାଉତରାୟ, ଉମାକାନ୍ତ କର, ଅବଧୂତ ରାଉତ, ରାଜକିଶୋର ନାୟକ, କରୁଣାକର ଦାସ, ବୈଷ୍ଣବ ସ୍ୱାଇଁ, କୃତିବାସ ସ୍ୱାଇଁ, ଶୈଳଜା ଶଙ୍କର ସାମଲ, କରିସ୍ମା ଦାଣ୍ଡିଆ ପ୍ରମୁଖ ବିଚାରକ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁଳସୀ ରାଣୀ**
**ଜାଣି ନ ଜାଣି ମୁଁ ଦେଉଛି ପାଣି**
**ତୁ ନଉଥା ଟାଣି ।**

ତୁଳସୀ ବୃକ୍ଷକୁ ଅତି ପବିତ୍ର ମନେକରି ତା' ମୂଳରେ ପାଣି ଢାଳି ପୂଜା କରାଯାଇଥାଏ। ତେବେ ଆନ୍ତରିକ ଭକ୍ତିଭାବ ତଥା ପ୍ରାର୍ଥନା ବିନା କରାଯାଉଥିବା ପୂଜା ମୂଲ୍ୟହୀନ ହୋଇଥାଏ। ଏପରି ଉପରଠାଉରିଆ ପୂଜାରେ ଲାଭ କିଛି ମିଳି ନ ଥାଏ। ପୂଜାରେ ମନ ନ ଥିବା ଅଥଚ ଜାଣିଶୁଣି ନିମଗ୍ନ ରହୁଥିବା ବ୍ୟକ୍ତିର ଲୋକଦେଖାଣିଆ ଭକ୍ତିଭାବ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ତାଟିଆରେ ଦେଲି ଭାତ**
**ନିତି ପ୍ରତି ବାସି ପିନ୍ଧିବା ପାଇଁ**
**ଧୋବା ସଙ୍ଗେ ହେଲି ମିତ ।**

ଯାହାଠାରୁ କିଛି ଲାଭ ବା ଫାଇଦା ପାଇବାର ଆଶା ଥାଏ ତାକୁ ସର୍ବଦା ନିଜ ହାତମୁଠାରେ ଧରି ରଖିବାକୁ ଚେଷ୍ଟା କରାଯାଇଥାଏ। ମନରେ ଅଭିସନ୍ଧି ରଖି ତା' ସହ ଭଲେଇ ହୋଇ ମିଛ ସମ୍ପର୍କ ବଢ଼ାଯାଇଥାଏ। ଧୋବା ପାଖରୁ ନିଜ ଧୁଆ ଲୁଗା ପାଇବା ଆଶାରେ ତାକୁ ମନେଇ ରଖାଯିବା ଭଳି ନିଜର ସ୍ୱାର୍ଥସିଦ୍ଧି ପାଇଁ ପରକୁ ଆପଣାର କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ପଟ୍ଟାମୁଣ୍ଡାଇରେ ଗଜଲକ୍ଷ୍ମୀ ପୂଜା



ପଟ୍ଟାମୁଣ୍ଡାଇ ବସ୍‌ଷ୍ଟାଣ୍ଡରେ ହୋଇଥିବା ଗଜଲକ୍ଷ୍ମୀ ମେଢ।

**ପଟ୍ଟାମୁଣ୍ଡାଇ,୨୪।୧୦(ସ୍ୱ.ପ୍ର.)**

ବୁଧବାର କୁମାର ପୂର୍ଣ୍ଣିମା ଅବସରରେ ପଟ୍ଟାମୁଣ୍ଡାଇରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଛି। ପଟ୍ଟାମୁଣ୍ଡାଇ ବସ୍‌ଷ୍ଟାଣ୍ଡ ଓ ବକ୍ତାରପୁର ଛକ ପୂଜାମଣ୍ଡପରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହେଉଛି। ବସ୍‌ଷ୍ଟାଣ୍ଡ ପୂଜା କମିଟି ସଭାପତି ହରିହର ବାରିକ, ସମ୍ପାଦକ ଅଜିତ ରାଉତ, ସୌମ୍ୟଜିତ୍ ସ୍ୱାଇଁ, ପ୍ରସନ୍ନ ମଲିକ, ସୁମିତ ସିହ୍ନା, ଭୋଳାନାଥ ବେହେରା, କାଳନ୍ଦୀ ନାୟକ, ଚୈତନ୍ୟ ମଲିକ, ହେମନ୍ତ ମଲିକ, ଚିରଞ୍ଜିବୀ ବେହେରା ପ୍ରମୁଖଙ୍କ ଉଦ୍ୟମରେ ଚଳିତବର୍ଷ ୨ୟ ବାର୍ଷିକ ମା' ଗଜଲକ୍ଷ୍ମୀଙ୍କ ପୂଜା ହେଉଛି। ସେହିପରି ପୌରାଞ୍ଚଳର ବକ୍ତାରପୁର ଛକ ପୂଜା କମିଟି ପକ୍ଷରୁ ୬ଷ୍ଠ ବାର୍ଷିକ ମା' ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହେଉଛି। ବକ୍ତାରପୁର ଛକସ୍ଥିତ ବ୍ୟବସାୟୀ ପ୍ରତିଷ୍ଠାନ ମାଲିକମାନଙ୍କ ଉଦ୍ୟମରେ ମା' ଗଜଲକ୍ଷ୍ମୀଙ୍କ ପୂଜା ହୋଇଆସୁଛି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳଦ୍ୱାର ଫାଟ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day)
For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

Dhanlaxmi Finance Services
ସରକାରଙ୍କ ଦ୍ୱାରା ପଞ୍ଜୀକୃତ
(Reg No.- od6789dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ଗ୍ରୁପ୍ ଋଣ 72 ଘଣ୍ଟାରେ ପାଆନ୍ତୁ ।
1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ ମାତ୍ର 1% ସୁଧ, 40% ରିହାତି।
For more details contact:
9193648139
SATAPADA, PURI, ODISHA - 752011

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7684946678
8337956019

M. GROUP FINANCE CO.
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Agent ଆମନ୍ତ୍ରିତ
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

SMS JOB
Send SMS. Earn MONEY
AIRTEL - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୩୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike SIM + 20,000/- Advance
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
8809132432
7370994270

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
(ଏଜେଣ୍ଟ ଆମନ୍ତ୍ରିତ)
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

ଆଦର୍ଶ ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ, ପରେ ଦାମ୍
ଦୀପାବଳି ଧମାକା
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ, ଚାଷକାର୍ଯ୍ୟ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ
୨% ସୁଧ - ୪୦% ରିହାତି
୮୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
କମ୍ କାଗଜପତ୍ର କାମ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
168, Sector-30, Jagatpura, Jaipur, Rajasthan
73106-12716
89794-48754

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ଦୈବିକ ବିଦ୍ୟାରେ ନିପୁଣ
9873361894, 9654673664

Dhanlaxmi Financial Services
(Govt Registered)
(Regd No - odhR009742)
ଆଧାରକାର୍ଡ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ଗାଡ଼ି, ଗ୍ରୁପ୍ ଋଣ ଏବଂ ସବୁ ପ୍ରକାରର ଋଣ ସହଜ କିସ୍ତିରେ ବ୍ୟାଙ୍କ ଦ୍ୱାରା ଘରେ ବସି ପାଆନ୍ତୁ।
2% ସୁଧ 40% ସରକାରୀ ସବ୍‌ସିଡି ଯୋଗାଯୋଗ କରନ୍ତୁ
6397482193
9138702512
74/8, Taraan, Punjab

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାଇଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଲେଶ, କିୟା କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି କଠିନ ରୁ କଠିନ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଛି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବସରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖବରଦାର କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ଦୈବିକ ବିଦ୍ୟାରେ ନିପୁଣ
9997796211

ନିଜ ବ୍ୟବସାୟରେ ଅଭିବୃଦ୍ଧି ଆଣନ୍ତୁ
ITCT EDUCATION
ସହିତ
ଭାରତର ସର୍ବବୃହତ୍ ନେଟ୍‌ୱର୍କ
ନିଜ ବ୍ୟବସାୟରେ ଅତିରିକ୍ତ ଲାଭ ଉପାର୍ଜନ କରନ୍ତୁ। ଆଇଟିସିଟି ଲର୍ନିଂ ସିଷ୍ଟମ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଏକ ଫ୍ରାଞ୍ଚାଇଜି ପାର୍ଟନର ହୁଅନ୍ତୁ।
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ (ଭାରତ ସରକାର)
ଅଧିକ ସୂଚନା ପାଇଁ
0712-2223456 / 09422123456
www.itctedu.in

ଋଣ
ନବରାତ୍ରି ଉତ୍ସବ
!!ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ!!
ଶ୍ରୀ ଜଗନ୍ନାଥ ଫାଇନାନ୍ସ
ମାର୍କଶିଟ୍, ଆଧାରକାର୍ଡ, ପର୍ସନାଲ, ପ୍ରପର୍ଟି ଋଣ ଇତ୍ୟାଦି 24 ଘଣ୍ଟାରେ
1,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
1% ସୁଧ 55% ରିହାତି + 25% ସବ୍‌ସିଡି
ମାତା ଓ ଭଉଣୀଙ୍କୁ ବିଶେଷ ରିହାତି
7895183349
9927051692
Add : - 41/14, Sec-1 Pushp Vihar, Delhi

!! LOAN LOAN LOAN !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା ଦ୍ୱାରା
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9717895136
9871773265
Add : - 41/14, Sec-1 Pushp Vihar, Delhi

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

LOAN
ଓଡ଼ିଶାର ସମସ୍ତ ଜିଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

FINANCE
ଭାରତ No. 1 ରେଜିଷ୍ଟର୍ଡ କମ୍ପାନି 1980 ରୁ ଆପଣଙ୍କ ସେବାରେ
Regd. No : OD14813486
କରୁଛି କେବଳ ଆଧାରକାର୍ଡ, ପ୍ରପୋର୍ଟି, ମାର୍କସିଟ୍, ପର୍ସନାଲ୍, ହୋମ, ଜମି, ଏଜୁକେସନ୍, ବିଜ୍‌ନେସ୍, ଲଘୁ ଉଦ୍ୟୋଗ ପାଇଁ ସମସ୍ତ ଋଣ ଘରେ ବସି ମାତ୍ର ୨୪ଘଣ୍ଟାରେ 1% ସୁଧ 40% ରିହାତି ବିଦ୍ୟାର୍ଥି ମାନଙ୍କୁ ସମ୍ପୂର୍ଣ୍ଣ ଅଗ୍ରାଧିକାର।
ଅଧିକ ବିବରଣୀ ପାଇଁ ସମ୍ପର୍କ କରନ୍ତୁ
31 UA, Bangalow Road, Kamla Nagar, New Delhi
7751976559

ଦୀପାବଳି ଧମାକା
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
ଭାରତର ନଂ.1 ଫାଇନାନ୍ସ କମ୍ପାନୀ
ମାର୍କଶିଟ୍, ଆଧାରକାର୍ଡ ଆଦି ଋଣ
2% ସୁଧ 50% ରିହାତି + ସବ୍‌ସିଡି
ମାତା ଓ ଭଉଣୀଙ୍କ ପାଇଁ ବିଶେଷ ରିହାତି + ସବ୍‌ସିଡି
9625419406
8695337370
Add : - T-51, Gautampuri, Delhi-53

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଶ୍ରୀରାମ ଫାଇନାନ୍ସ ଲିମିଟେଡ୍
(Reg. No. LA76108CH0902)
1982ରୁ ପଞ୍ଜୀକୃତ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ସବୁ ଋଣ 24 ଘଣ୍ଟାରେ ଘରେ ବସି, 2% ସୁଧ, 40% ରିହାତି।
7460970869
7518148465
ଠକମାନଙ୍କ ପ୍ରତି ସାବଧାନ।

T.C.F. FINANCE
ଋଣ ମାତ୍ର 6 ଘଣ୍ଟାରେ ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍, ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
08418002678
08859668547
39, Patel Nagar, Saharanpur Road, Dehradun - 248001

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ
ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar



ଯେତେବେଳେ ମଣିଷ ନୈରାଶ୍ୟର ଶେଷ ସୀମାରେ ପହଞ୍ଚିଯାଏ, ସେତେବେଳେ ତା'ଠାରେ ଅଦ୍ଭୁତ ଶକ୍ତିର ପ୍ରକାଶ ଘଟିଥାଏ।

-ଫ୍ରାଙ୍କଲିନ୍



## ସଂକ୍ଷେପରେ

### ବଧୂହତ୍ୟା ଅଭିଯୋଗ

**ଜଗତ୍‌ସିଂହପୁର ଅଫିସ, ୨୪।୧୦:** ଜଗତ୍‌ସିଂହପୁର ଥାନା ଅଧୀନ ଦେଭୋଗ ଗ୍ରାମର ଶ୍ରୀହରି ପାତ୍ରଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ଗାହାଣଙ୍କ ବୁଧବାର ମୃତ୍ୟୁ ହୋଇଛି। ଲକ୍ଷ୍ମୀପ୍ରିୟାଙ୍କ ଶାଶୁଘର ଲୋକେ ଏହାକୁ ଆତ୍ମହତ୍ୟା କହୁଥିବାବେଳେ ବାପଘର ଲୋକେ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ଲକ୍ଷ୍ମୀପ୍ରିୟାଙ୍କ ବାପା କଟକ ଜିଲା ବାଉନପଠି ଗ୍ରାମର ରବୀନ୍ଦ୍ର ଗାହାଣ ଏ ନେଇ ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ପାଇବା ପରେ ମାମଲା ନଂ-୨୬୪/୧୮ ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ରବୀନ୍ଦ୍ର ଅଭିଯୋଗରେ ଉଲ୍ଲେଖ କରିଛନ୍ତି ଯେ, ତାଙ୍କ ସାନ ଝିଅ ହେଉଛନ୍ତି ଲକ୍ଷ୍ମୀପ୍ରିୟା। ୨ ବର୍ଷ ପୂର୍ବରୁ ସେ ଦେଭୋଗ ଗ୍ରାମର ବଳରାମ ପାତ୍ରଙ୍କ ଜ୍ୟେଷ୍ଠ ପୁତ୍ର ଶ୍ରୀହରି ପାତ୍ରଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବୁଧବାର ଜ୍ୱାଇଁ ଫୋନ୍ ଯୋଗେ କହିଥିଲେ ଯେ, ଲକ୍ଷ୍ମୀପ୍ରିୟା ଆତ୍ମହତ୍ୟା କରିଛନ୍ତି। ସେମାନେ ପହଞ୍ଚି ଦେଖିଲା ପରେ ହତ୍ୟା କରାଯାଇଥିବା ଜାଣି ଥାନାରେ ଅଭିଯୋଗ କରିଛନ୍ତି। ଯୌତୁକ ନିର୍ଯାତନା ଦେଇ ଜ୍ୱାଇଁ, ତାଙ୍କ ବାପା ବଳରାମ, ଶାଶୁ ସୁକୁଟି, ଦିଅର ସ୍ୱାନ, ନଣନ୍ଦ ମଞ୍ଜୁଲତା ପ୍ରମୁଖ ତାଙ୍କ ଝିଅକୁ ହତ୍ୟା କରିଛନ୍ତି ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି।

### ବିଶ୍ୱଜିତ ଜିଲା ଭାଜପା ଯୁବମୋର୍ଚ୍ଚା ଉପସଭାପତି ନିଯୁକ୍ତ



**ତିର୍ତ୍ତୋଲ,୨୪।୧୦(ଡି.ଏନ.ଏ.):** ତିର୍ତ୍ତୋଲ ଅଞ୍ଚଳର ଯୁବନେତା ବିଶ୍ୱଜିତ ଦାଶଙ୍କୁ ଜଗତ୍‌ସିଂହପୁର ଜିଲା ଭାଜପା ଯୁବମୋର୍ଚ୍ଚା ଉପସଭାପତି ନିଯୁକ୍ତ କରାଯାଇଛି। ଜିଲା ଭାଜପା ସଭାପତି ସତ୍ୟବ୍ରତ ମହାପାତ୍ର ଓ ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ସମ୍ପଦ ସ୍ୱାଇଁଙ୍କ ଅନୁମୋଦନ କ୍ରମେ ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ନୂଆ ଉପସଭାପତି ଦାଶ ଏଥିପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ, ଜିଲା ଭାଜପା ସଭାପତି ସତ୍ୟବ୍ରତ ମହାପାତ୍ର, ଜିଲା ଯୁବମୋର୍ଚ୍ଚା ସଭାପତି ସମ୍ପଦ ସ୍ୱାଇଁ ଓ ସାଧାରଣ ସମ୍ପାଦକ ସୁଧୀର ମଲ୍ଲିକଙ୍କୁ କୃତଜ୍ଞତା ଜଣାଇବା ସହ ଜିଲାରେ ଯୁବମୋର୍ଚ୍ଚାର ସଂଗଠନକୁ ସୁଦୃଢ଼ କରିବା ଦିଗରେ କାର୍ଯ୍ୟ କରିବେ ବୋଲି ପ୍ରତିକ୍ରିୟାରେ କହିଛନ୍ତି। ଦାଶଙ୍କୁ ଯୁବମୋର୍ଚ୍ଚା ଜିଲା ସମ୍ପାଦକ ସୁଦୀପ୍ତ ନାଥ, ତିର୍ତ୍ତୋଲ ମଣ୍ଡଳ ସଭାପତି ଶିବପ୍ରସାଦ ସାହୁ, ଶାରଳା ମଣ୍ଡଳ ସଭାପତି ରୂପକ ଖୁଣ୍ଟିଆ, ଦାଇଁଲୋ ମଣ୍ଡଳ ସଭାପତି ଦିଲୀପ ମହାନ୍ତି, ଜଗନ୍ନାଥପୁର ମଣ୍ଡଳ ସଭାପତି ସୁନନ୍ଦ ବିଶ୍ୱାଳ, ନୀଳ ଦାସ, ତୋଫାନ ମହାପାତ୍ର, ଦୀପକ ପୃଷ୍ଟି, ସାଗର ଦାସ ଓ ତୁଷାର ଦାସଙ୍କ ସମେତ ବହୁ ଯୁବମୋର୍ଚ୍ଚା କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।

### ବାଲିଘର ପକ୍ଷରୁ ପଣ୍ଡିତ ଭାସ୍କର ଶତପଥୀଙ୍କ ଜୟନ୍ତୀ

**ତିର୍ତ୍ତୋଲ,୨୪।୧୦(ଡି.ଏନ.ଏ.):** ବାଲିଘର ସାହିତ୍ୟ ଓ ସଂସ୍କୃତି ପ୍ରତିଷ୍ଠାନ ପକ୍ଷରୁ ତିର୍ତ୍ତୋଲ ବ୍ଲକ ଅଲଣାମଠସ୍ଥିତ ଶ୍ରୀସତ୍ୟନାରାୟଣ ମନ୍ଦିର ପରିସରରେ ବୁଧବାର ଆଦର୍ଶ ଶିକ୍ଷକ ତଥା କବି ପଣ୍ଡିତ ଭାସ୍କର ଚନ୍ଦ୍ର ଶତପଥୀଙ୍କ ୭୯ ତମ ଜୟନ୍ତୀ ପାଳିତ ହୋଇଛି। ଏଥିରେ ପୂର୍ବତନ ଜିଲା ପରିଷଦ ସଭ୍ୟ ହେମନ୍ତ କୁମାର ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ସାହିତ୍ୟିକ ମହେନ୍ଦ୍ର କୁମାର ଆଚାର୍ଯ୍ୟ, ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ଦାସ, ନାଗରିକ ମଞ୍ଚ ସଭାପତି ବୃନ୍ଦାବନ ପଣ୍ଡା, ସମାଜିକ କର୍ମୀ ନଟବର ପାତ୍ର, ଦିଗମ୍ବର ରାଉତ, ଅଧାପକ ଅଭୟ ମହାରଣା, ସମ୍ମାନିତ ଅତିଥି 'ସୁଶ୍ରୀ ଶୁଭଶ୍ରୀ'ର ସମ୍ପାଦିକା ବସନ୍ତ ମଞ୍ଜରୀ ଦାସ, କବି କୈଳାସ ଚନ୍ଦ୍ର ପ୍ରଧାନ, ଅଶୋକ ସାହୁ ଓ ସହଦେବ କୁଅଁର ପ୍ରମୁଖ ଯୋଗଦେଇ ପଣ୍ଡିତ ଶତପଥୀଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ପଣ୍ଡିତ ଶତପଥୀଙ୍କୁ 'ବାଲିଘର' ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବାଲିଘର ସମ୍ପାଦକ କୈଳାସ ଚନ୍ଦ୍ର ସ୍ୱାଇଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କବି ରବୀନ୍ଦ୍ର କୁମାର ଦାଶ, ନିରଞ୍ଜନ କୁଅଁର ଓ ମହମ୍ମଦ ମନସୁର ଅଲ୍ଲୀ ପ୍ରମୁଖ କବିତାପାଠ କରିଥିଲେ। ଶେଷରେ କବି ଶ୍ରୀକାନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ହେଉନି ମରାମତି, ବଢ଼ୁଛି ଦୁର୍ଘଟଣା

**ପାରାଦୀପ,୨୪।୧୦(ସ୍ୱ.ପ୍ର.)**

**୫ ନଂ(କ) ଜାତୀୟ ରାଜପଥ**



ରାସ୍ତାରେ ସୃଷ୍ଟି ହୋଇଥିବା ଖାଲଖମା।

- ଆନ୍ଦୋଳନ ପାଇଁ ବିଜେଡିର ସଜବାଜ
- ରାସ୍ତା ଖାଲଖମାରେ ଭର୍ତ୍ତି

ବନ୍ଦର ଭିତ୍ତିକ ଶିଳ୍ପ ନଗରୀ ପାରାଦୀପକୁ ମୁଖ୍ୟ ରାସ୍ତା ହେଉଛି ୫ନଂକ ଜାତୀୟ ରାଜପଥ। ଚଣ୍ଡିଖୋଲରୁ ପାରାଦୀପକୁ ସଂଯୋଗ କରୁଥିବା ଏହି ୪ ଲେନ୍ ରାସ୍ତାରେ ଏବେ ଦୁର୍ଘଟଣା ସଂଖ୍ୟା ବଢ଼ିବାରେ ଲାଗିଛି। କାରଣ ଏହି ରାସ୍ତାର ବିଭିନ୍ନ ସ୍ଥାନ ଖାଲଖମାରେ ଭର୍ତ୍ତି ହୋଇଛି। ଏଥିଯୋଗୁ ବାଇକ୍‌ଠାରୁ ଆରମ୍ଭ କରି ଭାରିଯାନ ପର୍ଯ୍ୟନ୍ତ ଯାତାୟାତରେ ବହୁ ଅସୁବିଧା ହେଉଛି। ଅଧିକାଂଶ ଖାଲ ସ୍ଥାନରେ ଦୁର୍ଘଟଣା ଘଟୁଛି। ଖାଲଦେଇ ପଣ୍ୟ ବୋଝେଇ ଗାଡ଼ି ଯାତାୟାତ କରିବା ସମୟରେ ଧକଡ଼ ଚକଡ଼ ହୋଇ ସେଥିରୁ କୋଇଲା ଓ ଲୁହା ପଥର ଗୁଣ୍ଡ ଖସୁଛି। ବର୍ଷା ସମୟରେ ଖାଲ ଜଣାପଡୁ ନ ଥିବାରୁ ଅନେକ ଚାଳକ ଖାଲରେ ଗାଡ଼ି ପକାଇ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହାଦ୍ୱାରା ଧନ ଜୀବନ ସହିତ ଅନେକ ଲୋକଙ୍କ କ୍ଷତି ଘଟୁଛି। ଅନ୍ୟପକ୍ଷରେ ରାସ୍ତାରେ ଯେଉଁ ଧୂଳି ପଡୁଛି ବର୍ଷାହେବା ପରେ ତାହା କାଦୁଅ ଚିକିଟା ପରି ହୋଇଯାଉଛି। ଫଳରେ ସେଥିରେ ଗାଡ଼ି ଚକା ଖସିଯାଉଛି। ଏଭଳି ସ୍ଥିତି ବିଶେଷକରି ଅଠରବାଙ୍କୀରୁ ଭୂତମୁଣ୍ଡାଇ ପର୍ଯ୍ୟନ୍ତ ରହିଛି। ରାସ୍ତା ମଝିରେ ଥିବା ବ୍ୟାରିକେଡ୍ ଅଧିକାଂଶ ସ୍ଥାନରେ ଭାଙ୍ଗି ପଡ଼ିଲାଣି। ତେଣୁ ଏହି ରାସ୍ତାକୁ ତୁରନ୍ତ ମରାମତି କରିବାକୁ ଅଞ୍ଚଳର ବିଭିନ୍ନ ସଂଗଠନ ଦାବି କରିଛନ୍ତି। ପୂର୍ବରୁ ବିଜୁ ଜନତା ଦଳ ରାସ୍ତାର ମରାମତି ନେଇ ଆନ୍ଦୋଳନ ଡାକରା ଦେଇଥିଲା। ସେତେବେଳେ ବିଶ୍ୱକର୍ମା ପୂଜା ଓ ଲଘୁଚାପ ଯୋଗୁ ଏହି ଆନ୍ଦୋଳନ ସ୍ଥଗିତ ରହିଥିଲା। ଏବେ ପୁଣି ଦଳ ଆନ୍ଦୋଳନ ପାଇଁ ସଜବାଜ ହେଉଛି। ଏଥିସହିତ ଲୋକେ ଜାତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ବିରୋଧରେ ନାରାବାଜି କରିବେ ବୋଲି ଜଣାପଡ଼ିଛି। ବିଶ୍ୱକର୍ମା ପୂଜା ପ୍ରସ୍ତୁତି ବୈଠକବେଳେ ଜିଲା ପ୍ରଶାସନ ରାସ୍ତା ମରାମତି କରିବା ପାଇଁ ପାରାଦୀପ ବନ୍ଦର ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଥିଲା। କିନ୍ତୁ ପୂଜା ପୂର୍ବରୁ ସେହି ରାସ୍ତା ମରାମତି ହେଲାନାହିଁ। ଏବେ ପୁଣି ପ୍ରଶାସନ କଳିଙ୍ଗ ବାଲିଯାତ୍ରା ମହୋତ୍ସବ ପୂର୍ବରୁ ରାସ୍ତା ମରାମତି କରିବା ପାଇଁ ଉଭୟ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଛି। ତେବେ ବାଲିଯାତ୍ରା ପୂର୍ବରୁ ରାସ୍ତା ମରାମତି ହେଉଛି କି ନାହିଁ ତାହା ସମୟ କହିବ। ତେବେ ରାସ୍ତାର ଦୁରାବସ୍ଥା ପାଇଁ ପ୍ରତ୍ୟେକ ଦିନ ଧନଜୀବନ ହାନି ହେଉଛି। ଅଠରବାଙ୍କୀଠାରୁ ଦୋଛକି ପର୍ଯ୍ୟନ୍ତ ୪.୫କି.ମି. ରାସ୍ତାକୁ ପିପିଏଲ, ଇଫ୍‌କୋ, ଏସାରଷ୍ଟିଲ ଓ ପାରାଦୀପ ବନ୍ଦର ଧାର୍ଯ୍ୟସୀମା ଅନୁସାରେ ନିୟମିତ ସଫା କରିବେ ବୋଲି ୨୦୧୬ ଅକ୍ଟୋବରରେ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। କିଛି ଦିନ ରାସ୍ତା ସଫା ହେଲାପରେ ତାହା ବନ୍ଦ ହୋଇଗଲା। ଏହି ରାଜପଥରେ ସାଧାରଣ ଗାଡ଼ିକୁ ଛାଡ଼ିଲେ କେବଳ ଭାରିଯାନ ଦୈନିକ ୭୫୦୦ରୁ ୮୦୦୦ ଚଳାଚଳ କରୁଛି। ସେହି ଅନୁସାରେ ସରକାର ରାଜସ୍ୱ ମଧ୍ୟ ପାଉଛନ୍ତି। କିନ୍ତୁ ସାଧାରଣ ଲୋକଙ୍କ ସମସ୍ୟା ପ୍ରତି ସରକାର ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ। ତେବେ ରାସ୍ତା ମରାମତି କେବେ ହେଉଛି ତାହା ଦେଖିବାକୁ ଅପେକ୍ଷା।

### ୨ଦିନ ପୂର୍ବରୁ ବିଷ୍ଣୁଙ୍କ ଗାଡ଼ି ପଛରେ ଗୋଡ଼ାଇଥିଲେ ଉଲ୍ଲାସଙ୍କ ସହଯୋଗୀ

# ଉଲ୍ଲାସଙ୍କ ନାମରେ ଅଭିଯୋଗ କଲେ ଆଳିପିଙ୍ଗଳ ସମିତି ସଭ୍ୟାଙ୍କ ସ୍ୱାମୀ

**ଜଗତ୍‌ସିଂହପୁର ଅଫିସ,୨୪।୧୦**

ଜଗତ୍‌ସିଂହପୁର ଥାନା ଆଳିପିଙ୍ଗଳର ଉଲ୍ଲାସ କାବୁଙ୍କ ନାମରେ ମଙ୍ଗଳବାର ରାତିରେ ଥାନାରେ ଅଭିଯୋଗ କରିଛନ୍ତି, ଆଳିପିଙ୍ଗଳ ପଞ୍ଚାୟତ ସମିତିସଭ୍ୟାଙ୍କ ସ୍ୱାମୀ ମୃତ୍ୟୁଞ୍ଜୟ ସ୍ୱାଇଁ। ମୃତ୍ୟୁଞ୍ଜୟ ଅଭିଯୋଗ କରିବା ସହ ନ୍ୟାୟଭିକ୍ଷା କରିଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି, ତାଙ୍କଘର ଫୁଲହାର ଗ୍ରାମରେ। ଗତ ୨୩ ତାରିଖ ରାତି ପ୍ରାୟ ୧୦ଟାରେ ନିକଟସ୍ଥ ଜୋରକୂଳରୁ ଭୋଜି ଖାଇ ଫେରୁଥିଲେ। ଏହି ସମୟରେ ଆଳି ପିଙ୍ଗଳ ବଜାରର ଏକ ଦୋକାନ ଆଗରେ ଛିଡ଼ା ହୋଇଥିବାବେଳେ ଆଳି ପିଙ୍ଗଳର ଉଲ୍ଲାସ କାବୁ ଏକ ବୁଲେଟରେ ଆସି କହିଲେ, ତୁମେମାନେ ଆଉ ଏ ବଜାରରେ ବସିବନି। ତୁମଙ୍କୁ ବଜାରରେ ବସାଇ ଦିଆଯିବନି। ପୂର୍ବତନ ବଧାୟକ ବିଷ୍ଣୁ ଦାସ କ'ଣ କରିବେ ଦେଖିବୁ ବୋଲି କହି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। କେବେଳ ଏତିକି ନୁହେଁ ତାଙ୍କ ଶାଳକ ଚଗଲା ଦାସଙ୍କୁ ଥାନାରୁ ଜାମିନରେ ନେଇ ଆସିଛନ୍ତି। କେତେ ଲୋକଙ୍କୁ ଲଗାଇ ଏତଲା ଦେବ ଦିଅ। ଆଗକୁ କ'ଣ କରୁଛି ଦେଖିବ ବୋଲି ଚେତାବନୀ ଦେଇଥିଲେ। ଏହାକହି ଉଲ୍ଲାସ, ଚଗଲା ଓ ଅନ୍ୟଜଣେ ବୁଲେଟରେ ଚାଲି ଯାଇଥିଲେ। ଉଲ୍ଲାସଙ୍କ ଧମକ ଯୋଗୁ ସେମାନେ ଅସୁରକ୍ଷିତ। ତେଣୁ ତାଙ୍କ ପରିବାରକୁ ସୁରକ୍ଷା ସହ ନ୍ୟାୟ ଦେବାପାଇଁ ମୃତ୍ୟୁଞ୍ଜୟ ଜଗତ୍‌ସିଂହପୁର ଥାନାରେ ନିବେଦନ କରିଛନ୍ତି। ପୋଲିସ ଅଭିଯୋଗ ଗ୍ରହଣ କରିବା ପରେ ମାମଲା ନଂ-୨୬୫/୧୮ରୁଜୁ କରିଛି। କିନ୍ତୁ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଏହାକୁ ନେଇ ଆଳିପିଙ୍ଗଳ ଅଞ୍ଚଳରେ ଚାପା ଉତ୍ତେଜନା ସୃଷ୍ଟି ହୋଇଛି। ମୃତ୍ୟୁଞ୍ଜୟ ଏକଥା ମଧ୍ୟ କହିଛନ୍ତି, ୨ଦିନ ପୂର୍ବରୁ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ବିଷ୍ଣୁ ଦାସ ଏହି ପଞ୍ଚାୟତର ଏକ କାର୍ଯ୍ୟକ୍ରମରୁ ଫେରୁଥିଲାବେଳେ ତାଙ୍କ ଗାଡ଼ି ପଛରେ କିଛି ଲୋକ ଗୋଡ଼ାଇଥିଲେ। ଏହା ଉଲ୍ଲାସଙ୍କ ଇସାରାରେ ଘଟୁଛି। ସୂଚନାଯୋଗ୍ୟ, ଚଗଲା ହେଉଛନ୍ତି ଉଲ୍ଲାସର ଶାଳକ। ଗତ ୧୮ ଓ ୨୧ରେ ସେ ଜଣେ ଶ୍ରମିକ ଠିକାଦାରକୁ ଅଳିପିଙ୍ଗଳରେ ଆକ୍ରମଣ କରିଥିଲେ। ଯେହେତୁ ସମ୍ପୃକ୍ତ ଠିକାଦାର ଜଣେ ବିଜେଡି କର୍ମୀ ତେଣୁ ସମିତିସଭ୍ୟାଙ୍କ ସ୍ୱାମୀ ମୃତ୍ୟୁଞ୍ଜୟ ଓ ଅନ୍ୟମାନେ ତାଙ୍କୁ ସହଯୋଗ କରୁଛନ୍ତି। ଏହି କାରଣରୁ ମୃତ୍ୟୁଞ୍ଜୟଙ୍କୁ ଧମକ ଦିଆଯାଇଥିବା କୁହାଯାଉଛି।

# ବିଧାୟିକାଙ୍କ ବିରୋଧୀ ଗୋଷ୍ଠୀ ପୁଣି ସକ୍ରିୟ

**ତିର୍ତ୍ତୋଲ,୨୪।୧୦(ଡି.ଏନ.ଏ.)**

ଦୀର୍ଘ ଦିନର ବ୍ୟବଧାନ ପରେ ପୁଣି ତିର୍ତ୍ତୋଲରେ ବିଧାୟିକାଙ୍କ ବିରୋଧୀ ଗୋଷ୍ଠୀ ସକ୍ରିୟ ହୋଇଛନ୍ତି। ଏମାନେ ରାଜଶ୍ରୀ ହଟାଅ ତିର୍ତ୍ତୋଲ ବଞ୍ଚାଅ ଅଭିଯାନକୁ ତ୍ୱରାନ୍ୱିତ କରିବେ ବୋଲି ଏକ ବୈଠକରେ ଘୋଷଣା କରିଛନ୍ତି। ମଙ୍ଗଳବାର ରାତିରେ ବିଜେଡି ବ୍ଲକ ସଭାପତି ତଥା ବିଷନପୁର ସରପଞ୍ଚ ବସନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ବ୍ଲକର କନିମୂଳ କୁଟିଲ ମଠ ପରିସରରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ବହୁ ବିଧାୟିକାଙ୍କ ବିରୋଧୀ ବିଜେଡି କର୍ମୀମାନେ ଏକତ୍ର ହୋଇ ବିଧାୟିକ ଡା. ରାଜଶ୍ରୀ ମଲ୍ଲିକଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରିଥିଲେ। ଦଳୀୟ କର୍ମୀଙ୍କୁ ବିଧାୟିକା ଯେପରି ଅବହେଳା କରିଛନ୍ତି ଏହାର ଜବାବ ଆଗାମୀ ଦିନରେ ଦିଆଯିବ ବୋଲି ବହୁ କର୍ମୀ ବକ୍ତବ୍ୟରେ କହିଥିଲେ। ଅଜୟ ସେଠୀ, ସନ୍ତୋଷ ସାହୁ, ରଞ୍ଜିତ ସାହୁ, ଅନୁରାଗ ସାହୁ, ପିଙ୍କୁ ମଲ୍ଲିକ, ସମୀର ସାହୁ, ଅମିତାଭ ମଲିକ, ରବୀନ୍ଦ୍ର ସେଠୀ, ପ୍ରଭାକର ସୂତାର, କାହ୍ନୁଚରଣ ଦାସ, କିଶୋର ନାୟକ, ଧାନକେତନ ସିଂହ, ଶ୍ରୀକାନ୍ତ ବେହେରା, ନିତ୍ୟାନନ୍ଦ ବେହେରା, ଅମର ମଲ୍ଲିକ, ସୁଶୀଲ ଭୋଳ, ସୁନୀଲ ଭୋଳ ଓ ପ୍ରଶାନ୍ତ କୁମାର ମଲ୍ଲିକ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

### ୧୯୮୫ ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

**ବାଲିକୁଦା,୨୪।୧୦(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ଅଧୀନ ବୋରିକିନା ଉଚ୍ଚ ବିଦ୍ୟାଳୟ ୧୯୮୫ ମସିହା ମାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ତଥା ବୋରିକିନା ସରପଞ୍ଚ ସାଧୁ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଛାତ୍ରବନ୍ଧୁ ମୀନକେତନ ବେହେରା, ଧରଣୀଧର ପାତ୍ର, ସପନ ଅଧିକାରୀ, ସରୋଜ ସାହୁ, ମହେନ୍ଦ୍ର ସାହୁ, ଅକ୍ଷୟ ପରିଡା, ପ୍ରଭାତ ପରିଡା ପ୍ରମୁଖଙ୍କ ସମେତ ବ୍ୟାଚ୍‌ର ବନ୍ଧୁମାନେ ଯୋଗଦେଇ ଛାତ୍ର ଜୀବନର ପୁରୁଣା ସ୍ମୃତିକୁ ରୋମନ୍ଥନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଓ କାର୍ଯ୍ୟରତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପୁରାତନ ଛାତ୍ରୀଛାତ୍ର ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶେଷକରେ ଅମ୍ବିକା ପାଣି ଧନ୍ୟବାଦ ଦେଇଥିଲେ।

# ଆନ୍ଧ୍ର ବ୍ୟାଙ୍କ ପକ୍ଷରୁ ଜନସଚେତନତା ଶିବିର

**ବାଲିଆ,୨୪।୧୦**

ବିରିଡି ବ୍ଲକ ଅଧୀନ ବଡ଼ଖଣ୍ଡାୟତା ଆନ୍ଧ୍ର ବ୍ୟାଙ୍କ ଶାଖା ପକ୍ଷରୁ ବୁଧବାର ସ୍ଥାନୀୟ ଗୋଠପଦାଠାରେ ଏକ ଜନସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶାଖା ପରିଚାଳକ ରଞ୍ଜିତ କୁମାର ସାହୁ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ ବ୍ୟାଙ୍କ ଜରିଆରେ କିଭଳି ଉପକୃତ ହୋଇପାରିବେ ସେ ସମ୍ପର୍କରେ ବୁଝାଇଥିଲେ। ମୁଖ୍ୟତ ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ଖାତା ଖୋଲିବା, ମୁଦ୍ରା ଲୋନ ଓ ଅନ୍ୟାନ୍ୟ ଲୋନ ନେଇ ନିଜର ଆର୍ଥିକ ଅବସ୍ଥାରେ ସ୍ୱଚ୍ଛଳତା ଅଣିବାକୁ ଲୋକଙ୍କୁ ପରାମର୍ଶ ଦେଇଥିଲେ। ଏଥିସହିତ ଅଟଳ ପେନସନ୍ ଯୋଜନାରେ ବ୍ୟାଙ୍କ ତରଫରୁ ମଲୁଥିବା ଉପକାର ସମ୍ପର୍କରେ ମଧ୍ୟ ସଚେତନ କରିଥିଲେ। ଉପସ୍ଥିତ ଜନସାଧାରଣଙ୍କ ମଧ୍ୟରୁ ପ୍ରତାପ ବାରିକ, ସଞ୍ଜୟ ଭୂୟାଁ, ପରିକ୍ଷିତ ବେହେରା, ସତ୍ୟଜିତ ଖଣ୍ଡୁଆଳ ବ୍ୟାଙ୍କରୁ ମିଳୁଥିବା ବିଭିନ୍ନ ସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। କ୍ୟାସିୟର ଅକ୍ଷୟ ପଣ୍ଡା, ଖବରଦାତା ଅଜୟ ଭୂୟାଁ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଏଥିରେ ମା' ଲକ୍ଷ୍ମୀ ଶ୍ୱୟଂସହାୟକ ଗୋଷ୍ଠୀ ଓ ଭାଗବତ ଶ୍ୱୟଂସାହାୟକ ଗୋଷ୍ଠୀ କର୍ମକର୍ତ୍ତାଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।



ଜନସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ବ୍ୟାଙ୍କ ଅଧିକାରୀ ଓ ଅନ୍ୟମାନେ।

# ପୁରପଲ୍ଲୀରେ ଗଜଲକ୍ଷ୍ମୀ ପୂଜା

**ବିରିଡି, ୨୪।୧୦ (ଡି.ଏନ.ଏ.)**

ବିରିଡି ବ୍ଲକ ଅଞ୍ଚଳର ପୁରପଲ୍ଲୀରେ ବୁଧୁବାର ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଛି। ଆକର୍ଷଣୀୟ ସାଜ ସଜ୍ଜାରେ ମଣ୍ଡପଗୁଡିକ ଝଲସି ଉଠୁଛି। ପଣ୍ଡିଆ ମା' ଶାରଳା ରାଇସ୍ ମିଲ୍, ବିରିଡ଼ି କଲୁକଇଜଙ୍ଗାର ନାୟକ ସାହି, ବାଇଶିମୌଜାର କମଳପୁର, ଚାଷୀଖଣ୍ଡ ଆନନ୍ଦ ବଜାର, ବାସନ୍ଦରାର ବାଇପଦା, ଅଲ୍ଲୀପଡା, ମଙ୍ଗୁଲି ପଞ୍ଚାତର ବଣୁଆ ସାହି, ମହାନ୍ତି ସାହି, ପାର୍ବତୀପୁର, କଣ୍ଟୁଆର, ଅଡଙ୍ଗଗଡ, ଅଡଙ୍ଗ ମଜୁରାଇ, ଶିବପୁର, ଶଙ୍କରପୁର, ହାଜିପୁରର ଭୂୟାଁ ସାହି, ବସନ୍ତପୁର, ଅଲାଣ୍ଡୋ ପଞ୍ଚାୟତର ବଣିଆସାହି, ସାହାବାଦର ଭୋଇ ସାହି, ଅରଣା, ବଡଖଣ୍ଡାୟତ ପଞ୍ଚାୟତର ବଡଖଣ୍ଡାୟିତ, ଗୋଠପଦା, ବରିପଦା, ଦରଡା ପଞ୍ଚାୟତର ଦରଡାପାରି, ହାଟୁଆରୀ, ପଟୁଆରି, ଉତ୍ତରଶାସନ ପଞ୍ଚାୟତର ନୂଆଗାଁ ଭୋଇ ସାହି, ବାଗଲପୁର, ଅଡଙ୍ଗ ବ୍ରହ୍ମପୁର ସାହି ଆଦି ୨୬ଟି ସ୍ଥାନରେ ମା'ଙ୍କ ମୂର୍ତ୍ତି ପୂଜା ପାଉଛି। ସନ୍ଧ୍ୟାରେ କଳସ ସ୍ଥାପନ, ସୂର୍ଯ୍ୟପୂଜା, ଘଟ ସ୍ଥାପନ, ଚକ୍ଷୁଦାନ ପରେ ପ୍ରତ୍ୟେକ ପୂଜା ମଣ୍ଡପ ନିକଟରେ ରାତିରେ ମା'ଙ୍କୁ ବଡ ଭୋଗ ଲାଗି କରାଯାଇଛି। ଅନୁକୂଳ ପାଗ ଯୋଗୁ ଆୟୋଜକ, ବ୍ୟବସାୟୀ ଓ ଶ୍ରଦ୍ଧାଳୁଙ୍କ ମନରେ ଆନନ୍ଦ ଲାଗି ରହିଛି। ସାତଦିନ ବ୍ୟାପୀ ହେବାକୁଥିବା ଏହି ପୂଜା ଉତ୍ସବରେ ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ସ୍ଥାନରେ ମେଲୋଡି ଓ ସଙ୍ଗୀତ ସମାରୋହ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ପଣ୍ଡିଆ ମା'ଶାରଳା ରାଇସ୍ ମିଲ୍‌ଠାରେ ହୋଇଥିବା ଲକ୍ଷ୍ମୀନାରାୟଣଙ୍କ ମୂର୍ତ୍ତି ବେଶ ଆକର୍ଷଣ ହୋଇଛି।

**କୁଜଙ୍ଗ,(ସ୍ୱ.ପ୍ର.)**–କୁମାର ପୂର୍ଣ୍ଣମୀ ଅବସରରେ କୁଜଙ୍ଗ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହୋଇଛି। କୁଜଙ୍ଗ, ରାହାମା, ଜନାପାଳ, ପାଇକସ୍ତା, ଅରଖିଆ, କରତୁଠା, ବାଲିତୁଠ ଓ ଭୂତମୁଣ୍ଡାଇ ଅଞ୍ଚଳରେ ପୂଜା ଅନୁଷ୍ଠିତ ହେଉଥିବାବେଳେ ପଙ୍କପାଳ ପଞ୍ଚାୟତର ଜନପାଳ ଗ୍ରାମରେ ୨୩ତମ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେଉଛି। ଯଜ୍ଞକର୍ତ୍ତା ରୂପେ ପଙ୍କପାଳ ସମବାୟ ସମିତି ସଭାପତି ନିକୁଞ୍ଜ କିଶୋର ଚୌଧୁରୀ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ପୂଜାକମିଟି ସଭାପତି ମହେଶ୍ୱର ମଲିକ, ସମ୍ପାଦକ ଅଶୋକ ଦାସ, କୋଷାଧ୍ୟକ୍ଷ ସୁବାସ ସାହୁ, ଉପଦେଷ୍ଟା ପ୍ରଦୀପ୍ତ ପ୍ରଧାନ, ଧୀରେନ୍ଦ୍ର ଦାସ, ଅକ୍ଷୟ ଦାସ, ଉପେନ୍ଦ୍ର ମଲିକ୍, ଜୟୀରାମ ପ୍ରଧାନ, ବିଷ୍ଣୁ ଚରଣ ନାୟକ ପ୍ରମୁଖଙ୍କ ସହ ସମସ୍ତ ଗ୍ରାମବାସୀ ପୂଜା ପରିଚାଳନାରେ ସହାୟତା କରୁଛନ୍ତି।

### ମା' ସିଦ୍ଧିଦାତ୍ରୀ ଦିବ୍ୟ ଜୀବନ ସେବାଶ୍ରମରେ ଗଜଲକ୍ଷ୍ମୀ ପୂଜା

**ନାଉଗାଁ,୨୪।୧୦(ସ୍ୱ.ପ୍ର.)**

ଜଗତ୍‌ସିଂହପୁର ବ୍ଲକ ସରାପ୍ପୋସ୍ଥିତ ମା' ସିଦ୍ଧିଦାତ୍ରୀ ଦିବ୍ୟ ଜୀବନ ସେବାଶ୍ରମରେ ବୁଧବାର କୁମାର ପୂର୍ଣ୍ଣିମା ଅବସରରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଛି। ମା'ଲକ୍ଷ୍ମୀଙ୍କୁ ବିଭିନ୍ନ ଅଳଙ୍କାରରେ ସଜ୍ଜିତ କରାଯିବା ପରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଛି। ଆଶ୍ରମ ପ୍ରତିଷ୍ଠାତା ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ କରାଯାଇଥିଲା। ଅଞ୍ଚଳର ବହୁ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରିଛନ୍ତି। ଆଶ୍ରମ ସମ୍ପାଦକ ଅକ୍ଷୟ ମିଶ୍ର ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



### ମା'ଶାରଳାଙ୍କ ଗଜଲକ୍ଷ୍ମୀ ବେଶ

**ତିର୍ତ୍ତୋଲ,୨୪।୧୦(ଡି.ଏନ.ଏ.)**

ଗଜଲକ୍ଷ୍ମୀ ପୂଜା ଅବସରରେ ତିର୍ତ୍ତୋଲ ବ୍ଲକ କନକପୁରର ଅଧିଷ୍ଠାତ୍ରୀ ଦେବୀ ମା' ଝଙ୍କଡ ଶାରଳାଙ୍କ ବୁଧବାର ଗଜଲକ୍ଷ୍ମୀ ବେଶ ହୋଇଛି। ଏଥିସହ ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହୋଇଛି। ସେହିପରି ବ୍ଲକର ନେହେରୁ ବଜାର, ସରଣି ବଜାର, ସିରସ୍ତା, ତେନ୍ତୁଳିପଦା, ତାରତୋଲ, ଇବ୍‌ରିସିଂ, ତେରତାଙ୍ଗଆଦି ସ୍ଥାନରେ ମା'ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହେଉଛି। ସବୁ ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହେଉଛି।





ବିରିଡି କୁଳକଇଜଙ୍ଗା ନାୟକ ସାହି ପୂଜା ମଣ୍ଡପ।



ବିରିଡି ପଣ୍ଡିଆ ପୂଜା ମଣ୍ଡପ।



କୁଜଙ୍ଗ ଜନପାଳ ପୂଜା ମଣ୍ଡପ।



ତିର୍ତ୍ତୋଲ ନେହେରୁ ବଜାର ପୂଜା ମଣ୍ଡପ।

## ସଂକ୍ଷେପରେ

### ଡେରାବିଶରେ କୁମାରୋତ୍ସବ ପାଳିତ

ଡେରାବିଶ,୨୪।୧୦ (ସ୍ୱ.ପ୍ର)-ଡେରାବିଶ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ କୁମାରପୂର୍ଣ୍ଣିମା ଅବସରରେ ବୁଧବାର କୁମାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ଉପଲକ୍ଷେ କୁଆଁରୀମାନେ ସକାଳୁ ଉଠି ଘର ଅଗଣାରେ ପୂଜା କରିବା ପରେ ସନ୍ଧ୍ୟାରେ ବୃନ୍ଦାବତୀ ଓ ଚନ୍ଦ୍ର ପୂଜା କରିଥିଲେ। ବ୍ଲକ ଅଧୀନ ଗୋପାଳଜୀଉ ପାଟଣା ଗାଁ ଦାଣ୍ଡରେ ଥିବା ବୃନ୍ଦାବତୀଙ୍କ ନିକଟରେ କୁଆଁରୀମାନେ ସକାଳୁ ସୂର୍ଯ୍ୟ ପୂଜା କରିଥିଲେ। ପାରମ୍ପରିକ ରୀତିନୀତି ଅନୁସାରେ ଯୁବତୀମାନେ ନୂତନ ବସ୍ତ୍ର ପରିଧାନ କରି ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଆଞ୍ଜୁଳି ଟେକିଥିଲେ। ଏହି ପାରମ୍ପରିକ ପୂଜା ସମ୍ପର୍କରେ ଗ୍ରାମର ଗୀତାଞ୍ଜଳି ଦାସ କୁହନ୍ତି, ଭାଇଙ୍କର ମଙ୍ଗଳକାମନା କରି ଭଉଣୀମାନେ ସୂର୍ଯ୍ୟପୂଜା କରିଥାନ୍ତି ଓ ସୁନ୍ଦର ସ୍ୱାମୀ ପାଇବା ପାଇଁ ସନ୍ଧ୍ୟାରେ ଚନ୍ଦ୍ର ପୂଜା କରାଯାଏ। ଖଇ, ଉଖୁଡ଼ା, ଅଦା, ଗୁଡ଼, ଆଖୁ ଆଦି ଜକଟି ସେଥିରେ ଚାନ୍ଦ ପ୍ରସ୍ତୁତ କରାଯାଏ। ଚନ୍ଦ୍ରଙ୍କ ଭଳି ବର ପାଇବା ପାଇଁ ମାନସିକ କରି ଝିଅମାନେ ଚନ୍ଦ୍ର ପୂଜା କରନ୍ତି। ସେହିପରି ଗ୍ରାମର ଶ୍ରୀୟା ଦାସ, ସିପ୍ରା ଦାସ, ଶୁଭ୍ରା ଦାସ, ସ୍ୱପ୍ନା ଦାସ, ସ୍ୱର୍ଣ୍ଣଲତା ଦାସ ପ୍ରମୁଖ ଏହି ପୂଜା ବିଷୟରେ କହିଛନ୍ତି ଯେ, ସନ୍ଧ୍ୟାରେ ହୋଇଥିବା ଚକଟା ଭୋଗକୁ ଚନ୍ଦ୍ରଙ୍କ ଉଦ୍ଦେଶ୍ୟରେ ସମର୍ପଣ ପରେ ପୋଖରୀରେ ପକାଯାଏ। ପରେ ପୋଖରୀ ଭିତରକୁ ଯାଇ ଖୋଜିବା ପରେ ପାଣି ଭିତରୁ ମିଳିଥିବା ଗେଣ୍ଡା ଓ ଗୋଡ଼ି ଆଣି ନିଜ ଘର ଉପରକୁ ଫିଙ୍ଗିଥାଉ। ଅନ୍ୟପକ୍ଷରେ ଏହି ପୂଜାର ମହତ୍ତ୍ୱ ବିଷୟରେ ଗୋପାଳଜୀଉ ପାଟଣାର ଯୁବତୀ ଶରଣ୍ୟ ମହାନ୍ତି, ନିୟତି ଦାସ ଓ ଅନନ୍ୟା ଦାସ କହିଛନ୍ତି, ମା' ଦୁର୍ଗାଙ୍କ ପୂଜା ସମୟରେ ମହାଷ୍ଟମୀ ତିଥିରୁ ଦୀର୍ଘ ୭ ଦିନ ଧରି ଗୋଟିଏ ପିଢ଼ା ଉପରେ ଜହ୍ନିଫୁଲ ଓ କାକୁଡ଼ି ଫୁଲ ଥୋଇ ପୂଜା କରିବା ସହ ପ୍ରତ୍ୟେକ ଦିନ ମୁଠାଏ ଚାଉଳ ଗୋଟିଏ ଡବାରେ ସାଇତି ରଖିଥାଉ। ପୂର୍ଣ୍ଣମୀ ପୂର୍ବ ରାତିରେ ଏହି ଚାଉଳରେ ପୋଡ଼ପିଠା ତିଆରି କରାଯାଇ ବୃନ୍ଦାବତୀଙ୍କ ନିକଟରେ ଭୋଗ କରାଯାଇଥାଏ। ଏହି ପୂଜାକୁ ସମସ୍ତେ ଅତି ନିଷ୍ଠାର ସହ କରିଥାନ୍ତି।

### ଲକ୍ଷ୍ମୀପୂଜା ପାଇଁ ଟ୍ରାଫିକ କଟକଣା

ଡେରାବିଶ,୨୪।୧୦ (ସ୍ୱ.ପ୍ର)-କେନ୍ଦ୍ରାପଡ଼ା ଜିଲାର ଚାନ୍ଦୋଳଠାରେ ଦ୍ୱିତୀୟ ବୃହତ୍ତମ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେଉଥିବା ବେଳେ ଏଥିପାଇଁ କଟକ-ଚାନ୍ଦବାଲି ରାଜରାସ୍ତାରେ ଚଳାଚଳ ଭାରିଯାନ ଉପରେ କଟକଣା ଲାଗିଛି। ବୁଧବାରଠାରୁ ଆସନ୍ତା ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ଚାନ୍ଦୋଳ ବଜାର ଦେଇ ଯାଇଥିବା ରାଜରାସ୍ତାରେ ଭାରିଯାନ, ଟ୍ରେଲର, ଟ୍ରାକ୍ଟର ଆଦି ଅପରାହ୍ନ ୩ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଚଳାଚଳ ବନ୍ଦ ରହିବ। ଏଥିସହ ରାସ୍ତା କଡ଼ରେ ଟେମ୍ପୁ, କାର୍, ମିନିଟ୍ରକ ଆଦି ପାର୍କିଂ କରାଯାଇପାରିବ ନାହିଁ ବୋଲି ଫାଣ୍ଡି ଅଧିକାରୀ ରଣେନ୍ଦ୍ର ସାମଲ ସୂଚନା ଦେଇଛନ୍ତି।

### ସାହିତ୍ୟ ପତ୍ରିକା ଗୌରବ ଉନ୍ମୋଚନ, ସମ୍ବର୍ଦ୍ଧନା ସଭା

ପଟ୍ଟାମୁଣ୍ଡାଇ,୨୪।୧୦(ସ୍ୱ.ପ୍ର.)-ସାହିତ୍ୟ ବିନା ସମାଜର ସ୍ଥିତି ଅସମ୍ଭବ। ସମାଜର ଚିନ୍ତା ଚେତନା, ଧର୍ମୀୟ ଭାବାବେଗକୁ ନେଇ ବିଭିନ୍ନ ପତ୍ରପତ୍ରିକାରେ କବି, କବୟିତ୍ରୀ, ଗାଳ୍ପିକ, ସାହିତ୍ୟିକମାନେ ସାମାଜିକ ସ୍ଥିତାବସ୍ଥା ବଜାୟ ରଖିବାକୁ ସର୍ବଦା ପ୍ରୟାସ ଜାରି ରଖିଛନ୍ତି। ସମାଜରେ ସୃଷ୍ଟି ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସାହିତ୍ୟ ହିଁ ବଳିଷ୍ଠ ମାଧମ ବୋଲି ଅତିଥିମାନେ ସାହିତ୍ୟ ପତ୍ରିକା ଗୌରବ ଉନ୍ମୋଚନ ଅବସରରେ ମତପ୍ରକାଶ କରିଛନ୍ତି। ବିଜୟାଦଶମୀ ଅବସରରେ ପଟ୍ଟାମୁଣ୍ଡାଇ ବ୍ଲକ ଅଣରାର ମା' ଦୁର୍ଗାପୂଜା ମଣ୍ଡପଠାରେ ଆୟୋଜିତ ସାରସ୍ୱତ ଓ ପ୍ରତିଭା ସମ୍ବର୍ଦ୍ଧନା ସଭାରେ ପ୍ରାଧାପକ ନିର୍ମଳଚନ୍ଦ୍ର ବିଶ୍ୱାଳ ପୌରୋହିତ୍ୟ କରିଥିଲେ। ଏହି ସଭାରେ ସାହିତ୍ୟିକ ଡ. ସର୍ବେଶ୍ୱର ସେଣ, କବୟିତ୍ରୀ ନବଜ୍ୟୋତି ରାୟ, କଥାକାର ପ୍ରଦୀପ ନାୟକ ଅତିଥି ଭାବରେ ଯୋଗଦେଇ ସମାଜ ଓ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଗୌରବର ସମ୍ପାଦକ କବି ଶଙ୍କର୍ଷଣ ଦାଶ ପତ୍ରିକାର ଆଭିମୁଖ୍ୟ ଓ ବିଶେଷତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ବରିଷ୍ଠ ଅସ୍ଥିଶଲ୍ୟ ଚିକିତ୍ସକ ଡାକ୍ତର ଗୋଲକ ବିହାରୀ ସ୍ୱାଇଁଙ୍କୁ ଆୟୋଜକ ବର୍ଷିଆନ ନେତା ବସନ୍ତ କୁମାର ମଲ୍ଲିକ ମାନପତ୍ର ସହ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପାଠକୀୟ ସ୍ୱୀକୃତି ଲାଭ କରିଥିବା ସାହିତ୍ୟ ପତ୍ରିକା ଗୌରବର ଶାରଦୀୟ ବିଶେଷାଙ୍କ ଅତିଥିମାନେ ଉନ୍ମୋଚନ କରିଥିଲେ। ଚିତ୍ତରଞ୍ଜନ ମଲ୍ଲିକ ସ୍ୱାଗତଭାଷଣ ଓ ଶିକ୍ଷାବିତ୍ ପାର୍ଥ ସାରଥି ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧରେ କବି ନାରାୟଣ ପ୍ରସାଦ ରାଉଳ, ପ୍ରାଧାପକ କୈଳାସ ଚନ୍ଦ୍ର ପାତ୍ର, ନାରାୟଣ ଚନ୍ଦ୍ର ବିଶ୍ୱାଳ, ସୁରେଶ ଚନ୍ଦ୍ର ନାୟକ, ପ୍ରିୟରଞ୍ଜନ ଦାସଙ୍କ ସମେତ ବହୁ କବି ଲେଖକ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

# ବିରାଜିଲେ ମା' ଧନଦାତ୍ରୀ





କେନ୍ଦ୍ରାପଡ଼ା ସହରରେ ଗଜଲକ୍ଷ୍ମୀ ପୂଜାର ଝଲକ: ବଳଗଣ୍ଡି ବଜାର

ବିମଳାଇ

ପୁରୁଣା ବସ୍‌ଷ୍ଟାଣ୍ଡ ଥାନପତି





କାକଟ ମଙ୍ଗଳା

ନୂଆ ବସ୍‌ଷ୍ଟାଣ୍ଡ ଥାନପତି

ବାସୁଳେଇ

■ ଝଲସୁଛି ସହର, ସୁସଜ୍ଜିତ ତୋରଣ

## ଆକର୍ଷଣ ସାଜିଛି ଚାନ୍ଦିମେଢ଼, ସୁନା ଅଳଙ୍କାର

କେନ୍ଦ୍ରାପଡା ଅଫିସ, ୨୪।୧୦

ପ୍ରସିଦ୍ଧ କେନ୍ଦ୍ରାପଡାର ଗଣପର୍ବ ଗଜଲକ୍ଷ୍ମୀ ପୂଜୋତ୍ସବ ବୁଧବାର କୁମାରପୂର୍ଣ୍ଣମୀଠାରୁ ଆରମ୍ଭ ହୋଇଛି। ଏହି ଉତ୍ସବ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ବେଳେ ଅକ୍ଟୋବର ୩୧ ଓ ନଭେମ୍ବର ୧ ତାରିଖରେ ଭସାଣି ଉତ୍ସବ ହେବ। ଏଥିପାଇଁ ଅପରାହ୍ନରୁ ଘଣ୍ଟ, ଘଣ୍ଟା, ବାଜାରୋଶଣି ମାଧମରେ ନଦୀରୁ ଜଳ ସଂଗ୍ରହ କରାଯାଇ ପୂଜା ମଣ୍ଡପରେ ଘଟସ୍ଥାପନ କରାଯାଇଥିଲା। ପରେ ଷୋଡଶ ଉପଚାରରେ ମା'ଙ୍କୁ ଆବାହନ କରାଯାଇ ପୂଜାର୍ଚ୍ଚନା କରାଯାଉଛି। ମେଢ଼ କମିଟି ସଦସ୍ୟ ଉତ୍ସାହର ସହ ଏହି ପର୍ବକୁ ଆକର୍ଷଣୀୟ କରିବା ପାଇଁ ଚେଷ୍ଟା ଚଳାଇଛନ୍ତି। ଚଳିତବର୍ଷ ସହର ମଧ୍ୟରେ ୭୬ଟି ପୂଜା ମଣ୍ଡପରେ ମା' ଧନଦାତ୍ରୀ ବିରାଜିତ ହୋଇଛନ୍ତି। ସେଥିମଧ୍ୟରୁ ୨୦ରୁ ଉର୍ଦ୍ଧ୍ୱ ମଣ୍ଡପରେ ମା'ଙ୍କୁ ସୁନା ଓ ରୁପା ଅଳଙ୍କାରରେ ଆଭୂଷିତ କରାଯାଇଛି। କେତେକ ମଣ୍ଡପରେ ଗୌରୀଶଙ୍କର, କାଳୀୟ ଦଳନ, ମହାବୀର, ରାଧାକୃଷ୍ଣ ଆଦି ଦେବଦେବୀଙ୍କ ମୃଣ୍ମୟ ମୂର୍ତ୍ତିଙ୍କ ପୂଜା

**ଗଜଲକ୍ଷ୍ମୀ ପୂଜା ଆରମ୍ଭ**

କରାଯାଉଛି। ଷୋଡ଼ଶ ଉପଚାରରେ ପୂଜା ପାଉଥିବା ମା' ଗଜଲକ୍ଷ୍ମୀଙ୍କ ଆବାହନୀ ମନ୍ତ୍ରରେ ସହର ମଧ୍ୟରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଏଥିସହିତ ମେଢ଼ ଓ ତୋରଣ ସାଜସଜ୍ଜାରେ ସହର ଝଲସି ଉଠିଛି। ସନ୍ଧ୍ୟାଠାରୁ ସହରର ପ୍ରତ୍ୟେକ ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିବା ପରିଲକ୍ଷିତ ହୋଇଥିଲା। ୧୯୨୮ ମସିହାରେ ଆରମ୍ଭ ହୋଇଥିବା ଏହି ପୂଜା ଏବେ ଜିଲାବାସୀଙ୍କ ପାଇଁ ଗଣପର୍ବ ପାଲିଟିଛି। ମାରୱାଡି ବ୍ୟବସାୟୀ କୋହରି ମଲ୍ଲ ପ୍ରଥମେ ଏହି ପୂଜା ପୁରୁଣା ବସଷ୍ଟାଣ୍ଡ ନିକଟରେ ଆରମ୍ଭ କରିଥିଲେ ବୋଲି ଜନଶ୍ରୁତି ରହିଛି। ସହରର ଖଡିଅଙ୍ଗ, କାକଟମଙ୍ଗଳା, ମଢ଼ିଆଳ, ଗଣାମାହାଲରେ ସମ୍ପୂର୍ଣ୍ଣ ଚାନ୍ଦିମେଢ଼ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିବା ବେଳେ ଗରାପୁର ପୁରୁଣା ଓ ନୂଆ ବସଷ୍ଟାଣ୍ଡ, କାକଟ ମଙ୍ଗଳା, ଗୋପ, ବୁଢ଼ୀ ବାସୁଳେଇ, ବଳଗଣ୍ଡୀ, କେଶପୁର, ମହିପାଳ ଆଦି ସ୍ଥାନରେ ଚାନ୍ଦି ମେଢ଼ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ମଢ଼ିଆଳର ଗଙ୍ଗା ଭଗୀରଥ ପୂଜା ମଣ୍ଡପରେ ମା'ଙ୍କ ମୁକୁଟରେ ସୁନା ମୟୂର ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରୁଛି। ଏହି ୬୭ ମଣ୍ଡପରୁ ଅଧିକାଂଶ ମେଢ଼ରେ ମା'ଙ୍କ ମସ୍ତକରେ ସୁନା ଚିତା ସହ ସୁନାରେ ତିଆରି ନୟନ ଶୋଭା ପାଉଛି। ପ୍ରତି ମଣ୍ଡପରେ ସୁସଜ୍ଜିତ ତୋରଣ ଓ ବିଭିନ୍ନ ରଙ୍ଗବେରଙ୍ଗର ଆଲୋକ ମାଳା ଲୋକଙ୍କୁ ଆକର୍ଷିତ କରୁଥିବାବେଳେ କୋଲକାତା ବଜାର, ଫେସନ ବଜାର ଭଳି ବାହାର ବ୍ୟବସାୟୀମାନେ ମଣ୍ଡପ ପାର୍ଶ୍ୱରେ ଷ୍ଟଲ ଖୋଲିଛନ୍ତି।

**ଗଣପର୍ବ ସମ୍ପର୍କରେ ସେମାନେ କୁହନ୍ତି:**



ସହରର ପୁରୁଣା ବସଷ୍ଟାଣ୍ଡଠାରେ ପ୍ରଥମେ ମା'ଙ୍କ ପୂଜୋତ୍ସବ ଆରମ୍ଭ ହୋଇଥିଲା। ସେଥିପାଇଁ ତାଙ୍କୁ ଥାନପତି ଠାକୁରାଣୀ ଭାବେ ଅଦ୍ୟାବଧି ସମ୍ମାନ ମିଳୁଛି। ଥାନପତି ଠାକୁରାଣୀ ମାନ୍ୟତା ଥିବାରୁ ଏଠାରେ ସମସ୍ତ ପାରମ୍ପରିକ ବିଧିବିଧାନ ପାଳନ କରାଯାଏ। ଚଳିତ ବର୍ଷ ସହରର ସମସ୍ତ ମେଢ଼ କମିଟିର ବରିଷ୍ଠ କର୍ମକର୍ତ୍ତାଙ୍କୁ ସମ୍ମାନିତ କରିବା ପାଇଁ ଯୋଜନା ରହିଛି। ଏଥିସହ ସହରରେ ଆକର୍ଷଣୀୟ ତୋରଣ ଓ ମେଢ଼ ସାଜସଜ୍ଜା ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରୁଛି।

**-ଭୀମସେନ ବେହେରା**, କୋଷାଧକ୍ଷ, ପୁରୁଣା ବସଷ୍ଟାଣ୍ଡ ଥାନପତି ପୂଜା କମିଟି



ପୂର୍ବ ବର୍ଷ ଅପେକ୍ଷା ଚଳିତବର୍ଷ ମୂର୍ତ୍ତି ନିର୍ମାଣ, ମେଢ଼ ସାଜସଜ୍ଜାକୁ ଓ ପୂଜା ବିଧିବିଧାନକୁ ଗୁରୁତ୍ୱ ଦିଆଯାଇଛି। ଶ୍ରଦ୍ଧାଳୁଙ୍କ ପାଇଁ ବିଭିନ୍ନ ମଣ୍ଡପରେ ପୂଜା ପାଉଥିବା ମା'ଙ୍କ ମୂର୍ତ୍ତି ଚଳିତ ବର୍ଷ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି।

**– ଭାବଗ୍ରାହୀ ସିଂ**, ସଭାପତି, ଖଡିଅଙ୍ଗ ପୂଜା କମିଟି



ମା'ଙ୍କ ମୁକୁଟରେ ସୁନା ମୟୂର ବିଶେଷ ଆକର୍ଷଣ ପାଲଟିଛି। ଚଳିତ ବର୍ଷ ପୂଜା ଅବସରରେ ୩ଟି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ବ୍ୟବସ୍ଥା ହୋଇଛି। ଏହାବ୍ୟତିତ ତୋରଣ ସାଜସଜ୍ଜା ଏଥରର ମୁଖ୍ୟ ଆକର୍ଷଣ।

– ସୁବାସ କୁମାର ଚାନ୍ଦ, ସଭାପତି, ମଢ଼ିଆଳ ପୂଜା କମିଟି

## ଡେରାବିଶରେ ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା



ଚଷାଖଣ୍ଡ ମଣ୍ଡପରେ ପୂଜା ପାଉଥିବା ମା'ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି।

ଡେରାବିଶ, ୨୪।୧୦ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଞ୍ଚଳରେ ମା'ଧନଦାତ୍ରୀଙ୍କ ପୂଜା କୁମାର ପୂର୍ଣ୍ଣିମା ଅବସରରେ ବୁଧବାରଠାରୁ ଆରମ୍ଭ ହୋଇଛି। ସନ୍ଧ୍ୟାରୁ ପ୍ରତି ପୂଜା ମଣ୍ଡପରେ ପ୍ରଥମ ଦିନ ପୂଜାର୍ଚ୍ଚନା ଆରମ୍ଭ ହୋଇଥିବା ବେଳେ ରଙ୍ଗବେରଙ୍ଗ ଆଲୋକମାଳାରେ ଝଲସୁଛି ଗାଁଠୁ ସହର। ବ୍ଲକ ଅଧୀନ ଚାନ୍ଦୋଳ ବଜାରରେ ଏହି ପୂଜା ଦୀର୍ଘବର୍ଷ ଧରି ଅନୁଷ୍ଠିତ ହୋଇଆସୁଥିବା ବେଳେ ଚଳିତବର୍ଷ ଏଠାରେ ୨୦ରୁ ଉର୍ଦ୍ଧ୍ୱ ମଣ୍ଡପରେ ମା'ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା କରାଯାଉଛି। ଛତା ଓ ଓଲଢ଼ିଠାରେ ମଧ ଏହି ପୂଜା ସ୍ୱତନ୍ତ୍ରତା ରହିଛି। ସେହିପରି ପଲ୍ଲୀରଘୁନାଥପୁର, ଛୋଟି, ନେତୁଆ, ଫକୀରାବାଦ, ମନ୍ତ୍ରୀପଡ଼ା, ବଳଭଦ୍ରପୁର, ଲକ୍ଷ୍ମୀନାରାୟଣପୁର, ସାତବାଟିଆ, ଚଷାଖଣ୍ଡ, ଠାକୁର ପାଟଣା, ଉଦୟନଗରସ୍ଥିତ ଲ କଲେଜ ଛକସ୍ଥିତ ପୂଜା ମଣ୍ଡପ, କାକଡିଆ, କେଶରପୁର, ଦାନପୁର, ଉଗୁରିବେଷ୍ଟ, ଚାନ୍ଦୋଳ, କଲେଜଛକ, ସଲାର, ହରିଅଙ୍କ, ଇନ୍ଦାଳୋ, ଯଅଁରାବାରିମୂଳ ପ୍ରଭୃତି ପୂଜା ମଣ୍ଡପରେ ସନ୍ଧ୍ୟାରେ ଘଟପୂଜା କରାଯାଇଥିଲା।

## ଆଇନଶୃଙ୍ଖଳା ସମୀକ୍ଷା କଲେ ଏସ୍‌ପି

କେନ୍ଦ୍ରାପଡା ଅଫିସ, ୨୪।୧୦

ଗଜଲକ୍ଷ୍ମୀ ପୂଜା ଅବସରରେ ସହର ମଧ୍ୟରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ଜିଲା ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏସପି ନୀତିଶେଖର ବୁଧବାର ଅପରାହ୍ନରେ ପୁରୁଣା ରିଜର୍ଭ ପୋଲିସ କାର୍ଯ୍ୟାଳୟ ପରିସରରେ ଏ ସମ୍ପର୍କରେ ସମୀକ୍ଷା କରିଥିଲେ। ସମୀକ୍ଷା ବୈଠକରେ ଏଏସପି ଅରୁଣ କୁମାର ଜେନାଙ୍କ ସମେତ ଏସଡିପିଓ , ଡିଏସପି ପ୍ରମୁଖ ଯୋଗ ଦେଇଥିଲେ। ଚଳିତବର୍ଷ ସହରରେ ମୋଟ ୬୭ଟି ମେଢ ହୋଇଥିବା ବେଳେ ଏହାକୁ ୩ଟି ସେକ୍ଟରରେ ବିଭକ୍ତ କରାଯାଇଛି। ପ୍ରଥମ ସେକ୍ଟରରେ ୧୧, ଦ୍ୱିତୀୟ ସେକ୍ଟରରେ ୨୧ ଓ ତୃତୀୟ ସ୍କେଟରରେ ଅବଶିଷ୍ଟ ୩୪ଟି ମେଢ ଓ ମଣ୍ଡପ ତଦାରଖ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସେହିପରି ପୂଜୋତ୍ସବ ମଧ୍ୟରେ ୨୫ ପ୍ଲାଟୁନ ପୁଲିସ ଫୋର୍ସ, ୩ଶହ ହୋମଗାର୍ଡ, ୧୦୦ ଜଣ ପୁଲିସ ଅଧିକାରୀ, ୧୫ ଜଣ ଇନିସପେକ୍ଟର, ୯ ଜଣ ଡିଏସପି ସହରରେ ମୁତୟନ ରହିବେ। ଏହି ସମୟରେ ସହରରେ ଟ୍ରାଫିକ ବ୍ୟବସ୍ଥା, ନିଶା କାରବାର, ଅପରାଧ ନିୟନ୍ତ୍ରଣ କରିବା ପାଇଁ ପୁଲସି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି । ସହରର କାଳୀମନ୍ଦିର ଛକ, କାକଟ ଛକ, ବଳଗଣ୍ଡି, ଦିଲାରପୁର, ଫର୍ଜନ ଛକ ପ୍ରଭୃତି ସ୍ଥାନରେ ସଶସ୍ତ୍ର ବାହିନୀ ମୁତୟନ ରହି ଆକସ୍ମିକ ଦୁର୍ଘଟଣାକୁ ନିୟନ୍ତ୍ରଣ କରିବେ। ସହର ମଧ୍ୟକୁ ୧୨ଟି ପ୍ରବେଶ ପଥରେ ସ୍ୱତନ୍ତ୍ର ପୋଲିସ ମୁତୟନ ରହି ସନ୍ଦେହଜନକ ଯାନ ଓ ବ୍ୟକ୍ତିଙ୍କୁ ତନଖି କରିବା ସହ ଆବଶ୍ୟକ ପଡିଲେ ଅଟକ ରଖିବେ ବୋଲି ସୂଚନା ଦିଆଯାଇଛି। ଏଥିସହ ମୋବାଇଲ ଚେକିଂ, ଭିଡିଓ ରେକର୍ଡିଂ ଆଦିକୁ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ମିଳିତଭାବେ କରାଯିବ । ପ୍ରତି ମଣ୍ଡପରେ ଅଗ୍ନିଶମ ଯନ୍ତ୍ର ବାଧ୍ୟତାମୂଳକ କରାଯାଇଥିବା ବେଳେ ଡିଜେ ସାଉଣ୍ଡକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଥିବା ଏସପି ନୀତିଶେଖର ସୂଚନା ଦେଇଛନ୍ତି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏସଡିପିଓ ରାଜୀବଲୋଚନ ପଣ୍ଡା, ଉମାକାନ୍ତ ମହାରଣା, ଡିଏସପି ରଞ୍ଜନ ଦେ, ସଦର ଥାନା ଅଧିକାରୀ କାବୁଲି ବାରିକ, ଟାଉନ ଥାନା ଅଧିକାରୀ ତପନ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମା'ଙ୍କ ରୁପା ଅଳଙ୍କାର ବିଶେଷ ଆକର୍ଷଣ

ପାଟକୁରା ତା, ୨୪।୧୦ (ଡି.ଏନ୍.ଏ.)

କୁମାରପୂର୍ଣ୍ଣିମାଠାରୁ ପବିତ୍ର ଗଜଲକ୍ଷ୍ମୀ ପୂଜା ଗରଦପୁର ବ୍ଲକର ବିଭିନ୍ନ ସ୍ଥାନରେ ଆରମ୍ଭ ହେଉଛି। ପୂଜା ମଣ୍ଡପଗୁଡିକରେ ମା' ଗଜଲକ୍ଷ୍ମୀଙ୍କ ଆକର୍ଷଣୀୟ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଥିବା ବେଳେ ବେଡାରୀ ପୂଜା ମଣ୍ଡପରେ ମା'ଙ୍କୁ ରୁପା ଅଳଙ୍କାରରେ ସଜ୍ଜା ଯାଇଛି, ଯାହାକୁ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳ ସମେତ ଆଖପାଖ ଅଞ୍ଚଳର ଶତାଧିକ ଭକ୍ତଙ୍କ ସୁଅ ଛୁଟିଛି। ଏହି ଉପଲକ୍ଷେ ଶ୍ରଦ୍ଧାଳୁମାନେ ନାମ ସଂକୀର୍ତ୍ତନ କରି ବେଡାରୀ, ସୋଲପାଟ ଓ କୂଳଡୁଠୀ ଗ୍ରାମ ପରିକ୍ରମା କରିବା ପରେ ଚିତ୍ରୋତ୍ପଳା ନଦୀରୁ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନା କରିଥିଲେ। ଦୀର୍ଘ ୬୫ବର୍ଷ ହେଲା ପାରମ୍ପରିକ ଭାବେ ବେଡାରୀ ଗ୍ରାମରେ ଗଜଲକ୍ଷ୍ମୀ ପୂଜା ଉତ୍ସବ ଅନୁଷ୍ଠିତ ହୋଇଆସୁଛି। ମା'ଲକ୍ଷ୍ମୀଙ୍କର ରୁପାରେ ତିଆରି ମୁକୁଟ, କୁଣ୍ଡଳ ସମେତ ବିଭିନ୍ନ ଆଭୂଷଣରେ ସାଜସଜ୍ଜା ପୂଜା ମଣ୍ଡପକୁ ଅଧିକ ଆକର୍ଷଣୀୟ କରିଛି। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ପୂଜା ଅନୁଷ୍ଠିତ ହେବ ଓ ୩୧ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି। ପୂଜା ମଣ୍ଡପ ନିକଟରେ ନାମ ସଂକୀର୍ତ୍ତନ ପରିବେଷଣ କରାଯାଉଛି। ପ୍ରତ୍ୟେକ ସନ୍ଧ୍ୟାରେ ମଣ୍ଡପ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଗୁରୁବାର ପୂଜା ମଣ୍ଡପ ନିକଟରେ ଗ୍ରାମର ୫୧ ସ୍ଥାନରେ ମହିଳାମାନେ ଲକ୍ଷ୍ମୀପୁରାଣ ପାଠ କରିବେ ବୋଲି ଜଣାପଡିଛି। ସେହିପରି ପାଟକୁରା ପଞ୍ଚାୟତର ଜଗଦଳପୁର ଗ୍ରାମରେ ଓ ପଦ୍ମପୁର ପଞ୍ଚାୟତର କିଶିଲୋ ଗ୍ରାମରେ ମା' ଲକ୍ଷ୍ମୀଙ୍କର ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରାଯାଇ ପୂଜାର୍ଚ୍ଚନା କରାଯାଉଛି। ସାନଅଡଙ୍ଗା ପଞ୍ଚାୟତର କୋରୁଆ ଛକ, କଳାବୁଦା, ନାଗଣପୁର ଆଦି ବିଭିନ୍ନ ଗ୍ରାମରେ ଧୁମ୍‌ଧାମରେ ମା' ଲକ୍ଷ୍ମୀଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହେଉଛି।



ବେଡାରୀରେ ମା'ଗଜଲକ୍ଷ୍ମୀଙ୍କ ପୂଜା।

## ସଂକ୍ଷେପରେ

### ସତ୍ୟପ୍ରକାଶ ଭଦ୍ରକ ଲୋକ ସଭା ପ୍ରଭାରୀ ନିଯୁକ୍ତ

**ଭୁବନେଶ୍ୱର,୨୪।୧୦(ବ୍ୟୁରୋ):** ପିସିସି ଗଣମାଧମ ବିଭାଗ ମୁଖ୍ୟ ସତ୍ୟପ୍ରକାଶ ନାୟକଙ୍କୁ ଭଦ୍ରକ ଲୋକ ସଭା ନିର୍ବାଚନମଣ୍ଡଳୀର ପ୍ରଭାରୀ କରାଯାଇଛି। ସତ୍ୟପ୍ରକାଶ ନିଜ ପୂର୍ବ ଦାୟିତ୍ୱ ସହ ଅତିରିକ୍ତ ଭାବେ ଏହା ତୁଲାଇବେ। ଗଣମାଧମ ପରିଚାଳନା ବ୍ୟତୀତ ନିୟମିତ ବ୍ୟବଧାନରେ ଭଦ୍ରକ ଲୋକ ସଭା ଆସନ ଅନ୍ତର୍ଗତ ୭ଟି ବିଧାନସଭା ନିର୍ବାଚନମଣ୍ଡଳୀ ଗସ୍ତ କରିବା ପାଇଁ ସତ୍ୟପ୍ରକାଶଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ବୁଧବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଭଦ୍ରକ ଲୋକ ସଭା ଅଧୀନରେ ସୋର, ସିମୁଲିଆ, ଭଣ୍ଡାରିପୋଖରୀ, ଭଦ୍ରକ, ବାସୁଦେବପୁର, ଧାମନଗର ଏବଂ ଚାନ୍ଦବାଲି ବିଧାନସଭା କ୍ଷେତ୍ର ଆସୁଛି। ସତ୍ୟପ୍ରକାଶଙ୍କୁ ଚାନ୍ଦବାଲି ବିଧାନସଭା ନିର୍ବାଚନମଣ୍ଡଳୀରୁ ଟିକେଟ୍ ମିଳିବା ନେଇ ଦଳୀୟ ମହଲରେ ଚର୍ଚ୍ଚା ହେଉଛି। ହେଲେ ଦଳ ତାଙ୍କୁ ଯେଉଁ ଦାୟିତ୍ୱ ଦେଇଛି, ତାହା ଉତ୍ତମ ରୂପେ ସମ୍ପାଦନ କରିବା ଉପରେ ସେ ଗୁରୁତ୍ୱ ଦେବେ ବୋଲି ସତ୍ୟପ୍ରକାଶ କହିଛନ୍ତି।

### ନଭେମ୍ବର ୨୫ରେ ନ୍ୟୁରୋଲୋଜିକାଲ ରୋଗୀଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ

**ଭୁବନେଶ୍ୱର,୨୪।୧୦ (ବ୍ୟୁରୋ):** ନ୍ୟୁରୋଜେନ୍ ବ୍ରେନ୍ ଆଣ୍ଡ ସ୍ପାଇନ୍ ଇନ୍‌ଷ୍ଟିଚ୍ୟୁଟ୍ ନ୍ୟୁରୋଜେନ୍ ପକ୍ଷରୁ ନଭେମ୍ବର ୨୫ରେ ଭୁବନେଶ୍ୱରଠାରେ ନ୍ୟୁରୋଲୋଜିକାଲ ରୋଗୀମାନଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରାଯାଉଛି। ନ୍ୟୁରୋଲୋଜିକାଲ ଅନିୟମିତତାରେ ଆକ୍ରାନ୍ତ ରୋଗୀମାନେ ଏହି ମାଗଣା ସ୍ୱାସ୍ଥ୍ୟସେବା ଶିବିରକୁ ଆସି ଚିକିତ୍ସା ଏବଂ ପରାମର୍ଶ ପାଇ ପାରିବେ। ଶିବିରକୁ ଆସିବା ପୂର୍ବରୁ ରୋଗୀମାନେ ମୋବାଇଲ୍ ନମ୍ବର ୦୯୯୨୦୨୦୦୪୦୦ ଏବଂ ୦୯୮୨୧୫୨୯୬୫୩କୁ ଫୋନ୍ କରି ନାମ ପଞ୍ଜୀକରଣ କରି ଆସିବାକୁ କୁହାଯାଇଛି ବୋଲି ଗୁରୁବାର ଏକ ଘରୋଇ ହୋଟେଲରେ ଖବରଦାତା ସମ୍ମିଳନୀରେ ସଂସ୍ଥାର ନିର୍ଦ୍ଦେଶକ ଡା. ଆଲୋକ ଶର୍ମା କହିଛନ୍ତି। ସେରେବ୍ରାଲ୍ ପାଲ୍ସି ମୋଟାମୋଟି ଭାବେ ପ୍ରତି ୧୦୦୦ ନବଜାତକଙ୍କ ମଧ୍ୟରୁ ୧ରୁ ତିନି ଜଣ ଶିଶୁଙ୍କୁ ହୋଇଥାଏ ବୋଲି ଡା. ନନ୍ଦିନୀ ଗୋକୁଳଚନ୍ଦ୍ରନ କହିଛନ୍ତି।

## ବାତ୍ୟା ପ୍ରଭାବିତ ଅଞ୍ଚଳ ବୁଲିଲେ ଏସ୍‌ଆର୍‌ସି

# ‘କ୍ଷତିଗ୍ରସ୍ତ ସ୍କୁଲ, ରାସ୍ତା ମରାମତି ଶୀଘ୍ର ସାର’

**ପାରଳାଖେମୁଣ୍ଡି, ୨୪।୧୦(ସ୍ୱ.ପ୍ର.)**

ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି) ବିଷ୍ଣୁପଦ ସେଠୀ ବୁଧବାର ଗଜପତି ଜିଲା ଗସ୍ତରେ ଆସି ବାତ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ସହିତ ଶକ୍ତି ସଚିବ ହେମନ୍ତ ଶର୍ମା, ଗୃହ ଓ ନଗର ଉନ୍ନୟନ ସଚିବ ଜି.ମାଥିଭାଥନନ୍ ଏବଂ ପଞ୍ଚାୟତିରାଜ ବିଭାଗର ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରେମଚାନ୍ଦ ଚୌଧୁରୀ ମଧ୍ୟ ଆସିଥିଲେ। ବାତ୍ୟାରେ କ୍ଷତିଗ୍ରସ୍ତ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ ସମେତ ରାସ୍ତା ମରାମତି କାର୍ଯ୍ୟ ତୁରନ୍ତ ସାରିବା ପାଇଁ ଜିଲା ପ୍ରଶାସନକୁ ଏହି ରାଜ୍ୟସ୍ତରୀୟ ଅଧିକାରୀମାନେ ନିର୍ଦ୍ଦେଶ ଦେଇଛନ୍ତି।

ସ୍ୱତନ୍ତ୍ର ରିଲିଫ କମିଶନର ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏକ ହେଲିକପ୍ଟର ଯୋଗେ ଆସି ପୂର୍ବାହ୍ନ ୧୧.୩୦ ମିନିଟରେ ପାରଳାଖେମୁଣ୍ଡିସ୍ଥିତ ଗଜପତି ଷ୍ଟାଡିୟମରେ ପହଞ୍ଚିଥିଲେ। ଏହାପରେ ସ୍ୱତନ୍ତ୍ର ରିଲିଫ କମିଶନର ସେଠୀ ଜିଲାପାଳ ଅନୁପମ ଶାହାଙ୍କ ସହିତ ରାୟଗଡ଼ ବ୍ଲକର ଜିରାଙ୍ଗ, ଲକ୍ଷ୍ମୀପୁର, କଇଁପୁର, ରାୟଗଡ ଇତ୍ୟାଦି ଅଞ୍ଚଳ ଯାଇ ସେଠାରେ ଚାଲିଥିବା ରିଲିଫ, ଗମନାଗମନ ଓ ପାନୀୟଜଳ ବ୍ୟବସ୍ଥା କିପରି ତ୍ୱରାନ୍ୱିତ ହେଉଛି ସେ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ସେହିପରି କେତେଜଣ ଜିଲାସ୍ତରୀୟ ଅଧିକାରୀଙ୍କୁ ନେଇ ଗଠିତ ଏକ ଟିମ୍ ସହ ଶକ୍ତି ସଚିବ ମାଛମରା, ଲାବଣ୍ୟଗଡ, ସୋବରା, ଗାରାବନ୍ଧ, ଗୁରାଣ୍ଡି ଇତ୍ୟାଦି ଅଞ୍ଚଳ ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ଗୃହ ଓ ନଗର ଉନ୍ନୟନ ସଚିବ ମଧ୍ୟ ଅନ୍ୟ ଏକ ଟିମ୍ ସହ ଗୋଷାଣୀ ବ୍ଲକର ତୋଟାଗୁମୁଡା, ଭୁଶୁକୁଡି, ତାଟିପେଟା, ଗୋଷାଣୀ, ରମ୍ଭା ଇତ୍ୟାଦି ଗ୍ରାମ ବୁଲି ସ୍କୁଲ ଓ ଅଙ୍ଗନୱାଡ଼ି ଗୃହ ମରାମତି, ରାସ୍ତା ନିର୍ମାଣ ଇତ୍ୟାଦି କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଅନ୍ୟ ଏକ ଟିମ୍‌କୁ ନେଇ ଓୟା, କେରାଣ୍ଡି, ରାୟଗଡ ଇତ୍ୟାଦି ପଞ୍ଚାୟତର ବାତ୍ୟାଞ୍ଚଳ ପରିଦର୍ଶନ କରିଥିଲେ। ପରେ ଅପରାହ୍ନରେ ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ସମସ୍ତ ଅଧିକାରୀ ଯୋଗଦେଇଥିଲେ। ଜିଲାରେ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ ଖୋଲିବା ପରେ ସେଠାରେ ଶତ ପ୍ରତିଶତ ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା, ସହରାଞ୍ଚଳରେ ପାନୀୟ ଜଳ ବ୍ୟବସ୍ଥା ତ୍ୱରାନ୍ୱିତ କରାଯିବା, କ୍ଷତିଗ୍ରସ୍ତ ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ରଗୁଡିକୁ ତୁରନ୍ତ ମରାମତି ସହ ଗମନାଗମନ ସୁବିଧା ଠିକ୍ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜିଲାରେ ଚାଲିଥିବା ଏସବୁ କାର୍ଯ୍ୟ ନେଇ ଏହି ରାଜ୍ୟସ୍ତରୀୟ ଅଧିକାରୀମାନେ ସନ୍ତୋଷ ପ୍ରକଟ କରିଥିବା ଜିଲାପାଳଙ୍କ କାର୍ଯ୍ୟାଳୟର ସ୍ୱତନ୍ତ୍ର ସୂଚନା କେନ୍ଦ୍ର ପକ୍ଷରୁ କୁହାଯାଇଛି।



ଏସ୍‌ଆର୍‌ସି ବିଷ୍ଣୁପଦ ସେଠୀ ବୁଧବାର କଇଁପୁର ବାତ୍ୟାଞ୍ଚଳ ପରିଦର୍ଶନ କରୁଛନ୍ତି।

## ନିଟ୍ ୨୦୧୯: ୧ରୁ ଫର୍ମ ଆବେଦନ

**ଭୁବନେଶ୍ୱର,୨୪।୧୦ (ବ୍ୟୁରୋ)**

ଏମ୍‌ବିବିଏସ୍, ବିଡିଏସ୍, ଆୟୁର୍ବେଦ ଏବଂ ହୋମିଓପାଥିକ୍ ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ ନ୍ୟାସ୍‌ନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରେନ୍ସ ଟେଷ୍ଟ (ନିଟ୍)-୨୦୧୯ ପରୀକ୍ଷା ପାଇଁ ନଭେମ୍ବର ୧ରୁ ଅନ୍‌ଲାଇନ୍‌ରେ ନାମ ପଞ୍ଜୀକରଣ ଫର୍ମ ଆବେଦନ ଆରମ୍ଭ ହେବାକୁ ଯାଉଛି। ଏହି ପରୀକ୍ଷା ନ୍ୟାସ୍‌ନାଲ ଟେଷ୍ଟ୍ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ହେବ। ତେଣୁ ଛାତ୍ରୀଛାତ୍ରମାନେ (www.nta.ac.in) ୱେବସାଇଟ୍‌କୁ ଯାଇ ନାମ ଫର୍ମ ପୂରଣ କରି ଆବେଦନ କରିବାକୁ କୁହାଯାଇଛି। ଯୁକ୍ତ୨ ବିଜ୍ଞାନରେ ଶତକଡ଼ା ୫୦%ରୁ ଅଧିକ ମାର୍କ ରଖି ପାସ୍ କରିଥିବା ଛାତ୍ରୀଛାତ୍ର ଏହି ପ୍ରବେଶିକା ପରୀକ୍ଷା ଦେବାପାଇଁ ନାମ ପଞ୍ଜୀକରଣ ଫର୍ମ ଆବେଦନ କରି ପାରିବେ। ଆବେଦନର ଶେଷ ତାରିଖ ନଭେମ୍ବର ୩୦ ରହିଛି। ମେ ୫, ୨୦୧୯ରେ ପ୍ରବେଶିକା ପରୀକ୍ଷା ସାରା ଦେଶରେ ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିପାଇଁ ଆବଶ୍ୟକ ଆଡ଼ମିଟ୍ କାର୍ଡ ଏପ୍ରିଲ ୧୫ ତାରିଖରୁ ଏନ୍‌ଟିଏ ୱେବସାଇଟ୍‌ରେ ଉପଲବ୍ଧ ହେବ। ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିବା ଛାତ୍ରୀଛାତ୍ର ଏହି ୱେବସାଇଟକୁ ଯାଇ ଆଡମିଟ୍ କାର୍ଡ ଡାଉନ୍ ଲୋଡ଼ କରିପାରିବେ। ପରୀକ୍ଷା ଫଳ ଜୁନ୍ ୫ରେ ପ୍ରକାଶ ପାଇବ। ତା'ପରେ ଜୁନ୍ ୧୩ରୁ କାଉନ୍‌ସେଲିଂ କରିବାକୁ ତାରିଖ ଧାର୍ଯ୍ୟ କରାଯାଇଛି।

## ବାଇକ୍‌କୁ ଧକ୍କାଦେଲା ବସ୍: ୨ ମୃତ

**ଚୌଦ୍ୱାର, ୨୪।୧୦(ଡି.ଏନ୍.ଏ.)**

୫୫ନଂ. ଜାତୀୟ ରାଜପଥର ଚୌଦ୍ୱାର ଥାନା ବାଣୀପଦା ପଞ୍ଚାୟତ ଲକ୍ଷ୍ମୀନାରାୟଣପୁର ଛକ ନିକଟରେ ବୁଧବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ କଟକ ଜିଲା ଜଗତ୍‌ପୁର ଶିକାରୀସାହିର ସାବିତ୍ରୀ ଦାସ ଓ ଆସ୍ରାମ ଖାନ୍‌ଙ୍କ ମୃତ୍ୟୁ ଘଟିଛି। ପୋଲିସ ସୂଚନା ଅନୁଯାୟୀ, ସାବିତ୍ରୀ ଓ ଆସ୍ରାମ ବାଇକ୍ (ନଂ. ଓଡି୦୫ଟି-୬୦୭୮)ରେ ଜଗତ୍‌ପୁରରୁ ନିଜ ବନ୍ଧୁଘର କଜଳଖଣା ନୂଆସାହି ଯାଉଥିବାବେଳେ ପଛରୁ ଏକ ଯାତ୍ରିବାହୀ ବସ୍ ସେମାନଙ୍କୁ ଧକ୍କା ଦେଇଥିଲା। ସେମାନେ ବାଇକ୍‌ରୁ ଛିଟିକି ରାସ୍ତା ଉପରେ ପଡିଯାଇଥିଲେ। ସେହି ସମୟରେ ଆସୁଥିବା ଆଉ ଏକ ଦ୍ରୁତଗାମୀ ବସ୍ ସେମାନଙ୍କ ଉପରେ ମାଡିଯାଇ ପଳାଇଥିଲା। ଫଳରେ ବସ୍ ଚାପାରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ତୁରନ୍ତ ଘଟଣାସ୍ଥଳରେ ହମ୍ପ ନିର୍ମାଣ ଦାବିରେ ଗ୍ରାମବାସୀ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଚୌଦ୍ୱାର ଥାନା ଆଇଆଇସି ଜତୀନ୍ଦ୍ରନାଥ ସେଠୀ ଓ ଟିପିଏମ୍ ଫାଣ୍ଡି ଅଧିକାରୀ ନିରଞ୍ଜନ ମଲ୍ଲିକ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଖୁବ୍‌ଶୀଘ୍ର ହମ୍ପ ନିର୍ମାଣ କରାଯିବାକୁ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡଡାକ୍ତରଖାନା ପଠାଇବା ସହ ତଦନ୍ତ ଜାରି ରଖିଛି।

# ‘ତିତ୍‌ଲି’ ଜନିତ ମୃତ୍ୟୁସଂଖ୍ୟା ୭୭ ଛୁଇଁଲା

**ଭୁବନେଶ୍ୱର,୨୪।୧୦(ବ୍ୟୁରୋ)**

ବାତ୍ୟା ତିତ୍‌ଲି ଓ ଏହାର ପରବର୍ତ୍ତୀ ବର୍ଷା ଯୋଗୁ ଗଞ୍ଜାମ, ଗଜପତି ଓ ରାୟଗଡ଼ା ଜିଲାର ବିଭିନ୍ନ ଅଞ୍ଚଳ ଛାରଖାର ହୋଇଯାଇଛି। ଏହି ଜିଲା ସମେତ ୧୭ ଜିଲା ମଧ୍ୟ ପ୍ରଭାବିତ ହୋଇଛି। ରାସ୍ତାଘାଟ, ବିଦ୍ୟୁତ୍, ଚାଷ ଜମି ସବୁ ଉଜୁଡିଯାଇଛି। ପ୍ରଭାବିତ ଜିଲାରେ ଭୁସ୍ଖଳନ ଓ ବାତ୍ୟା ଯୋଗୁ ଏ ପର୍ଯ୍ୟନ୍ତ ୭୭ ଜଣଙ୍କର ଜୀବନ ହାନି ହୋଇଛି। ରିଲିଫ, ଅନୁକମ୍ପାମୂଳକ ସହାୟତା, ଘରଭଙ୍ଗା କ୍ଷତିପୂରଣ ବାବଦରେ ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ୧୨୯୫.୫୫ କୋଟି ଟଙ୍କା ପ୍ରଦାନ କରି ସାରିଲେଣି। ବୁଧବାର ସଚିବାଳୟଠାରେ ଯୁଗ୍ମ ରିଲିଫ କମିଶନର ପ୍ରଭାତ ରଞ୍ଜନ ମହାପାତ୍ର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ୭୭ ଜଣଙ୍କର ମୃତ୍ୟୁ ହୋଇଥିବା ଖବର ଆମର ହସ୍ତଗତ ହୋଇଛି। ସେଥିରୁ ୫୮ ମୃତ୍ୟୁର ତଦନ୍ତ ଶେଷ ହୋଇଥିବା ବେଳେ ୧୯ ଜଣ ନିଖୋଜ ବ୍ୟକ୍ତିଙ୍କର ତଦନ୍ତ ଜାରି ରହିଛି। ଗଜପତି ଜିଲାରେ ୪୨ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦ ଜଣ ନିଖୋଜ ଅଛନ୍ତି। ସେହିପରି ଗଞ୍ଜାମ ଜିଲାରେ ୧୦ଜଣଙ୍କ ମୃତ୍ୟୁ ଘଟିଥିବା ନିଶ୍ଚିତ ହୋଇଛି ବୋଲି ସେ ସୂଚନା ଦେଇଛନ୍ତି।

ଏ ପର୍ଯ୍ୟନ୍ତ ୧୨୯୫.୫୫ କୋଟି ଟଙ୍କା ଅନୁମୋଦନ କରିଥିବା ବେଳେ ସେଥିରୁ ୨୮୮.୬୭ କୋଟି ରିଲିଫ ସହାୟତା ବାବଦରେ ପ୍ରଦାନ କରାଯାଇଥିବା ବେଳେ ୨୦୭.୧୬ କୋଟି ଘରଭଙ୍ଗା ସହାୟତା, ମୃତ୍ୟୁ ଘଟିଥିବା ଗୃହପାଳିତ ପ୍ରାଣୀଙ୍କ ପାଇଁ ୨.୦୭ କୋଟି, ମତ୍ସ୍ୟଜୀବୀଙ୍କୁ ୬୩ କୋଟି, ମୃତକଙ୍କ କ୍ଷତିପୂରଣ ପାଇଁ ୩ଟି ଜିଲାକୁ ୧.୫୬ କୋଟି ଟଙ୍କା ପ୍ରଦାନ କରାଯାଇଛି। କ୍ଷତିଗ୍ରସ୍ତ ଗଞ୍ଜାମ, ଗଜପତି ଓ ରାୟଗଡା ଜିଲାରେ ପୁନରୁଦ୍ଧାର ଓ ଥଇଥାନ କାର୍ଯ୍ୟ କିପରି ଚାଲିଛି ସେ ନେଇ ତଦାରଖ କରିବାକୁ ସ୍ୱତନ୍ତ୍ର ରିଲିଫ କମିଶନର, ଶକ୍ତି ବିଭାଗ ସଚିବ, ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବ ଓ ପଞ୍ଚାୟତିରାଜ ବିଭାଗର ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ୩ ଜିଲା ଗସ୍ତରେ ଯାଇଥିବା ଯୁଗ୍ମ ରିଲିଫ କମିଶନର ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ୧୪୯ଟି ପଞ୍ଚାୟତରେ ବିଦ୍ୟୁତ୍ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଥିବା ବେଳେ ୧୩୦ ପଞ୍ଚାୟତରେ ୬୯,୧୩୬ ଗୃହକୁ ବିଦ୍ୟୁତ୍ ସଂଯୋଗ ଯୋଗାଇ ଦିଆଯାଇଛି। ସେହିପରି ଏହି କାର୍ଯ୍ୟରେ ୮୦ଟି ଟିମ୍‌ରେ ୯୧୦ ଜଣ ସଦସ୍ୟ ଦିନରାତି କାର୍ଯ୍ୟରେ ଲାଗିଛନ୍ତି ବୋଲି ଯୁଗ୍ମ ରିଲିଫ କମିଶନର କହିଛନ୍ତି।

## ଜଳିଗଲା ତୈଳ ଟ୍ୟାଙ୍କର, ହାଇୱା

### ଟ୍ୟାଙ୍କର ଡ୍ରାଇଭର ଦଗ୍ଧ, ହେଲପର ଗୁରୁତର

**ସୋନପୁର/ତରଭା/ଉଲୁଣ୍ଡା,୨୪।୧୦(ନି.ପ୍ର./ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ସୋନପୁର-ସମ୍ବଲପୁର ରାଜ୍ୟ ରାଜପଥର ଏସ୍. ପତ୍ରାପାଲି ଛକ ନିକଟରେ ବୁଧବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦ୍ରୁତଗତିରେ ସମ୍ବଲପୁର ପଟୁ ଆସୁଥିବା ଓଡି୧୫-ବି୪୨୪୧ନଂ ତୈଳ ଟ୍ୟାଙ୍କର ଓ ସୋନପୁର ପଟୁ ଯାଉଥିବା ହାଇୱା ମଧ୍ୟରେ ବୁଲାଣି ରାସ୍ତାରେ ମୁହାମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ଗାଡ଼ିରେ ନିଆଁ ଲାଗିଯାଇଥିଲା। ଟ୍ୟାଙ୍କରରେ ଡିଜେଲ ଓ ପେଟ୍ରୋଲ ଭର୍ତ୍ତି ଥିବାରୁ ତାହା ହୁ ହୁ ହୋଇ ଜଳିଥିଲା। ଘଟଣାସ୍ଥଳରେ ଟ୍ୟାଙ୍କର ଡ୍ରାଇଭର ବିହାରର କମଲେଶ ସିଂ (୫୦) ଜୀବନ୍ତ ଦଗ୍ଧ ହୋଇଥିଲେ। କମଲେଶ ବଲାଙ୍ଗୀରରେ ରହି ଡ୍ରାଇଭିଂ କରୁଥିଲେ। ହେଲପର ବଲାଙ୍ଗୀର ଜିଲା ଠେଲକୋମୁଣ୍ଡା ଗାଁର ଧୀରେନ ନାଏକ (୨୫) ପୋଡ଼ିହୋଇ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ବୁର୍ଲା ବଡ଼ ମେଡିକାଲ ପଠାଯାଇଛି।

## ବିଜେଡିରେ ନାଚିକା ଲିଙ୍ଗାଙ୍କ ସ୍ତ୍ରୀ

**କୋରାପୁଟ,୨୪।୧୦(ସ୍ୱ.ପ୍ର.):** କୋରାପୁଟ ଜିଲା ଚାଷୀ ମୂଲିଆ ଆଦିବାସୀ ସଂଘ ସଭାପତି ନାଚିକା ଲିଙ୍ଗାଙ୍କ ସ୍ତ୍ରୀ ଟିକାଇ ନାଚିକା ବିଜେଡିରେ ଯୋଗଦେଇଛନ୍ତି। ସେ ବର୍ତ୍ତମାନ ନାରାୟଣପାଟଣା ବ୍ଲକ ଅଧୀନ ପୋଡ଼ାପଦର ପଞ୍ଚାୟତର ସରପଞ୍ଚ ଅଛନ୍ତି। ଏକ ସ୍ଥାନୀୟ ହୋଟେଲରେ ବୁଧବାର ବିଜେଡି ଜିଲା ସଭାପତି ତଥା ରାଜ୍ୟ ଯୋଜନା ବୋର୍ଡର ସଦସ୍ୟ ଈଶ୍ୱର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ତାଙ୍କ ସହ ଶତାଧିକ ଗ୍ରାମବାସୀ ବିଜେଡିରେ ସାମିଲ ହୋଇଛନ୍ତି। ବିଜେଡି ସରକାରଙ୍କ ଉନ୍ନୟନ କାମ ଆଗକୁ ଗ୍ରାମାଞ୍ଚଳରେ ମଧ୍ୟ ତ୍ୱରାନ୍ୱିତ କରିବା ଆଶା ରଖି ଦଳରେ ଯୋଗଦେଇଥିବା ଟିକାଇ କହିଛନ୍ତି।


**ପୌର ପରିଷଦ କାର୍ଯ୍ୟାଳୟ, ହିଞ୍ଜିଳିକାଟୁ, ଗଞ୍ଜାମ**

ପତ୍ର ସଂଖ୍ୟା-୫୦୮୬/୨୦୧୮ ତାରିଖ-୨୪।୧୦।୨୦୧୮

**ବିଜ୍ଞାପନ**

ଏତଦ୍ୱାରା ହିଞ୍ଜିଳିକାଟୁ ପୌର ପରିଷଦର ନିର୍ଦ୍ଧାରଣ ନଂ-୩ (ଗ), ତା: ୨୮।୦୯।୨୦୧୮ ଅନୁସାରେ ପରିଷଦ ଦ୍ୱାରା ନିର୍ମାଣ ହୋଇଥିବା ମଧୁବାବୁ କମ୍ପ୍ଲେକ୍ସକୁ ପୌର ପରିଷଦ ଦ୍ୱାରା ମାସିକ ଲାଇସେନ୍ସ ସୂତ୍ରରେ ପ୍ରଦାନ କରିବା ନିମନ୍ତେ ପରିଷଦରେ ନିର୍ଦ୍ଧାରଣ କରାଯାଇଛି। ଏଣୁ ଆଗ୍ରହୀ ଥିବା ବ୍ୟବସାୟ ପ୍ରତିଷ୍ଠାନମାନଙ୍କଠାରୁ ବନ୍ଦ ଲଫାପାରେ ଅମାନତ ଏବଂ ମାସିକ ଭଡ଼ା ବାବଦରେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଆଗ୍ରହୀ ଅନୁଷ୍ଠାନମାନେ ଆସନ୍ତା ୦୮।୧୧।୨୦୧୮ ମଧ୍ୟରେ ମାସିକ ଲାଇସେନ୍ସ ଫି ଓ ସ୍ଥାୟୀ ଜମା ସମ୍ବନ୍ଧରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ବନ୍ଦ ଲଫାପାରେ ନିର୍ଦ୍ଧାରିତ ଆବେଦନ ଫର୍ମରେ ଜଣାଇଲେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ। ନିର୍ଦ୍ଧାରିତ ଦରଖାସ୍ତ ଫର୍ମ କାର୍ଯ୍ୟାଳୟରେ ଟ.୨୦୦/- (ଦୁଇ ଶହ) ଟଙ୍କା ଅଣଫେରସ୍ତଯୋଗ୍ୟ ଜମାଦେଇ ସର୍ତ୍ତାବଳୀ ସହ ସଂଗ୍ରହ କରିପାରିବେ। ଫେରସ୍ତଯୋଗ୍ୟ ଅମାନତ ସ୍ଥାୟୀ ଜମା ନିର୍ବାହୀ ଅଧିକାରୀଙ୍କ ନାମରେ ଚଳବନ୍ଧକ (Pledge) ନିର୍ଦ୍ଧାରିତ ଫର୍ମରେ ପ୍ରଦାନ କରାଯାଇଥିବା ହିସାବରେ ଜମା କରିବାକୁ ହେବ।

**ସ୍ୱା./- ନିର୍ବାହୀ ଅଧିକାରୀ, ପୌର ପରିଷଦ, ହିଞ୍ଜିଳିକାଟୁ**

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
C.D.A
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ - ୧୨

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର - 11 ରେ ପ୍ଲଟ ନଂ - 11-2F/463 ଟିକୁ ଶ୍ରୀମତୀ ପୂର୍ଣ୍ଣିମା ସିଂହ, ସ୍ୱା - ଶ୍ରୀ ଅଶୋକ କୁମାର ସିଂହ, ସା/ପୋ - ଚାନ୍ଦିନୀଚୌକ, ଥା - ଲାଲବାଗ, ଜିଲ୍ଲା - କଟକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ପୂର୍ଣ୍ଣିମା ସିଂହ ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଅସିତ ପ୍ରମାଣିକ, ପି - ସନ୍ନ୍ୟାସୀ ପ୍ରମାଣିକ, ସା - ଝୁମଝୁମି, ପୋ/ଥା - ଦାସପୁର, ଜିଲ୍ଲା - ପଶ୍ଚିମ ମେଦିନାପୁର, ରାଜ୍ୟ - ପଶ୍ଚିମବଙ୍ଗଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ, ତାହାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଲିଖିତ ଭାବେ ଜଣାଇବେ। ତତ୍ ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ପରିବର୍ତ୍ତନ କରାଯିବ।

**ସଚିବ**

See Career Appointment on every Wednesday & Saturday

**Government of Odisha**
**"e" Procurement Notice**
No. 886-O
**Bid Identification No. : Online-AGL-10 of 2018-2019**

| | | |
|---|---|---|
| 1. | Name of the Work | Road Works |
| 2. | Estimated Cost. | Rs. 22.10 lakhs & Rs. 44.20 Lakhs |
| 3. | Period of Completion | 03(Three) & 04(Four) Calendar Months |
| 4. | Date & time of availability of bid document in the portal | From 29.10.2018 to 08.11.2018 upto 5.00 P.M. |
| 5. | Last Date/time for receipt of bids In the portal | 08.11.2018 upto 5.00 P.M. |
| 6. | Name & Address of the OIT | Executive Engineer, Rural Works Division, Angul |

Further details can be seen from the Govt. website www.tendersorissa.gov.in

Sd./-Executive Engineer
R.W.Division,Angul.
25096/11/0004/1819

No. 892-O
**GOVERNMENT OF ODISHA**
**OFFICE OF THE EXECUTIVE ENGINEER, R.W. DIVISION CUTTACK-II, CUTTACK**
Email ID- cuttackrw2nd@yahoo.co.in
Telephone / Fax No. (0671)-2445119
e-procurement Notice for BUILDING works
Bid Identification No. EECTC-II- 05 of 2018-19 dt. 10.10.2018

| | | | |
|---|---|---|---|
| 1. | Number of the work | :- | 02 (Two) Nos. of Bid Works |
| 2. | Estimated Cost. (Approx) | :- | Rs. 13.22 lakh to 45.98 lakh |
| 3. | Period of completion | :- | 03 (Three) to 06 (Six) calendar Months |
| 4. | Date & time of sale & receipt of bid document online | :- | From: 27.10.2018 at 11:00 AM To: 12.11.2018 at 4:00 PM |
| 5. | Date & time of opening of bids | :- | 13.11.2018 at 11:30 PM |
| 6. | Name and address of Inviting Officer | :- | Executive Engineer, R. W. Division Cuttack-II, Cuttack Nayabazar, Cuttack-753004 |

Further details can be seen from the State Govt. portal https://tendersorissa.gov.in

Sd/- (D. P. Dash)
Executive Engineer
R.W. Division Cuttack-II, Cuttack
25095/11/0008/1819

**CIVIL SERVICES COACHING CENTRE**
**RAMA DEVI WOMEN'S UNIVERSITY, BHUBANESWAR**

The Civil Services Coaching Class of Rama Devi Women's University, Bhubaneswar, Provide Coaching to girls students desirous of appearing at the Competitive examinations conducted by the Union Public Service Commission for various Civil Services. The minimum qualification for enrolment is a graduate / final degree student of any recognized University. Course fee is Rs. 2000.00 for General and OBC candidates and Rs. 1000.00 for SC and ST students. Coaching will be provided for Preliminary Examination of UPSC-2019. Girl students are advised to download application form from website and send the filled in application to the Civil Service Coaching Centre in the address given in website. For details, visit University website : www.rdwuniversity.nic.in

**Sd./- Registrar**

**GOVERNMENT OF ODISHA "e" PROCUREMENT NOTICE**
**Bid Identification No 17 of 2018 - 19**
No.900-O

1. Name of the Work :- Execution of different civil works in the district of Kandhamal. (Refer DTCN available in the website :- tendersorissa.gov.in)
2. Total No of work :- 01 No.
3. Estimated Cost :- Rs. 33.00 lakh
4. Eligible Class of Contractor: - " C & B"
5. Period of Completion :- 06 months (Refer DTCN available in the website tendersorissa.gov.in)
6. Other Details :

| Procurement Officer | Bid Identification No. | Availability of tender online for bidding | | Date and time for opening of Bid |
|---|---|---|---|---|
| | | From | To | |
| Executive Engineer, RWSS Division, Phulbani | 17 of 2018 - 19 | Dt. 29.10.2018 At. 10.00 Hrs | Dt. 13.11.2018 Up to. 17.00 Hrs | Dt.14.11.2018 at 11 00 A.M |

Further details can be seen from the website www.tendersorissa.gov.in
Corrigendum, if any, will be uploaded in website only.

Executive Engineer,
R WS&S Division, Phulbani
25006/11/0020/1819

**GOVERNMENT OF ODISHA**
No. 653-A
**DEPARTMENT OF WATER RESOURCES, OFFICE OF THE SUPERINTENDING ENGINEER, EASTERN CIRCLE-I, CUTTACK**
**e-mail : seeccuttack@gmail.com**
**"e" Procurement Notice No. SEEC-I/05 (MND-I) (Sl No. i to vii) of 2018-19.**

| | | | |
|---|---|---|---|
| 1. | Name of the works | i | Improvement to Mahanadi left embankment top road from Chakragarh to Kathakhunta & Kathakhunta to Dimiria in Narasinghpur Block under the district of Cuttack. |
| | | ii | Service road on Kendrapara canal left & right bank, left bank of Disty No.0, left bank of Disty No.1A & 1C and right bank of Disty No1 of Kendrapara Canal. |
| | | iii | Service road on left bank of Disty No.8 from RD1.640 to 2.550Km, 10.900 to 11.490Km & 12.170 to 13.860Km of Kendrapara canal & its system. |
| | | iv | Renovation of canal embankment road of D-6, D-7A1, Jaypur Minor & Jagannathpur sub-minor of Pattamundai Canal system. |
| | | v | Improvement to Mahanadi left embankment top road from Bhuasuni to Nandapur and Sapua embankment top road from Manapur bridge to Tailamala. |
| | | vi | Improvement to service road on left bank of Disty No.3 and left bank of Disty No.4 of Pattamundai canal. |
| | | vii | Improvement to Genguti right embankment from RD6.50Km to 7.50Km, RD 12.00KM to 13.40Km, RD 15.94Km to 17.35Km, RD.20.10Km to 21.15Km and RD21.15Km to 23.60Km. |
| 2 | Tender Cost (Approx.) | : | Sl No.(i) Rs.136.00 Lakhs, Sl No.(ii) Rs.227.00 Lakhs, Sl No.(iii) Rs.225.00 Lakhs, Sl No.(iv) Rs.164.00 Lakhs, Sl No.(v) Rs.145.00 Lakhs, Sl No.(vi) Rs.151.00 Lakhs, Sl No.(vii) Rs.196.00 Lakhs. |
| 3 | Total No. of Packages | : | 7 Nos. Individual Packages. |
| 4 | Tender paper Cost | : | Rs.10,000.00 (On-line payment) for each Packages |
| 5 | Bid Security | i | Rs.1,36,000.00 (On-line payment) for Sl No. (i) |
| | | ii | Rs.2,27,000.00 (On-line payment) for Sl No. (ii) |
| | | iii | Rs.2,25,000.00 (On-line payment) for Sl No. (iii) |
| | | iv | Rs.1,64,000.00 (On-line payment) for Sl No. (iv) |
| | | v | Rs.1,45,000.00 (On-line payment) for Sl No. (v) |
| | | vi | Rs.1,51,000.00 (On-line payment) for Sl No. (vi) |
| | | vii | Rs.1,96,000.00 (On-line payment) for Sl No. (vii) |
| 6 | Class of Contractor | : | B' & 'A' class contractor for all packages |
| 7 | Period of Completion | : | 6 (Six) calendar months each packages |

8. Other details are as follows.

| Procurement Officer. | Name of Division | Bid Identification No. | Availability of Tender On-line for bidding | | Date & time of opening of Technical bid |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Superintending Engineer, Eastern Circle-I, Cuttack | E.E., Mahanadi North Division-I, Jagatpur | SEEC-I/05 (MND-I) | 30.10.2018 at 10.00 A.M | 13.11.2018 up to 5.00 P.M | 14.11.2018 At 11.30 A.M in O/o the S.E., Eastern Circle-I, Cuttack |

Further details can be seen from the Govt. web site www.dowrorissa.gov.in.
32370/11/0005/1819
**Sd./- Superintending Engineer,Eastern Circle-I, Cuttack**

अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
Sijua, Post : Dumuduma, Bhubaneswar - 751019
www.aiimsbhubaneswar.edu.in

**F.No. J-11067(001)/2018-19/S & P** **Date: 24.10.2018**

**TENDER CALL NOTICE**

The All India Institute of Medical Sciences (AIIMS) Bhubaneswar Odisha, GOI, inviting tender for **"Supply of Reagents & Consumables for Nuclear Medicine on Rate Contract Basis"** in Two Bid System. The tender document along with last date of submission of the tender can be viewed and downloaded from the official website i.e. **www.aiimsbhubaneswar.nic.in.** The sealed Tender will be received through Speed post/Reg. post/Courier/by hand only on or before due date & time i.e. 12.00 hrs. by office of **Sr. Procurement-Cum Store Officer, AIIMS, Bhubaneswar** and the said tender will be opened on same day at 3.00 P.M. in presence of bidders or their authorised representatives in the office chamber of undersigned. Incomplete tender document/ tender received after scheduled date & time shall be rejected.

Director, AIIMS, Bhubaneswar reserves the right to reject any or all the tenders without assigning any reason thereof.

| Subject | Description |
|---|---|
| Tender No. | J-11067(001)/2018-19/S & P |
| Tender Issue and Publishing Date | 24-10-2018 |
| Last Date & Time of Submission | 15-11-2018 at 12.00 P.M |
| Tender Opening Date (Technical Bid) | 15-11-2018 at 03.00 P.M |

Sd/-
Sr. Procurement-Cum Store Officer
AIIMS, Bhubaneswar

ଅପେରା ହାଲଚାଲ

# ବାପି ଯାହା ଭାବୁଥିଲେ



ଜଲିଉଡ୍‌ର ଆକ୍ସନ ମାଷ୍ଟର ବାପି ପଣ୍ଡା। ବାଘାଯତୀନ ଲୋକନାଟ୍ୟର ଏହି ମୁଖ୍ୟ କଳାକାର ଏଥର ଯାତ୍ରା ସିଜନକୁ ନେଇ ସେ ଯାହା ଆଶା କରିଥିଲେ ତାହା ପୂରଣ ହୋଇଛି। ବିଶେଷ ଭାବରେ 'ମୃତ୍ୟୁଦଣ୍ଡ' ନାଟକରେ ନିଜର ଭୂମିକା ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଛି। କେବଳ ସେତିକି ନୁହେଁ, ଗତ ସିଜନର ସୁପରହିଟ୍ ନାଟକ 'କାହାଣୀ କାନ୍ଦୁଛି ଆଖି ଲୁଚେଇ' ଏବଂ ନିହାର ମହାନ୍ତି-ତାପସ ସ୍ୱାଇଁଙ୍କ 'ପାକିସ୍ତାନୀ ଝିଅ ଭାରତ କେ ଲିୟେ ଶହୀଦ'ର ସଫଳତାକୁ ଏବେ ବି ମନେ ପକାନ୍ତି ଏହି ଅଭିନେତା। ଏ ସମ୍ପର୍କରେ ବାପି କହନ୍ତି, 'ମୋ ଅଭିନୟ ଦର୍ଶକଙ୍କ ମନକୁ ଛୁଇଁ ପାରୁଛି ତାହା ମୋ ପାଇଁ ବଡ କଥା। ଦର୍ଶକଙ୍କ ସ୍ନେହ ଶ୍ରଦ୍ଧା ଯୋଗୁ ଅପେରା ମୋହରୁ ମୁକୁଳି ପାରୁନି। ସବୁଠାରୁ ବଡ କଥା ହେଲା ମୋତେ ସଫଳତା ମିଳୁ କି ବିଫଳତା କେବେ ପଛକୁ ଫେରି ଚାହିନି। କାରଣ ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବାକୁ ସବୁବେଳେ ଗୁରୁତ୍ୱ ଦିଏ। ଅପେରାର ଭବିଷ୍ୟତ ଉପରେ କେତେକ ପ୍ରଶ୍ନବାଚୀ ଲଗାଇଛନ୍ତି। ଏହାକୁ ନେଇ ଅନେକ ପ୍ରଶ୍ନ ଉଠିଛି। ହେଲେ ମୁଁ କହିବି କଳା ଅମର ଏବଂ ଅଭିନୟର କେବେ ଶେଷ ନାହିଁ। ତେଣୁ କଳାକାର ରହିବେ, ଏମିତି ଦର୍ଶକଙ୍କ ମନୋରଞ୍ଜନ କରି ଚାଲିଥିବେ।'

## ଖ ବ ର ଟ ବ ର

- ❖ଜ୍ୟୋତି ପ୍ରଡକ୍ସନ ବ୍ୟାନରରେ ନୂଆ ଓଡ଼ିଆ ସିନେମା 'ତୁ ମୋର ନିହାତି ଦରକାର-ଟ୍ରୁ ଲଭ୍ ନେଭର ଡାଏ'ର ଶୁଟିଂ ଚାଲୁ ରହିଛି। ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି ରାଜୀବ ମହାନ୍ତି।
- ❖ଓଡ଼ିଆ ଚଳଚ୍ଚିତ୍ର 'ପ୍ରେମ ପାଇଁ ମହାଭାରତ'ରେ ନିଜର ରୋଲ୍‌କୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ସମ୍ବିତ। ଏଥିରେ ତାଙ୍କର ନାୟିକା ସାଜିଛନ୍ତି ରିୟା।
- ❖ସାର୍ଥକ ମ୍ୟୁଜିକ୍ ବ୍ୟାନରରେ ନିର୍ମିତ 'ଲଭ୍ ଏକ୍ସପ୍ରେସ୍' ଖୁବ୍ ଶୀଘ୍ର ରିଲିଜ ହେବ। ସୀତାରାମ ଅଗ୍ରୱାଲ୍‌ଙ୍କ ପ୍ରଯୋଜନା ଏବଂ ବିନ୍ନି ପଟ୍ଟନାୟକ-ସଚିକାନ୍ତ ଜେନାଙ୍କ କାର୍ଯ୍ୟକାରୀ ପ୍ରଯୋଜନାରେ ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ସ୍ୱରାଜ-ସନମୀରା। ନିର୍ଦ୍ଦେଶନା ଦେଇଛନ୍ତି ରମେଶ ରାଉତ।



ତମନ୍ନା

# ମୌଳିକ କାହାଣୀକୁ ଗୁରୁତ୍ୱ ଦେବି

**ଓଡ଼ିଆ ସିନେମା 'ଯୋଗୀ'ରୁ ଆରମ୍ଭ ହୋଇଥିଲା ନିରଞ୍ଜନ ବେହେରାଙ୍କ ନିର୍ଦ୍ଦେଶନା କ୍ୟାରିୟର । ରିଲିଜ ଅପେକ୍ଷାରେ ଥିବା ଚିତ୍ର 'ପ୍ରେମ ପାଇଁ ମହାଭାରତ'କୁ ନେଇ ବେଶ୍ ଆଶା ବାନ୍ଧିଛନ୍ତି ସେ । ପୁରୀ ଜିଲା ଛଇତନା ଗ୍ରାମରେ ଜନ୍ମିତ ଏହି ନିର୍ଦ୍ଦେଶକ ନିଜ ଆଭିମୁଖ୍ୟ ସମ୍ପର୍କରେ ଯାହା କହନ୍ତି...**



ପରଦା ପଛରେ
ନିରଞ୍ଜନ ବେହେରା

ଭଲ ସିନେମାଟିଏ ନିର୍ମାଣ କଲେ ତାହା ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ ଏବଂ ସେଥିରୁ ପ୍ରଯୋଜକ ଦି' ପଇସା ପାଇ ପୁଣି ଥରେ ଆଉ ଏକ ସିନେମା କରିବାକୁ ଆଗ୍ରହ ପ୍ରକାଶ କରିବ। ହେଲେ ସେହି ଫିଲ୍ମଗୁଡିକର କାହାଣୀ ମୌଳିକ ହେବା ଦରକାର। ସେଥିପାଇଁ ମୁଁ ସବୁବେଳେ ମୌଳିକ କାହାଣୀ ଉପରେ ହିଁ ଗୁରୁତ୍ୱ ଦିଏ। ଭଲ କାହାଣୀ ଯଦି ନ ମିଳେ ତେବେ ସେ ପର୍ଯ୍ୟନ୍ତ ଅପେକ୍ଷା କରିବି ହେଲେ କପି ପେଷ୍ଟ ସିନେମା ଆଦୌ କରିବି ନାହିଁ। କାହାଣୀକୁ ପ୍ରପର ଜଷ୍ଟିସ ଦେବାକୁ ମୁଁ ନିଜେ ସଂଳାପ ଲେଖିଥାଏ। ଗୋଟିଏ କଥା-ମୁଁ ସବୁବେଳେ ଦର୍ଶକଙ୍କୁ କିଛି ନୂଆ ଜିନିଷ ଦେଖାଇବାକୁ ଚାହେଁ। 'ପ୍ରେମ ପାଇଁ ମହାଭାରତ'ର କାହାଣୀ ଏଭଳି ଭାବରେ ରଚନା କରାଯାଇଛି ଯାହା ଅନ୍ୟ ସିନେମାଠାରୁ କେତେ ସ୍ୱତନ୍ତ୍ର ତାହା ଫିଲ୍ମଟି ଦେଖିଲେ ହିଁ ଜାଣିପାରିବେ। ଏଥିରେ ୮ଜଣ ନାୟକଙ୍କୁ ଜଣେ ନାୟିକା। ଏବର୍ଷ ମୋର 'ଯୋଗୀ' ରିଲିଜ ହୋଇଛି, 'ପ୍ରେମ ପାଇଁ ମହାଭାରତ' ଏବଂ 'ୱାଇଫ ମୋ ଲାଇଫ'ର ପ୍ରାରମ୍ଭିକ କାମ ଚାଲିଛି। ଗୋଟିଏ ବର୍ଷ (୨୦୧୮)ରେ ତିନୋଟି ସିନେମା ଦାୟିତ୍ୱ ତୁଲାଇବା ସହଜ କଥା ନୁହେଁ। ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଦେବା ମୋର ପ୍ରଥମ ଲକ୍ଷ୍ୟ।

## ଚୁପ୍ ରହୁଛନ୍ତି କ୍ୟାଟ୍ରିନା

କ୍ୟାଟ୍ରିନା ଏବେ ଅଧିକାଂଶ ସମୟ ଚୁପ୍ ରହୁଛନ୍ତି। ହେଲେ ଏଭଳି ନୀରବତା ପଛରେ କି କାରଣ ରହିଛି ତାହା ଜଣାଉନାହାନ୍ତି। ନିକଟରେ ଜଣେ ସାଧୁଙ୍କ ସହ ତାଙ୍କର ଭେଟ ହୋଇଥିଲା। ତାଙ୍କ ସହ ଘଣ୍ଟାଏ ଉପରେ ସେ କଥା ହୋଇଥିଲେ। ବାସ୍, ତା'ପରେ କ୍ୟାଟ୍ରିନା ଯୁଆଡେ ଯାଉଛନ୍ତି ମାପିଚୁପି କଥା ହେଉଛନ୍ତି। ଅଯଥା କଥାରେ ଆଦୌ ମୁଣ୍ଡ ଖେଳାଉନାହାନ୍ତି। କିଏ କିଛି କହିଲେ ତାହାର ଉତ୍ତର କ'ଣ ଦେବେ କିଛି ସମୟ ଚିନ୍ତା କରୁଛନ୍ତି। ତେବେ ଏଭଳି ନୀରବତା ପଛରେ ଅନ୍ୟ କିଛି କାରଣ ଅଛି କି ନାହିଁ ତାହା ତାଙ୍କୁ ହିଁ ଜଣା।



# ତମନ୍ନାଙ୍କ ସ୍ୱପ୍ନ

ତମନ୍ନାଙ୍କୁ ପ୍ରଥମେ ବ୍ରେକ୍ ମିଳିଥିଲା ଓଡ଼ିଆ ସିନେମା 'ଭାଇନା କ'ଣ କଲା ସେ'ରେ। ସଞ୍ଜୟ ନାୟକଙ୍କ ନିର୍ଦ୍ଦେଶନା ବ୍ୟତୀତ ଏଥିରେ ସଂଯୋଜିତ ଗୀତ 'ଚାଲ କରିବା ଠିଆ ପାଲା' ତାଙ୍କୁ ଆରମ୍ଭରୁ ହିଁ ମାଇଲେଜ ଦେଇଥିଲା। ହେଲେ ଓଲିଉଡ୍‌ରେ କ୍ୟାରିୟର ଆରମ୍ଭ କରିବା ପୂର୍ବରୁ ସେ ର୍‍ୟାମ୍ପ ଶୋ'ରେ ନିଜର ଦକ୍ଷତା ଦେଖାଇ ପରିଚିତ ହୋଇସାରିଥିଲେ। ତମନ୍ନାଙ୍କ ଅଭିନୀତ ତଥା ସଞ୍ଜୟଙ୍କ ନିର୍ଦ୍ଦେଶିତ 'ନିଝୁମ ରାତିର ସାଥୀ' ତାଙ୍କୁ ନାୟିକା ଦୌଡ଼ରେ ସାମିଲ କରିଥିଲା। ଓଡ଼ିଆ ଚଳଚ୍ଚିତ୍ର 'ବ୍ଲାକମେଲ୍'ର ନାୟିକା ସାଜିବା ସହ ପ୍ରେମ୍ ଆନନ୍ଦଙ୍କ ସ୍ୱର ସଂଯୋଜନା ତଥା ଏହି ଫିଲ୍ମର ସୁପରହିଟ୍ ଗୀତ 'ହାଏ ତୋ ପ୍ରେମର ରଙ୍ଗୋଲି' ତାଙ୍କୁ ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଦେଇସାରିଛି। ଅପରପକ୍ଷରେ ଚଳିତବର୍ଷ ଦଶହରାରେ ଅନୁଭବ ମହାନ୍ତିଙ୍କ ଅଭିନୀତ 'ପ୍ରେମ କୁମାର'ରେ ସେ ଅନ୍ୟତମ ନାୟିକା ଭାବରେ ଅଭିନୟ କରିଛନ୍ତି। ନିଜର କ୍ୟାରିୟର ସମ୍ପର୍କରେ ତମନ୍ନା କହନ୍ତି, 'ମୁଁ ପ୍ରଥମେ ରଜ କୁଇନ-୨୦୧୫ ଏବଂ ମୁଁ ବି ହିରୋଇନ୍ ହେବି-୨ରେ ଅଂଶଗ୍ରହଣ କରି ରନର୍ସଅପ ହୋଇଥିଲି। ବାସ୍, ତା'ପରେ ଚଳଚ୍ଚିତ୍ରରେ ଅଭିନୟ କରିବାର ସୁଯୋଗ ମୋତେ ମିଳିଥିଲା। ଏ ପର୍ଯ୍ୟନ୍ତ ମୋତେ ଯେତିକି ସୁଯୋଗ ମିଳିଛି ତାହାର ମୁଁ ସଦୁପଯୋଗ କରିଛି ଏବଂ ଦର୍ଶକ ମୋ ଅଭିନୟକୁ ଗ୍ରହଣ କରିଛନ୍ତି। ମୁଁ ନିଜକୁ ଗୋଟିଏ ପ୍ରକାର ଚରିତ୍ରରେ ବାନ୍ଧି ରଖିବାକୁ ଚାହେଁ ନାହିଁ। ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ କରିବାକୁ ଆଶା ରଖିଛି । ସବୁଠାରୁ ଖାସ୍ କଥା ହେଲା ଜାତୀୟ ସ୍ତରରେ ଆୟୋଜିତ ସୁନ୍ଦରୀ ପ୍ରତିଯୋଗିତା 'ମିସ୍ ଡିଭା'ରେ ଆମ ରାଜ୍ୟ ତରଫରୁ ଏକମାତ୍ର ପ୍ରତିଯୋଗୀ ଭାବରେ ଅଂଶଗ୍ରହଣ କରି 'ବେଷ୍ଟ-୫' ଭିତରେ ରହିଥିଲି ଏବଂ 'ମିସ୍ ପପୁଲାର' ଟାଇଟଲ ବିଜୟୀ ହୋଇଥିଲି। ଆକ୍ଟିଂ କ୍ୟାରିୟରକୁ ନେଇ ଆଶା ତ ଅନେକ ରହିଛି। ଭଲ ସୁଯୋଗ ମିଳିଲେ ତାହାର ସଦୁପଯୋଗ କରିବାକୁ ପଛାଇବି ନାହିଁ।'

## ସମୟାନୁବର୍ତ୍ତୀ ଆଲିୟା

ଆଲିୟାଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। କ'ଣ ପାଇଁ ଜାଣନ୍ତି ? ସମୟାନୁବର୍ତ୍ତିତା ପାଇଁ। ବର୍ତ୍ତମାନ ସେ ନ୍ୟୁୟର୍କରେ ଡେରା ପକାଇଛନ୍ତି। କାରଣ ସେଠାରେ 'କଳଙ୍କ'ର ଶୁଟିଂ ଚାଲିଛି। ଶୁଟିଂ ସେଟ୍‌ରେ କେହି ପହଞ୍ଚିବା ପୂର୍ବରୁ ସେ ସେଠାରେ ପହଞ୍ଚି ଯାଉଛନ୍ତି। ପୁଣି ଶଟ୍ ଦେବା ସମୟରେ ଅଯଥା ସମୟ ନଷ୍ଟ କରୁ ନାହାନ୍ତି।



ଆଲିୟା

ଓଡ଼ିଆ ସିନେମା

# ଏବେ ଆତ୍ମସମୀକ୍ଷାର ବେଳ

**"ଭଲ ସିନେମାଟିଏ ରିଲିଜ ହୋଇ ଯଦି ଦି' ପଇସା ରୋଜଗାର କଲା ତେବେ ତାହା ଅନ୍ୟମାନଙ୍କୁ ଅନୁପ୍ରାଣିତ କରିବ । ହେଲେ ଏବେ କ'ଣ ହେଉଛି ନା 'ମାର୍ ତାଳି ଉଠା ଥାଳି' ନ୍ୟାୟରେ ହାତଗଣତି ଦିନ କେଇଟାରେ ଯେନତେନ ପ୍ରକାରେ ଶୁଟିଂ ଶେଷ କରିଦିଆଯାଉଛି। ତେଣୁ ଗୋଟିଏ ସିକ୍ୱେନ୍ସକୁ ଯେତିକି ଗୁରୁତ୍ୱ ଦିଆଯିବା କଥା ତାହା ଦିଆଯାଉନାହିଁ। ଆଉ ଏହା ସିନେମାଟି ଦେଖିଲା ବେଳେ ଜଳଜଳ ହୋଇ ଦେଖାଯାଉଛି।"**

୧୯୩୬-ଏହି ବର୍ଷଟି ଓଡ଼ିଆ ସିନେମା ଜଗତରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। କାରଣ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ସୀତା ବିବାହ' ସେହି ବର୍ଷ ମୁକ୍ତିଲାଭ କରିଥିଲା। ଇତି ମଧ୍ୟରେ ପ୍ରାୟ ୬୫୦ରୁ ଅଧିକ ଓଡ଼ିଆ ସିନେମା ପରଦା ଉପରକୁ ଆସି ସାରିଲାଣି। ହେଲେ ଗତ କେତେବର୍ଷ ଭିତରେ ଆମ ଓଡ଼ିଆ ସିନେମାର ଅବସ୍ଥା କେଉଁ ସ୍ତରରେ ପହଞ୍ଚିଛି ତାହା ବିଚାର କରିବାର ସମୟ ଆସିଛି। ସଂଖ୍ୟା ଦୃଷ୍ଟିରୁ ପ୍ରତିବର୍ଷ ୩୦ରୁ ଅଧିକ ଚଳଚ୍ଚିତ୍ର ମୁକ୍ତିଲାଭ କରୁଛି। ହେଲେ ତନ୍ମଧ୍ୟରୁ ମାତ୍ର ହାତଗଣତି କେତୋଟି ସିନେମା ଦର୍ଶକାଦୃତ ହୋଇପାରୁଛି। ବାକି ସିନେମାର ଅବସ୍ଥା କ'ଣ ହେଉଛି ତାହା ନ କହିବା ଭଲ। ନିରାଟ ସତ କଥା ହେଲା- ଦର୍ଶକଙ୍କ ମନକୁ ଛୁଇଁଲା ଭଳି ନିଛକ ଓଡ଼ିଆ ଚିତ୍ରଟିଏ ଦେଖିବା ପ୍ରାୟ ବିରଳ ହୋଇଗଲାଣି। ଚଳଚ୍ଚିତ୍ର ପ୍ରଯୋଜନା କ୍ଷେତ୍ରରେ ଆଦୌ ଜ୍ଞାନ ନ ଥାଇ ପ୍ରଯୋଜକ ସାଜିବା, ନିର୍ଦ୍ଦେଶନାର ଏବିସିଡି ମାଲୁମ ନ ଥାଇ ନିର୍ଦ୍ଦେଶକ ସିଟ୍‌ରେ ବସି 'କଟ୍-ଓକେ' କହିବାକୁ ଅନେକ ଆଗେଇ ଆସୁଛନ୍ତି। ଏହାଦ୍ୱାରା ଆମ ଇଣ୍ଡଷ୍ଟ୍ରି ଆଗକୁ ଯିବ କ'ଣ ଗୋଦରା କୋଡେ ଯେତେ ମାଡେ ସେତେ ନ୍ୟାୟରେ ପଛକୁ ଫେରୁଛି। ଆଜିକାଲି ଅନେକ ନବାଗତ ନିଜର ଭାଗ୍ୟ ପରୀକ୍ଷା କରିବାକୁ ଆଗେଇ ଆସୁଛନ୍ତି। ଏହା ନିଶ୍ଚୟ ସ୍ୱାଗତଯୋଗ୍ୟ। ହେଲେ କେତେକଙ୍କର କ୍ୟାରିୟର ଗୋଟିଏ ସିନେମାରେ ସୀମାବଦ୍ଧ ହୋଇ ରହିଯାଉଛି। ଓଡ଼ିଆ ସିନେମା ନିର୍ମାଣ କରି ନିଜକୁ ଜଣେ ପ୍ରଯୋଜକ କିମ୍ବା ନିର୍ଦ୍ଦେଶକ କହି ପ୍ରଶଂସିତ ହେବାକୁ କାହାକୁ କିଏ ମନା କରୁନାହିଁ। ହେଲେ ଓଡ଼ିଆ ସିନେମାର ଦିନକୁ ଦିନ ଯେପରି ଅଧୋଗତି ହେଉଛି ତାହା ଚିନ୍ତାର କାରଣ ସାଜିଛି।

ଭଲ ସିନେମାଟିଏ ରିଲିଜ ହୋଇ ଯଦି ଦି' ପଇସା ରୋଜଗାର କଲା ତେବେ ତାହା ଅନ୍ୟମାନଙ୍କୁ ଅନୁପ୍ରାଣିତ କରିବ। ହେଲେ ଏବେ କ'ଣ ହେଉଛି ନା 'ମାର୍ ତାଳି ଉଠା ଥାଳି' ନ୍ୟାୟରେ ହାତଗଣତି ଦିନ କେଇଟାରେ ଯେନତେନ ପ୍ରକାରେ ଶୁଟିଂ ଶେଷ କରିଦିଆଯାଉଛି। ତେଣୁ ଗୋଟିଏ ସିକ୍ୱେନ୍ସକୁ ଯେତିକି ଗୁରୁତ୍ୱ ଦିଆଯିବା କଥା ତାହା ଦିଆଯାଉନାହିଁ। ଆଉ ଏହା ସିନେମାଟି ଦେଖିଲା ବେଳେ ଜଳଜଳ ହୋଇ ଦେଖାଯାଉଛି। ଅନ୍ୟପକ୍ଷରେ ବଜେଟକୁ ନେଇ ଛକାପଞ୍ଝା ଲାଗି ରହିଛି। ଏ କଥା ସତ ଯେ ଓଡ଼ିଆ ଫିଲ୍ମଟିଏ ନିର୍ମାଣ କରିବା ଏତେ ସହଜ କଥା ନୁହେଁ। ଆମ ଓଡ଼ିଆ ସିନେମାର ସାମ୍ପ୍ରତିକ ଅବସ୍ଥାକୁ ଦେଖି ଅନେକ ସମୟରେ ବଜେଟରେ ବୁଝାମଣା କରିବାକୁ କେତେକ ପ୍ରଯୋଜକ ବାଧ ହେଉଛନ୍ତି। ପୁଣି ଏପରି ସଫେଇ ଦେଇ କେତେକ ପ୍ରଯୋଜକ ନିଜ ମୁଣ୍ଡରୁ ଦୋଷ ଖସାଇ ଦେଉଛନ୍ତି। ଭଲ କାହାଣୀଟିଏ ଚୟନ କରିବା ଅପେକ୍ଷା ତେଲୁଗୁ-ତାମିଲ କିମ୍ବା କୌଣସି ପ୍ରାନ୍ତୀୟ ଭାଷାରେ ନିର୍ମିତ ସିନେମା ଦେଖି ତାକୁ କପି କରିଦେଲେ କାମ ଶେଷ। ମୂଳ ସିନେମା ସହ ଆମ ଓଡ଼ିଆ ସିନେମାକୁ ମିଳାଇଲା ବେଳକୁ ଆକାଶ ପାତାଳ ଫରକ। ଅତୀତରେ ଭଲ କାହାଣୀଟିଏ ଚୟନ କରି ଓଡ଼ିଆ ଫିଲ୍ମ ପ୍ରସ୍ତୁତ ହେଉଥିଲା। ତା' ସହ ଚଳଚ୍ଚିତ୍ରର ଅନ୍ୟାନ୍ୟ ଆନୁଷଙ୍ଗିକ ଦିଗ ପ୍ରତି ପ୍ରଯୋଜକମାନେ ଗୁରୁତ୍ୱ ଦେଉଥିଲେ। ଆଉ ସେଭଳି ସିନେମାକୁ ଥରେ ନୁହେଁ, ୪-୫ ଥର ଦେଖିବାକୁ ଇଚ୍ଛା ହେଉଥିଲା। ହେଲେ ଏବେ ଓଡ଼ିଆ ସିନେମାଟିଏ ଦେଖିବାକୁ ଅଧିକାଂଶ ଦର୍ଶକ ମନ ବଳାଉ ନ ଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ଆତ୍ମସମୀକ୍ଷା କରିବାର ସମୟ ଆସିଛି। ଏଭଳି ସିନେମାଟିଏ ନିର୍ମାଣ କରାଯିବା ଦରକାର, ଯାହା ସବୁ ଦୃଷ୍ଟିକୋଣରୁ ଦର୍ଶକଙ୍କୁ ଆକର୍ଷିତ କରୁଥିବ। ଯଦି ନିଜର ମନୋରଞ୍ଜନ ପାଇଁ ଓଡ଼ିଆ ଚିତ୍ର ପ୍ରସ୍ତୁତ କରିବାକୁ କେହି ମନ ବଳାନ୍ତି କିମ୍ବା ଆଗେଇ ଆସନ୍ତି ତେବେ ସେମାନେ ଆରମ୍ଭରୁ ସାବଧାନ ରହିବା ଆବଶ୍ୟକ।

-ଶୁଭ୍ର ମହାପାତ୍ର



| Dollar | Sensex | Nifty | Gold | Silver |
|---|---|---|---|---|
| 73.16 (41) | 186.73 34,033.96 | 77.95 10,224.75 | ₹150 32,500 | ₹20 39,730.00 |



କର୍ପୋରେଟ ପକ୍ଷରୁ ଅନ୍ ଟ୍ୟାପ୍ ବଣ୍ଡ ଜାରି ଲାଗି ଶୀଘ୍ର କାର୍ଯ୍ୟକାରୀ ହେବାକୁ ଥିବା ନିୟମାବଳୀ ଆଣିବାକୁ ଯୋଜନା ରହିଛି।
– ଅଜୟ ତ୍ୟାଗୀ, ସେବି ଅଧ୍ୟକ୍ଷ



ବ୍ୟାଙ୍କଗୁଡ଼ିକର ବିତ୍ତୀୟ ସ୍ଥିରତା ରକ୍ଷା ଲାଗି ପ୍ରମ୍ପ୍ଟ କରେକ୍ଟିଭ ଆକ୍ସନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।
– ଭିରାଲ ଆଚାର୍ଯ୍ୟ, ଡେପୁଟି ଗଭର୍ନର, ଆର୍‌ବିଆଇ



## ସଂକ୍ଷେପରେ

### ଚଳିତ ବର୍ଷର ସର୍ବୋଚ୍ଚ ସ୍ତର ଛୁଇଁଲା ସୁନା ଦର

**ନୂଆଦିଲ୍ଲୀ,୨୪-୧୦:** ଧନତେରସ ଓ ଅନ୍ୟାନ୍ୟ କାରଣରୁ ବୁଧବାର ସୁନା ଦର ଚଳିତ ବର୍ଷର ସର୍ବୋଚ୍ଚ ସ୍ତର ଛୁଇଁଛି। ପ୍ରତି ୧୦ ଗ୍ରାମରେ ସୁନା ଦର ୧୫୦ ଟଙ୍କା ବଢ଼ି ୩୨,୫୦୦ ଟଙ୍କାରେ ପହଞ୍ଚିଛି। ସ୍ଥାନୀୟ ଗହଣା ବ୍ୟବସାୟୀଙ୍କ ମଧ୍ୟରେ ଚାହିଦା ବୃଦ୍ଧି ଯୋଗୁ ସୁନା ଦର ବଢ଼ିଛି ବୋଲି କୁହାଯାଉଛି। ତେବେ ଉଦ୍ୟୋଗ ଜଗତରେ ଚାହିଦା ଅଭାବରୁ ରୁପା ଦର ବୁଧବାର ୨୦ ଟଙ୍କା ହ୍ରାସ ପାଇ ପ୍ରତି କେଜି ୩୯,୭୩୦ ଟଙ୍କାରେ କାରବାର ବନ୍ଦ ହୋଇଛି।

### ଅରୁନ୍ଧତୀ ୱିପ୍ରୋର ସ୍ୱାଧୀନ ନିର୍ଦ୍ଦେଶକ

**ନୂଆଦିଲ୍ଲୀ,୨୪-୧୦:** ନିକଟରେ ଅବସର ନେଇଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ)ର ପ୍ରଥମ ମହିଳା ଅଧ୍ୟକ୍ଷ ଅରୁନ୍ଧତୀ ଭଟ୍ଟାଚାର୍ଯ୍ୟ ଦେଶର ଅନ୍ୟତମ ଅଗ୍ରଣୀ ଟେକ୍ନୋଲୋଜି କମ୍ପାନୀ ୱିପ୍ରୋ ଲିମିଟେଡ୍‌ରେ ସ୍ୱାଧୀନ ନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଛନ୍ତି। କମ୍ପାନୀ ପକ୍ଷରୁ ବୁଧବାର ଏ ସମ୍ପର୍କରେ ସୂଚନା ଦିଆଯାଇଛି। ମୂଲ୍ୟବୋଧ ବଜାୟ ରଖି ବ୍ୟବସାୟ କରିବାରେ ବିଶ୍ୱାସ ରଖିଥିବା ୱିପ୍ରୋ ବିଶ୍ୱରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏଭଳି ଏକ କମ୍ପାନୀ ବୋର୍ଡରେ ସ୍ଥାନ ପାଇ ସେ ଖୁସି ବୋଲି ଅରୁନ୍ଧତୀ କହିଛନ୍ତି।

### ବାଣିଜ୍ୟ ନିଅଣ୍ଟ ହ୍ରାସ ଲକ୍ଷ୍ୟ
### ଚାଇନାକୁ ୨୦୦ ସାମଗ୍ରୀ ରପ୍ତାନି କରିବ ଭାରତ

**ନୂଆଦିଲ୍ଲୀ,୨୪-୧୦:** ଚାଇନା ସହିତ ଭାରତର ବାଣିଜ୍ୟ ନିଅଣ୍ଟ ପରିମାଣ ଦିନକୁ ଦିନ ବଢ଼ିଚାଲିଛି। ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ପରିସ୍ଥିତିକୁ ସଙ୍ଗିନ କରୁଛି। ଏଣୁ ଭାରତ ଏବେ ଏହାର ପଡୋଶୀ ଦେଶ ସହ ବାଣିଜ୍ୟ ନିଅଣ୍ଟ ପରିମାଣ ହ୍ରାସ କରିବାକୁ ଚାହୁଁଛି। ଚାଇନାକୁ ୨୦୦ ସାମଗ୍ରୀ ରପ୍ତାନି ପାଇଁ ଭାରତ ଯୋଜନା ପ୍ରସ୍ତୁତ କରୁଛି। ଜଣେ ଅଧିକାରୀ କହିଛନ୍ତି ଯେ, ଆସନ୍ତା ବର୍ଷ ଚାଇନା ଓ ଭାରତ ମଧ୍ୟରେ ବାଣିଜ୍ୟ କାରବାର ନେଇ ଆଲୋଚନା କାଳରେ ଏସୀୟ ପ୍ରଶାନ୍ତ ମହାସାଗରୀୟ ବାଣିଜ୍ୟ ଚୁକ୍ତି ଅନୁଯାୟୀ ତୁଳା, ଜଡାତେଲ, ମେନ୍ଥଲ,ଗ୍ରାନାଇଟ୍,ହୀରା ଏବଂ ପିକଚର୍ ଟ୍ୟୁବ୍‌ରେ ବ୍ୟବହାର କରାଯାଉଥିବା ଏନଭଲପ୍ ଗ୍ଲାସ ଉପରୁ ଶୁଳ୍କ ଛାଡ ଲାଗି ଚାଇନାକୁ କହିବ ଭାରତ। ଚାଇନା ସହ ଦକ୍ଷିଣ ଏସିଆର ଦେଶସମୂହ, ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ କୋରିଆର ମୁକ୍ତ ବାଣିଜ୍ୟ ଚୁକ୍ତି ଥିବାରୁ ଭାରତ ଅପେକ୍ଷା ସେମାନେ ଅଧିକ ଫାଇଦା ପାଉଛନ୍ତି।

### ବେନାମୀ କାରବାର
### ଆଡ୍‌ଜୁଡିକେଟିଂ ଅଥରିଟି ଗଠନକୁ କ୍ୟାବିନେଟ୍ ମଞ୍ଜୁରୀ

**ନୂଆଦିଲ୍ଲୀ,୨୪-୧୦:** ବେନାମୀ ନେଣଦେଣ ସମ୍ପର୍କିତ ମାମଲାର ତ୍ୱରିତ୍ ସମାଧାନ ଲାଗି କେନ୍ଦ୍ର କ୍ୟାବିନେଟ ବୁଧବାର ନିଷ୍ପତ୍ତି ନେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆପିଲେଟ୍ ଟ୍ରିବ୍ୟୁନାଲ ଓ ନିର୍ଣ୍ଣୟ ପ୍ରାଧିକରଣ (ଆଡ୍‌ଜୁଡିକେଟିଂ ଅଥରିଟି) ଗଠନକୁ ମଞ୍ଜୁରୀ ଦିଆଯାଇଛି। ବୈଠକ ଶେଷରେ କେନ୍ଦ୍ର ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏଥିପୂର୍ବରୁ କେନ୍ଦ୍ର ସରକାର ଚଳିତ ମାସରେ ଏକ ବିଜ୍ଞପ୍ତି ଜାରି କରି ୩୪ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ସେସନ୍ସ କୋର୍ଟକୁ ସ୍ୱତନ୍ତ୍ର କୋର୍ଟର ମାନ୍ୟତା ଦେଇଛନ୍ତି। ଏହି କୋର୍ଟରେ ବେନାମୀ ସମ୍ପତ୍ତି ସମ୍ପର୍କିତ ସମସ୍ତ ମାମଲାର ଶୁଣାଣି କରାଯିବ। ଉଲ୍ଲେଖଥାଉ କି, ବ୍ୟକ୍ତି ନିଜ ନାମ ଗୋପନ ରଖି ଅନ୍ୟ ନାମରେ ସମ୍ପତ୍ତି ଠୁଳ କରିବାକୁ ବେନାମୀ ସମ୍ପତ୍ତି କୁହାଯାଉଛି।

### କମ୍ପ୍ଲାନ୍, ଗ୍ଲୁକନ-ଡି ନିର୍ମାତାକୁ କିଣିଲା ଜାଇଡସ୍

**ଲଣ୍ଡନ,୨୪-୧୦:** କ୍ରାଫ୍ଟ ହେନ୍‌ଜର ସହାୟକ କମ୍ପାନୀ ହେନ୍‌ଜ ଇଣ୍ଡିଆ ପ୍ରାଇଭେଟ ଲିମିଟେଡକୁ ଜାଇଡସ୍ ୱେଲନେସ୍ କମ୍ପାନୀ ୪୫୯୫ କୋଟି ଟଙ୍କାରେ କିଣିବ ବୋଲି ବୁଧବାର ପ୍ରକାଶ କରିଛି। ହେନ୍‌ଜ କମ୍ପାନୀ ଭାରତରେ କମ୍ପ୍ଲାନ, ଗ୍ଲୁକନ୍-ଡି, ନାଇସିଲ୍ ଏବଂ ସମ୍ପ୍ରିତି ଘିଅ ତିଆରି କରିଥାଏ। ହେନ୍‌ଜ ଇଣ୍ଡିଆର ଆଲିଗଡ ଏବଂ ସିତାରଗଞ୍ଜରେ ଥିବା ଦୁଇଟି ବିଶାଳ ମାନୁଫାକଚରିଂ ଫାସିଲିଟିକୁ ମଧ୍ୟ ଜାଇଡସ୍ ଅକ୍ୱିଆର କରିବ। କମ୍ପାନୀର ସାରା ଦେଶରେ ୮୦୦ ଡିଷ୍ଟ୍ରିବ୍ୟୁଟର ଓ ୨୦ ହଜାର ହୋଲ୍‌ସେଲର ରହିଛନ୍ତି। ଉଲ୍ଲେଖଥାଉ କି, ୧୯୩୩ରେ ଗ୍ଲୁକନ୍-ଡି, ୧୯୫୧ରେ ନାଇସିଲ୍ ଓ ୧୯୬୯ରେ କମ୍ପ୍ଲାନକୁ ଭାରତରେ ଲଞ୍ଚ କରାଯାଇଥିଲା। ପ୍ରିମିୟମ ଘିଅ କ୍ଷେତ୍ରରେ ସମ୍ପ୍ରିତି ବେଶ ଜଣାଶୁଣା ବ୍ରାଣ୍ଡ।

# ୨୦୨୦ ଏପ୍ରିଲ ପହିଲାରୁ ବିକ୍ରି ହେବନି ବିଏସ୍-୪ ଗାଡ଼ି

**ନୂଆଦିଲ୍ଲୀ,୨୪-୧୦**



- ୨୦୧୭ଏପ୍ରିଲରୁ ନିୟମ ଲାଗୁ ହୋଇଥିଲା
- ୨୦୨୦ ଏପ୍ରିଲରୁ ବିଏସ୍-୬ ଲାଗୁ ହେବ
- ଅଧିକ ୩ ମାସ ସମୟ ମାଗିଥିଲେ ଗାଡ଼ି ନିର୍ମାତା

ପରିବେଶ ପ୍ରଦୂଷଣ ହ୍ରାସ କରିବା ଲକ୍ଷ୍ୟରେ ସୁପ୍ରିମକୋର୍ଟ ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ୨୦୨୦ ଏପ୍ରିଲ ପହିଲାରୁ ଦେଶରେ ଭାରତ ଷ୍ଟେଜ(ବିଏସ୍)-୪ ଗାଡ଼ି ବିକ୍ରି କରାଯାଇପାରିବନି ବୋଲି ସର୍ବୋଚ୍ଚ ଅଦାଲତ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ଏଥିସହିତ ବିଏସ୍-୬ ଗାଡ଼ିରୁ ବାହାରୁଥିବା ଧୂଆଁର ମାନଦଣ୍ଡ ମଧ୍ୟ ସେହିଦିନ ଠାରୁ ଲାଗୁ ହୋଇଯିବ ବୋଲି ରାୟରେ ଦର୍ଶାଯାଇଛି। ୨୦୨୦ ଏପ୍ରିଲ ପହିଲାରୁ ସାରା ଦେଶରେ ବିଏସ୍-୬ ଅନୁକୂଳ ଗାଡ଼ି ବିକ୍ରି କରାଯିବ ବୋଲି ବିଚାରପତି ମଦନ ବି. ଲୋକୁରଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ଅଧିକ ସ୍ୱଚ୍ଛ ଇନ୍ଧନ ଆଡ଼କୁ ଦେଶ ଅଗ୍ରସର ହେବାର ସମୟ ଆସିଯାଇଛି ବୋଲି ଖଣ୍ଡପୀଠ କହିଛନ୍ତି। ସୂଚନାଥାଉ କି, ୨୦୧୭ ଏପ୍ରିଲରୁ ଦେଶରେ ବିଏସ୍-୪ ନିୟମ ଲାଗୁ ହୋଇଛି। ବିଏସ୍-୫ ନିୟମ ବଦଳରେ ସିଧାସଳଖ ୨୦୨୦ରୁ ବିଏସ୍-୬ ନିୟମ ପାଳନ କରାଯିବ ବୋଲି କେନ୍ଦ୍ର ସରକାର ୨୦୧୬ରେ ଘୋଷଣା କରିଥିଲେ। ୨୦୨୦ ଏପ୍ରିଲ ପହିଲା ପରେ ମଧ୍ୟ ବିଏସ୍-୪ ଗାଡ଼ି ବିକ୍ରିକୁ ଅନୁମତି ଦିଆଯିବ କି ନା ସେନେଇ ସୁପ୍ରିମକୋର୍ଟ ଏକାଧିକ ଆବେଦନର ବିଚାର କରୁଥିଲେ। ଏଥିପାଇଁ ଆହୁରି ୩ ମାସ ଅର୍ଥାତ ଜୁନ୍ ୩୦ ପର୍ଯ୍ୟନ୍ତ ସମୟ ଦେବାକୁ ଗାଡ଼ି ନିର୍ମାତାମାନେ ଯୁକ୍ତି ଦର୍ଶାଇଥିଲେ। ତେବେ ସୁପ୍ରିମକୋର୍ଟଙ୍କ ଆମିକସ୍ କ୍ୟୁରି ବା ନ୍ୟାୟ ମିତ୍ର ଭାବେ ଦାୟିତ୍ୱ ତୁଲାଉଥିବା ବରିଷ୍ଠ ଓକିଲ ଅପରାଜିତା ସିଂ ଏହାକୁ ବିରୋଧ କରିଥିଲେ। କେନ୍ଦ୍ର ସରକାର ମଧ୍ୟ ସେପ୍ଟେମ୍ବର ଯାଏ ସମୟ ଦେବାକୁ ଯୁକ୍ତି ଦର୍ଶାଇଥିବା ବେଳେ ସେ ତାହାକୁ ମଧ୍ୟ ବିରୋଧ କରିଥିଲେ। ଏହାକୁ ସୁପ୍ରିମକୋର୍ଟ ସମର୍ଥନ କରିଛନ୍ତି।

# ନୂଆ ହୋଣ୍ଡା ଆମେଜ୍ ବିକ୍ରି ୫୦ ହଜାର ୟୁନିଟ ଟପିଲା

**ନୂଆଦିଲ୍ଲୀ,୨୪-୧୦**




ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ (ଏଚ୍‌ସିଆଇଏଲ୍)ର ଅଲ୍ ନ୍ୟୁ ଆମେଜ୍ ୫୦ ହଜାର ୟୁନିଟ ବିକ୍ରି ଟପିଛି। ୫ ମାସ ମଧ୍ୟରେ କମ୍ପାନୀ ଏହି ବିକ୍ରି ସଫଳତା ହାସଲ କରିଛି। ଚଳିତ ବର୍ଷ ମେ ମାସରେ ଏହି ନୂଆ ମଡେଲକୁ କମ୍ପାନୀ ବଜାର ପ୍ରବେଶ କରାଇଥିଲା। ଚଳିତ ଆର୍ଥିକ ବର୍ଷର ଏପ୍ରିଲ-ସେପ୍ଟେମ୍ବରରେ ହୋଣ୍ଡା କାର୍‌ସର ମୋଟ୍ ବିକ୍ରି ମଧ୍ୟରୁ ଉକ୍ତ ମଡେଲ ୫୦% ଅବଦାନ ରଖିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ପ୍ରଥମଥର ଯାନ କ୍ରୟ କରୁଥିବା ଗ୍ରାହକଙ୍କର ଏହା ଅତିପ୍ରିୟ ମଡେଲ ହୋଇ ପାରିଛି। ଏହା ପ୍ରିମିୟମ ସେଡାନ ବର୍ଗରେ ଆସୁଥିବା ବେଳେ ଟାୟାର ୧ ସହରରେ ୪୦% ବିକ୍ରି ଟାୟାର ୨ ଏବଂ ୩ ସହରରେ ବିକ୍ରି ୩୦% ରହିଛି। କମ୍ପାକ୍ଟ ସେଡାନ ବର୍ଗରେ ଏହା ଭାରତୀୟ ପରିବାରଗୁଡ଼ିକର ଚାହିଦାକୁ ପୂରଣ ଲାଗି ପ୍ରସ୍ତୁତ କରାଯାଇଛି ବୋଲି କମ୍ପାନୀର ସେଲ୍‌ସ ଆଣ୍ଡ ମାର୍କେଟିଂ ନିର୍ଦ୍ଦେଶକ ମାକୋଟୋ ହେଓଦା କହିଛନ୍ତି।

# ତନିଷ୍କ ପକ୍ଷରୁ ନୂଆ ଉତ୍ସବ କଲେକ୍ସନ




**ଭୁବନେଶ୍ୱର,୨୪-୧୦**

ପ୍ରମୁଖ ଗହଣା ବ୍ରାଣ୍ଡ ତନିଷ୍କ ବଜାରକୁ ଆଣିଛି ନୂଆ ଉତ୍ସବ କଲେକ୍ସନ। ସ୍ଥାନୀୟ ଚନ୍ଦ୍ରଶେଖରପୁରସ୍ଥିତ ଶୋ'ରୁମରେ ଏହି କଲେକ୍ସନକୁ ଉନ୍ମୋଚନ କରାଯାଇଛି। ଷ୍ଟୋରର ଫ୍ରାଞ୍ଚାଇଜି ଓନର ମାନିକ ହଂସ ଏବଂ ତନିଷ୍କର ଏରିଆ ବିଜନେସ୍ ମ୍ୟାନେଜର ସୁମିତ ଘୋଷ ଏହାର ବଜାର ପ୍ରବେଶ କରାଇଛନ୍ତି। ଦୀପାବଳିକୁ ପାଳନ କରିବା ପାଇଁ ଏଭଳି ଗହଣାକୁ ପ୍ରସ୍ତୁତ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଦେଶର ସମୃଦ୍ଧ ସଂସ୍କୃତି ଏବଂ ସୁନ୍ଦରତାକୁ ନଜରରେ ରଖି ଏହାକୁ ପ୍ରସ୍ତୁତ କରାଯାଇଛି। ଗ୍ରାହକମାନେ ଏଥିରେ ଆଧୁନିକତା, ପରମ୍ପରା ଏବଂ ସୁନ୍ଦରତାର ସମ୍ମିଶ୍ରଣ ଲାଭ କରିପାରିବେ। ନିପୁଣ ଶିଳ୍ପକଳା ସହ ନୂଆ ଷ୍ଟାଇଲରେ ଏହାକୁ ପ୍ରସ୍ତୁତ କରାଯାଇଛି। ଦୀପାବଳିରେ କମ୍ପାନୀ ସୁନାଗହଣାର ଗଢା ମୂଲ୍ୟ ଏବଂ ହୀରାଗହଣାର ମୋଟ ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛି। ଏହି ଅଫର ୨୬ରୁ ୨୮ ଅକ୍ଟୋବର ଏବଂ ୧ରୁ ୬ ନଭେମ୍ବର ଯାଏ ରହିବ। ଏହି କଲେକ୍ସନଗୁଡ଼ିକ ୩୦,୦୦୦ ଟଙ୍କାରୁ ଆରମ୍ଭ ହେଉଛି।

# ବିଟ୍‌କଏନ ଏଟିଏମ୍ ଜବତ

**ବେଙ୍ଗାଲୁରୁ,୨୪-୧୦**

## ଜଣେ ସଂସ୍ଥାପକ ଗିରଫ

- ୟୁନିକଏନ ପ୍ରତିଷ୍ଠା କରିଥିଲା
- ନଗଦ ୧.୮ ଲକ୍ଷ ଟଙ୍କା, ଗୋଟିଏ ଟେଲର ମେଶିନ, ଦୁଇଟି ଲାପ୍‌ଟପ୍, ଗୋଟିଏ ମୋବାଇଲ ମଧ୍ୟ ଜବତ




- ୭ ଦିନ ଜେଲ ହାଜତକୁ ଗଲେ ସଂସ୍ଥାପକ

ରିଜର୍ଭ ବ୍ୟାଙ୍କର ବିନା ଅନୁମୋଦନରେ ଏଠାରେ ଦେଶର ପ୍ରଥମ ବିଟ୍‌କଏନ ଏଟିଏମ୍ ପ୍ରତିଷ୍ଠା କରିଥିବା ଅଭିଯୋଗରେ ୟୁନୋକଏନ ଟେକ୍ନୋଲୋଜିର ସହ ପ୍ରତିଷ୍ଠାତା ହରିଶ ବିଭିଙ୍କୁ କ୍ରାଇମବ୍ରାଞ୍ଚ ପୋଲିସ ବୁଧବାର ଗିରଫ କରିଛି। ତାଙ୍କୁ ଅତିରିକ୍ତ ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟଙ୍କ ଅଦାଲତରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାପରେ ୭ ଦିନ ଲାଗି ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏଥିସହିତ ବିଟ୍‌କଏନ ଏଟିଏମ୍‌କୁ ପୋଲିସ ଜବତ କରିଛି। ଏହି ଏଟିଏମ୍ ଜରିଆରେ ବିଟ୍‌କଏନ କିଣାବିକା ସମ୍ଭବ ହେବ ବୋଲି ୟୁନୋକଏନ ଦାବି କରିଥିଲା। ୟୁନୋକଏନ ଓ ଏହାର ୟୁନିଟ୍ ୟୁନୋଡେକ୍ସର ଗ୍ରାହକ ଦୈନିକ ଏହି ଏଟିଏମ୍‌ରୁ ୧ ହଜାରରୁ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ନଗଦ ଜମା ଓ କାଢ଼ିପାରିବେ ବୋଲି ସେତେବେଳେ ଘୋଷଣା କରାଯାଇଥିଲା।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ବେଙ୍ଗାଲୁରୁର ପୁରୁଣା ଏୟାରପୋର୍ଟ ରୋଡ୍‌ସ୍ଥିତ ଏକ ମଲ୍‌ରେ ହରିଶ୍ ଉକ୍ତ ଏଟିଏମ୍‌କୁ ସ୍ଥାପନ କରିଥିଲେ। କ୍ରାଇମବ୍ରାଞ୍ଚ ପୋଲିସ ହରିଶଙ୍କ ଘରୁ ୧.୮ ଲକ୍ଷ ନଗଦ ଟଙ୍କା, ଗୋଟିଏ ଟେଲର ମେଶିନ, ଦୁଇଟି ଲାପ୍‌ଟପ୍, ଗୋଟିଏ ମୋବାଇଲ, ତିନୋଟି କ୍ରେଡିଟ୍ ଓ ୫ଟି ଡେବିଟ୍ କାର୍ଡ, ଗୋଟିଏ ପାସ୍‌ପୋର୍ଟ ସମେତ ଅନେକ ସାମଗ୍ରୀ ଜବତ କରିଛି। ବିଟ୍‌କଏନକୁ ନେଇ ହେଉଥିବା ଦାବି ପ୍ରତି କର୍ଣ୍ଣପାତ ନ କରିବାକୁ ପୋଲିସ ପକ୍ଷରୁ ସତର୍କ କରାଯାଇଛି। ଉଲ୍ଲେଖଥାଉ କି, ରିଜର୍ଭ ବ୍ୟାଙ୍କ ଚଳିତ ବର୍ଷ ଜୁଲାଇରେ ବିଟ୍‌କଏନ କାରବାରକୁ ସମ୍ପୂର୍ଣ୍ଣ ନିଷେଧ କରିଥିଲେ ଏବଂ ଏହାକୁ ଅବୈଧ ବୋଲି ଦର୍ଶାଇଥିଲେ। ଇଥେରିୟମ, ୟୁନୋଡେକ୍ସ ରିପଲ ଏବଂ ଲାଇନକଏନ ସମେତ ପ୍ରାୟ ୩୦ ପ୍ରକାର କ୍ରିପ୍ଟୋକରେନ୍ସି ଡିଲ୍ କରିଥାଏ ୟୁନୋକଏନ। ଭାରତରେ ଏହାର ୧୩ ଲକ୍ଷ ୟୁଜର ରହିଛନ୍ତି। ରିଜର୍ଭ ବ୍ୟାଙ୍କର ବ୍ୟାନ ଘୋଷଣା ପରେ ୟୁଜରଙ୍କ ସଂଖ୍ୟା ୧୮% ବୃଦ୍ଧି ପାଇଛି ବୋଲି ଏହାର ଅନ୍ୟତମ ପ୍ରତିଷ୍ଠାତା ତଥା ସିଇଓ ସାତ୍ୱିକ ବିଶ୍ୱନାଥ କହିଛନ୍ତି। ତେବେ ତାଙ୍କୁ ଗିରଫ କରାଯିବା ନେଇ ପୋଲିସ କୌଣସି ସୂଚନା ଦେଇନି।

# ଭାରତ ଆସୁଛି ବ୍ରିଟେନ୍‌ର ଚାଏବାଲା

**ଲଣ୍ଡନ/ନୂଆଦିଲ୍ଲୀ,୨୪-୧୦**

ଫ୍ରାଞ୍ଚାଇଜି ଇଣ୍ଡିଆ ବ୍ରିଟେନ୍‌ର ବିଖ୍ୟାତ ଟିଫିନ ଓ ଚା' ବ୍ରାଣ୍ଡ କମ୍ପାନୀ 'ଚାଏବାଲା' ସହିତ ହାତ ମିଳାଇଛି। ଚୁକ୍ତି ଅନୁଯାୟୀ ଆସନ୍ତା ୫ ବର୍ଷ ମଧ୍ୟରେ ଚାଏବାଲା ଭାରତରେ ୧୫୦ରୁ ୨୦୦ ରେଷ୍ଟୁରାଣ୍ଟ ଖୋଲିବ। ଉଲ୍ଲେଖଥାଉ କି, ଚାଏବାଲାର ଗୋଟିଏ ରେଷ୍ଟୁରାଣ୍ଟ ପ୍ରତିଷ୍ଠା କରିବାରେ ପ୍ରାୟ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଅନୁମାନ କରାଯାଉଛି। ଫ୍ରାଞ୍ଚାଇଜି ଇଣ୍ଡିଆ ପକ୍ଷରୁ ଏକ ବିବୃତିରେ କୁହାଯାଇଛି ଯେ, ଚାଏବାଲା ନିଜର ସ୍ୱତନ୍ତ୍ର ଧରଣରେ କଫି ଓ ଚା' ସହିତ ମସଲା ଚିପ୍ସ, ବମ୍ବେ ସ୍ୟାଣ୍ଡୱିଚ୍, ଚିଲି ପନୀର, ବଟର୍ ଚିକେନ, ରୋଟି, ପରଟା ଏବଂ ଭାରତୀୟ ଟିଫିନ୍ ସମେତ ଅନ୍ୟ ଖାଦ୍ୟପଦାର୍ଥ ବିକ୍ରି କରିବ। ୨୦୧୫ରେ ଚାଏବାଲା ଏକ ରେଷ୍ଟୁରାଣ୍ଟ ଭାବେ ବ୍ରିଟେନରେ ପ୍ରତିଷ୍ଠା କରାଯାଇଥିଲା। ଏବେ ସେଠାରେ ଏହାର ୧୫ଟି ରେଷ୍ଟୁରାଣ୍ଟ ରହିଛି। ୨୦୨୦ ସୁଦ୍ଧା ଏହାକୁ ୪୫କୁ ବୃଦ୍ଧି କରିବାର ଲକ୍ଷ୍ୟ ରହିଛି। ଏଥିସହିତ ଫ୍ରାଞ୍ଚାଇଜି ଇଣ୍ଡିଆ ବ୍ରିଟେନର ସ୍ୟାଣ୍ଡୱିଚ୍ ଚେନ୍ ର୍ୟାପ୍ ଇଟ୍ ଅପ୍‌ର ମାଷ୍ଟର ଫ୍ରାଞ୍ଚାଇଜି ନେଇଛି। ଆସନ୍ତା ୫ ବର୍ଷରେ ଏହାର ୨୦୦ ଷ୍ଟୋର ଖୋଲାଯିବ।

# ବିଏସ୍‌ଏନ୍‌ଏଲ୍‌ର ଧନଲକ୍ଷ୍ମୀ ଯୋଜନା

**ନୂଆଦିଲ୍ଲୀ,୨୪-୧୦**

ଲକ୍ଷ୍ମୀପୂଜା ଉପଲକ୍ଷେ ଭାରତ ସଞ୍ଚାର ନିଗମ ଲିମିଟେଡ (ବିଏସ୍‌ଏନ୍‌ଏଲ୍) ଏହାର ଗ୍ରାହକଙ୍କ ଲାଗି ସ୍ୱତନ୍ତ୍ର ଧନଲକ୍ଷ୍ମୀ ଯୋଜନା ସମ୍ପର୍କରେ ଘୋଷଣା କରିଛି। ଏଥିରେ ଲ୍ୟାଣ୍ଡଲାଇନ୍ ଏବଂ ପୋଷ୍ଟପେଡ୍ ମୋବାଇଲ ଗ୍ରାହକମାନେ ବିଲ୍ ପୈଠ ଉପରେ ୧% ରିହାତି ପାଇପାରିବେ। ଏଣ୍ଟରପ୍ରାଇଜ କଷ୍ଟମର ବଲ୍କ ଉପଭୋକ୍ତାଙ୍କୁ ଯେକୌଣସି ବିଲ୍ ଉପରେ ୨% ରିହାତି ମିଳିବ। ସେହିଭଳି ଯେକୌଣସି ଅଗ୍ରିମ ୫ ମାସ କିମ୍ବା ଏହାଠାରୁ ଅଧିକ ବିଲ୍ ଉପରେ ୩% ରିହାତି ଉପଲବ୍ଧ ହେବ। ଏହି ଯୋଜନାର ଅବଧି ୭ ନଭେମ୍ବର ଯାଏ ରହିଛି ବୋଲି କମ୍ପାନୀ ସୂଚନା ଦେଇଛି।

# ନିବେଶ ପୋର୍ଟଫୋଲିଓ ପ୍ରସ୍ତୁତି ବେଳେ ବିଭିନ୍ନ ଦିଗ ଦେଖିବାକୁ ପଡ଼େ

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER CM
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**● ମୋର ବୟସ ୫୧ ବର୍ଷ ଏବଂ ମୁଁ ଜଣେ ଗୃହିଣୀ। ଗତ ୨ ମାସ ହେବ ମୋ ପୈତୃକ ସମ୍ପତ୍ତିର ଭାଗିଦାରୀ ହିସାବରେ ମୋତେ ୫୦ ଲକ୍ଷ ଟଙ୍କା ମିଳିଛି। ଏହି ପାଣ୍ଠିକୁ କିପରି ନିବେଶ କରିବା ଉଚିତ ହେବ? ମୋର ପ୍ରାଥମିକତା ହେଉଛି ପ୍ରତି ମାସରେ ୫୦,୦୦୦ ଟଙ୍କା ପେନ୍‌ସନ ରାଶି କିପରି ପାଇବି? ଏହି ବିଷୟରେ ପରାମର୍ଶ ଲେଖିବାକୁ ଅନୁରୋଧ।**
**- ଝରଣା ରାଣୀ ସ୍ୱାଇଁ, ସମ୍ବଲପୁର**

ମାସିକ ୫୦,୦୦୦/- ପେନସନ ପାଇବା ଅର୍ଥ ହେଉଛି ବାର୍ଷିକ ୬ ଲକ୍ଷ ଟଙ୍କା ସୁଧରାଶି ୫୦ ଲକ୍ଷ ଟଙ୍କା ନିବେଶ କରି ମିଳିବା ଆବଶ୍ୟକ। ଏହା ପ୍ରାୟତଃ ୧୨% ବାର୍ଷିକ ସୁଧହାର ହେଉଛି ଯାହାକି କେବଳ ଇକ୍ୟୁଟି ନିବେଶ ଦୀର୍ଘକାଳୀନ ହିସାବରେ ହିଁ ସମ୍ଭବ ହୋଇପାରିବ। ଯଦି ଆପଣ ନିଜର ଘରର ଦୈନନ୍ଦିନ ଖର୍ଚ୍ଚ ପାଇଁ ଆବଶ୍ୟକ କରୁଛନ୍ତି ତେବେ ଏକ ରକ୍ଷଣଶୀଳ ନିବେଶ ପୋର୍ଟଫୋଲିଓରେ ନିବେଶ କରନ୍ତୁ ଯାହାକି ଫିକ୍ସଡ ଇନକମ୍ ଇନଷ୍ଟ୍ରୁମେଣ୍ଟସ ଏବଂ ଡେବ୍ଟ ସ୍କିମ୍ ସବୁ, ଯଥା-ଡାକଘର ମାସିକ ଆୟ ଯୋଜନା, ଡେବ୍ଟ ମ୍ୟୁଚୁଆଲ ଫଣ୍ଡ ଓ ବ୍ୟାଙ୍କ ସ୍ଥାୟୀଜମା ଇତ୍ୟାଦିକୁ ନେଇ ନିବେଶ ପୋର୍ଟଫୋଲିଓ ତିଆରି କରାଯାଇଥାଏ। ଯଦି ଆପଣଙ୍କ ପାଣ୍ଠିରୁ ଅଧିକ କିଛି ସୁଧହାର ବା ଲାଭ ପାଇବାକୁ ଇଚ୍ଛା କରୁଛନ୍ତି ତେବେ ଆପଣ '୧୦୦- ଆପଣଙ୍କ ବୟସ' ନିବେଶ ନିୟମ ଅନୁଯାୟୀ ଏକ ଆସେଟ୍ ଆଲୋକେସନ ଅନୁସାରେ ନିବେଶ କରନ୍ତୁ। ଏହାର ଅର୍ଥ ହେଉଛି ଆପଣଙ୍କ ନିବେଶ ପାଣ୍ଠିକୁ ଅଲଗା ନିବେଶ କରିବେ - ଇକ୍ୟୁଟି ଓ ଫିକ୍ସଡ ଇନ୍‌କମ ମଧ୍ୟରେ। ଅର୍ଥାତ୍ ନିବେଶ ରାଶିର ୪୮% ରାଶି ଫିକ୍ସଡ ଇନ୍‌କମ ସ୍କିମ ସବୁରେ ନିବେଶ କରିବେ ଓ ବଳକା ଅର୍ଥକୁ ଇକ୍ୟୁଟି ସ୍କିମରେ ନିବେଶ କରିବେ। ଇକ୍ୟୁଟିରେ ଆପଣ ଲାର୍ଜ-କ୍ୟାପ୍ ଫଣ୍ଡ ସବୁକୁ ଚୟନ କରିପାରନ୍ତି। ଦେଖନ୍ତୁ, ବାର୍ଷିକ ୮% ସୁଧହାର ହେଉଛି ଏକ ବାସ୍ତବବାଦୀ ମାସିକ ଆୟ ଏବଂ ଆପଣ ମାସିକ ୩୩୦୦୦/- ପେନସନ ବା ମାସିକ ଆୟ ପାଇ ପାରିବେ । ଏହାର କାରଣ ହେଉଛି ପେନସନ ପାଇବା କ୍ଷେତ୍ରରେ ଅଧିକ ରିସ୍କ ନେବା ଉଚିତ ହେବ ନାହିଁ।

ଏହି ବିଷୟରେ ଏକ ବାସ୍ତବବାଦୀ ନିବେଶ ପୋର୍ଟଫୋଲିଓ ତିଆରି କରିବା ସମୟରେ ଅନେକ ଦିଗକୁ ଦୃଷ୍ଟି ଦେବାକୁ ପଡିଥାଏ। ଏକ ବର୍ଷ ପାଇଁ ନିବେଶ ପୋର୍ଟଫୋଲିଓ ତିଆରି କରିବା ଓ ଆସନ୍ତା ୧୦-୧୫ ବର୍ଷ ପାଇଁ ନିବେଶ ପୋର୍ଟଫୋଲିଓ ତିଆରି କରିବା ଭିତରେ ଅନେକ କିଛି ତଫାତ୍ ଅଛି। ଆମର ପରାମର୍ଶ ଆପଣ ଏ ବିଷୟରେ ଓ ନିବେଶ ସମ୍ପର୍କିତ ସମସ୍ତ ତଥ୍ୟ ସହିତ ଏକ ବାସ୍ତବବାଦୀ ନିବେଶ ପୋର୍ଟଫୋଲିଓ ପ୍ରସ୍ତୁତ କରିବା ପାଇଁ ଜଣେ 'ସାର୍ଟିଫାଏଡ ଫାଇନାସିଆଲ ପ୍ଲାନର' କିମ୍ବା 'ଚାର୍ଟାର୍ଡ ୱେଲଥ ମ୍ୟାନେଜର'ଙ୍କ ସହିତ ସାକ୍ଷାତ କରି ପରାମର୍ଶ ନେବା ଉଚିତ ହେବ।

**● ମୋ ପୁଅ ଭୁବନେଶ୍ୱରରେ ଏକ ଫ୍ଲାଟ୍ କିଣିଛି। ଏହାକୁ ଭଡ଼ା ଦିଆଯାଇଛି। ପୁଅ ଜଣେ ଏନ୍‌ଆର୍‌ଆଇ ହୋଇଥିବାରୁ ମୋ ପାଖରେ ପାୱାର ଅଫ୍ ଆଟର୍ନି ରହିଛି। ଫ୍ଲାଟ୍‌ଟିର ଘରଭଡ଼ା ଟଙ୍କା ମୋ ବ୍ୟାଙ୍କ ଆକାଉଣ୍ଟରେ ଜମା ହେବ। ଏହି ଘରଭଡ଼ା ଆୟ ରାଶି ଉପରେ ଆୟକର କ'ଣ ରହିବ? ମୋ ପାଇଁ କିମ୍ବା ମୋ ପୁଅ ଉପରେ ଏହାର ଆୟକର ପ୍ରଭାବ କିପରି ରହିବ?**
**- ସନାତନ ସାହୁ, ବାଲେଶ୍ୱର**

ଆୟକର ନିୟମ ଅନୁଯାୟୀ କୌଣସି ଫ୍ଲାଟ୍‌ର ଘରଭଡା ଆୟ ସବୁବେଳେ ଫ୍ଲାଟର ମାଲିକ ବା ଅଧିକାରୀଙ୍କ ଉପରେ ଆୟ ହିସାବରେ ଗଣନା କରାଯିବା ଓ ତଦନୁଯାୟୀ ଆୟକରକୁ ଦେବା ଯଦିଓ ଆପଣ ମାସିକ ଘରଭଡା ରାଶି ଘର ବା ଫ୍ଲାଟର ମାଲିକ ପାଇଁ ଗ୍ରହଣ କରୁଛନ୍ତି, କିନ୍ତୁ ଆପଣଙ୍କ ପୁଅ ଏହ ବାର୍ଷିକ ଆୟ ପାଇଁ ଆୟକର ରିଟର୍ନ ଫାଇଲ କରିବେ ଓ ତାଙ୍କ ବାର୍ଷିକ ଆୟ ଉପରେ ଆୟକର ପ୍ରଭାବ ରହିବ। ତେଣୁ ବାର୍ଷିକ ଘରଭଡା ରାଶି ଉପରେ କିଛି ଛାଡ ଯଥା-୩୦% ଷ୍ଟାଣ୍ଡାର୍ଡ ଡିଡକସନ, ମ୍ୟୁନିସିପାଲିଟି ଟ୍ୟାକ୍ସ, ପ୍ରପର୍ଟି ଟ୍ୟାକ୍ସ ପରେ ଆପଣଙ୍କ ପୁଅର ଆୟ ଉପରେ ଆୟକର ପଇଠ କରିବାକୁ ପଡିବ।

**● ମୋର ବୟସ ୬୫ ବର୍ଷ। ମୁଁ ଏକ ସ୍ଥାୟୀ ସୁଧହାର ଦୀର୍ଘକାଳୀନ ପାଇଁ ଇଚ୍ଛା କରୁଛି। ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା'ରେ ଟଙ୍କା ନିବେଶ କରିବା ଉଚିତ ହେବ କି?**
**- ଗୌତମ ଜେନା, କେନ୍ଦ୍ରାପଡ଼ା**

ଆପଣ ନିଜ ପାଣ୍ଠିର କିଛି ଅଂଶ 'ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା'ରେ ନିବେଶ କରନ୍ତୁ। ବର୍ତ୍ତମାନ ଏହି ସ୍କିମର ସୁଧହାର ବାର୍ଷିକ ୮.୭୦% ଅଛି ଓ ଆପଣ ସର୍ବାଧିକ ୧୫ ଲକ୍ଷ ଟଙ୍କା ନିବେଶ କରିପାରିବେ। ଏହା ଏକ ୫ ବର୍ଷିଆ ଅବଧି ସ୍କିମ। ଆପଣ ଯେକୌଣସି ନିକଟସ୍ଥ ଡାକଘର ଶାଖା କିମ୍ବା ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଶାଖାରେ ଏହି ସ୍କିମ୍‌ରେ ନିବେଶ କରିପାରିବେ।

**ଆମ ଠିକଣା:** ବିଜ୍‌ନେସ ଧରିତ୍ରୀ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦

# ଆହୁରି ସରଳ ହେବ କମ୍ପାନୀ ଆଇନ

**ନୂଆଦିଲ୍ଲୀ,୨୪-୧୦**

ଦେଶରେ ୨୦୧୩ରୁ ଲାଗୁ ହୋଇଥିବା କମ୍ପାନୀ ଆଇନକୁ ଆହୁରି ସରଳ କରିବା ଲାଗି କେନ୍ଦ୍ର ସରକାର ଏଥିରେ କେତେକ ସଂଶୋଧନ ଆଣିବାକୁ ବିଚାର କରୁଛନ୍ତି। ମିଶ୍ରଣ ଏବଂ ଅଧିଗ୍ରହଣ (ମର୍ଜର ଆଣ୍ଡ ଆକ୍ୟୁଜିଶନ)କୁ ଫାଷ୍ଟ ଟ୍ରାକ୍ କରିବା, ପୁନରାୟ ଭୁଲ୍ ହେବା କ୍ଷେତ୍ରରେ ପେନାଲ୍ଟିକୁ ଡବଲ କରିବା, ସ୍ୱାଧୀନ ନିର୍ଦ୍ଦେଶକଙ୍କ ବେତନ ବୃଦ୍ଧି ଏବଂ ଦାନ କରିବା ଉଦ୍ଦେଶ୍ୟରେ ତିଆରି ହୋଇଥିବା ଧାରା ୮ରେ କମ୍ପାନୀକୁ କମର୍ସିଆଲରେ ପରିବର୍ତ୍ତନ ଉପରେ କଟକଣା ଲଗାଇବା ଆଦି ବିଭିନ୍ନ ପ୍ରସଙ୍ଗରେ ସଂଶୋଧନ ଲାଗି କମ୍ପାନୀ ବ୍ୟାପାର ମନ୍ତ୍ରଣାଳୟ ବିଚାର କରୁଛି। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଟେକ୍ନିକାଲ ଏବଂ ପ୍ରକ୍ରିୟାଗତ ତ୍ରୁଟିବିଚ୍ୟୁତି ସମ୍ପର୍କିତ ପ୍ରସଙ୍ଗର ସମାଧାନ ଲାଗି ମନ୍ତ୍ରଣାଳୟ ଭିତରେ ଆଡ୍‌ଜୁଡିକେଶନ ମେକାନିଜମ୍‌କୁ ଏଗୁଡ଼ିକୁ ପଠାଯିବ। ତିନି ବର୍ଷ ଭିତରେ ଦ୍ୱିତୀୟ ଥର ଭୁଲ୍ ହେଲେ ଡବଲ୍ ପେନାଲ୍ଟି ଦେବାକୁ ପଡିବ ବୋଲି ସେ କହିଛନ୍ତି।

ଧରିତ୍ରୀ
DHARITRI
ଗୁରୁବାର, ୨୫ ଅକ୍ଟୋବର, ୨୦୧୮





ମାଲେସିଆ ବିପକ୍ଷ ମ୍ୟାଚ୍‌ରେ ଆମର ଷ୍ଟ୍ରାଇକରମାନେ ଯେଉଁଭଳି ଲଗାତର ଗୋଲସ୍କୋରିଂ ସୁଯୋଗ ହାତଛଡ଼ା କଲେ ସେଥିରେ ମୁଁ ଦୁଃଖିତ।
– ହରେନ୍ଦ୍ର ସିଂ, ଭାରତୀୟ ପୁରୁଷ ହକି ଦଳର ମୁଖ୍ୟ କୋଚ୍

ଜଣେ ପାରା–ଆଥ୍‌ଲେଟ୍ ହୋଇଥିବାରୁ ଅନେକ ଚ୍ୟାଲେଞ୍ଜ ରହିଛି। କିନ୍ତୁ ଦେଶ ପାଇଁ ପଦକ ଜିତିବା ଆତ୍ମ–ସନ୍ତୋଷଜନକ।
– ଦୀପା ମଲିକ, ଏସିଆନ ପାରା ଗେମ୍ସ ପଦକ ବିଜୟିନୀ



## ସଂକ୍ଷେପରେ

### ‘ଶ୍ରୀଲଙ୍କାର ବି-୧ ବର୍ଗ ଖେଳାଳିଙ୍କ ଉଇକେଟ ଗୁରୁତ୍ୱପୂର୍ଣ୍ଣ’



**କଟକ ଅଫିସ,୨୪।୧୦:** ଭାରତ ତୁଳନାରେ ଶ୍ରୀଲଙ୍କା ଦଳରେ ବି-୧ ବର୍ଗର ଖେଳାଳିମାନେ ଅଧିକ ଅଭିଜ୍ଞ ଓ ବିସ୍ଫୋରକ ଅଟନ୍ତି। ସେମାନଙ୍କ ଉଇକେଟ କିପରି ଶୀଘ୍ର ହାସଲ କରାଯିବ ସେ ଉପରେ ନଜର ରହିବ ବୋଲି ଭାରତୀୟ ଦୃଷ୍ଟିହୀନ କ୍ରିକେଟ ଦଳର ସହକାରୀ କୋଚ୍ ଚନ୍ଦ୍ର ଶେଖର ପଟ୍ଟନାୟକ କହିଛନ୍ତି। ରାଜ୍ୟ ଦଳର ମୁଖ୍ୟ କୋଚ୍ ଚନ୍ଦ୍ରଶେଖର ଗତ କିଛି ମାସ ହେବ ଜାତୀୟ ଦଳର ସହକାରୀ କୋଚ୍ ଦାୟିତ୍ୱରେ ରହିଥିବା ବେଳେ ବୁଧବାର ଅଭ୍ୟାସ ସମୟରେ ମଧ ଉପସ୍ଥିତ ଥିଲେ। ଚନ୍ଦ୍ରଶେଖରଙ୍କ କହିବା ଅନୁଯାୟୀ, ପ୍ରଥମେ ବ୍ୟାଟିଂ କଲେ ୩୦୦ରନ୍‌ରୁ ଅଧିକ ସଂଗ୍ରହ କରିବାକୁ ଚେଷ୍ଟା କରାଯିବ । ଟସ୍ ଜିତିଲେ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନିଆଯାଇ ପାରେ ବୋଲି ସେ କହିଛନ୍ତି । ପିଚ୍ ଦେଖିଲେ ଜଣାପଡୁଛି ଯେ ଭଲ ରନ୍ ହୋଇ ପାରିବ। ତଥାପି ଭାରତ ଏହି ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିବା ସହ ସିରିଜ ଜିତିବ ବୋଲି ଚନ୍ଦ୍ରଶେଖରଙ୍କର ମତ ।

### ଶ୍ରୀଲଙ୍କା ଅଫିସିଆଲ ଗିରଫ

କଲମ୍ବୋ,୨୪।୧୦: ଶ୍ରୀଲଙ୍କା କ୍ରିକେଟ (ଏସ୍‌ଏଲ୍‌ସି)ର ଆର୍ଥିକ ବିଭାଗର ମୁଖ୍ୟ ଓ୍ୱିମଲ ନନ୍ଦିକା ଦିସାନାୟାକେଙ୍କୁ ଗିରଫ କରାଯାଇଛି। ନିକଟରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳାଯାଇଥିବା ଘରୋଇ ସିରିଜ୍ ବେଳେ ସେ ଅର୍ଥର ଦୁର୍ପଯୋଗ କରିଥିଲେ। ଏହା ଉକ୍ତ ସିରିଜ୍‌ର ପ୍ରଶାସରଣରୁ ମିଳିଥିବା ଅର୍ଥ ସମ୍ପର୍କିତ ଘଟଣା। ସିଆଇଡି ତଦନ୍ତ ପରେ ବୋର୍ଡର ଆର୍ଥିକ ବିଭାଗର ମୁଖ୍ୟଙ୍କୁ ଗିରଫ କରାଯାଇଛି ବୋଲି ସ୍ଥାନୀୟ ପୋଲିସ ପ୍ରବକ୍ତା ରୁଓ୍ୱାନ ଗୁନାସେକାରା କହିଛନ୍ତି। ବୋର୍ଡରେ ଅଧକ୍ଷ ଅର୍ଥ ହେରଫେର ହୋଇଥିବା ଅଭିଯୋଗ ଆଣିଥିଲେ। ପ୍ରାୟ ଏକ ଲକ୍ଷ ୮୭ ହଜାର ଡଲାର ହେରଫେର ହୋଇଛି। ୨୦୧୩ଠାରୁ ଶ୍ରୀଲଙ୍କାରେ ଆୟୋଜିତ ପ୍ରତ୍ୟେକ ମ୍ୟାଚ୍‌ର ପ୍ରସାରଣ ଅଧିକାର ସୋନି ଚ୍ୟାନେଲକୁ ଦିଆଯାଇଛି। ଦ. ଆଫ୍ରିକା ସିରିଜ୍ ପ୍ରସାରଣ ପାଇଁ ଓ୍ୱିମଲ ସୋନିକୁ ୧୫ ପ୍ରତିଶତ ଅର୍ଥ ଏକ ଆମେରିକୀୟ ଆକାଉଣ୍ଟରେ ଜମା କରିବାକୁ କହିଥିଲେ। ଏହାପରେ ଚଳିତ ଇଂଲଣ୍ଡ ଗସ୍ତ ଲାଗି ୫୦ ପ୍ରତିଶତ ଅର୍ଥ ପୈଠ କରିବାକୁ ଦାବି କରିବା ପରେ ଉକ୍ତ କର୍ମକର୍ତ୍ତା ସନ୍ଦେହ ଘେରକୁ ଆସିଥିଲେ।

#### ଗଡ଼େଶ୍ୱର ଗ୍ରୀନ୍ ସିଲ୍‌ଡ ତ୍ରିକୋଣୀୟ ସିରିଜ

### ସହିଦ୍ ସ୍ପୋର୍ଟିଂ ଚାମ୍ପିୟନ

**ଭୁବନେଶ୍ୱର, ୨୪।୧୦(ସ୍ପୋର୍ଟ୍ସ ବ୍ୟୁରୋ):** ଗାଡ଼କଣା ଗ୍ରାଉଣ୍ଡରେ ଅନୁଷ୍ଠିତ ଗଡ଼େଶ୍ୱର ଗ୍ରୀନ୍ ସିଲ୍‌ଡ ତ୍ରିକୋଣୀୟ କ୍ରିକେଟ ସିରିଜ (୧୬ ବର୍ଷରୁ କମ୍)ରେ ସହିଦ୍ ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ବୁଧବାର ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ସହିଦ୍ ସ୍ପୋର୍ଟିଂ ୧୦୮ ରନର ବୃହତ ରନ ବ୍ୟବଧାନରେ ଗ୍ରୀନ୍ସ କ୍ରିକେଟ ଏକାଡେମୀକୁ ପରାସ୍ତ କରିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ସହିଦ୍ ସ୍ପୋର୍ଟିଂ ନିର୍ଦ୍ଧାରିତ ୪୦ ଓଭରରେ ୯ ଉଇକେଟ୍ ହରାଇ ୨୧୩ ରନ କରିଥିଲା। ଦଳ ପକ୍ଷରୁ ଅଧିନାୟକ ପ୍ରିୟବ୍ରତ ଦାଶ ୧୧୭ ରନର ଅପରାଜିତ ଶତକୀୟ ଇନିଂସ ଖେଳିଥିଲେ। ଗ୍ରୀନ୍ସର ସୁମିତ୍ ମିଶ୍ର ଓ ମୃତ୍ୟୁଞ୍ଜୟ ମାନସିଂ ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ଗ୍ରୀନ୍ସ କ୍ରିକେଟ ଏକାଡେମୀ ୨୧୪ ରନର ଟାର୍ଗେଟକୁ ପିଛା କରି ୩୧ ଓଭରରେ ୧୦୬ ରନ କରି ଅଲ୍‌ଆଉଟ୍ ହୋଇଥିଲା। ସହିଦ୍ ସ୍ପୋର୍ଟିଂର ରୋହନ ଦାଶ ଓ ଶ୍ରେଷ୍ଠ ୪ଟି ଲେଖାଏ ଉଇକେଟ୍ ନେଇ ଦଳକୁ ଚାମ୍ପିୟନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ କ୍ରିକେଟ କୋଚ୍ କିଶୋର ମାଣିଆ ଅତିଥିଭାବେ ଯୋଗ ଦେଇଥିଲେ। ଶତକୀୟ ଇନିଂସ ପାଇଁ ପ୍ରିୟବ୍ରତ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ଦେବବ୍ରତ ପ୍ରଧାନ ମ୍ୟାନ୍ ଅଫ୍ ଦି ସିରିଜ, ସୁମିତ୍ ମିଶ୍ର ଶ୍ରେଷ୍ଠ ବୋଲର ଓ ସୌମ୍ୟରଞ୍ଜନ ଶ୍ରୀଚନ୍ଦନ ଶ୍ରେଷ୍ଠ ଉଇକେଟ୍‌କିପର ପୁରସ୍କାର ହାସଲ କରିଥିଲେ।

# ସିରିଜ ବିଜୟ ଲକ୍ଷ୍ୟରେ ଭାରତ



ନିମପୁର ଗ୍ରାଉଣ୍ଡରେ ବୁଧବାର ଅଭ୍ୟାସ ସେସନ୍ ଅବସରରେ ଭାରତୀୟ ଦୃଷ୍ଟିହୀନ କ୍ରିକେଟ ଦଳର ଖେଳାଳିମାନେ ।

କଟକ ଅଫିସ,୨୪।୧୦

ଭାରତ–ଶ୍ରୀଲଙ୍କା ଦ୍ୱିପାକ୍ଷିକ ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ମ୍ୟାଚ୍ ଗୁରୁବାର ନିମପୁର ଗ୍ରାଉଣ୍ଡରେ ଖେଳାଯିବ। ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍ ମଙ୍ଗଳବାର ଦିଲ୍ଲୀଠାରେ ଶେଷ ହୋଇଥିବା ବେଳେ ଭାରତ ୬ ଉଇକେଟରେ ଏହି ମ୍ୟାଚ୍‌କୁ ଜିତି ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ୧–୦ରେ ଅଗ୍ରଣୀ କରି ସାରିଛି। ଏଣୁ ନିମପୁର ଗ୍ରାଉଣ୍ଡରେ ବିଜୟୀ ହୋଇ ସିରିଜ କବ୍‌ଜା କରିବା ଲକ୍ଷ୍ୟରେ ରହିଛି ଭାରତୀୟ ଦଳ । ମ୍ୟାଚ୍ ଆୟୋଜନ କରିବା ନେଇ ନିମପୁର କ୍ରିକେଟ କ୍ଲବ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚି ସାରିଛି। ବାଉଣ୍ଡାରି ଦୂରତାକୁ ୫୦ମିଟର ଧାର୍ଯ୍ୟ କରାଯାଇଥିବା ବେଳେ ଦ୍ରୁତ ଆଉଟଫିଲ୍ଡ କରାଯିବା ପାଇଁ ବୁଧବାର ପଡ଼ିଆର କିଛି ଅଂଶରୁ ଘାସ କଟାଯାଇଛି। ହାଇସ୍କୋରିଂ ମ୍ୟାଚ୍ ହେବା ଭଳି ପିଚ୍ କରାଯାଇଛି ବୋଲି ନିମପୁର କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ବିଶ୍ରାମ ଦର୍ଶାଇ ଶ୍ରୀଲଙ୍କା ଅଭ୍ୟାସକୁ ଆସିନଥିବା ବେଳେ ଅଧିନାୟକ ଅଜୟ ରେଡ୍ଡୀଙ୍କ ନେତୃତ୍ୱରେ ଭାରତୀୟ ଦଳ ୨ ଘଣ୍ଟାର ଅଭ୍ୟାସ ଶେଷ କରି ଫେରିଥିଲା। ଗୁରୁବାର ସକାଳ ୯.୩୦ରୁ ମ୍ୟାଚ୍ ଆରମ୍ଭ ହେବ । ଶୃଙ୍ଖଳିତ ଭାବେ ମ୍ୟାଚ୍ ଶେଷ କରିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ୧୨ଜଣ ବରିଷ୍ଠ ପୋଲିସ ଅଧିକାରୀ ଓ ୩ ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜିତ କରାଯାଇଛି ।

### ଜାଫର, ଲିଙ୍ଗରାଜଙ୍କୁ ସୁଯୋଗ

ଦିଲ୍ଲୀଠାରେ ଖେଳାଯାଇଥିବା ଏହି ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚରେ ଦୁଇ ଓଡ଼ିଆ ଖେଳାଳି ମହମ୍ମଦ ଜାଫର ଇକବାଲ ଓ ଲିଙ୍ଗରାଜ ରାଉତରାଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳି ନ ଥିଲା । ତେବେ ନିମପୁର ଗ୍ରାଉଣ୍ଡରେ ଏହି ଦୁଇ ଘରୋଇ ଖେଳାଳି ନିଶ୍ଚିତ ଭାବେ ଖେଳିବେ ବୋଲି ଦଳର କୋଚ୍, ଅଧିନାୟକ ମତ ଦେଇଛନ୍ତି । ରାଜ୍ୟ ପକ୍ଷରୁ ସର୍ବାଧିକ ମ୍ୟାଚ୍ ଖେଳି ସାରିଥିବା ଜାଫର ସୁଯୋଗ ମିଳିଲେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା ରଖିଛନ୍ତି । ଅନ୍ୟପକ୍ଷରେ ଲିଙ୍ଗରାଜ କୁହନ୍ତି, ବୋଲିଂ ନିମନ୍ତେ ଅଧିକ ଅଭ୍ୟାସ କରିଛି । ଦଳ ଯେଉଁ ସ୍ପେଲରେ ବୋଲିଂ ଦେବ ସେଥିରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବି ବୋଲି ଲିଙ୍ଗରାଜ କହିଥିଲେ ।



ଓଡ଼ିଆ ଖେଳାଳି ମହମ୍ମଦ ଜାଫର ଇକବାଲଙ୍କ ଅଭ୍ୟାସ।

**ଭାରତ-ଶ୍ରୀଲଙ୍କା ଦୃଷ୍ଟିହୀନ କ୍ରିକେଟ**

- ଅଭ୍ୟାସକୁ ଆସିଲେନି ଶ୍ରୀଲଙ୍କା ଦଳ
- ନିମପୁର ଗ୍ରାଉଣ୍ଡରେ ପ୍ରସ୍ତୁତି ଶେଷ
- ୧୨ ବରିଷ୍ଠ ପୋଲିସ ଅଧିକାରୀ, ୩ ପ୍ଲାଟୁନ ଫୋର୍ସ ନିୟୋଜିତ

### ମ୍ୟାଚ୍ ପରିଚାଳନା କରିବେ ଓଡ଼ିଆ ଅମ୍ପାୟର ପ୍ରମୋଦ

ଏହି ଅନ୍ତର୍ଜାତୀୟ ଦୃଷ୍ଟିହୀନ କ୍ରିକେଟ ମ୍ୟାଚ୍‌କୁ ପରିଚାଳନା କରିବେ ଜଣେ ଓଡ଼ିଆ ତଥା ଓସିଏ ପ୍ୟାନେଲ ଅମ୍ପାୟର ପ୍ରମୋଦ ନାରାୟଣ ଦାସ । ୨୦୧୧ରୁ ଦୃଷ୍ଟିହୀନ କ୍ରିକେଟ ମ୍ୟାଚ୍‌ରେ ଅମ୍ପାୟର ଦାୟିତ୍ୱ ସମ୍ଭାଳି ଆସୁଥିବା ପ୍ରମୋଦ ପ୍ରଥମଥର ନିମନ୍ତେ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଅମ୍ପାୟରିଂ କରିବେ। ୨୦୧୨ରେ ସେ ଓସିଏର ପ୍ୟାନେଲ ଅମ୍ପାୟର ମାନ୍ୟତା ପାଇଥିବା ବେଳେ ୨୦୧୫ ମସିହାରେ ବିସିସିଆଇର ଲେଭଲ–୧ ଅମ୍ପାୟର ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ । ଇତି ମଧ୍ୟରେ ୭୦ରୁ ଉର୍ଦ୍ଧ୍ୱ ଦୃଷ୍ଟିହୀନ କ୍ରିକେଟ ମ୍ୟାଚ୍‌ରେ ପ୍ରମୋଦ ଅମ୍ପାୟର ଦାୟିତ୍ୱ ତୁଲାଇ ସାରିଲେଣି ।

### ଟି୨୦ ଦୃଷ୍ଟିହୀନ କ୍ରିକେଟ ବିଶ୍ୱକପ୍ ପାଇଁ ଦଳ ଗଠନ ମୁଖ୍ୟ ଲକ୍ଷ୍ୟ

ଭାରତୀୟ ଦୃଷ୍ଟିହୀନ କ୍ରିକେଟର ସେ ହେଲେ ସଫଳ ଅଧିନାୟକ। ତାଙ୍କ ନେତୃତ୍ୱରେ ଜାତୀୟ ଦୃଷ୍ଟିହୀନ କ୍ରିକେଟ ଶକ୍ତିଶାଳୀ ଦଳ ଭାବେ ପରିଗଣିତ ହେବା ସହ ବିଶ୍ୱ ର୍‍ୟାଙ୍କିଂରେ ଭାରତର ସ୍ଥାନ ଏବେ ସର୍ବୋଚ୍ଚରେ ପହଞ୍ଚିଛି। ଭାରତୀୟ ଦଳର ବ୍ୟାଟିଂ ମେରୁଦଣ୍ଡଭରାବେ ପରିଚିତ ଏହି ଖେଳାଳି ଜଣକ ହେଲେ ଅଜୟ କୁମାର ରେଡ୍ଡୀ। ନିମପୁର ଗ୍ରାଉଣ୍ଡରେ ଜାତୀୟ ଦଳର ଅଭ୍ୟାସ ସମୟରେ ଅଜୟଙ୍କ ସହ ସାକ୍ଷାତକାର...

**ମ୍ୟାଚ୍ ନେଇ କିପରି ପ୍ରସ୍ତୁତ ଅଛନ୍ତି?**
ଟୁର୍ନାମେଣ୍ଟ ପୂର୍ବରୁ ୧୫ଦିନର କୋଚିଂ କ୍ୟାମ୍ପ ହୋଇଥିଲା । ଯେଉଁଥିରେ ପ୍ରତ୍ୟେକ ଖେଳାଳିଙ୍କ ଦକ୍ଷତା ପରଖା ସରିଛି। ସମସ୍ତେ ଭଲ ପ୍ରଦର୍ଶନ କରିବା ସହ ମ୍ୟାଚ୍ ବିଜୟୀ କରାଇବାକୁ ଚେଷ୍ଟା କରିବେ ବୋଲି ଆଶା।

**ବିପକ୍ଷ ଶ୍ରୀଲଙ୍କା ଦଳ ନିମନ୍ତେ କିଛି ସ୍ୱତନ୍ତ୍ର ଯୋଜନା ରହିଛି?**
ଯୋଜନା କିଛି ନାହିଁ, ହେଲେ ଶ୍ରୀଲଙ୍କା ଦଳକୁ ହାଲକା ଭାବେ ନେଇନାହୁଁ। ବିଶ୍ୱ ର୍‍ୟାଙ୍କିଂରେ ଶ୍ରୀଲଙ୍କା ୩ନଂ ସ୍ଥିତିରେ। ଏହି ଦଳ ଯେ କୌଣସି ମୁହୂର୍ତ୍ତରେ ମ୍ୟାଚ୍‌କୁ ନିଜ ଅକ୍ତିଆରକୁ ନେବାର ଦକ୍ଷତା ରଖିଛି। ସେମାନଙ୍କ ବି–୧ ଖେଳାଳିମାନେ ବହୁତ ଦକ୍ଷ। ଶ୍ରୀଲଙ୍କା ଦଳର ଚନ୍ଦନା ଦେଶପ୍ରିୟ ଜଣେ ଦୁର୍ଦ୍ଦଶ ଖେଳାଳି। ପ୍ରତ୍ୟେକ ମ୍ୟାଚ୍‌ରେ ସେ ଭଲ ପ୍ରଦର୍ଶନ କରନ୍ତି । ଏଣୁ ଦଳଗତ ଭାବେ ଭାରତ ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବ।

**ଭାରତୀୟ ଦଳର ସ୍ଥିତି ନେଇ ମତ କଣ?**
ଉ– ସମସ୍ତ ଖେଳାଳି ଭଲ ପ୍ରଦର୍ଶନ କରୁଛନ୍ତି। ଯେଉଁ ଖେଳାଳି ବି ଖେଳିବାର ସୁଯୋଗ ପାଉଛନ୍ତି ସେମାନେ ଦଳରେ ସ୍ଥାନ ବଜାୟ ରଖିବା ଭଳି ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି। ଏଣୁ ଭାରତୀୟ ଦୃଷ୍ଟିହୀନ କ୍ରିକେଟ ଦଳର ବିକାଶ ହେଉଛି ବୋଲି ସ୍ପଷ୍ଟ। ଏହାଛଡ଼ା ପରୀକ୍ଷାମୂଳକ ଭାବେ କେତେକ ପୋଜିସନ୍‌ରେ ଖେଳାଳି ଅଦଳବଦଳ କରାଯାଉଛି। ସେଥିରେ ମଧ ଆମେ ୯୦ପ୍ରତିଶତ ସଫଳ ହେଉଛୁ। ବଡ଼ ଭାଗୀଦାରି କିପରି ସୃଷ୍ଟି କରାଯିବ ତାହା ଦଳର ମୁଖ୍ୟ ଲକ୍ଷ୍ୟ ରହିଛି।



**ଓଡ଼ିଶାରେ ଅନୁଷ୍ଠିତ ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଭାରତକୁ ଜିତାଇବାରେ ଆପଣଙ୍କ ଭୂମିକା ବିଶେଷ ରହିଥିଲା। ପୁଣିଥରେ ଓଡ଼ିଶାରେ ଦ୍ୱିତୀୟ ଅନ୍ତର୍ଜାତୀୟ ମ୍ୟାଚ୍ ଓ ଆପଣ ଅଧିନାୟକ। ଏ ସମ୍ପର୍କରେ କଣ କହିବେ?**
ଓଡ଼ିଶାରେ ଦୃଷ୍ଟିହୀନ କ୍ରିକେଟକୁ ଅଧିକମାତ୍ରାରେ ଭଲ ପାଆନ୍ତି ବୋଲି ଜାଣିଥିଲୁ ଓ ଏବେ ଦେଖୁଛୁ ମଧ। ଓଡ଼ିଶାରେ ଭଲ ଖେଳାଳି ମଧ ସୃଷ୍ଟି ହେଉଛନ୍ତି। ଭାରତୀୟ ଦୃଷ୍ଟିହୀନ କ୍ରିକେଟରେ ଓଡ଼ିଆ ଖେଳାଳିମାନେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରି ସାରିଛନ୍ତି । ଜଣେ ଅଧିନାୟକ ହିସାବରେ ସମସ୍ତ ମ୍ୟାଚ୍‌ରେ କିପରି ଦଳ ଜିତିବ ସେ ନେଇ ଚେଷ୍ଟା କରେ। ଓଡ଼ିଶାରେ ଦ୍ୱିତୀୟ ବିଜୟ ହେଲେ ଖୁସି ଲାଗିବ।

**ଜାତୀୟ ଦଳକୁ ନେଇ ଆଗାମୀ ଲକ୍ଷ୍ୟ?**
ଉ– ଦଳ ଏବେ ଲଗାତାର ଭାବେ ବିଭିନ୍ନ ଟୁର୍ନାମେଣ୍ଟ ବିଜୟୀ ହେଉଛି। ଏଣୁ ଆଗାମୀ ଦିନରେ ହେବାକୁ ଥିବା ଟି୨୦ ବିଶ୍ୱକପ୍ ନିମନ୍ତେ ଦଳ କିପରି ଗଠନ କରାଯିବ ତାହା ଏବେ ମୁଖ୍ୟ ଲକ୍ଷ୍ୟ।

(ରିପୋର୍ଟ–କୁମାରଶ୍ରୀ)

# ଗିନିଜ ୱାର୍ଲ୍ଡ ରେକର୍ଡରେ ଟିମ୍ ଓଡ଼ିଶା

ଭୁବନେଶ୍ୱର, ୨୪।୧୦
(କ୍ରୀଡ଼ା ପ୍ରତିନିଧି)

**ରୋଲ ବଲ୍ ସ୍କେଟିଂ**

ଓଡ଼ିଶା ରୋଲ ବଲ୍ ସ୍କେଟିଂ ଖେଳାଳିମାନେ ଏକ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। କର୍ନାଟକର ବେଲ୍‌ଗାଁଓଠାରେ ଗତ ମେ ମାସରେ ଗିନିଜ ୱାର୍ଲ୍ଡ ରେକର୍ଡ ପାଇଁ ୨୪ ଘଣ୍ଟିଆ ନନ୍ ଷ୍ଟପ୍ ରୋଲ ବଲ୍ ସ୍କେଟିଂର ଆୟୋଜନ କରାଯାଇଥିଲା। ଏଥିରେ ଭାରତର ୩୦୯ ଖେଳାଳି ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରେ ଓଡ଼ିଶାର ଏକ ୧୭ ଜଣିଆ ଦଳ ସାମିଲ ଥିଲା। ଏହାକୁ ଏବେ ଅଫିସିଆଲ ସ୍ୱୀକୃତି ମିଳିଛି। ଫଳରେ ଓଡ଼ିଶା ରୋଲ ବଲ୍ ସ୍କେଟିଂ ଟିମ୍ ସ୍ୱାଭାବିକଭାବେ ଏହି ରେକର୍ଡରେ ସାମିଲ ହୋଇଯାଇଛନ୍ତି। ଏହି ବିରଳ ସଫଳତା ପାଇଁ ଓଡ଼ିଶା ରୋଲବଲ୍ ସ୍କେଟିଂ ଟିମ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇବା ସହ ସମ୍ବର୍ଦ୍ଧିତ କରିଛନ୍ତି। ଓଡ଼ିଶା ଟିମ୍‌ରେ ଭୁବନେଶ୍ୱରର ପ୍ରତୀକ ଅର୍ଣ୍ଣବ ଜେନା, ଏସହାନ ରାୟ, ପ୍ରୀତୀଶ୍ ଆର୍ଯ୍ୟନ ଜେନା, ଓଁକାର ଷଡ଼ଙ୍ଗୀ, ବ୍ୟାସଦେବ ମହାପାତ୍ର, ଜି.ଅମିତ କୁମାର ପାତ୍ରୋ, ଅସିମ ଅନୁରାଗ, ଅରିନ୍ଦମ ସାମଲ, କଟକର ଶାଶ୍ୱତ ମହାପାତ୍ର, ଯଶରାଜ ପଣ୍ଡା, ପରମେଶ ମହାନ୍ତି, ସୃଜନ କୁମାର ନାୟକ, ଭଦ୍ରକର ଶୁଭଙ୍କର ପି. ଖ୍ୱାଲାର, ଗଞ୍ଜାମର ପ୍ରୟାସ ରାଉତା, ନିବାସ ପଣ୍ଡା, ସିଦ୍ଧେଶ୍ୱର ଦଳବେହେରା ଏବଂ ଓଡ଼ିଶା ସ୍କେଟିଂ ଏକାଡେମୀର ସମ୍ପାଦକ ପାର୍ଥ ସାରଥି ଜେନା ପ୍ରମୁଖ ସାମିଲ ଥିଲେ। ଓଡ଼ିଶା ପାଇଁ ଏହା ଏକ ବଡ଼ ସଫଳତା। ଏହା ଆମମାନଙ୍କୁ ବେଶ୍ ଉତ୍ସାହିତ କରିଛି ଏବଂ ଅଧିକରୁ ଅଧିକ ପିଲାଙ୍କୁ ଏହି ଗେମ୍ ପ୍ରତି ଆକୃଷ୍ଟ କରିବା ନେଇ ଆଶା ରହିଛି ବୋଲି ପାର୍ଥ ପ୍ରକାଶ କରିଛନ୍ତି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶା ରୋଲବଲ୍ ସ୍କେଟିଂ ଦଳର ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଓଡ଼ିଶା ବୋଲର ପପୁଙ୍କ ଚମକ

ନୂଆଦିଲ୍ଲୀ, ୨୪।୧୦(ପି.ଟି.)

**ଦେଓଧର ଟ୍ରଫି**

ଅଜିଙ୍କ୍ୟ ରାହାନେଙ୍କ ନେତୃତ୍ୱାଧୀନ ଇଣ୍ଡିଆ–ସି’କୁ ୩୦ ରନରେ ପରାସ୍ତ କରି ଇଣ୍ଡିଆ–ବି ଦଳ ଏଠାରେ ଚାଲିଥିବା ଦେଓଧର ଟ୍ରଫି ଦିନିକିଆ କ୍ରିକେଟ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛି। ଇଣ୍ଡିଆ–ବି ପ୍ରଥମେ ବ୍ୟାଟିଂ କରି ୨୩୧ ରନ କରିଥିବାବେଳେ ଇଣ୍ଡିଆ–ସି ଦଳ ୨୦୧ ରନରେ ଅଲ୍‌ଆଉଟ୍ ହୋଇଥିଲା। ମଙ୍ଗଳବାର ପ୍ରଥମ ମ୍ୟାଚ୍‌ରେ ଇଣ୍ଡିଆ–ଏ’କୁ ହରାଇଥିବା ଇଣ୍ଡିଆ–ବି ଦଳ ଏଥିସହ ୨ଟି ମ୍ୟାଚ୍‌ରୁ ୨ ବିଜୟ ସହ ୮ ପଏଣ୍ଟ ପାଇ ପଏଣ୍ଟ ତାଲିକାର ଶୀର୍ଷରେ ରହି ଫାଇନାଲରେ ସ୍ଥାନ ପକ୍କା କରିଛି। ଗୁରୁବାର ଇଣ୍ଡିଆ–ଏ ଓ ଇଣ୍ଡିଆ–ସି ମଧ୍ୟରେ ଅନ୍ତିମ ଲିଗ୍ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ଫାଇନାଲରେ ଇଣ୍ଡିଆ–ବି’କୁ ଶନିବାର ଭେଟିବ।

ସ୍ଥାନୀୟ ଫିରୋଜ ଶାହ କୋଟଲା ଗ୍ରାଉଣ୍ଡରେ ବୁଧବାର ଖେଳାଯାଇଥିବା ଏହି ଲୋ–ସ୍କୋରିଂ ମ୍ୟାଚ୍‌ରେ ଟସ୍ ଜିତି ଇଣ୍ଡିଆ–ବି ଅଧିନାୟକ ଶ୍ରେୟାସ ଆୟାର ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ବ୍ୟାଟ୍ସମ୍ୟାନଙ୍କ ଧିମା ବ୍ୟାଟିଂ ଯୋଗୁ ଦଳ ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ୍ ହରାଇ ୨୩୧ ରନ କରିଥିଲା। ଦଳ ପକ୍ଷରୁ ହନୁମା ବିହାରୀ ସର୍ବାଧିକ ୭୬ ରନ (୯୪ ବଲ୍) ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୟଙ୍କ ଅଗ୍ରୱାଲ (୨୪), ଅଙ୍କୁଶ ବୈଶଂ (୨୫), ମନୋଜ ତିୱାରୀ (୧୬) ଭଲ ଆରମ୍ଭ କରିଥିଲେ ମଧ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଇଣ୍ଡିଆ–ସି ପକ୍ଷରୁ ଓଡ଼ିଆ ସ୍ପିନର ପପୁ ରାୟ ଓ ରାଜନୀଶ ଗୁରବାନୀ ୩ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ଇଣ୍ଡିଆ–ସି ପ୍ରତିପକ୍ଷର ଦୁଇ ସ୍ପିନର କ୍ରିଷ୍ଣାପ୍ପା ଗୌଥମ ଓ ମନୋଜ ତିୱାରୀଙ୍କୁ ସାମ୍ନା କରି ନ ପାରି ୪୮.୨ ଓଭରରେ ୨୦୧ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଦଳ ପକ୍ଷରୁ ଶୁବମନ ଗିଲ ୩୬, ସୂର୍ଯ୍ୟକୁମାର ଯାଦବ ୩୯, ବିଜୟ ଶଙ୍କର ୩୫, ୱାଶିଂଟନ ସୁନ୍ଦର ୧୯ ଓ ସୁରେଶ ରାଇନା ୧ ରନ କରିଥିଲେ। ଅଧିନାୟକ ରାହାନେ ଧିମା ବ୍ୟାଟିଂ କରି ୬୧ ବଲରୁ ୩୨ ରନ କରିଥିଲେ। ଗୌଥମ ଓ ତିୱାରୀ ୩ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକ ଲାଗି ହନୁମା ବିହାରୀ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।



ପପୁ ରାୟ

### ପଦାର୍ପଣରେ ୩ ଉଇକେଟ୍

ଇଣ୍ଡିଆ–ସି ପରାସ୍ତ ହୋଇଥିଲେ ମଧ ଏହି ଦଳରେ ସ୍ଥାନ ପାଇଥିବା ଓଡ଼ିଆ ସ୍ପିନର ପପୁ ରାୟ ପ୍ରଭାବୀ ପ୍ରଦର୍ଶନ କରି ଛାପ ଛାଡ଼ିବାରେ ସଫଳ ହୋଇଛନ୍ତି। ଯାଜପୁରର ବାମହାତୀ ସ୍ପିନର ପପୁ ନିଜ ୧୦ ଓଭର ସ୍ପେଲରେ ୪୫ ରନ ବ୍ୟୟ କରି ୩ଟି ଉଇକେଟ୍ ପାଇଥିଲେ। ଅଧିନାୟକ ଆୟାରଙ୍କୁ ଇସାନ କିଷାନଙ୍କ ହାତରେ କ୍ୟାଚ୍ କରାଇ ପପୁ ନିଜର ପ୍ରଥମ ଉଇକେଟ୍ ନେଇଥିବାବେଳେ ତାଙ୍କର ପରବର୍ତ୍ତୀ ଶିକାର ବନିଥିଲେ ମନୋଜ ତିୱାରୀ। ୧୯ ଓଭରର ୩ୟ ବଲରେ ଅଭିଜ୍ଞ ତିୱାରୀଙ୍କୁ ପପୁ ଚକ୍‌ମା ଦେଖାଇ କ୍ଲିନ ବୋଲ୍ଡ କରିଦେଇଥିଲେ। କ୍ରିଷ୍ଣାପ୍ପା ଗୌଥମଙ୍କ ରୂପରେ ପପୁ ୩ୟ ସଫଳତା ପାଇଥିଲେ। ନିକଟରେ ବିଜୟ ହଜାରେ ଟ୍ରଫିରେ ଓଡ଼ିଶା ପକ୍ଷରୁ ପଦାର୍ପଣ କରି ପପୁ ୧୪ଟି ଉଇକେଟ୍ ନେଇ ଜାତୀୟ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ।

# ସର୍ବଭାରତୀୟ ଆମନ୍ତ୍ରଣୀୟ ଭଲିବଲ ୨୭ରୁ

ପୁରୁଣା ଭୁବନେଶ୍ୱର, ୨୪।୧୦(ଡି.ଏନ.ଏ.)

ଲିଙ୍ଗରାଜ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ୧୧ତମ ସର୍ବଭାରତୀୟ ଆମନ୍ତ୍ରଣୀୟ ଭଲିବଲ ଟୁର୍ନାମେଣ୍ଟ ଆସନ୍ତା ୨୭ ତାରିଖରୁ ଆରମ୍ଭ ହେବ। ଏହା ୨ଦିନ ଧରି ଚାଲିବ। ରାଜ୍ୟର ପ୍ରତିଷ୍ଠିତ ଦୁଇଟି ଦଳ ସହ ମୋଟ ୬ଟି ଦଳ ଏଥିରେ ଭାଗନେବେ। ଦଳଗୁଡ଼ିକ ହେଲେ ଓଡ଼ିଶା ପୋଲିସ୍, ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲ, ଛତିଶଗଡ଼ ପୋଲିସ୍, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ଓ ସି.ଆଇ.ଏସ୍.ଏଫ୍ (ରାଞ୍ଚି)। ଚାମ୍ପିୟନ ଦଳକୁ ୧୦ହଜାର ଟଙ୍କା ସହ ଟ୍ରଫି, ରନର୍ସଅପ ଦଳକୁ ୯ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବ। ସ୍ଥାନୀୟ ପୋଖରୀପୁଟ ସ୍ଥିତ ଲିଙ୍ଗରାଜ ସ୍ପୋର୍ଟ୍ସ ପଡ଼ିଆରେ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ଜାତୀୟ ଓ ଆନ୍ତର୍ଜାତୀୟ ଖେଳାଳିମାନେ କ୍ରୀଡ଼ା ପରିଚାଳନା କରିବେ ବୋଲି ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଲିଙ୍ଗରାଜ ସ୍ପୋର୍ଟ୍ସ ଆସୋସିଏଶନ ସଭାପତି ବାବୁ ସିଂ, ଉପ–ସଭାପତି ହୃଦୟବଲ୍ଲଭ ସାମନ୍ତରାୟ, ସମ୍ପାଦକ ରଜତ ତ୍ରିପାଠୀ, ମୁଖପାତ୍ର ସୁରମ୍ୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ଜର୍ସି ଉନ୍ମୋଚନ ଅବସରରେ ଉପସ୍ଥିତ କର୍ମକର୍ତ୍ତା ।



> ୩୦ ବର୍ଷ ବୟସ ପୂର୍ବରୁ ଦିନିକିଆ କ୍ରିକେଟରେ ୧୦ ହଜାର ରନ ସଂଗ୍ରହ କରିବା ଏକ ଅବିଶ୍ୱସନୀୟ ସଫଳତା।
> – ସି.କେ. ଖାନ୍ନା, ବିସିସିଆଇ କାର୍ଯ୍ୟକାରୀ ସଭାପତି

> ଏପରିକି ଯଦି ମହେନ୍ଦ୍ର ସିଂ ଧୋନୀଙ୍କୁ ୮୦ ବର୍ଷ ହୋଇଥିବ ଏବଂ ସେ ହ୍ୱିଲଚେୟାରରେ ବସିଥିବେ ତେବେ ବି ମୁଁ ତାଙ୍କୁ ମୋ ଦଳରେ ଖେଳାଇବି ।
> – ଏବି ଡି ଭିଲର୍ସ, ପ୍ରାକ୍ତନ ଦକ୍ଷିଣ ଆଫ୍ରିକା କ୍ରିକେଟର



## ସଂକ୍ଷେପରେ

### ମିଥାଲିଙ୍କ ଶତକ; ଭାରତ ଏ’ ୨-୦ରେ ଆଗୁଆ

ମୁମ୍ବାଇ,୨୪।୧୦: ଭେଟେରାନ ବ୍ୟାଟ୍ସଓମ୍ୟାନ ମିଥାଲିଙ୍କ ଅପରାଜିତ ଶତକ ବଳରେ ଭାରତ ଏ’ ଦଳ ଅଷ୍ଟ୍ରେଲିଆ ଏ’ ଦଳକୁ ୨୮ ରନ୍‌ରେ ପରାସ୍ତ କରିଛି। ଫଳରେ ଘରୋଇ ଦଳ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ରେ ୨-୦ ବ୍ୟବଧାନର ଅଗ୍ରଣୀ ହାସଲ କରିଛି। ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳ ପକ୍ଷରୁ ଭେଟେରାନ ମିଥାଲି ୧୦୫ ରନ୍‌ର ବିସ୍ଫୋରକ ଇନିଂସ୍ ଖେଳିଥିଲେ। ସେ ୬୧ ବଲରୁ ସମ୍ମୁଖୀନ ହୋଇ ୧୮ ଚୌକା ଓ ଗୋଟିଏ ଛକା ମାରିଥିଲେ। ଏହି ଇନିଂସ୍ ଅବସରରେ ସେ ଭାରତୀୟ ମହିଳା ଖେଳାଳିଙ୍କ ମଧ୍ୟରେ ବ୍ୟକ୍ତିଗତ ସର୍ବାଧିକ ରନ୍ କରିବାର ରେକର୍ଡ ନିଜ ନାମରେ କରିଛନ୍ତି। ପୂର୍ବରୁ ଏହି ରେକର୍ଡ ଅନ୍ୟତମ ଓପନର ମନ୍ଧାନା(୧୦୨)ଙ୍କ ନାମରେ ଥିଲା। ମିଥାଲିଙ୍କ ବ୍ୟତୀତ ହରମନପ୍ରୀତ କୌରଙ୍କ ୫୭ (୬ ଚୌକା ଓ ୩ ଛକା) ରନ୍‌ର ଇନିଂସ୍ ଖେଳିବାରୁ ଭାରତୀୟ ଦଳ ଧାର୍ଯ୍ୟ ୨୦ ଓଭରରେ ୫ ଉଇକେଟ ହରାଇ ୧୮୪ ରନ୍ କରିବାକୁ ସକ୍ଷମ ହୋଇଥିଲା। ଏହାପରେ ଭ୍ରମଣକାରୀ ଦଳର କୌଣସି ବ୍ୟାଟ୍ସଓମ୍ୟାନ ଭାରତୀୟ ବୋଲରମାନଙ୍କ ଉଚିତ ସମ୍ମୁଖୀନ ହୋଇପାରି ନ ଥିଲେ। ଫଳରେ ଅଷ୍ଟ୍ରେଲିଆ ଏ’ ଦଳ ସମସ୍ତ ଓଭର ବ୍ୟାଟିଂ କରି ୯ ଉଇକେଟ ହରାଇ ୧୫୬ ରନ୍ କରିପାରିଥିଲେ। ଦଳ ପକ୍ଷରୁ କେବଳ ତାହିଲା ମ୍ୟାକଗ୍ରାଥ ୪୭ ରନ୍ କରିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ଦୀପ୍ତି ଶର୍ମା, ପୁନମ ଯାଦବ ଓ ଅନୁଜା ପାଟିଲ ୨ ଲେଖାଏ ଉଇକେଟ ନେଇଥିଲେ। ସେହିଭଳି ରାଧା ଯାଦବ ଓ ହରମନପ୍ରିତ କୌର ପ୍ରତ୍ୟେକେ ଗୋଟିଏ ଉଇକେଟ ପାଇଥିଲେ।

**ସଂକ୍ଷିପ୍ତ ସ୍କୋର:**
ଭାରତ ଏ’- ୨୦ ଓଭରରେ ୧୮୪/୫ (ମିଥାଲି ରାଜ ୧୦୫*, ହରମନପ୍ରୀତ କୌର ୫୭, ତାହିଲା ମ୍ୟାକଗ୍ରାଥ ୨/୩୬)।
ଅଷ୍ଟ୍ରେଲିଆ ଏ’- ୨୦ ଓଭରରେ ୧୫୬/୯(ତାହିଲା ମ୍ୟାକଗ୍ରାଥ ୪୭, ପୁନମ ଯାଦବ ୨/୨୯, ଅନୁଜା ପାଟିଲ ୨/୩୧)।

### ଦ୍ୱିତୀୟ ରାଉଣ୍ଡରେ ସାଇନା, ଶ୍ରୀକାନ୍ତ

**ପ୍ୟାରିସ, ୨୪।୧୦(ପି.ଟି.):** ଦୁଇ ଭାରତୀୟ ତାରକା ସଟ୍‌ଲର ସାଇନା ନେହ୍ୱାଲ ଓ କିଦାମ୍ବୀ ଶ୍ରୀକାନ୍ତ ଏଠାରେ ଆରମ୍ଭ ହୋଇଥିବା ୭ ଲକ୍ଷ ୫୦ ହଜାର ଆମେରିକୀୟ ଡଲାର ପୁରସ୍କାର ରାଶିବିଶିଷ୍ଟ ଫ୍ରେଞ୍ଚ୍ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ୨ୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଗତ ସପ୍ତାହରେ ଡେନମାର୍କ ଓପନ୍‌ରେ ରନର୍ସଅପ୍ ହୋଇଥିବା ସାଇନା ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ଜାପାନର ସଏନା କାୱାକାମିଙ୍କୁ ୨୧-୧୧, ୨୧-୧୧ ସିଧାସଳଖ ସେଟ୍‌ରେ ପରାସ୍ତ କରିଛନ୍ତି। ବିଶ୍ୱ ମାନ୍ୟତାର ୧୦ମ ସ୍ଥାନରେ ରହିଥିବା ସାଇନା ପରବର୍ତ୍ତୀ ରାଉଣ୍ଡରେ ନୋଜୋମି ଓକୁହାରା ଓ ସ୍ପେନର ବେର୍ଟିଜ କୋରାଲ୍ସଙ୍କ ମଧ୍ୟରେ ହେବାକୁ ଥିବା ମ୍ୟାଚ୍‌ର ବିଜୟିନୀଙ୍କୁ ଭେଟିବେ। ସେହିଭଳି ପୁରୁଷ ସିଙ୍ଗଲ୍ସରେ ଡିଫେଣ୍ଡିଂ ଚାମ୍ପିୟନ ଶ୍ରୀକାନ୍ତ ୨୧-୧୯, ୨୧-୧୩ ସିଧାସଳଖ ଗେମ୍‌ରେ ହଂକଂର ୱଙ୍ଗ୍ ୱିଙ୍ଗ୍ କି ଭିନସେଣ୍ଟଙ୍କୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ଶ୍ରୀକାନ୍ତଙ୍କ ମୁକାବିଲା କୋରିଆର ଲି ଡଙ୍ଗ୍ କେଉନଙ୍କ ସହ ହେବ। ତେବେ ଅନ୍ୟତମ ଭାରତୀୟ ସମୀର ବର୍ମାଙ୍କୁ ନିରାଶ ହେବାକୁ ପଡ଼ିଛି। ସମୀର ୨୧-୧୬, ୧୭-୨୧, ୧୫-୨୧ରେ ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା ଇଣ୍ଡୋନେସିଆର ଜୋନାଟ କ୍ରିଷ୍ଟିଙ୍କ ନିକଟରୁ ହାରିଯାଇଛନ୍ତି। ପୁରୁଷ ଡବଲ୍ସରେ ମନୁ ଅତ୍ରି ଓ ବି. ସୁମିଥ୍ ଯୋଡ଼ି ବିଜୟ ହାସଲ କରିଥିବାବେଳେ ମିକ୍ସଡ ଡବଲ୍ସରେ ସାତ୍ୱିକରାଜ ରାନକିରେଡ୍ଡୀ ଓ ଅଶ୍ୱିନି ପୋନାପ୍ପା ଯୋଡ଼ି ପରାଜୟର ସାମ୍ନା କରିଛନ୍ତି।

### ରାଜ୍ୟ ଜୁନିୟର ଦଳ ଚୟନ ଶିବିର ୨୬ରୁ

**କଟକ ଅଫିସ,୨୪।୧୦:** ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଆନୁକୂଲ୍ୟରେ ଆସନ୍ତା ନଭେମ୍ବରରେ ଜାତୀୟ ଜୁନିୟର ଫୁଟବଲ ଚାମ୍ପିୟନଶିପ ଡଃ ବି.ସି ରାୟ ଟ୍ରଫି ଖେଳାଯିବ । ଏହି ଜାତୀୟ ଚାମ୍ପିୟନଶିପ୍ ନିମନ୍ତେ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ପକ୍ଷରୁ କଟକରେ ଆସନ୍ତା ୨୬ରୁ ରାଜ୍ୟ ଦଳର ଚୟନ ଓ ପ୍ରସ୍ତୁତି ଶିବିର ଅନୁଷ୍ଠିତ ହେବ । ଶିବିରରେ ଯୋଗ ଦେବାକୁ ଇଚ୍ଛୁକ ଖେଳାଳିମାନଙ୍କ ଜନ୍ମ ୨୦୦୨ ମସିହା ଜାନୁୟାରୀ ୧ ତାରିଖରୁ ୨୦୦୩ ମସିହା ଡିସେମ୍ବର ୩୧ ତାରିଖ ମଧ୍ୟରେ ହୋଇଥିବା ଆବଶ୍ୟକ । ପ୍ରତ୍ୟେକ ଖେଳାଳି ପ୍ରକୃତ ଜନ୍ମ ପ୍ରମାଣ ପତ୍ର ନେଇ ଶିବିରରେ ଯୋଗ ଦେବାକୁ ଫାଓ ପକ୍ଷରୁ ସୂଚନା ଦିଆଯାଇଛି ।

# ଟାଇରେ ଶେଷ ହେଲା ଦ୍ୱିତୀୟ ଦିନିକିଆ

ବିଶାଖାପାଟଣା,୨୪।୧୦(ପି.ଟି.) ଭାରତ ଓ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ମଧ୍ୟରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଦ୍ୱିତୀୟ ଦିନିକିଆ ମ୍ୟାଚ୍ ରୋମାଞ୍ଚକ ଢଙ୍ଗରେ ଟାଇ ହୋଇଛି। ଅନ୍ତିମ ଓଭରରେ ୱେଷ୍ଟଇଣ୍ଡିଜ ବିଜୟ ପାଇଁ ୧୪ ରନ ଆବଶ୍ୟକ କରୁଥିଲା। ତେବେ ଉମେଶ ଯାଦବଙ୍କ ଏହି ନିର୍ଣ୍ଣାୟକ ଓଭରରେ ୱେଷ୍ଟଇଣ୍ଡିଜ ଆବଶ୍ୟକ ରନ ସଂଗ୍ରହ କରିପାରି ନ ଥିଲା। ବୁଧବାର ସ୍ଥାନୀୟ ୱାଇ.ଏସ୍. ରାଜଶେଖର ଷ୍ଟାଡିୟମରେ ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରି ଅଧିନାୟକ ବିରାଟ କୋହଲିଙ୍କ ଅପରାଜିତ ୧୫୭ ରନର ଶତକୀୟ ପାଳି ବଳରେ ନିର୍ଦ୍ଧାରିତ ୫୦ ଓଭରରେ ୬ ଉଇକେଟ ହରାଇ ୩୨୧ ରନ ସଂଗ୍ରହ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ ୭ ଉଇକେଟ ହରାଇ ୩୨୧ ରନରେ ସୀମିତ ରହିବା ଫଳରେ ମ୍ୟାଚ୍ ଟାଇ ହୋଇଥିଲା। ଏଥି ସହିତ ୫ ମ୍ୟାଚ୍ ବିଶିଷ୍ଟ ଏହି ଦିନିକିଆ ସିରିଜରେ ଭାରତ ତା’ର ୧-୦ ଅଗ୍ରଣୀକୁ ବଜାୟ ରଖିଛି। କୋହଲି ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

୩୨୨ ରନ ବିଜୟ ଲକ୍ଷ୍ୟର ପିଛା କରି ୱେଷ୍ଟଇଣ୍ଡିଜ ବେଶ୍ ଲଢୁଆ ଖେଳ ପ୍ରଦର୍ଶନ କରିଥିଲା। ଉଇକେଟ କିପର ବ୍ୟାଟ୍ସମ୍ୟାନ ସାଇ ହୋପ୍ ୧୩୪ଟି ବଲ ଖେଳି ୧୦ ଚୌକା ଓ ୩ ଛକା ସହ ୧୨୩ ରନ କରି ଅପରାଜିତ ରହିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ସେହିପରି ଶିମରନ ହେଟମେୟର ୬୪ଟି ବଲ ଖେଳି ୪ ଚୌକା ଓ ୭ ଛକା ସହ ଦ୍ରୁତ ୯୪ ରନ ସଂଗ୍ରହ କରି ଦଳର ସ୍ଥିତି ଦୃଢ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚନ୍ଦରପଲ ହେମରାଜ ୩୨, କିରନ ପାୱେଲ ୧୮, ମାର୍ଲନ ସାମୁଏଲ୍ସ ୧୩, ରୋଭମାନ ପାୱେଲ ୧୮, ଅଧିନାୟକ ଜାସନ ହୋଲ୍ଡର ୧୨ ଓ ଆଶଲେ ନର୍ସ ୫ ରନ କରି ଆଉଟ ହୋଇଥିଲେ। ବୋଲିଂରେ ଭାରତ ତରଫରୁ କୁଲଦୀପ ଯାଦବ ୩, ମହମ୍ମଦ ସାମି, ଉମେଶ ଯାଦବ ଓ ୟୁଜବେନ୍ଦ୍ର ଚହଲ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଆରମ୍ଭରୁ ଇନ୍‌ଫର୍ମ ଓପନର ରୋହିତ୍ ଶର୍ମାଙ୍କୁ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ମାତ୍ର ୪ ରନ କରି ରୋହିତ କେମର ରୋଚ୍‌ଙ୍କ ବଲରେ ହେଟମେୟରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହା ପରେ ଶିଖର ଧାୱନ ୨୯ ରନ କରିଥିବା ବେଳେ ଆଶଲେ ନର୍ସଙ୍କ ଦ୍ୱାରା ଏଲବିଡବ୍ଲ୍ୟୁ ହୋଇ ଆଉଟ ହୋଇଥିଲେ। ତେବେ ତୃତୀୟ ଉଇକେଟ ଯୋଡିରେ କୋହଲି ଓ ଅମ୍ବାତି ରାୟୁଡୁ ୧୩୯ ରନ କରି ସ୍ଥିତି ସମ୍ଭାଳିବା ସହ ଦଳର ସ୍କୋରକୁ ତ୍ୱରିତ କରିଥିଲେ। ରାୟୁଡୁ ୮୦ ବଲରୁ ୮ ଚୌକା ସହ ୭୩ ରନ କରିଥିବା ବେଳେ ନର୍ସଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଏହାପରେ ଖରାପ୍ ଫର୍ମ ଦେଇ ଗତିକରୁଥିବା ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ମାତ୍ର ୨୦ ରନ କରି ଓବେଡ ମ୍ୟାକକୋଏଙ୍କ ବଲରେ କ୍ଲିନ ବୋଲ୍ଡ ହୋଇଥିଲେ। ଯୁବ ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୧୩ଟି ବଲ ଖେଳି ଦୁଇଟି ଛକା ସହ ଦ୍ରୁତ ୧୭ ରନକରି ମାର୍ଲନ ସାମୁଏଲ୍ସଙ୍କ ଦ୍ୱାରା ଏଲବିଡବ୍ଲ୍ୟୁ ହୋଇଥିଲେ। ସେହିପରି ରବୀନ୍ଦ୍ର ଜାଡେଜା ୧୩ ରନ କରିଥିବା ବେଳେ ମ୍ୟାକକୋଏଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ ତରଫରୁ ନର୍ସ ଓ ମ୍ୟାକକୋଏ ଦୁଇଟି ଲେଖାଏ, ରୋଚ୍ ଓ ସାମୁଏଲ୍ସ ଗୋଟିଏ କରି ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**
- ■ ଭାରତ ୫୦ ଓଭରରେ ୩୨୧/୬ (କୋହଲି- ୧୫୭*, ରାୟୁଡୁ- ୭୩, ଧାୱନ- ୨୯, ଧୋନୀ- ୨୦, ନର୍ସ- ୨/୪୬, ମ୍ୟାକକୋଏ- ୨/୭୧)।
- ■ ୱେଷ୍ଟଇଣ୍ଡିଜ୍ ୫୦ ଓଭରରେ ୩୨୧/୭ (ହୋପ- ୧୨୩ *, ହେଟମେୟର- ୯୪, କୁଲଦୀପ- ୩/୬୭)।



ଅମ୍ବାତି ରାୟୁଡୁ ଓ ବିରାଟ କୋହଲି ।

### କୋହଲିଙ୍କ ଦ୍ରୁତତମ ୧୦,୦୦୦ ରନ

■ ଭାରତୀୟ ଅଧିନାୟକ ବିରାଟ କୋହଲି ଆଧୁନିକ କ୍ରିକେଟରେ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ବୋଲି ପୁଣି ଥରେ ପ୍ରମାଣିତ କରିଛନ୍ତି। ରନ ମେଶିନ କୋହଲି ବ୍ୟାଟିଂରେ ଆଉ ଏକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ସେ ଆନ୍ତର୍ଜାତିକ ଦିନିକିଆରେ ୧୦,୦୦୦ ରନ କରିବାରେ ଦ୍ରୁତତମ ବ୍ୟାଟ୍ସମ୍ୟାନ ସାବ୍ୟସ୍ତ ହୋଇଛନ୍ତି। ଏହି କ୍ରମରେ ସେ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କୁ ପଛରେ ପକାଇଛନ୍ତି। ଏହି ମାଇଲଖୁଣ୍ଟ ଅତିକ୍ରମ କରିବାକୁ କୋହଲି ଆଉ ୮୧ ରନ ଆବଶ୍ୟକ କରୁଥିଲେ। ବୁଧବାର ଅନୁଷ୍ଠିତ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ କୋହଲି ୧୨୯ଟି ବଲର ସମ୍ମୁଖୀନ ହୋଇ ୧୩ ଚୌକା ଓ ୪ ଛକା ସହ ୧୫୭ରନର ଅପରାଜିତ ଶତକୀୟ ପାଳି ଖେଳିଥିଲେ। ଏହି କ୍ରମରେ ସେ ୩୭ତମ ଦିନିକିଆ ଶତକ ହାସଲ କରିଛନ୍ତି। ସଚିନ ୨୫୯ଟି ଇନିଂସରେ ଦଶହଜାର ରନ ପୂରଣ କରିଥିବା ବେଳେ କୋହଲି ମାତ୍ର ୨୦୫ ଇନିଂସରେ ଏହି ସଫଳତା ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ଅବଶ୍ୟ ୪୪ ରନ କରିଥିବା ବେଳେ କୋହଲି ଏକ ଜୀବନଦାନ ପାଇଥିଲେ। ୱେଷ୍ଟଇଣ୍ଡିଜ ଅଧିନାୟକ ଜାସନ ହୋଲ୍ଡର କୋହଲିଙ୍କ କ୍ୟାଚ୍ ହାତଛଡ଼ା କରିଥିଲେ। ୨୯ ବର୍ଷୀୟ କୋହଲି ୧୩ତମ ବ୍ୟାଟ୍ସମ୍ୟାନ ଭାବେ ଏହି ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ଏହି କ୍ରମରେ ସେ ଏକାଧିକ କୀର୍ତ୍ତିମାନର ଅଧିକାରୀ ହୋଇଛନ୍ତି।

■ ପଦାର୍ପଣ କରିବାର ୩୨୭୦ ଦିନରେ ସେ ଦଶହଜାର ରନ ପୂରଣ କରିଛନ୍ତି। ତେବେ ରାହୁଲ ଦ୍ରାବିଡ ପଦାର୍ପଣ କରିବାର ୩୯୬୯ ଦିନରେ ଏହି ସଫଳତା ଅର୍ଜନ କରିଥିଲେ। କୋହଲି ଏଥିପାଇଁ ୧୦,୮୧୩ଟି ବଲର ସମ୍ମୁଖୀନ ହୋଇଥିଲେ। ତେବେ ଶ୍ରୀଲଙ୍କାର ସନତ ଜୟସୂରିୟା ୧୧,୨୯୬ଟି ବଲ ଆବଶ୍ୟକ କରିଥିଲେ। ପୁଣି ଏହି ମାଇଲଖୁଣ୍ଟ ଅତିକ୍ରମ କରିବାରେ କୋହଲିଙ୍କ ଆଭରେଜ ବା ହାରାହାରି ରନ ସଂଗ୍ରହ ସର୍ବାଧିକ ୫୯.୧୭ ରହିଛି। ତେବେ ମହେନ୍ଦ୍ର ସିଂ ଧୋନୀ ଆଭରେଜ ୫୧.୩୦ ରହିଛି ।

■ ପୁଣି ଗୋଟିଏ କ୍ୟାଲେଣ୍ଡର ବର୍ଷରେ କୋହଲି ଏକ ହଜାର ରନ ସଂଗ୍ରହ କରିବାରେ ସବୁଠାରୁ କମ୍ ଇନିଂସ ଖେଳିଛନ୍ତି। ୨୦୧୮ରେ ସେ ମାତ୍ର ୧୧ଟି ଇନିଂସ ଖେଳି ୧୦୦୦ ରନ ସଂଗ୍ରହ କରିଥିଲେ। ସେହିପରି ୨୦୧୦ରେ ଦକ୍ଷିଣ ଆଫ୍ରିକାର ହାସିମ ଆମଲା ୧୫ଟି ଇନିଂସରେ ଏକ ହଜାର ରନ ସଂଗ୍ରହ କରିଥିଲେ। ୨୦୧୨ରେ କୋହଲି ୧୫ଟି ଇନିଂସରୁ ଏକ ହଜାର ରନ ସଂଗ୍ରହ କରିଥିଲେ। ସେହିପରି ୧୯୮୩ରେ ଇଂଲଣ୍ଡର ହେଭିଡ ଗୱର, ୨୦୧୧ରେ ସେନ୍ ୱାଟସନ, ୨୦୧୩ରେ କୁମାର ସଙ୍ଗେକାରା ଓ ୨୦୧୫ରେ ଏବି ଡିଭିଲିୟର୍ସ ୧୭ଟି ଲେଖାଏ ଇନିଂସ ଖେଳି ଏକ ହଜାର ରନ ପୂରଣ କରିଥିଲେ।

■ ପୁଣି କୋହଲି ୱେଷ୍ଟଇଣ୍ଡିଜ ବିପକ୍ଷରେ ସର୍ବାଧିକ ଦିନିକିଆ ଶତକ ଅର୍ଜନ କରିଛନ୍ତି। କୋହଲି ଏଥି ସହିତ ୱେଷ୍ଟଇଣ୍ଡିଜ ବିପକ୍ଷରେ ୬ଟି ଶତକ ହାସଲ କରିଛନ୍ତି। ଏହାପୂର୍ବରୁ ହର୍ଶେଲ ଗିବ୍ସ, ହାସିମ ଅମଲା, ଡିଭିଲର୍ସ ୫ ଶତକ ମାରିଛନ୍ତି। ତେବେ ସଚିନ, ଜ୍ୟାକ କାଲିସ୍, ବାବର ଆଜମ ୱେଷ୍ଟଇଣ୍ଡିଜ ବିପକ୍ଷରେ ୪ଟି ଶତକ ଅର୍ଜନ କରିଛନ୍ତି।

■ ପ୍ରଥମ ଏକ ହଜାର ରନ କରିବାରେ କୋହଲି ୨୪ଟି ଇନିଂସ ଖେଳିଥିଲେ। ସେହିପରି ଦ୍ୱିତୀୟ, ତୃତୀୟ, ଚତୁର୍ଥ, ପଞ୍ଚମ, ଷଷ୍ଠ, ସପ୍ତମ, ଅଷ୍ଟମ, ନବମ ଓ ଦଶମ ହଜାର ରନ ପୂରଣ କରିବାରେ କୋହଲି ୫୩, ୭୫, ୯୩, ୧୧୪, ୧୩୬, ୧୬୧, ୧୭୫, ୧୯୪ ଓ ୨୦୫ଟି ଇନିଂସ ଖେଳିଛନ୍ତି।

■ ୱେଷ୍ଟଇଣ୍ଡିଜ ବିପକ୍ଷରେ ସର୍ବାଧିକ ରନ ସଂଗ୍ରହ ତାଲିକାରେ କୋହଲି ଦ୍ୱିତୀୟ ସ୍ଥାନରେ ରହିବେ। କୋହଲି ବୁଧବାର ଅପରାଜିତ ୧୫୭ ରନର ଶତକୀୟ ପାଳି ଖେଳି ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବୀରେନ୍ଦ୍ର ସେହ୍ୱାଗ ୨୦୧୧ ଇନ୍ଦୋରରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୨୧୯ ରନର ଦ୍ୱିଶତକୀୟ ପାଳି ଖେଳି ଶୀର୍ଷରେ ରହିଛନ୍ତି। ସେହିପରି ରୋହିତ୍ ଶର୍ମା ୨୦୧୮ରେ ଗୁଆହାଟୀରେ ୧୫୨ ରନର ଶତକୀୟ ପାଳି ଖେଳି ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ୨୦୦୬ରେ ସଚିନ ସିଙ୍ଗାପୁରରେ ଅପରାଜିତ ୧୪୧ ରନର ପାଳି ଖେଳି ଚତୁର୍ଥ ସ୍ଥାନରେ ରହିଥିଲେ। ପୁଣି ଏହି ସିରିଜର ପ୍ରଥମ ଦିନିକିଆରେ କୋହଲି ଗୁଆହାଟୀରେ ୧୪୦ରନର ପଞ୍ଚମ ସ୍ଥାନରେ ରହିଛନ୍ତି। ୩୦ ବର୍ଷରେ ପଦାର୍ପଣ କରିବା ପୂର୍ବରୁ ଦଶ ହଜାର ରନ ପୂରଣ କରି ସେ ଆଉ ଏକ ଭିନ୍ନ ଧରଣର ସଫଳତା ହାସଲ କରିଛନ୍ତି।


ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ଅଫିସିଆଲ, ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟ ଏବଂ ହକି ଇଣ୍ଡିଆର କର୍ମକର୍ତ୍ତା ବୁଧବାର ଷ୍ଟାଡିୟମ ଅନୁଧ୍ୟାନ କରିଛନ୍ତି।

## ଓଡ଼ିଶା–ନ୍ୟୁ ସାଉଥ ୱେଲ୍ସ ପ୍ରଦର୍ଶନୀ ହକି ମ୍ୟାଚ

ଭୁବନେଶ୍ୱର, ୨୪।୧୦(କ୍ରୀଡ଼ା ପ୍ରତିନିଧି) ହକି ବିଶ୍ୱକପ ପୂର୍ବରୁ ହକିର ଅନ୍ତୁଡ଼ିଶାଳ କୁହା ଯାଉଥିବା ସୁନ୍ଦରଗଡ଼ରେ ଏକ ପ୍ରମୋଶନାଲ ଅନ୍ତର୍ଜାତୀୟ ସ୍ତରୀୟ ହକି ମ୍ୟାଚ ଅନୁଷ୍ଠିତ ହେବ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ଓଡ଼ିଶା ଏକାଦଶ ଓ ଅଷ୍ଟ୍ରେଲିଆର ନ୍ୟୁ ସାଉଥ୍ ୱେଲ୍ସ (ଏନଏସଡବଲ୍ୟୁ) ମଧ୍ୟରେ ଏହି ପ୍ରଦର୍ଶନୀ ମ୍ୟାଚ ଆୟୋଜନ କରାଯାଉଛି। କ୍ରୀଡ଼ା ବିନିମୟ କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି ମ୍ୟାଚ ନଭେମ୍ବର ୪ରେ ରାଉରକେଲାର ସ୍କେଟ-ଝସ୍ଥିତ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ପ୍ରଦର୍ଶନୀ ମ୍ୟାଚର ସଫଳ ଆୟୋଜନ ପାଇଁ ଜାତୀୟ ହକି ଅମ୍ପାୟର ନିଶାନ ଜ୍ୟୋତି ମହାନ୍ତିଙ୍କୁ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ମ୍ୟାଚର ସଫଳ ଆୟୋଜନ ପାଇଁ ପୂର୍ବତନ ଭାରତୀୟ ହକି ଅଧିନାୟକ ପଦ୍ମଶ୍ରୀ ଦିଲୀପ ତିର୍କୀ, ରାଉରକେଲା ମ୍ୟୁନିଶପାଲ କର୍ପୋରେଶନ(ଆରଏମସି)ର କର୍ମକର୍ତ୍ତା, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ଅଫିସିଆଲ, ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟ ଏବଂ ହକି ଇଣ୍ଡିଆର କର୍ମକର୍ତ୍ତା ବୁଧବାର ଷ୍ଟାଡିୟମ ଅନୁଧ୍ୟାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ମ୍ୟାଚକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ମ୍ୟାଚ୍‌ରେ ଓଡ଼ିଶାର ଶୀର୍ଷସ୍ଥାନୀୟ ଖେଳାଳିମାନେ ଅଂଶଗ୍ରହଣ କରିବେ। ସୁନ୍ଦରଗଡ଼ ଜିଲା ଗ୍ରାମାଞ୍ଚଳର ପିଲାମାନଙ୍କୁ ଏହି ମ୍ୟାଚ ଉପଭୋଗ କରିବା ପାଇଁ ଆମନ୍ତ୍ରଣ କରାଯାଇଛି। ଷ୍ଟାଡିୟମ ନଭେମ୍ବର ୧ ସୁଦ୍ଧା ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଯିବ। ଖେଳାଳିମାନେ ୨ ତାରିଖ ସନ୍ଧ୍ୟାରେ ପହଞ୍ଚିବା ଆଶା କରାଯାଉଛି। ୩ ତାରିଖରେ ଅଭ୍ୟାସ ମ୍ୟାଚ ଏବଂ ୪ ତାରିଖରେ ପ୍ରଦର୍ଶନୀ ମ୍ୟାଚ ଖେଳିବେ। ୫ ତାରିଖରେ ଖେଳାଳିମାନେ ଭୁବନେଶ୍ୱର ଫେରିବା କାର୍ଯ୍ୟକ୍ରମ ରହିଛି।

# ନେଦରଲାଣ୍ଡ୍ସକୁ ଟାଇଟଲ






ପ୍ରଥମ ସଂସ୍କରଣର ମାତ୍ର ୨ ବର୍ଷ ପରେ ଆୟୋଜନ ହୋଇଥିଲା ଦ୍ୱିତୀୟ ହକି ବିଶ୍ୱକପ୍। ୧୯୭୩ରେ ନେଦରଲାଣ୍ଡ୍ସର ଆମଷ୍ଟିଲଭିନ୍ ସହରର ୱାଗନେର ଷ୍ଟାଡିୟମରେ ଏହି ମେଗା ଇଭେଣ୍ଟ ଖେଳାଯାଇଥିଲା। ଅଗଷ୍ଟ ୨୪ ତାରିଖରୁ ଆରମ୍ଭ ହୋଇ ଏହି ବିଶ୍ୱକପ୍ ସେପ୍ଟେମ୍ବର ୨ ତାରିଖରେ ଶେଷ ହୋଇଥିଲା। ଏହି ବିଶ୍ୱକପ୍‌ରେ ଭାରତ ବେଶ୍ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ ଚାମ୍ପିୟନ ହେବାରୁ ଅଳ୍ପକେ ବଞ୍ଚିତ ହୋଇଥିଲା। ଚମତ୍କାର ଖେଳ ପ୍ରଦର୍ଶନ କରି ଭାରତ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲରେ ଭାରତ ଓ ଆୟୋଜକ ନେଦରଲାଣ୍ଡ୍ସ ପରସ୍ପରକୁ ଭେଟିଥିଲେ। ନିର୍ଦ୍ଧାରିତ ସମୟ ସୁଦ୍ଧା ମ୍ୟାଚ୍ ୨-୨ ଗୋଲରେ ଅମୀମାଂସିତ ରହିଥିଲା। ତେବେ ପେନାଲ୍ଟି ଷ୍ଟ୍ରୋକ ଜରିଆରେ ଭାରତକୁ ୪-୨ ଗୋଲରେ ପରାସ୍ତ କରି ନେଦରଲାଣ୍ଡ୍ସ ଚାମ୍ପିୟନ ହୋଇଥିଲା। ମୋଟ ଉପରେ ନେଦରଲାଣ୍ଡ୍ସ ୩ଥର ବିଶ୍ୱକପ୍ ଜିତିଛି। ତେବେ ଏହି ସଂସ୍କରଣରେ ନେଦରଲାଣ୍ଡ୍ସ ପ୍ରଥମ ଟାଇଟଲ ଜିତି ଖାତା ଖୋଲିଥିଲା। ସେହିପରି ପାକିସ୍ତାନକୁ ୧-୦ ଗୋଲରେ ପରାସ୍ତ କରି ପଶ୍ଚିମ ଜର୍ମାନୀ ତୃତୀୟ ସ୍ଥାନ ଅଧିକାର କରିଥିଲା।

ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୧-୦ ଗୋଲରେ ସେମିଫାଇନାଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ଅନ୍ୟ ଏକ ସେମିଫାଇନାଲରେ ନେଦରଲାଣ୍ଡ୍ସ ପେନାଲ୍ଟି ଜରିଆରେ ପଶ୍ଚିମ ଜର୍ମାନୀକୁ ପରାସ୍ତ କରି ଫାଇନାଲ ଟିକେଟ ହାସଲ କରିଥିଲା। ଫାଇନାଲ ର୍‍ୟାଙ୍କିଙ୍ଗ୍‌ରେ ପ୍ରଥମ ୩ଟି ଦଳକୁ ବାଦ୍ ଦେଲେ ପାକିସ୍ତାନ ଚତୁର୍ଥ, ସ୍ପେନ୍ ପଞ୍ଚମ, ଇଂଲଣ୍ଡ ଷଷ୍ଠ, ନ୍ୟୁଜିଲାଣ୍ଡ ସପ୍ତମ, ବେଲଜିୟମ ଅଷ୍ଟମ, ଆର୍ଜେଣ୍ଟିନା ନବମ, ଜାପାନ ଦଶମ, ମାଲେସିଆ ଏକାଦଶ ଓ କେନିୟା ଦ୍ୱାଦଶ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ।

ଟୁର୍ନାମେଣ୍ଟରେ ମୋଟ ଉପରେ ୪୨ଟି ମ୍ୟାଚ୍ ଖେଳାଯାଇଥିଲା। ଟୁର୍ନାମେଣ୍ଟର ମୋଟ୍ ଗୋଲ ସଂଖ୍ୟା ଥିଲା ୧୨୪। ମ୍ୟାଚ୍ ପ୍ରତି ହାରାହାରି ଗୋଲ ସଂଖ୍ୟା ଥିଲା ୨.୯୫ ବା ପାଖାପାଖି ୩। ନେଦରଲାଣ୍ଡ୍ସ ତାରକା ଖେଳାଳି ଟିଏସ୍ କ୍ରୁଇଜ୍ ଟୁର୍ନାମେଣ୍ଟରେ ସର୍ବାଧିକ ୧୧ଟି ଗୋଲ ଦେଇ ସଫଳତମ ଖେଳାଳି ସାବ୍ୟସ୍ତ ହୋଇଥିଲେ।

ପୁଲ୍ ଏ’ରେ ଅନ୍ୟ ୫ଟି ଦଳ ସହ ଭାରତ ସାମିଲ ରହିଥିଲା। ଭାରତ ସମେତେ ଏହି ପୁଲ୍‌ରେ ପଶ୍ଚିମ ଜର୍ମାନୀ, ସ୍ପେନ୍, ନ୍ୟୁଜିଲାଣ୍ଡ, କେନିୟା ଓ ଜାପାନ ସାମିଲ ରହିଥିଲେ। ପୁଲ ପର୍ଯ୍ୟାୟ୍‌ରେ ଭାରତ ମୋଟ ଉପରେ ୫ଟି ମ୍ୟାଚ୍ ଖେଳିଥିଲା। ଏଥି ମଧ୍ୟରୁ ୩ଟି ମ୍ୟାଚ୍‌ରେ ଦମ୍‌ଦାରରେ ବିଜୟ ହାସଲ କରିଥିଲେ ମଧ୍ୟ ଅନ୍ୟ ୨ଟି ମ୍ୟାଚ୍‌କୁ ଅମୀମାଂସିତ ରଖିଥିଲା। ପ୍ରଥମ ମ୍ୟାଚ୍‌ରେ ଭାରତ ୫-୦ ଗୋଲରେ ଜାପାନକୁ ପରାସ୍ତ କରିଥିଲା। ସେହିପରି ପଶ୍ଚିମ ଜର୍ମାନୀ ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌କୁ ଭାରତ ୦-୦ ଗୋଲରେ ଅମୀମାଂସିତ ରଖିଥିଲା। ତୃତୀୟ ମ୍ୟାଚ୍‌ରେ ୪-୦ ଗୋଲରେ ଭାରତ କେନିୟାକୁ ହରାଇଥିଲା। ଏହାପରେ ନ୍ୟୁଜିଲାଣ୍ଡ ବିପକ୍ଷ ଚତୁର୍ଥ ମ୍ୟାଚ୍‌କୁ ଭାରତ ୧-୧ ଗୋଲରେ ଅମୀମାଂସିତ ରଖିଥିଲା। ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଭାରତ ୨-୦ ଗୋଲରେ ସ୍ପେନ୍‌କୁ ହରାଇଥିଲା। ତେବେ ପୁଲ ଏ’ରେ ପଶ୍ଚିମ ଜର୍ମାନୀ ସଫଳତମ ଦଳ ସାବ୍ୟସ୍ତ ହୋଇଥିଲା। ମୋଟ୍ ୫ଟି ମ୍ୟାଚ୍ ଖେଳି ୪ଟି ବିଜୟ ଓ ଗୋଟିଏ ଡ୍ର’ ସହ ପଶ୍ଚିମ ଜର୍ମାନୀ ୧୩ ପଏଣ୍ଟ ହାସଲ କରି ଶୀର୍ଷ ସ୍ଥାନରେ ରହିଥିଲା। ଅନ୍ୟପଟେ ଭାରତ ୧୧ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲା।

ଅପରପକ୍ଷରେ ପୁଲ୍ ବି’ରେ ପାକିସ୍ତାନ ସଫଳତମ ଦଳ ସାବ୍ୟସ୍ତ ହୋଇଥିଲା। ପାକିସ୍ତାନ ୫ଟି ମ୍ୟାଚ୍ ଖେଳି ୪ ବିଜୟ ଓ ଗୋଟିଏ ଡ୍ର ସହ ମୋଟ୍ ୧୩ ପଏଣ୍ଟ ପାଇ ଶୀର୍ଷରେ ରହିଥିଲା। ସେହିପରି ନେଦରଲାଣ୍ଡ୍ସ ୫ଟି ମ୍ୟାଚ୍ ଖେଳି ୩ଟି ବିଜୟ ଓ ଗୋଟିଏ ଡ୍ର ସହ ମୋଟ ୧୦ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲା। ପୁଲ ପର୍ଯ୍ୟାୟରେ ପାକିସ୍ତାନ ସର୍ବାଧିକ ୧୬ଟି ଗୋଲ ସ୍କୋର କରିଥିଲା। ଏହାପରେ ନ୍ୟୁଜିଲାଣ୍ଡ ୧୩ ଓ ଭାରତ ୧୨ଟି ଗୋଲ ଦେଇଥିଲା।

ଭାରତ ଓ ନେଦରଲାଣ୍ଡ୍ସ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍ ଉଚ୍ଚକୋଟୀର ଥିଲା। ଏହି ମ୍ୟାଚ୍‌ରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। ଅତିରିକ୍ତ ସମୟ ସହିତ ମୋଟ ୭୦ ମିନିଟ ଖେଳ ହୋଇଥିଲେ ମଧ୍ୟ ଗୋଟିଏ ହେଲେ ବି ଗୋଲ ସ୍କୋର କରାଯାଇପାରି ନ ଥିଲା। ତେବେ ପେନାଲ୍ଟି ଶୁଟ୍ ଆଉଟ୍‌ରେ ଭାରତ ପରାସ୍ତ ହୋଇଥିଲା ଓ ଟାଇଟଲ ହାସଲରୁ ବଞ୍ଚିତ ହୋଇଥିଲା। ହଲାଣ୍ଡ ଗୋଲକିପର ମାର୍ଟିନ ସିକ୍କିଙ୍ଗ୍ସ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ଦଳକୁ ଚାମ୍ପିୟନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସିକ୍କିଙ୍ଗ୍ସଙ୍କ ପ୍ରଦର୍ଶନ ବଳରେ ହଲାଣ୍ଡ ଚାମ୍ପିୟନ ହୋଇଥିଲା। ଏହି ବିଶ୍ୱକପ୍‌ରେ ମାଲେସିଆ, ନ୍ୟୁଜିଲାଣ୍ଡ, ଇଂଲଣ୍ଡ ଓ ବେଲଜିୟମ ପଦାର୍ପଣ କରିଥିଲେ। ଏହି ବିଶ୍ୱକପ୍‌ରୁ ଏସୀୟ ଦଳମାନଙ୍କ ପତନ ଓ ୟୁରୋପୀୟ ଦଳଗୁଡିକର ଉତ୍ଥାନ ପରିଲକ୍ଷିତ ହୋଇଥିଲା।

ଭାରତୀୟ ଦଳର ନେତୃତ୍ୱ ନେଇଥିଲେ ଏମ୍.ପି. ଗଣେଶ। ଦଳର ମ୍ୟାନେଜର ଥିଲେ ଆର.ଏସ୍. ଜେଣ୍ଟଲ। ଦୁଇଜଣ କୋଚ୍ ବାଲକିଶେନ ସିଂ ଓ ଜଗମୋହନ ସିଂଙ୍କ ତତ୍ତ୍ୱାବଧାନରେ ଭାରତ ବିଶ୍ୱକପ୍ ଖେଳିଥିଲା।

**ଭାରତୀୟ ଦଳ:** ଏମ୍.ପି. ଗଣେଶ (ଅଧିନାୟକ), ସେଡ୍ରିକ୍ ପେରେଇରା, ଚାର୍ଲ୍ସ କର୍ନେଲିୟସ୍, ବଳଦେବ ସିଂ, ସୁର୍ଜିତ ସିଂ, ମାଇକେଲ କିଣ୍ଡୋ, ବୀରେନ୍ଦ୍ର ସିଂ, ଅଜିତ୍‌ପାଲ ସିଂ, ହର୍ମିକ ସିଂ, ଭି. ଭାସ୍କରନ୍, ଅଶୋକ କୁମାର, ବି.ପି. ଗୋବିନ୍ଦା, ଭି.ଜେ. ଫିଲିପ୍ସ, ଅଜିତ ସିଂ, ହରଚରଣ ସିଂ ଓ ଚାନ୍ଦ ସିଂ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୨୫/୨୦୧୮ Bhubaneswar, Thursday, October 25/ 2018

# ୨ବର୍ଷ ହେଲା ବସିନି ଆର୍‌ପିଡିଏସି ବୈଠକ

- ଜାଲ୍ ପ୍ରମାଣପତ୍ରରେ ନିଯୁକ୍ତି ପାଉଛନ୍ତି ରାଜ୍ୟ ବାହାର ଲୋକ
- ସମୀକ୍ଷା ହେଉନି ପାରିପାର୍ଶ୍ୱିକ ଉନ୍ନତି
- ନାମକୁ ମାତ୍ର ବିସ୍ଥାପନ ଓ ଥଇଥାନ ନୀତି-୨୦୦୬

ଯାଜପୁର ଅଫିସ/ କଳିଙ୍ଗନଗର (ଡି.ଏନ.ଏ.),୨୪।୧୦

ଶିଳ୍ପ ବହୁଳ ଯାଜପୁର ଜିଲାରେ ଆରପିଡିଏସି (ରିହାବିଲିଟେଶନ ଆଣ୍ଡ ପେରିଫରିଆଲ ଡେଭଲପମେଣ୍ଟ ଆଡଭାଇଜରି କମିଟି) ବୈଠକ ଅନିୟମିତ ଢଙ୍ଗରେ ଚାଲିଛି । ପ୍ରତି ୩ମାସରେ ଆର୍‌ପିଡିଏସି ବୈଠକ ବସିବାର ନୀତି ନିର୍ଦ୍ଧାରଣ ହୋଇଥିଲେ ହେଁ ଗତ ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ବୈଠକ ବସି ନାହିଁ ଫଳସ୍ୱରୂପ ପାରିପାର୍ଶ୍ୱିକ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା ହୋଇ ପାରୁ ନାହିଁ। ଆଉ ଯେଉଁଥିପାଇଁ ଶିଳ୍ପ ପ୍ରଭାବିତ ଅଞ୍ଚଳରେ ଦ୍ୱନ୍ଦ୍ୱ ଏବଂ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ଖାଲି ସେତିକି ନୁହେଁ ବାହାର ରାଜ୍ୟର କେତେକ ଶିକ୍ଷିତ ଯୁବତୀଯୁବକ ଜାଲ ପ୍ରମାଣପତ୍ର ବଳରେ କଳିଙ୍ଗନଗର ବିଭିନ୍ନ ଶିଳ୍ପ କମ୍ପାନୀରେ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ନିକଟରେ ଧରିତ୍ରୀରେ ଏନେଇ ଖବର ପ୍ରକାଶ ପାଇବା ପରେ ଟାଟା ଷ୍ଟିଲ୍‌ରେ କାମ କରୁଥିବା ପ୍ରାୟ ୩୦୦କର୍ମଚାରୀଙ୍କୁ ନୋଟିସ ଦେଇ ବାହାର କରି ଦିଆଯାଇଥିବା ସୂଚନା ମିଳିଛି। ତେବେ ବଦନାମ ଭୟରେ ଏହାକୁ ଭିତିରିଆ ଭାବେ ସମାଧାନ ହୋଇଥିବା କୁହାଯାଉଛି ।

ଅଭିଜ୍ଞତା ନ ଥିଲେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ନିଯୁକ୍ତି ନାହିଁ ବୋଲି କୁହାଯାଉଛି। କିନ୍ତୁ ଏପଟେ ଜାମସେଦପୁର, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଛତିଶଗଡ଼ ଆଦି ରାଜ୍ୟରୁ ହଜାର ହଜାର ଲୋକଙ୍କୁ ଏଠାରେ ନିଯୁକ୍ତି ମିଳୁଛି। ତାହା ପୁଣି ଜାଲ ପ୍ରମାଣପତ୍ର ବଳରେ। ଏହାର ଏକ ବିଧିବଦ୍ଧ ତଦନ୍ତ କରାଗଲେ ବାସ୍ତବ ଚିତ୍ର ଲୋକଲୋଚନକୁ ଆସି ପାରିବ ବୋଲି ଦାବି ହେଉଛି। ଅନ୍ୟପକ୍ଷେ ବିଭିନ୍ନ ବୈଷୟିକ ଡିଗ୍ରୀଧାରୀଙ୍କ ସମେତ ଜିଲାରେ ପ୍ରାୟ ୫୦ହଜାର ଯୁବତୀଯୁବକ ବେକାର ହୋଇ ବସିଛନ୍ତି। ଆର୍‌ପିଡିଏସି ବୈଠକ ବେଶ୍ ଅନିୟମିତ ଢଙ୍ଗରେ ଚାଲିଥିବାରୁ ବେକାରି ସମସ୍ୟାର ସମାଧାନ ନ ହେଇ କ୍ରମଶଃ ଉତ୍କଟ ହେବାରେ ଲାଗିଛି। ବିଡ଼ମ୍ବନା ଯେ, ଯାଜପୁର ଜିଲାର ଲୋକ ପ୍ରତିନିଧିମାନେ ମଧ୍ୟ ଏନେଇ ଚୁପ ହୋଇ ବସିଛନ୍ତି। ଅଥଚ ଜିଲା ବାହାରର କେତେକ ବିଧାୟକ ବିଧାନସଭାରେ ପ୍ରଶ୍ନ ଉତ୍ଥାପନ କରିବା ସହିତ ଶିଳ୍ପମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି। କେନ୍ଦୁଝର ଜିଲା ଚମ୍ପୁଆ ବିଧାନସଭା ମଣ୍ଡଳୀର ବିଧାୟକ ସନାତନ ମହାକୁଡଙ୍କ ପତ୍ର ଆଧାରରେ ଗତ ଜାନୁୟାରୀ ମାସରେ ଶିଳ୍ପ ନିର୍ଦ୍ଦେଶକ, କଟକ ଏବଂ ଷ୍ଟିଲ ଓ ମାଇନ୍ସ ବିଭାଗର ଯୁଗ୍ମ ସଚିବଙ୍କୁ ସ୍ଥାନୀୟ ନିଯୁକ୍ତି ଉପରେ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଜାରି ହୋଇଥିଲା। ହେଲେ ଏପର୍ଯ୍ୟନ୍ତ କୌଣସି ଲାଭ ମିଳିନାହିଁ। ପ୍ରତି ୩ ମାସରେ ଆର୍‌ପିଡିଏସି ବୈଠକ ବସିବାର ନୀତି ନିର୍ଦ୍ଧାରଣ ହୋଇଥିଲେ ହେଁ ଗତ ୨ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ବୈଠକ ବସିନାହିଁ । ଫଳସ୍ୱରୂପ ପାରିପାର୍ଶ୍ୱିକ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା ମଧ୍ୟ ହୋଇ ପାରୁ ନାହିଁ। ଶିଳ୍ପାୟନ ପ୍ରକ୍ରିୟାରେ ବିସ୍ଥାପିତ ଲୋକେ ଅଧିକାଂଶ କ୍ଷେତ୍ରରେ ପ୍ରତାରିତ ହେଉଛନ୍ତି । ସେମାନଙ୍କ ତ୍ୟାଗ ଓ ବଳିଦାନରେ ଶିଳ୍ପ ବିକାଶ ହେଉଛି ସତ ଅଥଚ ସେମାନେ ଉପେକ୍ଷିତ ହେଉଛନ୍ତି । ଶିଳ୍ପ ସଂସ୍ଥାଗୁଡିକ ଲୋକଙ୍କୁ ବିସ୍ଥାପିତ କରି ପ୍ରତାରିତ ନ କରନ୍ତୁ ବରଂ ବିସ୍ଥାପିତଙ୍କ ବିକାଶ ଓ ନିଯୁକ୍ତି ପ୍ରକ୍ରିୟାରେ ଭାଗୀଦାର କରନ୍ତୁ ବୋଲି ଦାବି ହୋଇ ଆସୁଥିଲେ ହେଁ ତାହା ଫଳପ୍ରଦ ହୋଇପାରୁ ନାହିଁ । ଜିଲାରେ ଗତ ତିନି ଦଶନ୍ଧି ହେଲା ଶିଳ୍ପ ଅଭିବୃଦ୍ଧି ଘଟିଛି। ଏଥିପାଇଁ ଥିବା ସରକାରୀ ନିର୍ଦ୍ଦେଶ ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ଯେଉଁ ଅନୁପାତରେ ଶିଳ୍ପ ବଢୁଛି ତା ଠାରୁ ବହୁଗୁଣିତ ହୋଇଛି ସମସ୍ୟା। ଶିଳ୍ପଗୁଡିକର କାରନାମା ନେଇ ଦେଖାଦେଇଥିବା ଦ୍ୱନ୍ଦ୍ୱ ବି କିଛି କମ୍ ନୁହେଁ। ଏହାର ସମାଧାନ ପାଇଁ ୨୦୦୬ମସିହାରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିସ୍ଥାପନ ଓ ଥଇଥାନ ନୀତି-୨୦୦୬ ପ୍ରଣୟନ କରାଯାଇଛି। ଉକ୍ତ ନୀତି ଅନୁଯାୟୀ ଶିଳ୍ପସମୃଦ୍ଧ ଜିଲାଗୁଡିକରେ ଏକ ଆର୍‌ପିଡିଏସି ଗଠନ କରାଯାଇଛି। ଆରଡିସି ଉକ୍ତ କମିଟିର ଅଧ୍ୟକ୍ଷ ରହିଥିବାବେଳେ ସମ୍ପୃକ୍ତ ଜିଲାର ଜିଲାପାଳମାନେ ଏହାର ଆବାହକ ରହିଛନ୍ତି। ଏହିକ୍ରମରେ ୨୦୧୬ ସେପ୍ଟେମ୍ବର ମାସ ୧୪ତାରିଖରେ ଶେଷଥର ପାଇଁ ଆର୍‌ପିଡିଏସି ବୈଠକ ବସିଥିଲା। ତତ୍କାଳୀନ ଆରଡିସି ଅଖିଳ ବିହାରୀ ଓତା ବୈଠକରେ ବିସ୍ଥାପିତ ସମସ୍ୟାର ସମାଧାନ, ବିସ୍ଥାପିତ ପରିଚୟ ପତ୍ର ଓ ପଟ୍ଟା ବଣ୍ଟନ ଏବଂ ପାରିପାର୍ଶ୍ୱିକ ଉନ୍ନୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ହେଲେ ଏହି ୨ବର୍ଷ ମଧ୍ୟରେ ବୈଠକର ଆଲୋଚନା ଓ ନିଷ୍ପତ୍ତି ଉପରେ ଅଗ୍ରଗତି ନୈରାଶ୍ୟଜନକ ହୋଇଛି। ବେକାରୀ ବଢୁଥିବାବେଳେ ପ୍ରଶାସନ ଚୁପ ରହି ବସିଯାଉଛି । ଏଥିଯୋଗୁ ଅନେକ ସମୟରେ କାରଖାନା ପ୍ରଭାବିତ ଅଞ୍ଚଳରେ ଦ୍ୱନ୍ଦ୍ୱ ଦେଖାଦେବା ସହିତ ପରବର୍ତ୍ତୀ ସମୟରେ ଧାରଣା, ବିକ୍ଷୋଭ ଭଳି ପରିସ୍ଥିତି ସୃଷ୍ଟି କରୁଛି। ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଆନ୍ଦୋଳନ ଓ ଧାରଣା ତଥା ବିକ୍ଷୋଭ କରିବାକୁ ପ୍ରସ୍ତୁତି ଚାଲିଛି। ଆର୍‌ପିଡିଏସିର କାର୍ଯ୍ୟଶୈଳୀକୁ ଅଧିକ ବ୍ୟବସ୍ଥିତ ଓ ଶୃଙ୍ଖଳିତ ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ତାଗିଦ କରାଯାଉଛି । ତଥାପି କିଛି ଫଳପ୍ରଦ ହେଉନାହିଁ। ଏସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି ଆରପିଡିଏସି ବୈଠକ ପାଇଁ ପ୍ରସ୍ତାବ ଯାଇଛି। ଖୁବଶୀଘ୍ର ପରବର୍ତ୍ତୀ ବୈଠକ ବସିବାର ଆଶା କରାଯାଉଛି ।

## କୋକ୍ ବୋଝେଇ ଟ୍ରକ୍ ଜବତ, ୩ ଗିରଫ

ଚଣ୍ଡିଖୋଲ, ୨୪।୧୦(ଡି.ଏନ୍.ଏ.)

ଚଣ୍ଡିଖୋଲ ଫାଣ୍ଡି ପୋଲିସ ବୁଧବାର ଜାତୀୟ ରାଜପଥରେ ଚଢାଉ କରି ବେଆଇନ ଭାବେ ପରିବହନ ହେଉଥିବା ଏକ ଅଷ୍ଟ୍ରେଲିଆ କୋକ୍ (ଗୁଣ୍ଡ କୋଇଲା) ବୋଝେଇ ଟ୍ରକ୍ ଜବତ କରିଛି। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଗତପୁର ଥାନା ଅନ୍ତର୍ଗତ ପୂର୍ବକଛ ଗ୍ରାମର ଧନେଶ୍ୱର ସାହୁ, କମ୍ପାନୀ ମ୍ୟାନେଜର ରବୀନ୍ଦ୍ର ସାହୁ ଓ ଡ୍ରାଇଭର କୌଶର ଅଲ୍ଲୀ। ଜବତ କୋଇଲା


ଗିରଫ ହୋଇଥିବା ୩ ଅଭିଯୁକ୍ତ ।

ଗୁଣ୍ଡ ୯ ଟନ୍ ୨ କୁଇଣ୍ଟାଲ ୫୦ କେଜି ହୋଇଥିବାବେଳେ ଏହାର ମୂଲ୍ୟ ୪୬ ହଜାର ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି। ଏ ନେଇ ବଡ଼ଚଣା ପୋଲିସ ଏକ ମାମଲା (୨୩୦/୧୮) ରୁଜୁ କରି ଅଭିଯୁକ୍ତମାନଙ୍କୁ ଚଣ୍ଡିଖୋଲ କୋର୍ଟ ଚାଲଣ କରିଛି। ଜଗତପୁର ଅଞ୍ଚଳରେ ବେଆଇନ ଭାବେ ଚୋରା ଅଷ୍ଟ୍ରେଲିଆ କୋକ୍ ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଛି। ଏ ନେଇ ଯାଜପୁର ଏସ୍‌ପି ଜାତୀୟ ରାଜପଥରେ ଚଢାଉ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୁଧବାର ସକାଳେ ଜଗତପୁର ଅଞ୍ଚଳରୁ (ଓଆର-୦୫-ଏସି- ୭୭୬୪) ନମ୍ବର ବିଶିଷ୍ଟ ଏକ ଟ୍ରକ୍ ଅଷ୍ଟ୍ରେଲିଆ କୋକ୍ ବୋଝେଇ କରି ଆସୁଥିଲା। ଚଣ୍ଡିଖୋଲ ଛକରୁ ଡୁବୁରୀ ଆଡ଼କୁ ଯିବା ସମୟରେ ପୋଲିସ ସମ୍ପୃକ୍ତ ଗାଡ଼ିକୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲା। କାଗଜପତ୍ର ଦେଖାଇ ନ ପାରିବାରୁ ଯାଜପୁର ଏସ୍‌ଡିପିଓ କେଦାରନାଥ ସାହୁ ଗାଡ଼ିଟିକୁ ଜବତ କରି ଚଣ୍ଡିଖୋଲ ଫାଣ୍ଡିକୁ ଆଣିଥିଲେ। ଏଥିସହ ଘଟଣାରେ ସମ୍ପୃକ୍ତ କୋଇଲା ବ୍ୟବସାୟୀ ଧନେଶ୍ୱର ସାହୁ, ଉକ୍ତ ଗ୍ରାମର କମ୍ପାନୀ ମ୍ୟାନେଜର ରବୀନ୍ଦ୍ର ସାହୁ ଓ ଡ୍ରାଇଭର କୌଶର ଅଲ୍ଲୀଙ୍କୁ ଗିରଫ କରିଥିଲା। ଚଢାଉରେ ଏସ୍‌ଡିପିଓ ସାହୁଙ୍କ ସମେତ ବଡ଼ଚଣା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର , ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ନାରାୟଣ ଚନ୍ଦ୍ର ବେହେରା, ଜଗଦିଶ କର ପ୍ରମୁଖ ସାମିଲ ହୋଇଥିଲେ।

## ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

କଳିଙ୍ଗନଗର, ୨୪।୧୦(ଡି.ଏନ୍.ଏ.)

ସୋଲେଇ ଗ୍ରାମ ଆଡିବନ୍ଧରେ ଥିବା ଜଳାଶୟରେ ବୁଡି ବୁଧବାର ଜଣେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳି ପାରି ନ ଥିବା ବେଳେ ବୟସ ୫୦ରୁ ଊର୍ଦ୍ଧ୍ୱ ହେବ। ମୃତ ବ୍ୟକ୍ତି ଜଣଙ୍କ ଏକ ବ୍ଲୁ ରଙ୍ଗର ବାନିୟନ ଓ ଗାମୁଛା ପିନ୍ଧିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା (୨୪/୧୮)ରୁଜୁ କରି ଦାନଗଦୀ ଡାକ୍ତର ଖାନାରେ ଶବ ବ୍ୟବଚ୍ଛେଦ କରିଛି। ମା' ମଙ୍ଗଳା କ୍ଲବର ପିଲାମାନେ ଆଡିବନ୍ଧ ନିକଟରେ ଗାଧୋଉଥିବା ବେଳେ ହଠାତ ସେହି ବ୍ୟକ୍ତି ଜଣଙ୍କ ପାଣିରେ ବୁଡିଯାଇଥିଲେ। କ୍ଲବ ପିଲାମାନେ ସେଠାରେ ପହଞ୍ଚି ଉକ୍ତ ବ୍ୟକ୍ତି ଜଣଙ୍କୁ ପାଣିରୁ ଉଦ୍ଧାର କରି ଦାନଗଦୀ ଡାକ୍ତରଖାନାକୁ ନେଇଥିଲେ।

## ସଂକ୍ଷେପରେ

### ଗଜଲକ୍ଷ୍ମୀ ପୂଜା, ଝଲସୁଛି ଛତିଆ

ଛତିଆ, ୨୪।୧୦(ଡି.ଏନ୍.ଏ.)- ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆଠାରେ ବିଭିନ୍ନ ବଜାରର ବଣିକ ସଂଘ ପକ୍ଷରୁ ବୁଧବାର ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଛତିଆରେ ୮ରୁ ଊର୍ଦ୍ଧ୍ୱ ପୂଜା ମଣ୍ଡପରେ ମା' ଅନ୍ନଧାତ୍ରୀ ପୂଜା ପାଉଛନ୍ତି । ଏହି ପୂଜା ୫ ଦିନ ଧରି ଅନୁଷ୍ଠିତ ହେବ। ଛତିଆ ବସ୍ ଷ୍ଟାଣ୍ଡ ସମେତ ସୋଲର ଛକ, ଜଗନ୍ନାଥ ବଜାର, ଅମରେଶ୍ୱର ବଜାର, କମ୍ପାନୀ ବଜାର, ବାଟମଙ୍ଗଳା ବଜାର, ବଟତଳ ବଜାର ଉତ୍ସବ ମୁଖର ହୋଇ ଉଠିଛି। ଗୁରୁବାରଠାରୁ ପୂଜା ମଣ୍ଡପଗୁଡିକରେ ଭଜନ ସମାରୋହ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ରଙ୍ଗବେରଙ୍ଗର ବିଦ୍ୟୁତ୍ ଆଲୋକ ମାଳା ସାଙ୍ଗକୁ ବିଭିନ୍ନ ତୋରଣରେ ମଣ୍ଡପଗୁଡିକରେ ମା' ଶୋଭା ପାଉଛନ୍ତି। ପୂଜା ପଣ୍ଡପରେ ମା'ଙ୍କ ଦର୍ଶନ ପାଇଁ ପ୍ରବଳ ଭିଡ ପରିଲକ୍ଷିତ ହୋଇଛି । ଶାନ୍ତି ଶୃଙ୍ଖଳା, ଟ୍ରାଫିକ୍ ସମସ୍ୟା ପାଇଁ ବୈରୀ ଥାନା ପକ୍ଷରୁ ବିଭିନ୍ନ ଛକମାନଙ୍କରେ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଛି।

### ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ଉତ୍ସବ

ଧର୍ମଶାଳା, ୨୪।୧୦(ଡି.ଏନ୍.ଏ.)- ଧର୍ମଶାଳା ବ୍ଲକ ଅନ୍ତର୍ଗତ ବାଣୀପୀଠ ବିଦ୍ୟାଳୟ ପରିସରରେ ବୁଧବାର ୧୯୮୬ ମସିହା ବ୍ୟାଚ୍‌ର ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦର ସଭାପତି ମୋଫିଜୁର ରହେମାନ ସଭାପତିତ୍ୱ କରିଥିଲେ। ସମ୍ପାଦକ ସଞ୍ଜୀବ କୁମାର ରାୟ ବିବରଣୀ ପାଠ, ଜ୍ଞାନେନ୍ଦ୍ର ମହାନ୍ତି ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଗତ ଦିନର ପ୍ରାକ୍ତନ ୧୦ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ସମ୍ବର୍ଦ୍ଧିତ ଶିକ୍ଷକମାନଙ୍କ ମଧ୍ୟରେ ବିନୋଦ ବିହାରୀ ଜେନା, ଉଗ୍ରସେନ ବଳ, ଶୁକଦେବ ପତି, ହୃଷୀକେଶ ଦାଶ, କୃଷ୍ଣଚନ୍ଦ୍ର ସାମଲ, ଉପେନ୍ଦ୍ର କବି, ଅରୁଣ କୁମାର ପାଢ଼ୀ, ନାରାୟଣ ଦତ୍ତ, ବର୍ତ୍ତମାନର ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ସାହୁ, ଶିକ୍ଷୟିତ୍ରୀ ଇନ୍ଦିରା ଦାଶ। ଆଶୁତୋଷ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ ।

### ମାଙ୍କଡା ପଥର ବୋଝେଇ ଟ୍ରାକ୍ଟର ଜବତ

ଛତିଆ, ୨୪।୧୦(ଡି.ଏନ୍.ଏ.)- ବୈରୀ ଥାନା ଅନ୍ତର୍ଗତ ବାରିମୁଳ ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ମାଙ୍କଡା ପଥର ବୋଝେଇ ଟ୍ରାକ୍ଟରକୁ ପୋଲିସ ଜବତ୍ କରବା ସହ ଡ୍ରାଭରକୁ ଥାନାରେ ଅଟକ ରଖିଛି। ବୈରୀ ଥାନା ଏଏସ୍ ଆଇ ଅନିଲ୍ ସାହୁ କୌଣସି ସୂତ୍ରରୁ ଖବର ପାଇ ବାରିମୁଳ ଗ୍ରାମରେ ଚଢାଉ କରି ଟ୍ରାକ୍ଟରକୁ ଜବତ କରିଥିଲେ।

## ଗିରିଧାରୀ ମନ୍ମଥ ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟ

ଛତିଆ, ୨୪।୧୦(ଡି.ଏନ୍.ଏ.)

ପାଟଣା କ୍ରିକେଟ୍ କ୍ଲବ୍ ଛତିଆ ଆନୁକୂଲ୍ୟରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ଗିରିଧାରୀ ମନ୍ମଥ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜିତ ହେବ। ଆସନ୍ତା ୨୭ରୁ ଟୁର୍ନାମେଣ୍ଟ ଆରମ୍ଭ ହୋଇ ୪ ତାରିଖରେ ଶେଷ ହେବ । ପ୍ରଥମ ଥର ପାଇଁ ସ୍ଥାନୀୟ ଅମରାବତୀ କ୍ରିକେଟ୍ ପଡିଆରେ ଖେଳାଯିବ । ଯାଜପୁର, କଟକ ଓ ଢେଙ୍କାନାଳ ଜିଲାରୁ ୧୦ଟି ଦଳ ଅଂଶ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି । ଚାମ୍ପିୟାନ ଓ ରନର୍ସ ଦଳକୁ ଟ୍ରଫି ସହିତ ଆର୍ଥିକ ରାଶି ପ୍ରଦାନ କରାଯିବ ବୋଲି କ୍ଲବ୍ ତରଫରୁ ସୂଚନା ଦିଆଯାଇଛି। ୨୭ ତାରିଖ ୱାଇ ସି ସି ସହିତ ବି ସି ସି,୨୮ ତାରିଖ ମିଲନ୍ ସହିତ ନାନକାର ଜଗତପୁର, ୨୯ ତାରିଖ ଜାରକା ସହିତ ଖୋସାଲପୁର,୩୦ ତାରିଖ ପିଙ୍ଗୁଆ (ଢେଙ୍କାନାଳ) ସହିତ ମଙ୍ଗରାଜପୁର ୩୧ ତାରିଖ ଖଙ୍କିରା (ଢେଙ୍କାନାଳ) ସହିତ ଆରୁହା ମଧ୍ୟରେ ଖେଳାଯିବ। ୨ ଏବଂ ୩ ତାରିଖ ସେମିଫାଇନାଲ୍ ଓ ୪ ତାରିଖରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ।

## ଲକ୍ଷ୍ମୀନଗର ପଞ୍ଚାୟତରେ ୧୦୭ ପରିବାରକୁ ରାଶନକାର୍ଡ ପ୍ରଦାନ

ରସୁଲପୁର,୨୪।୧୦(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନଗର ପଞ୍ଚାୟତରେ ବୁଧବାର ଅପରାହ୍ଣରେ ୧୦୭ଜଣ ପରିବାରକୁ ରାଶନକାର୍ଡ ପ୍ରଦାନ କରାଯାଇଛି। ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଡ ବଣ୍ଟନ ମେଳାରେ ସରପଞ୍ଚ ଗାୟତ୍ରୀ ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବରେ କୋରେଇ ବିଧାୟକ ପ୍ରତିନିଧି ପ୍ରହ୍ଲାଦ ପଣ୍ଡା ଯୋଗଦେଇ କାର୍ଡ ବଣ୍ଟନ କରିବା ସହ ନବୀନ ସରକାରଙ୍କ ଶାସନକାଳରେ କାହାରିକୁ ଭୋକିଲା ରହିବାକୁ ଦିଆଯିବ ନାହିଁ ବୋଲି ପ୍ରକାଶ କରିଥିଲେ। ରାଜ୍ୟ ସରକାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ପ୍ରଣୟନକରି ଲକ୍ଷାଧିକ ପରିବାରକୁ ଚାଉଳ ପ୍ରଦାନ କରିବା କାର୍ଯ୍ୟ ଆରମ୍ଭ କରିଛନ୍ତି। ଉକ୍ତ ଯୋଜନା କାର୍ଯ୍ୟକାରୀ ହେବା ଫଳରେ ମୁଖ୍ୟମନ୍ତ୍ରୀ ନବୀନ ବାବୁ ସାଧାରଣ ଓ ଗରୀବ ଲୋକଙ୍କ ଆସ୍ଥାଭାଜନ ହୋଇପାରିଛନ୍ତି ବୋଲି ଅତିଥିମାନ ମତ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମିତିସଭ୍ୟା ଅଞ୍ଜଳି ମହାନ୍ତି ଅତିଥି ଭାବରେ ଯୋଗଦେଇ ଥିଲେ। ଅତିଥିମାନେ ପଞ୍ଚାୟତର ୧୦୭ଟି ପରିବାରର ମହିଳା ସଦସ୍ୟଙ୍କୁ କାର୍ଡ ପ୍ରଦାନ କରିଥିଲେ। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନୀଲ ଅଙ୍ଗରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ବଦଳିଲେ ୪୭ ପୋଲିସ ଇନ୍ସପେକ୍ଟର

**୫ ଏସ୍‌ଆଇଙ୍କୁ ଇନ୍ସପେକ୍ଟର ର୍‍ୟାଙ୍କ୍‌କୁ ପଦୋନ୍ନତି**

କଟକ ଅଫିସ୍, ୨୪।୧୦

ଓଡ଼ିଶା ପୋଲିସରେ ବଡ଼ ଧରଣର ଅଦଳବଦଳ ହୋଇଛି। ୪୭ଜଣ ଇନ୍ସପେକ୍ଟରଙ୍କ ବଦଳି କରାଯାଇଥିବାବେଳେ ୫ ଏସ୍‌ଆଇଙ୍କୁ ଇନ୍ସପେକ୍ଟର ର୍‍ୟାଙ୍କ୍‌କୁ ପଦୋନ୍ନତି ମିଳିଛି। ପଦୋନ୍ନତି ପାଇଥିବା ଉକ୍ତ ଏସ୍‌ଆଇଙ୍କୁ ଅନ୍ୟ ସ୍ଥାନରେ ନିଯୁକ୍ତି ଦିଆଯାଇଛି। ଏନେଇ ବୁଧବାର ଓଡ଼ିଶା ପୋଲିସ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

ଇନ୍ସପେକ୍ଟର ଅଲ୍‌ବିଶ୍ ମୁଣ୍ଡାଙ୍କୁ ରାଉରକେଲାର ଅନ୍ୟ ସ୍ଥାନକୁ ବଦଳି କରାଯାଇଛି। ଇନ୍ସପେକ୍ଟର ଆଲୋକ ଜେନାଙ୍କୁ ବ୍ରହ୍ମପୁରରୁ ଓ ଅମିତାଭ ପାତ୍ରଙ୍କୁ ଯାଜପୁରରୁ କମିଶନରେଟ ପୋଲିସ, ଅର୍ଚ୍ଚନା ମଲ୍ଲିକଙ୍କୁ କେନ୍ଦୁଝରରୁ ଖୋର୍ଦ୍ଧା, ଆଶାଲତା ଜେନାଙ୍କୁ କମିଶନରେଟ ପୋଲିସରୁ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଷ୍ଟେଟ୍ ପୋଲିସ ଏକାଡେମୀ (ବିପିଏସ୍‌ପିଏ)କୁ ବଦଳି କରାଯାଇଛି। ଇନ୍ସପେକ୍ଟର ଆଶୁତୋଷ ମିଶ୍ରଙ୍କୁ ନୟାଗଡ଼ରୁ ଭଦ୍ରକ, ବାଳକୃଷ୍ଣ କଅଁରଙ୍କୁ କନ୍ଧମାଳରୁ ସମ୍ବଲପୁର, ଭବାନୀ ଶଙ୍କର ଖୁଣ୍ଟିଆଙ୍କୁ ବ୍ରହ୍ମପୁରରୁ ଖୋର୍ଦ୍ଧା, ବିବସ୍ୱ ପ୍ରଧାନଙ୍କୁ ଗଞ୍ଜାମରୁ ସୁନ୍ଦରଗଡ଼, ବିଚିତ୍ରନନ୍ଦ ସେଠୀଙ୍କୁ ଜଗତସିଂହପୁରରୁ ଯାଜପୁର, ବିଶ୍ୱରଞ୍ଜନ ସେନାପତିଙ୍କୁ ଯାଜପୁରରୁ କମିଶନରେଟ ପୋଲିସ, ବିଶ୍ୱଜିତ୍ ରାଉତରାୟଙ୍କୁ ପୁରୀରୁ ନୟାଗଡ଼, ଦେବଜାନୀ ନାୟକଙ୍କୁ କେନ୍ଦୁଝରରୁ ଅନୁଗୋଳ, ଦେବ ଗମାଙ୍ଗଙ୍କୁ କୋରାପୁଟରୁ ଭୁବନେଶ୍ୱର ଗୋଇନ୍ଦା ବିଭାଗ, ଦିଲୀପ ସାହୁଙ୍କୁ ଭଦ୍ରକରୁ ନବରଙ୍ଗପୁର, କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌ର ଗୀତି ରଞ୍ଜନ ମହାପାତ୍ରଙ୍କୁ ବଲାଙ୍ଗୀର, ଗୋକୁଳାନନ୍ଦ ସାହୁଙ୍କୁ ବଲାଙ୍ଗୀରରୁ ସୁନ୍ଦରଗଡ, ଜ୍ଞାନରଞ୍ଜନ ମିଶ୍ରଙ୍କୁ ବାଲେଶ୍ୱରରୁ କଟକ, ଜୟଦେବ ବିଶ୍ୱଜିତ୍‌ଙ୍କୁ କମିଶନରେଟ ପୋଲିସରୁ ପୁରୀ, ଯୁବରାଜ ସ୍ୱାଇଁଙ୍କୁ ପୁରୀରୁ ଅନୁଗୋଳ, କବିତା ସାହୁଙ୍କୁ ସ୍ପେଶାଲ ବ୍ରାଞ୍ଚରୁ ଭିଜିଲାନ୍ସ, କୃଷ୍ଣ ପ୍ରସାଦ ମିଶ୍ରଙ୍କୁ କମିଶନରେଟ ପୋଲିସରୁ ଜଗତସିଂହପୁର, କ୍ଷମା ସାଗର ପଣ୍ଡାଙ୍କୁ କେନ୍ଦ୍ରାପଡାରୁ ବାଲେଶ୍ୱର, ଲୋକେଶ୍ୱର ସାହୁଙ୍କୁ ସମ୍ବଲପୁରରୁ ବ୍ରହ୍ମପୁର, ମହେଶ୍ୱର ସେଠୀଙ୍କୁ ଜଗତସିଂହପୁରରୁ ନୟାଗଡ଼, ମନୋଜ କୁମାର ସ୍ୱାଇଁଙ୍କୁ କମିଶନରେଟ ପୋଲିସରୁ ଯାଜପୁର, ମୃତ୍ୟୁଞ୍ଜୟ ସ୍ୱାଇଁଙ୍କୁ ବ୍ରହ୍ମପୁରର ଅନ୍ୟ ସ୍ଥାନକୁ ବଦଳି କରାଯାଇଛି। ସେହିପରି ଇନ୍ସପେକ୍ଟର ନିର୍ମଳ ଗୋଛାୟତଙ୍କୁ ଅନୁଗୋଳରୁ ପୁରୀ, ପ୍ରଦୀପ ପଟ୍ଟନାୟକଙ୍କୁ ବ୍ରହ୍ମପୁରରୁ ଭୁବନେଶ୍ୱର ଏସ୍‌ଆଇଡବ୍ଲ୍ୟୁ, ଭିଜିଲାନ୍ସର ପ୍ରକାଶ ଜେନାଙ୍କୁ ସମ୍ବଲପୁର, ପ୍ରଶାନ୍ତ ଭୁପତିଙ୍କୁ ଗଜପତିରୁ ରାୟଗଡା, ପ୍ରିୟବ୍ରତ ଦାସଙ୍କୁ କେନ୍ଦ୍ରାପଡାରୁ ଅନୁଗୋଳ, ରଜନୀକାନ୍ତ ସାମଲଙ୍କୁ ସମ୍ବଲପୁରରୁ ଜଗତସିଂହପୁର, ରାଜେନ୍ଦ୍ର ନାୟକଙ୍କୁ ବ୍ରହ୍ମପୁରରୁ ଭିଜିଲାନ୍ସ, ରାମ ମୁର୍ମୁଙ୍କୁ ଭଦ୍ରକରୁ କେନ୍ଦ୍ରାପଡା, ଅନୁଗୋଳ ପିଟିସି (ପୋଲିସ ଟ୍ରେନିଂ କଲେଜ)ର ରଞ୍ଜନ ପଟ୍ଟନାୟକଙ୍କୁ ରାଉରକେଲା ଜିଆର୍‌ପି, ସବ୍ୟସଚୀ ରାଉତଙ୍କୁ ଅନୁଗୋଳରୁ କଟକ ଜିଆର୍‌ପି, କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁର ସଲିଳ ପ୍ରଧାନଙ୍କୁ କେନ୍ଦ୍ରାପଡା, ସରସ୍ୱତୀ ଶତପଥୀଙ୍କୁ ଜଗତସିଂହପୁରରୁ ବଲାଙ୍ଗୀର, ସତ୍ୟଜିତ୍ ଦାସଙ୍କୁ ମୟୂରଭଞ୍ଜରୁ କମିଶନରେଟ ପୋଲିସ, ଶୁଭ୍ରାଂଶୁ ଶେଖର ନାୟକଙ୍କୁ ଜଗତସିଂହପୁରରୁ ବାଲେଶ୍ୱର, ଭିଜିଲାନ୍ସର ସୁଦର୍ଶନ ପଣ୍ଡାଙ୍କୁ କେନ୍ଦୁଝର, ସ୍ପେଶାଲ ବ୍ରାଞ୍ଚର ସୁନୀଲ ପ୍ରଧାନଙ୍କୁ ନୟାଗଡ, କେନ୍ଦୁଝରର ସ୍ୱର୍ଣ୍ଣଲତା ପାଣିଗ୍ରାହୀଙ୍କୁ କ୍ରାଇମବ୍ରାଞ୍ଚର ଇଓଡବ୍ଲ୍ୟୁ, କଳାହାଣ୍ଡିର ତିଳୋତ୍ତମା ନାୟକଙ୍କୁ କୋରାପୁଟ, ସମ୍ବଲପୁରର ତୋଫନ ବାଗ୍‌ଙ୍କୁ ବ୍ରହ୍ମପୁର ଓ ଇନ୍ସପେକ୍ଟର ଶ୍ରୀକାନ୍ତ ତ୍ରିପାଠୀଙ୍କୁ ଅନୁଗୋଳ ପିଟିସିର ଅନ୍ୟ ସ୍ଥାନକୁ ବଦଳି କରାଯାଇଛି।

ଅନ୍ୟପକ୍ଷରେ ଇନ୍ସପେକ୍ଟର ର୍‍ୟାଙ୍କ୍‌କୁ ପଦୋନ୍ନତି ପାଇଥିବା ଭଦ୍ରକର ଏସ୍‌ଆଇ ଶଙ୍କର ପ୍ରସାଦ ଦ୍ୱିବେଦୀ, ଅନୁଗୋଳର ତାପସ ଭୋଇ, ବରଗଡ଼ର ରଞ୍ଜିତ୍ ନାୟକଙ୍କୁ ଅନୁଗୋଳ ପିଟିସିରେ ନିଯୁକ୍ତି ଦିଆଯାଇଥିବାବେଳେ ଭଦ୍ରକର ପୂର୍ଣ୍ଣଚନ୍ଦ୍ର ଗୋଛାୟତ ଏବଂ କଟକର ଦେବେନ୍ଦ୍ର ମହାପାତ୍ରଙ୍କୁ ଯଥାକ୍ରମେ ଯାଜପୁର ଏବଂ ଜଗତସିଂହପୁର ଜିଲାରେ ନିଯୁକ୍ତି ଦିଆଯାଇଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ

## ସଂକ୍ଷେପରେ

### ବେଆଇନ୍ ବାଲି ଉଠାଣ ବେଳେ ୧୩ ଟ୍ରାକ୍ଟର ଜବତ

**ବିରଜାକ୍ଷେତ୍ର,୨୪।୧୦(ଡି.ଏନ୍.ଏ):** ଯାଜପୁର ଟାଉନ ଥାନା, ଯାଜପୁର ସଦର ଥାନା ଓ ଯାଜପୁର ତହସିଲ ପକ୍ଷରୁ ବିଭିନ୍ନ ନଦୀପଠାରୁ ବେଆଇନ ଭାବେ ବାଲି ଉଠାଣ କରୁଥିବା ୧୩ଟି ଟ୍ରାକ୍ଟରକୁ ଜବତ କରି ଅଟକ ରଖାଯାଇଛି। ବୁଢ଼ା ନଦୀ ଓ ବୈତରଣୀ ନଦୀପଠାରୁ ବେଆଇନ ଭାବେ ବାଲି ଉଠାଣ ହେଉଥିବା ଖବରପାଇ ଯାଜପୁର ତହସିଲଦାର ସୁନୀଲ କୁମାର ମେହେର ଯାଜପୁର ଟାଉନ-ଷଠିପୁର ରାସ୍ତାର କମାଗଡ଼ଠାରେ ୩ଟି ଟ୍ରାକ୍ଟର ଜବତ କରି ଯାଜପୁର ଟାଉନ ଥାନାରେ ଅଟକ ରଖିଛନ୍ତି। ସେହିପରି ଏସ୍‌ଡିପିଓ ପ୍ରଶାନ୍ତ କୁମାର ମଲ୍ଲଙ୍କ ନିର୍ଦ୍ଦେଶକ୍ରମେ ଯାଜପୁର ଟାଉନ ଥାନାର ଭାରପ୍ରାପ୍ତ ଥାନାଧିକାରୀ ମାନସ ରଞ୍ଜନ ଚକ୍ର ଓ ଯାଜପୁର ସଦର ଥାନାଧିକାରୀ ଦୁଷ୍ମନ୍ତ ନାୟକ ବୁଢ଼ା ନଦୀଘାଟରୁ ବେଆଇନ ଭାବେ ବାଲି ଉଠୁଥିବା ୯ଟି ଟ୍ରାକ୍ଟରକୁ ଜବତ କରିଥିଲେ। ଯାଜପୁର ସଦର ଥାନା ୪ଟି ଟ୍ରାକ୍ଟରକୁ ଅଟକ ରଖିଥିବା ବେଳେ ଯାଜପୁର ଥାନା ୯ଟି ଟ୍ରାକ୍ଟରକୁ ଅଟକ ରଖିଛନ୍ତି ।

# କୁମାରୀ ବେଶରେ ପୂଜା ପାଇଲେ ମା’ ବିରଜା

**ବିରଜାକ୍ଷେତ୍ର,୨୪।୧୦(ଡି.ଏନ୍.ଏ)**

ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ତଥା ୧୧ତମ ଶକ୍ତିପୀଠ ମା’ ବିରଜାଙ୍କ କୁମାର ଉତ୍ସବ ବୁଧବାର ମହାସମାରୋହରେ ପାଳିତ ହୋଇଯାଇଛି। ବୁଧବାର ପ୍ରାତଃରୁ ପାଳିଆ ସେବାୟତମାନେ ମା’ ବିରଜାଙ୍କୁ ସ୍ନାନ କରି ଚନ୍ଦନ ଓ ସୁନାବେଶ ସହ ବଡ଼ସିଂହାର ବେଶରେ ସଜ୍ଜିତ କରାଇ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରଥିଲେ। ଏହାପରେ ମଧ୍ୟାହ୍ନରେ ନୀତି ଲଗାଇ ପହୁଡ଼ କରିଥିଲେ। ଅପରାହ୍ନରେ ପହୁଡ଼ ଖୋଲିବା ପରେ ସନ୍ଧ୍ୟାରେ ଆଳତୀ ହୋଇ ମା’ ବିରଜାଙ୍କ କୁମାର ପୂର୍ଣ୍ଣିମା ପୂଜା ଉତ୍ସବ ପରମ୍ପରା ଅନୁଯାୟୀ ହୋଇଥିଲା। ମା’ ବିରଜା ମନ୍ଦିର ଧର୍ମାଧିକାରୀ, ପୁରୋଧା ଓ ପୂଜକ ଗହଣରେ ମା’ଙ୍କ ରତ୍ନ ସିଂହାସନରେ ଘଟ ସ୍ଥାପନ ହୋଇ ପୂଜାର୍ଚ୍ଚନା ହୋଇସାରିବା ପରେ ଅକ୍ଷୟ



କ୍ରୀଡ଼ା ହୋଇଥିଲା। ଏହାପରେ ନଡ଼ିଆ, ଖଇ ମା’ଙ୍କୁ ଭୋଗ ଲାଗି ହୋଇଥିଲା। କୁମାର ଉତ୍ସବ ଅବସରରେ ମା’ଙ୍କ ବିଶେଷ ଷୋଡ଼ଶୋପଚାର ପୂଜା ଓ ଦୁର୍ଗାପୂଜାରେ ପୂଜା କରିଥିବା ପୁରୋଧା ଜ୍ଞାନରଞ୍ଜନ ପତିଙ୍କୁ ପୂଜକ ସତ୍ୟନାରାୟଣ କର ଓ ନାଗେନ୍ଦ୍ର ଭୂଷଣ କର ଶିରୋପା ପ୍ରଦାନ କରିଥିଲେ। ରାତ୍ରିରେ ରୀତିନୀତି ଅନୁଯାୟୀ ନୀତିଲାଗି ଆଳତୀ ହେବାପରେ ରାତ୍ର ୧୦ଟାରେ ପହୁଡ଼ ହୋଇଥିଲା। ମା’ଙ୍କ କୁମାରୀ ବେଶ ବା କୁମାର ଉତ୍ସବ ଦେଖିବା ପାଇଁ ସକାଳୁ ରାତ୍ରି ପର୍ଯ୍ୟନ୍ତ ମା’ଙ୍କ ମନ୍ଦିରରେ ଭକ୍ତଙ୍କ ଗହଳି ଲାଗି ରହିଥିଲା। ବିଶେଷ କରି ସନ୍ଧ୍ୟାରେ ମା’ଙ୍କ କୁମାରୀ ବେଶ ଦେଖିବା ପାଇଁ କୁମାରୀଙ୍କ ପ୍ରବଳ ଭିଡ଼ ମନ୍ଦିରରେ ଦେଖିବାକୁ ମିଳିଥିଲା। ମନ୍ଦିର ପରିଚାଳକ ତଥା ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମନ୍ଦିରର ଗୁମାସ୍ତାମାନେ ଏହି ଉତ୍ସବରେ ସହଯୋଗ କରିଥିଲେ।

# ନଦୀବନ୍ଧ ସୁରକ୍ଷା ପାଚେରି ଭିତ୍ତିପ୍ରସ୍ତର ସ୍ଥାପନ



ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ କେଲୁଅ ନଦୀଠାରେ ଶିଳାନ୍ୟାସ କରୁଛନ୍ତି।

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୨୪।୧୦(ଡି.ଏନ୍.ଏ./ ସ୍ୱପ୍ର)**

ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ନିଆଳିସ୍ଥିତ କେଲୁଅ ନଦୀ ବନ୍ଧର ସୁରକ୍ଷା ନିମନ୍ତେ ୨ କୋଟି ୫୨ ଲକ୍ଷ ଅଟକଳରେ ନିର୍ମିତ ହେବାକୁ ଥିବା ପାଚେରିର ଭିତ୍ତିପ୍ରସ୍ତର ସ୍ଥାପନ ବୁଧବାର ବଡ଼ଚଣା ବିଧାୟକ ତଥା ସରକାରୀ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀଙ୍କ ଦ୍ୱାରା ହୋଇଯାଇଛି। ଏହି ଅବସରରେ ବିଧାୟକ ଏହି ବ୍ଲକ ଅନ୍ତର୍ଗତ ବନ୍ୟା ପ୍ଲାବିତ୍ ଅଞ୍ଚଳ ବଡ଼ବାଲିକୁଦା, ବରପଦା, ସାଉଡ଼ିଆ, ରଇପୁର, କୋଳଣଗିରି ଆଦି ପଞ୍ଚାୟତବାସୀଙ୍କୁ ବନ୍ୟା ସମୟରେ ନଦୀରେ ସୃଷ୍ଟି ହେଉଥିବା ଘାଇର ଆଶଙ୍କା ରହିବ ନାହିଁ ବୋଲି କହିଥିଲେ। ବଡ଼ଚଣା ପଞ୍ଚାୟତ ସମିତିର ପୂର୍ବତନ ଉପାଧ୍ୟକ୍ଷ ପଞ୍ଚାନନ ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିଳାନ୍ୟାସ ଉତ୍ସବରେ ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ବାମା ଚରଣ ବିଶ୍ୱାଳ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ୭ଶହ ମିଟର ଲମ୍ବ ବିଶିଷ୍ଟ କେଲୁଅ ନଦୀର ବାମପାର୍ଶ୍ୱ ବନ୍ଧ ନିର୍ମାଣ ଦ୍ୱାରା ବନ୍ୟାର ଭୟ ଦୂରୀକରଣ ହୋଇପାରିବ। ଆସନ୍ତା ମାର୍ଚ୍ଚ ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ ହେବ ବୋଲି ବିଶ୍ୱାଳ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ବିପିନ ବିହାରୀ ଜେନା, ସରପଞ୍ଚ ଅନିଲ ପରିଡା, ବଉଳା ଦାସ, ସମରେନ୍ଦ୍ର ମହାପାତ୍ର, ଗଗନ ବିହାରୀ ସ୍ୱାଇଁ, ସମିତି ସଭ୍ୟା ପାର୍ବତୀ ଦାସ, ବ୍ରଜ କିଶୋର ସାମଲ, ନାରାୟଣ ଚନ୍ଦ୍ର ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ନାରାୟଣ ଚନ୍ଦ୍ର ନାୟକ ଓ ସହକାରୀ ଯନ୍ତ୍ରୀ ପ୍ରେମାନନ୍ଦ ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଜୁ ପକ୍କାଘର ଯୋଜନା ବାଟବଣା ଅଭିଯୋଗ

**ରତ୍ନଗିରି,୨୪।୧୦(ଡି.ଏନ.ଏ)**

ବିଜୁ ପକ୍କା ଘର ଯୋଜନାରେ ଅସହାୟ ତଥା ଗରିବ ହିତାଧିକାରୀଙ୍କୁ ବାସଗୃହ ଯୋଗାଇ ଦିଆଯିବା ପାଇଁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ମାତ୍ର ଏହି ଯୋଜନା ଦିଗହରା ହୋଇଥିବା ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳୁଛି। ଗରିବ ହିତାଧିକାରୀଙ୍କୁ ଏହି ଯୋଜନାର ସୁଫଳ ମିଳିବା ପରିବର୍ତ୍ତେ ଥିଲାବାଲା ଲୋକେ କେତେଜଣ ଶାସକ ଦଳର ନେତାଙ୍କୁ ହାତ କରି ଏହି ଯୋଜନାର ଲାଭ ଉଠାଉଥିବା ଅଭିଯୋଗ ହେଉଛି। କେବଳ ଦଳୀୟ କର୍ମୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏହା ଏକ ଅଭିନବ ପ୍ରୟାସ ବୋଲି ବରୀ ବ୍ଲକ ଅଧ୍ୟକ୍ଷା ସୁନନ୍ଦା ଦାସ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଥିବା ଜଣାପଡ଼ିଛି। ସୂଚନା ଯେ, ୨୦୧୮-୧୯ ଆର୍ଥିକ ବର୍ଷରେ ଏହି ବ୍ଲକ ପାଇଁ ବିଜୁ ପକ୍କା ଘର ଯୋଜନାରେ ୧୨୧ଟି ଗୃହ ଆବଣ୍ଟନ ପାଇଁ ଜିଲା ପ୍ରଶାସନ ତରଫରୁ ବ୍ଲକ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଆସିଥିଲା। ବ୍ଲକ କାର୍ଯ୍ୟାଳୟକୁ ଆସିଥିବା ତାଲିକା ମଧ୍ୟରେ ଦିବ୍ୟାଙ୍ଗ, ନିଃସହାୟ ଓ ବିଧବାଙ୍କୁ ଗୁରୁତ୍ୱ ଦିଆଯାଇ ନ ଥିବାରୁ କେତେଜଣ ହିତାଧିକାରୀ ଅଧ୍ୟକ୍ଷାଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ପରେ ଏହାକୁ ଗୁରୁତ୍ୱ ଦେଇ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ରିପୋର୍ଟ ଅଧ୍ୟକ୍ଷାଙ୍କ ନିକଟରେ ପହଞ୍ଚିବା ପରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ଦର୍ଶାଇଛନ୍ତି ଯେ, ବିଜୁ ପକ୍କା ଘର ଯୋଜନା ଏକ ସରକାରୀ ଯୋଜନା। କୌଣସି ରାଜନୈତିକ ଦଳର ନେତାଙ୍କ ହସ୍ତକ୍ଷେପ କରିବାର ଆବଶ୍ୟକତା ନାହିଁ, ଏହା ବରୀ ବ୍ଲକ ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ। ବେଆଇନ ଭାବେ ତଦନ୍ତ କରି ରିପୋର୍ଟ ଦାଖଲ କରିଥିବା କର୍ମଚାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଅଧ୍ୟକ୍ଷା ମୁଖ୍ୟମନ୍ତ୍ରୀ, ଜିଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ ଓ ବିଡିଓଙ୍କୁ ଅଧ୍ୟକ୍ଷା ଦାସ ଲିଖିତଭାବେ ଅଭିଯୋଗ କରିଛନ୍ତି।

# କୁମାର ପୂର୍ଣ୍ଣିମୀ ପାଇଁ ଗାଁ ଦାଣ୍ଡ ଉତ୍ସବମୁଖର



କୁମାରୀମାନେ ବୃନ୍ଦାବତୀ ମୂଳେ ବନ୍ଦାପନା କରୁଛନ୍ତି।

**କୋରେଇ,୨୪।୧୦(ସ୍ୱ.ପ୍ର)**

କୋରେଇ ଅଞ୍ଚଳର ପୁରପଲ୍ଲୀରେ କୁମାର ଉତ୍ସବ ବୁଧବାର ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ କୁମାରୀଙ୍କର ‘ଫୁଲ ବଉଳ ବେଣୀ’ ଗୀତରେ ଗାଁ ଦାଣ୍ଡ ଉତ୍ସବମୁଖର ହୋଇଉଠିଛି। ସହରରେ ରହି ପଢୁଥିବା ଝିଅମାନେ କୁମାର ପୂର୍ଣ୍ଣିମୀ ଓଷା ପାଇଁ ଗାଁକୁ ଆସିଛନ୍ତି। ସାଙ୍ଗସାଥୀ ମେଳରେ ନବମୀଠାରୁ ୭ଦିନ ଧରି ଝିଅମାନେ ସାହି ସାହି ବୁଲି ଏହି ଉତ୍ସବ ପାଳନ କରୁଛନ୍ତି। ବିଳମ୍ବିତ ରାତି ପର୍ଯ୍ୟନ୍ତ ସେମାନଙ୍କ ମଧ୍ୟରେ ନାଚ, ଗୀତ, ବରକନିଆଁ, ପୁଚି, ଲୁଚକାଳି ଆଦି ଖେଳର ପ୍ରତିଯୋଗିତା ହେଉଛି । ପୂର୍ଣ୍ଣିମୀ ଦିନ ଓଷା ଉଦ୍‌ଯାପିତ ହେଉଥିବାରୁ ବୁଧବାର ଝିଅମାନେ ଉପବାସ ପୂର୍ବକ ନବବସ୍ତ୍ର ପରିଧାନ କରି ବୃନ୍ଦାବତୀକୁ ସଜାଇଥିଲେ। ଚୋଉଁରାକୁ ଅଧିକ ସୁନ୍ଦର କରିବା ପାଇଁ ଝିଅମାନେ ପ୍ରତିଯୋଗିତାମୂଳକ ଭାବେ କଇଁ, ପଦ୍ମ ଫୁଲ ପକାଇବା ସହ ଜହ୍ନିଫୁଲରେ କୋଠି କାଟିବାର ଦୃଶ୍ୟ ବେଶ ଆକୃଷ୍ଟକର ହୋଇଥିଲା। ବୁଧବାର ପୂର୍ଣ୍ଣିମୀ ସନ୍ଧ୍ୟାରେ ତୁଳସୀ ଚଉଁରା ପୂଜାର୍ଚ୍ଚନା କରି ପୂର୍ଣ୍ଣିମୀ ଚାନ୍ଦ ଦେଖି ବନ୍ଦାପନା କରିବା ପରେ ଝିଅମାନେ ସାହି ସାହି ବୁଲି ଫୁଲ ବଉଳବେଣୀ ଗୀତ ବୋଲିଥିଲେ। ଅନ୍ୟପକ୍ଷେ ଏହି ପୂର୍ଣ୍ଣିମୀ ଅବସରରେ କୋରେଇର ବିଭିନ୍ନ ସ୍ଥାନରେ ଲକ୍ଷ୍ମୀପୂଜା ମହାସମାରୋହରେ ପାଳିତ ହେଉଛି । ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ମଧ୍ୟ ଲକ୍ଷ୍ମୀପୂଜା କରାଯାଉଥିବା ଦେଖିବାକୁ ମିଳିଛି।




# ରକ୍ତ ଦେଇ ବୃଦ୍ଧଙ୍କୁ ବଞ୍ଚାଇଲେ ଥାନାଧିକାରୀ

**ଯାଜପୁର ରୋଡ,୨୪।୧୦(ନି.ପ୍ର):** ଯାଜପୁର ରୋଡ ଥାନା ଅଧିକାରୀ ଅମିତାଭ ମହାପାତ୍ର ଜଣେ ନିରାଶ୍ରୟ ବୃଦ୍ଧଙ୍କୁ ରକ୍ତଦାନ କରି ତାଙ୍କ ଜୀବନ ବଞ୍ଚାଇଥିବା ଜଣାପଡ଼ିଛି। ଏହି ଘଟଣା ପରେ ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଛି। ପ୍ରକାଶ ଯେ, ଯାଜପୁର ରୋଡ-କେନ୍ଦୁଝର ଷ୍ଟେଶନ ସାମ୍ନାରେ ଜଣେ ନିରାଶ୍ରୟ ବୃଦ୍ଧ ସଂଜ୍ଞାହୀନ ହୋଇ ପଡ଼ିଥିବା ଥାନାଧିକାରୀ ମହାପାତ୍ର ଦେଖିଥିଲେ। ଏହାପରେ କ୍ଲବ୍ ଦି ୟୁଥ୍ ମାସ ସମ୍ପାଦକ ରାଜେଶ ରାଉତଙ୍କ ଜରିଆରେ ଉକ୍ତ ବୃଦ୍ଧଙ୍କୁ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ବୃଦ୍ଧଙ୍କ ଦେହରେ ରକ୍ତ ନ ଥିବାରୁ ସେ ରକ୍ତହୀନତା ଯୋଗୁ ସଂଜ୍ଞାହୀନ ହୋଇପଡ଼ିଥିଲେ। ବୃଦ୍ଧଙ୍କ ଜୀବନ ବଞ୍ଚାଇବା ପାଇଁ ୪ଟି ରକ୍ତର ଆବଶ୍ୟକ ପଡ଼ିଥିଲା। କିନ୍ତୁ ଯାଜପୁର ରୋଡ ରକ୍ତ ଭଣ୍ଡାରରେ ରକ୍ତ ନ ଥିବାରୁ ରକ୍ତଦାନ କରିବା ପାଇଁ କେତେଜଣ ସ୍ୱେଚ୍ଛାସେବୀଙ୍କୁ ଫୋନ୍ କରିଥିଲେ। କିନ୍ତୁ ବିଫଳ ହେବାରୁ ଥାନାଧିକାରୀ ମହାପାତ୍ର ନିଜେ ବୃଦ୍ଧଙ୍କୁ ରକ୍ତଦାନ କରିଥିଲେ ଓ ମେଡିସିନ୍ ଖର୍ଚ୍ଚ ପାଇଁ ଆର୍ଥିକ ସହାୟତା ମଧ୍ୟ ଦେଇଥିଲେ। ଫଳରେ ବୃଦ୍ଧଙ୍କ ଅବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇଥିଲା। ବୃଦ୍ଧଙ୍କୁ ଅବଶିଷ୍ଟ ରକ୍ତ ଯୁବ ସମାଜସେବୀକା ସଂଘମିତ୍ରା ଜେନା ଦେଇଥିଲେ। ଉଭୟଙ୍କୁ ରକ୍ତଦାତା ଓ ଜୀବନଦାତା ପରିବାର ପକ୍ଷରୁ ଧନ୍ୟବାଦ ଦିଆଯାଇଛି। ବୃଦ୍ଧଜଣକ ନିରାଶ୍ରୟ ହୋଇଥିବା ବେଳେ ପ୍ରାୟ ୧୦ ବର୍ଷ ହେବ ଯାଜପୁର ରୋଡ ରେଳଷ୍ଟେଶନରେ ଭିକ୍ଷାବୃତ୍ତି କରି ରହିଆସୁଥିଲେ।

## ପୂର୍ବ ତଟ ରେଳପଥ

### ଚୁକ୍ତିଭିତ୍ତିକ ମେଡ଼ିକାଲ ପ୍ରାକ୍ଟିସନର (CMP) ନିମନ୍ତେ ୱାକ୍-ଇନ୍-ଇଣ୍ଟରଭ୍ୟୁ

(1) ନିଯୁକ୍ତି ସୂଚନା ସଂ. 02/2018-CMP ତା.08.10.2018 ରିଖ

ପୂର୍ବ ତଟ ରେଳପଥ/ଖୋର୍ଦ୍ଧା ରୋଡ଼ ମଣ୍ଡଳ, ପୂର୍ଣ୍ଣକାଳୀନ ଚୁକ୍ତିଭିତ୍ତିକ ମେଡ଼ିକାଲ ପ୍ରାକ୍ଟିସନର (CMP) ଭାବେ ନିଯୁକ୍ତି ଦେବା ନିମନ୍ତେ ମୁକ୍ତ ବଜାର (Open Market)ରୁ ତଥା ଅବସରପ୍ରାପ୍ତ ରେଳବାଇ ଡାକ୍ତର ଏବଂ ଅବସରପ୍ରାପ୍ତ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ଡାକ୍ତରଙ୍କ ଏକ ନାମ ତାଲିକା ପ୍ରସ୍ତୁତ କରିବା ପାଇଁ ଚୁକ୍ତି ଭିତ୍ତିରେ **ଏକ ବର୍ଷ** ଅବଧି ନିମନ୍ତେ ଏକ ୱାକ୍-ଇନ୍-ଇଣ୍ଟରଭ୍ୟୁ ଆୟୋଜନ କରିବ। ସଂପୃକ୍ତ CMP ମାନଙ୍କ ସମ୍ମତି ଭିତ୍ତିରେ ପରବର୍ତ୍ତୀ ସମୟରେ ଏହାକୁ ପୁନର୍ବାର ବର୍ଷକୁ ବର୍ଷ ସାନି ଚୁକ୍ତି କରାଯାଇପାରିବ, ଯାହାକି 12 ବର୍ଷରୁ ଊର୍ଦ୍ଧ୍ୱ ଅବଧି ହେବ ନାହିଁ କିମ୍ବା IRMS ଦ୍ୱାରା ଚୟନ ହୋଇଥିବା ଡାକ୍ତରମାନଙ୍କୁ ଏହି ପଦରେ ନିଯୁକ୍ତି ପର୍ଯ୍ୟନ୍ତ କିମ୍ବା ଏହି ବ୍ୟବସ୍ଥା ଉପଲବ୍ଧ ଥିବା ପର୍ଯ୍ୟନ୍ତ ଯେଉଁଟି ପ୍ରଥମେ ହେବ, ସେହି ଅବଧି ପର୍ଯ୍ୟନ୍ତ ଏହି ନିଯୁକ୍ତି ବଳବତ୍ତର ରହିବ। ସବିଶେଷ ବିବରଣୀ ନିମ୍ନ ପ୍ରଦତ୍ତ ଅଟେ :

ଖାଲି ଥିବା ମୋଟ୍ ପଦବୀ: **02 (ଖୋର୍ଦ୍ଧା ରୋଡ଼ ମଣ୍ଡଳର ବ୍ରହ୍ମପୁର ହେଲ୍‌ଥ ୟୁନିଟ୍, କେନ୍ଦୁଝରଗଡ଼ - ଯଖପୁରା ସେକ୍ସନ ପ୍ରତ୍ୟେକଙ୍କ ପାଇଁ 01 ଗୋଟି ହିସାବରେ)।**

ଶିକ୍ଷାଗତ ଯୋଗ୍ୟତା/ଉପଯୁକ୍ତତା: ପ୍ରାର୍ଥୀ ଭାରତୀୟ ଚିକିତ୍ସା ପରିଷଦ(Indian Medical Council) ଦ୍ୱାରା ସ୍ୱୀକୃତ ସର୍ବନିମ୍ନ MBBS ଡିଗ୍ରୀ ପ୍ରାପ୍ତ କରିଥିବା ସହିତ ସେ ଏକ ବର୍ଷ ବାଧ୍ୟତାମୂଳକ ରୋଟେଟୋରୀ ଇଣ୍ଟର୍ଣ୍ଣସିପ୍ (Rotatory Internship)ସମାପ୍ତ ପରେ କିମ୍ବା ଭାରତୀୟ ଚିକିତ୍ସା ପରିଷଦରେ ଭାରତର ଯେକୌଣସି ରାଜ୍ୟ ଚିକିତ୍ସା ପରିଷଦରୁ ବୈଧ ରେଜିଷ୍ଟ୍ରେସନ ପ୍ରମାଣ ପତ୍ର ପାଇଥିବେ। ଅନ୍ୟ କୌଣସି ପ୍ରମାଣପତ୍ର ଗ୍ରହଣ କରାଯିବ ନାହିଁ।

ପାରିଶ୍ରମିକ: ପୂର୍ଣ୍ଣକାଳୀନ ଜେନେରାଲ ଡ୍ୟୁଟି ମେଡ଼ିକାଲ ଅଫିସର-CMP ମାନଙ୍କ ପାଇଁ ମାସିକ ପାରିଶ୍ରମିକ ଟ.75,000/-(HRA ଏବଂ ପରିବହନ ଭତ୍ତା ସହିତ)।

### ଅଂଶକାଳିକ (Part Time) ଚୁକ୍ତିଭିତ୍ତିକ ମହିଳା ଚିକିତ୍ସକ ନିଯୁକ୍ତି ନିମନ୍ତେ ୱାକ୍-ଇନ୍-ଇଣ୍ଟରଭ୍ୟୁ

(2) ନିଯୁକ୍ତି ସୂଚନା ସଂ. CMP.03/2018 ତା.08.10.2018 ରିଖ

ଏକ ବର୍ଷ ଅବଧି ନିମନ୍ତେ **ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନସ୍ଥ ହେଲ୍‌ଥ ୟୁନିଟ୍, ଅନୁଗୋଳ** ଠାରେ ଦୈନିକ **4** ଘଣ୍ଟା ଏବଂ ସପ୍ତାହରେ **6** ଦିନ ଡ୍ୟୁଟି ପାଇଁ ଚୁକ୍ତି ଭିତ୍ତିରେ **ଅଂଶକାଳିକ ମହିଳା ଚିକିତ୍ସକମାନଙ୍କ** ନିଯୁକ୍ତି ପ୍ରଦାନ କରିବା ନିମନ୍ତେ ଏକ ନାମ ତାଲିକା (Panel) ପ୍ରସ୍ତୁତ କରିବା ପାଇଁ ଏକ ୱାକ୍-ଇନ୍-ଇଣ୍ଟରଭ୍ୟୁ ର ଆୟୋଜନ କରାଯିବ। ପରବର୍ତ୍ତୀ ସମୟରେ ସଂପୃକ୍ତ ଅଂଶକାଳିକ ଚୁକ୍ତିଭିତ୍ତିକ ମହିଳା ଚିକିତ୍ସକମାନଙ୍କ ସମ୍ମତି ଭିତ୍ତିରେ ପ୍ରତି ବର୍ଷ ସାନି ଚୁକ୍ତି ଦ୍ୱାରା ଏହାକୁ ପୁନଃ ନବୀକରଣ କରାଯାଇପାରିବ, ଯାହାର ଅବଧି ସର୍ବାଧିକ 05 ବର୍ଷ ପର୍ଯ୍ୟନ୍ତ କିମ୍ବା ନିୟମିତ IRMS ଚିକିତ୍ସକ ଦ୍ୱାରା ଏହି ପଦବୀ ପୂରଣ ହେବା ପର୍ଯ୍ୟନ୍ତ କିମ୍ବା ଏହି ଯୋଜନା ଉପଲବ୍ଧ ଥିବା ପର୍ଯ୍ୟନ୍ତ, ଯେଉଁଠି ପ୍ରଥମେ ହେବ, ସେହି ପର୍ଯ୍ୟନ୍ତ ଏହି ଚୁକ୍ତି ବଳବତ୍ତର ରହିବ। ସବିଶେଷ ବିବରଣୀ ନିମ୍ନ ପ୍ରଦତ୍ତ ଅଟେ :

ଖାଲି ଥିବା ମୋଟ୍ ପଦବୀ : **01(ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନସ୍ଥ ହେଲ୍‌ଥ ୟୁନିଟ୍, ଅନୁଗୋଳ ଠାରେ 01 ଗୋଟି)।**

ଶିକ୍ଷାଗତ ଯୋଗ୍ୟତା/ଉପଯୁକ୍ତତା : ପ୍ରାର୍ଥୀ MBBS କିମ୍ବା ସ୍ନାତକୋତ୍ତର(MD କିମ୍ବା MS)ଡିଗ୍ରୀ ପ୍ରାପ୍ତ କରିଥିବା ସହିତ ସେ ଏକ ବର୍ଷ ବାଧ୍ୟତାମୂଳକ ରୋଟେଟୋରୀ ଇଣ୍ଟର୍ଣ୍ଣସିପ୍ (Rotatory Internship)ସମାପ୍ତ ପରେ କିମ୍ବା ଭାରତୀୟ ଚିକିତ୍ସା ପରିଷଦରେ ଭାରତର ଯେକୌଣସି ରାଜ୍ୟ ଚିକିତ୍ସା ପରିଷଦରୁ ବୈଧ ରେଜିଷ୍ଟ୍ରେସନ ପ୍ରମାଣପତ୍ର ପାଇଥିବେ।

ପାରିଶ୍ରମିକ : (i) ମାସିକ ପାରିଶ୍ରମିକ ଟ.36,900/-, (ii) ଉପଯୁକ୍ତ ସମୟ ଠାରୁ ଅଧିକ ଦିନ ଅନୁପସ୍ଥିତ କ୍ଷେତ୍ରରେ ପାରିଶ୍ରମିକରୁ ଦୈନିକ ଦିନ ପ୍ରତି ଟ.1,230/- ଦରରେ କାଟ ହୋଇପାରେ।

ବୟସ: ତା.01.10.2018 ରିଖ ସୁଦ୍ଧା 53 ବର୍ଷରୁ ଅଧିକ ବୟସ ହୋଇନଥିବ। ଅନ୍ୟ ପକ୍ଷରେ ଅନୁସୂଚିତ ଜାତି (SC)/ଅନୁସୂଚିତ ଜନଜାତି(ST)ପ୍ରାର୍ଥୀଙ୍କ ପାଇଁ 5 ବର୍ଷ ଏବଂ ଅନ୍ୟ ପଛୁଆ ବର୍ଗ(OBC) ପ୍ରାର୍ଥୀଙ୍କ ପାଇଁ 3 ବର୍ଷ ପର୍ଯ୍ୟନ୍ତ ବୟସ ସୀମାରେ କୋହଳ କରାଯିବ (କ୍ରମ ସଂ. 1 ଏବଂ 2 ନିମନ୍ତେ)।

‘ୱାକ୍-ଇନ୍-ଇଣ୍ଟରଭ୍ୟୁ’ ସ୍ଥାନ, ତାରିଖ ଓ ସମୟ (କ୍ରମ ସଂ. 1 ଏବଂ 2 ନିମନ୍ତେ) :

| “ୱାକ୍-ଇନ୍ ଇଣ୍ଟରଭ୍ୟୁ” ସ୍ଥାନ | ତାରିଖ, ରିପୋର୍ଟ କରିବା ସମୟ ଏବଂ “ୱାକ୍-ଇନ୍ ଇଣ୍ଟରଭ୍ୟୁ” ସମୟ |
|---|---|
| ମୁଖ୍ୟ ଚିକିତ୍ସା ଅଧୀକ୍ଷକଙ୍କ କାର୍ଯ୍ୟାଳୟ, ମଣ୍ଡଳ ରେଳ ଚିକିତ୍ସାଳୟ, ଖୋର୍ଦ୍ଧା ରୋଡ଼, ପୋଷ୍ଟ: ଜଟଣୀ-752025, ଓଡ଼ିଶା | ତା.08.11.2018ରିଖ 1030 ଘଟିକା |

ଦ୍ରଷ୍ଟବ୍ୟ : ସାକ୍ଷାତକାରରେ ଯୋଗଦେବା ପାଇଁ ପ୍ରାର୍ଥୀମାନଙ୍କୁ କୌଣସି ପ୍ରକାର ଯାତ୍ରା ଭଡ଼ା/ଦୈନିକ ଭତ୍ତା/ରହିବା ସୁବିଧା ପ୍ରଦାନ କରାଯିବ ନାହିଁ (କ୍ରମ ସଂ. 1 ଏବଂ 2 ନିମନ୍ତେ)।

ସଂପୂର୍ଣ୍ଣ ବିବରଣୀ, ଦରଖାସ୍ତ ଫର୍ମାଟ୍ ଓ ଅନ୍ୟାନ୍ୟ ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଦୟାକରି ୱେବ୍‌ସାଇଟ୍ www.eastcoastrail.indianrailways.gov.in ଅବଲୋକନ କରନ୍ତୁ।

PR-367/J/18-19 ମଣ୍ଡଳ ରେଳ ପ୍ରବନ୍ଧକ(କାର୍ମିକ), ଖୋର୍ଦ୍ଧା ରୋଡ଼

## ସର୍ବସାଧାରଣ ବିଜ୍ଞପ୍ତି

ଏତଦ୍ୱାରା ଅଧିସୂଚିତ କରାଯାଉଛି ଯେ ଶ୍ରୀ ଅଜିତ କୁମାର, ସିସି/ଡିଜେଏଚ୍‌ଆର୍, ସିଜିଏସ୍/ଡିଜେଏଚ୍‌ଆର୍ ଅଧୀନରେ ସିସି ଭାବେ କାର୍ଯ୍ୟରତ ଥିବା ବେଳେ ଗୁରୁତର ଅସଦାଚରଣ କରିଛନ୍ତି କାରଣ ଆପଣ କୌଣସି କ୍ଷମତାପ୍ରାପ୍ତ ରେଳପଥ କର୍ତ୍ତୃପକ୍ଷଙ୍କଠାରୁ ଆଗୁଆ ଅନୁମତି ନ ନେଇ ତା୧୪।୦୮।୨୦୧୫ରୁ ୧୦।୦୬।୨୦୧୬ରିଖ ତଥା ଆଜି ପର୍ଯ୍ୟନ୍ତ ଅଣପ୍ରାଧିକୃତ ଭାବେ ଅନୁପସ୍ଥିତ ରହିଆସିଛନ୍ତି ଯାହା ରେଳପଥ ସେବା ଆଚରଣ ନିୟମ, ୧୯୬୬ର ନିୟମ ୩.୧ (ii) ଏବଂ (iii)ର ଉଲ୍ଲଂଘନ ଅଟେ । କଥିତ ଉଲ୍ଲଂଘନ ପାଇଁ ଆପଣଙ୍କ ସକାଶେ ମେଜର୍ ପେନାଲ୍ଟି ଚାର୍ଜଶିଟ୍, ଜ୍ଞାପକପତ୍ର ନଂ. ସି.୯୪/ଏକେ/ସିସି/ଡିଜେଏଚ୍‌ଆର୍/୧୮, ତାରିଖ: ୨୧।୦୮।୨୦୧୭ ଜାରି କରାଯାଇଥିଲା, ଯେହେତୁ ଆପଣଙ୍କ ଖୋଜଖବର ମିଳୁ ନ ଥିଲା ଏବଂ ଆପଣ ନିଜର ଜ୍ଞାତ ଠିକଣାରେ ଉପଲବ୍ଧ ନ ଥିଲେ ତେଣୁ ଏହାକୁ ଆପଣଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଲଗାଯାଇଥିଲା। ପଞ୍ଜୀକୃତ ଡାକ ଯୋଗେ ଏବଂ ତା୨୫।୦୫, ୧୫।୦୬ ଏବଂ ୦୨।୦୭।୨୦୧୮ରିଖରେ ଷ୍ଟେଶନ ନୋଟିସ ବୋର୍ଡ ଲଗାଯାଇ ଆଇଓଙ୍କ ବାରମ୍ବାର ଆପଣଙ୍କୁ ସୂଚିତ କରାଯିବାର ପ୍ରଚେଷ୍ଟା ସତ୍ତ୍ୱେ ଆପଣ ଶୃଙ୍ଖଳାଗତ ଏବଂ ଅପିଲ ନିୟମ, ୧୯୬୮ ଅଧୀନରେ ତଦନ୍ତରେ ଉପସ୍ଥିତ ହେବାର ବିଫଳ ହୋଇଛନ୍ତି।
ଏହି ନୋଟିସକୁ ଚୂଡ଼ାନ୍ତ ନୋଟିସ ଭାବେ ବିବେଚନା କରାଯାଇପାରିବ ଯାହା ଆପଣଙ୍କୁ ନିଜର ସଫେଇ ଦେବା ଏବଂ ମାମଲାରେ ପ୍ରତିନିଧିତ୍ୱ କରିବାର ସୁଯୋଗ ଦେଇଥାଏ ଯାହାଦ୍ୱାରା ପ୍ରାକୃତିକ ନ୍ୟାୟ ମଞ୍ଜୁର କରାଯାଇପାରିବ। ଏଣୁ, ଆପଣଙ୍କୁ ଅନୁରୋଧ ଯେ ଖବରକାଗଜରେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୧୫ ଦିନ ମଧ୍ୟରେ ଡିଏ ଅର୍ଥାତ୍ ଏସିଏମ୍/ସିକେପିଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ହୁଅନ୍ତୁ ଅନ୍ୟଥା ପ୍ରଶାସନ ସମ୍ପୃକ୍ତ ମାମଲାରେ ଏକତରଫା ନିଷ୍ପତ୍ତି ଗ୍ରହଣ କରିବା ଲାଗି ବାଧ୍ୟ ହେବ। **ଶୃଙ୍ଖଳାଗତ କର୍ତ୍ତୃପକ୍ଷ**

(PR-840) ଏସିଏମ୍/ସିକେପି

**ଦକ୍ଷିଣ ପୂର୍ବ ରେଳପଥ**
ଆମେ ହର୍ଷର ସହିତ ସେବା କରୁ

## ସର୍ବସାଧାରଣ ବିଜ୍ଞପ୍ତି

୧) ଶ୍ରୀ ପି.ସି. ଧୁନିଆ, ସିନିୟର୍ ଟେକ୍ (ଏମ୍), ଡିଏଲ୍‌ଏସ୍/ବିଏନ୍‌ଡିଏମ୍, ପିତା- ନକୁଳ ଧୁନିଆ, ଗ୍ରାମ- ତିନାଲଡିହି, ପୋଷ୍ଟ- ଚାନ୍ଦିଲ, ଥାନା - ପୂର୍ବ ଇଛାଗଡ଼, ଜିଲ୍ଲା- ସିଂହଭୂମ, ରାଜ୍ୟ- ଝାଡ଼ଖଣ୍ଡ, ପିନ୍-୮୩୨୪୦୧, ଭାୟା ସିନିୟର୍ ଡିଏମ୍‌ଇ (ଡି)/ବିଏନ୍‌ଡିଏମ୍‌ଙ୍କ ଦଣ୍ଡ ନୋଟିସ୍ ଡିଏଲ୍‌ଇ/୭୬୬/ପିସିଡି/୧୮/୩୭୩୭, ଏତଦ୍ୱାରା ଆପଣଙ୍କୁ ରେଳୱେ ସର୍ଭାଣ୍ଟ (ଡି ଆଣ୍ଡ ଏ) ନିୟମାବଳୀ, ୧୯୬୮ର ନିୟମ ୬ (VIII) ଅଧୀନରେ ଅନୁକମ୍ପାମୂଳକ ଭତ୍ତା ଭାବେ ୨/୩ୟ ପେନସନ୍ ଏବଂ ଗ୍ରାଚୁଇଟି ସହିତ ଆପଣଙ୍କୁ ସେବାରୁ ବହିଷ୍କାର କରାଯାଉଛି। ଏହା ତତ୍କାଳ ଲାଗୁ ହେବ। ଅପିଲ, ଯଦି ଥାଏ, ୪୫ ଦିନ ମଧ୍ୟରେ ଅପିଲୀୟ କର୍ତ୍ତୃପକ୍ଷ ଏଡିଆର୍‌ଏମ୍/ସିକେପିଙ୍କ ନିକଟରେ କରାଯାଇପାରିବ।

୨) ଏନ୍.ବଡ଼ାଏକ, ଟେକ୍-III, ଡିଏଲ୍‌ଏସ୍/ବିଏନ୍‌ଡିଏମ୍, ମାର୍ଫତ ବୈଜୟନ୍ତ ବଡ଼ାଏକ, ସ୍ଥାନ- ଅରିଲେପ୍ପା, ପୋଷ୍ଟ- ସୁନ୍ଦରଗଡ଼, ରାଜ୍ୟ- ଓଡ଼ିଶା, ପିନ୍-୭୭୦୦୩୫, ଭାୟା ଏଡିଏମ୍‌ଇ (ଡି)/ବିଏନ୍‌ଡିଏମ୍‌ଙ୍କ ଦଣ୍ଡ ନୋଟିସ ଡିଏଲ୍‌ଇ/୭୬୬/ଏନ୍‌ବି/୧୮/୧୫୧୬, ଏତଦ୍ୱାରା ଆପଣଙ୍କୁ କୌଣସି ଅନୁକମ୍ପାମୂଳକ ଭତ୍ତା ବିନା ସେବାରୁ ବହିଷ୍କାର କରାଯାଉଛି। ଏହା ତତ୍କାଳ ଲାଗୁ ହେବ। ଅପିଲ, ଯଦି ଥାଏ, ୪୫ ଦିନ ମଧ୍ୟରେ ଅପିଲୀୟ କର୍ତ୍ତୃପକ୍ଷ ଡିଏମ୍‌ଇ (ଡି)/ବିଏନ୍‌ଡିଏମ୍‌ଙ୍କ ନିକଟରେ କରାଯାଇପାରିବ।

୩) ସଚିନ କୁମାର, ଟେକ୍-III, ପିତା- ହରେକୃଷ୍ଣ ପ୍ରସାଦ, ଗ୍ରାମ- ବିରଶ୍ରା, ପୋଷ୍ଟ- ସିଙ୍ଘିଘାଇଟ, ଜିଲ୍ଲା- ସମସ୍ତିପୁର, ରାଜ୍ୟ- ବିହାର, ପିନ୍-୮୪୮୨୩୬ । ଭାୟା ଏଡିଏମ୍‌ଇ (ଡି)/ବିଏନ୍‌ଡିଏମ୍‌ଙ୍କ ଦଣ୍ଡ ନୋଟିସ ଡିଏଲ୍‌ଇ/୭୬୬/ଏନ୍‌ବି/୧୮/୧୫୧୬, ଏତଦ୍ୱାରା ଆପଣଙ୍କୁ କୌଣସି ଅନୁକମ୍ପାମୂଳକ ଭତ୍ତା ବିନା ସେବାରୁ ବହିଷ୍କାର କରାଯାଉଛି। ଏହା ତତ୍କାଳ ଲାଗୁ ହେବ। ଅପିଲ, ଯଦି ଥାଏ, ୪୫ ଦିନ ମଧ୍ୟରେ ଅପିଲୀୟ କର୍ତ୍ତୃପକ୍ଷ ଡିଏମ୍‌ଇ (ଡି)/ବିଏନ୍‌ଡିଏମ୍‌ଙ୍କ ନିକଟରେ କରାଯାଇପାରିବ।

(PR-844) ସିନିୟର ଡିଏମ୍‌ଇ (ଡି)/ବିଏନ୍‌ଡିଏମ୍

**ଦକ୍ଷିଣ ପୂର୍ବ ରେଳପଥ**
ଆମେ ହର୍ଷର ସହିତ ସେବା କରୁ








ଯେଉଁ ଲୋକ ଭୁଇଁ ତାଡ଼ି ଫସଲ କରୁଛି,
ସିଏ ହିଁ ଭଗବାନଙ୍କର ଅତି ପ୍ରିୟ ସନ୍ତାନ।
- ଜାଫରସନ୍



## ସଂକ୍ଷେପରେ

### ଚୋରା କୋଇଲା ବୋଝେଇ ଟ୍ରକ୍ ଜବତ

**ସୁକିନ୍ଦା, ୨୪।୧୦(ଡି.ଏନ୍.ଏ.):** ସୁକିନ୍ଦା ଥାନା ଅନ୍ତର୍ଗତ ପୁବଳ ଛକ ନିକଟରେ ମଙ୍ଗଳବାର ଭୋର ସମୟରେ ସୁକିନ୍ଦା ପୋଲିସ ଚୋରା କୋଇଲା ବୋଝେଇ ଟ୍ରକ୍‌କୁ ଜବତ କରିଛି। ତେବେ ଘଟଣାସ୍ଥଳରୁ ଗାଡି ଡ୍ରାଇଭର ଫେରାର ହୋଇଯାଇଥିବା ଜଣାପଡିଛି । ଏ ନେଇ ପୋଲିସ ଏକ ମାମଲା (୧୨୨/ ୨୦୧୮) ରୁଜୁ କରି ତଦନ୍ତ ଜାରି ରହିଛି । ତାଳଚେର କୋଇଲା ଖଣି ଅଞ୍ଚଳରୁ ଦୈନିକ ଶହ ଶହ ଟ୍ରିପ୍ କୋଇଲା ସୁକିନ୍ଦା ଅଞ୍ଚଳରେ ଥିବା ବିଭିନ୍ନ କଳ କାରଖାନାକୁ ଆମଦାନୀ ହୋଇଥାଏ। ଅନେକ ସମୟରେ ବେଆଇନ ଭାବରେ ଚୋରା କୋଇଲା ମଧ ଏହି ରାସ୍ତା ଦେଇ ରାଜ୍ୟ ତଥା ରାଜ୍ୟ ବାହାରକୁ ଚାଲାଣ କରାଯାଇଥାଏ। ସୁକିନ୍ଦା ପୋଲିସର କେତେଜଣ ପୂର୍ବତନ ଅଧିକାରୀଙ୍କ ଦୁର୍ନୀତିଖୋର ନୀତି କାରଣରୁ ଅଞ୍ଚଳରେ ବ୍ୟାପକ ଚୋରା କୋଇଲା କାରବାର ବୃଦ୍ଧି ପାଉଥିବା ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି। ତେବେ ବେଆଇନ କୋଇଲା ଚାଲାଣ ଖବର ପାଇ ସୁକିନ୍ଦା ଥାନା ଭାରପ୍ରାପ୍ତ ଅଧିକାରୀ ସୌମ୍ୟଚିତ୍ ମିଶ୍ର ଏକ ଟିମ୍ ସହ ଉକ୍ତ ସ୍ଥାନରେ ଯାଞ୍ଚ କରିଥିଲେ। ଏହି ସମୟରେ ଉକ୍ତ ରାସ୍ତା ଦେଇ ଯାଉଥିବା (ଓଆର-୦୯-ଏଚ୮୪୮୬) ନମ୍ବର ବିଶିଷ୍ଟ ଚୋରା କୋଇଲା ବୋଝେଇ ଦଶ ଚକିଆ ଗାଡିକୁ ଜବତ କରିଥିଲେ। ତେବେ ଗାଡିଟିର ମାଲିକ କିମ୍ବା ଚାଳକ ଥାନାକୁ ଆସି ନ ଥିବା ଜଣା ପଡିଛି।

### ଚାହାଣି ପାର୍ବଣ ବିଶେଷାଙ୍କ ଉନ୍ମୋଚିତ

**ଧର୍ମଶାଳା, ୨୪।୧୦(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ କାଏମାସ୍ଥିତ ଲାଲବାହାଦୂର ହାଇସ୍କୁଲ ପରିସରରେ ଚାହାଣି ପୂଜା ସଂଖ୍ୟା ଉନ୍ମୋଚନ ଓ ପୁରସ୍କାର ପ୍ରଦାନ ଉତ୍ସବ କବି ବ୍ରଜକିଶୋର ଦାଶଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଶ୍ରମିକନେତା ତଥା ସାହିତ୍ୟିକ ମାୟାଧର ନାୟକ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ କବି ନୃସିଂହ ଷଡ଼ଙ୍ଗୀ ଓ ମୁଖ୍ୟବକ୍ତା ଭାବେ ମନୋରଞ୍ଜନ ମହାନ୍ତି ଯୋଗଦେଇଥିଲେ। ଏହି ଅବସରରେ ଚାହାଣିର ପୂଜା ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଚଳିତ ବର୍ଷର ଚାହାଣି ପୁରସ୍କାର ଗୋକର୍ଣ୍ଣିକା ସାହିତ୍ୟ ସମାଜ ସଭାପତି ରମାକାନ୍ତ ଜେନା ଓ ଚାହାଣି ସମ୍ମାନ ଓଟିଭି ଯାଜପୁର ଜିଲା ପ୍ରତିନିଧି ଖବରଦାତା ଗୁଲାମ ଗଉଶଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ଚାହାଣିର ମୁଖ୍ୟ ସମ୍ପାଦକ ଚନ୍ଦ୍ରକାନ୍ତ ମହାନ୍ତି ବିବରଣୀ ପାଠ କରିଥିବାବେଳେ ଉପଦେଷ୍ଟା ଦାମୋଦର ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅଧାପକ ବିଜୟ ନାୟକ ମାନପତ୍ର ପାଠ କରିଥିଲେ। ଶେଷରେ କବି କୁଳମଣି ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ନଗଡ଼ାରେ ବାଟବଣା ସ୍ୱାସ୍ଥ୍ୟସେବା

**କାଳିଆପାଣି, ୨୪।୧୦(ଡି.ଏନ୍,ଏ)**

■୨୦୧୬ରେ ଅପପୁଷ୍ଟିଜନିତ ଶିଶୁମୃତ୍ୟୁ ଘଟଣା ପଦାକୁ ଆସିଥିଲା
■ତତ୍କାଳୀନ ଆର୍‌ଡିସିଙ୍କ ଅଧ୍ୟକ୍ଷତାରେ ଟାସ୍କଫୋର୍ସ ଗଠିତ
■ରାଜ୍ୟ ଖାଦ୍ୟସୁରକ୍ଷା ବୋର୍ଡ ଅଧ୍ୟକ୍ଷ ବହୁବାର ନଗଡା ଗସ୍ତ କରି ଫେରିଛନ୍ତି

ନଗଡାକୁ ଏକ ଆଦର୍ଶ ଗ୍ରାମଭାବେ ଗଢିତୋଳିବାରେ ସରକାର ବହୁ ଯୋଜନା ପ୍ରଣୟନ କରିଛନ୍ତି। ସ୍ୱାସ୍ଥ୍ୟ, ଗମନାଗମନ, ଶିକ୍ଷା ଓ ମୌଳିକ ସୁବିଧା ଉପରେ ଗୁରୁତ୍ୱ ଦିଆଯାଉଛି। ଅର୍ଥ ଅଭାବରୁ ଗତ ୧୧ ତାରିଖରେ ଉପର ନଗଡ଼ାର ମଙ୍ଗଳା ପ୍ରଧାନଙ୍କ ପୁଅ ଶୁକୁରା ପ୍ରଧାନ(୯) ୪ ମାସ ହେବ ଜଣ୍ଡିସରେ ପୀଡିତ ହୋଇ ମୃତ୍ୟୁବରଣ କରିଛନ୍ତି। ଯାହାକୁ ନେଇ ପ୍ରଶାସନର କାର୍ଯ୍ୟଦକ୍ଷତା ଓ ସରକାରୀ ଯୋଜନାର ସଫଳତା ଉପରେ ପ୍ରଶ୍ନ ସୃଷ୍ଟି କରିଛି। ନଗଡ଼ା ବିକାଶ କେବଳ ପ୍ରଚାରରେ ସୀମିତ ଥିବା ଚର୍ଚ୍ଚା ଜୋର ଧରିଛି। ଆରଡ଼ିସିଙ୍କ ଟାସ୍କଫୋର୍ସ ଅନ୍ଧାରରେ ବାଡ଼ିବୁଲାଉଥିବା ବେଳେ ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନଗଡ଼ା ଲୋକଙ୍କ ପାଇଁ ଉପହାସ ପାଲଟିଛି। ଅପରପଟେ ଅଶୋକଝରର ପାଦଦେଶରୁ ତଳ ନଗଡ଼ା ପର୍ଯ୍ୟନ୍ତ ନିର୍ମିତ ୧୨ କୋଟି, ୯୫ ଲକ୍ଷ, ୭୧ ଟଙ୍କାର ରାସ୍ତା ଶୋଚନୀୟ ହୋଇ ପଡିଛି। ୨୦୧୬ରେ ନଗଡ଼ାରେ ଅପପୁଷ୍ଟିରେ ଶିଶୁ ମୃତ୍ୟୁ ଘଟଣା ପରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗୀୟ ସଚିବ ବାରମ୍ବାର ନଗଡା ଗସ୍ତ କରୁଛନ୍ତି। ତତ୍କାଳୀନ ଆରଡ଼ିସି ଅଖିଳ ବିହାରୀ ଓତାଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କଫୋର୍ସ ଗଠନ କରାଯାଇ କଳିଙ୍ଗନଗର ଏଡ଼ିଏମ୍‌ଙ୍କୁ ସଂଯୋଜକ ନିଯୁକ୍ତି କରାଯାଇଥିଲା । ଏହି ଅଞ୍ଚଳରେ ଅପପୁଷ୍ଟିକୁ ରୋକିବା ଦିଗରେ ବର୍ତ୍ତମାନ ପର୍ଯ୍ୟନ୍ତ ବହୁ ଅର୍ଥ ଖର୍ଚ୍ଚ କରାଯାଇଛି। ହେଲେ ଏ ଦିଗରେ ସରକାର ଫେଲ ମାରିଥିବା ଜଣାପଡିଛି। ଯାହାକି ଶୁକୁରାର ମୃତ୍ୟୁରୁ ସ୍ପଷ୍ଟ ବାରି ହୋଇପାରେ। ଟ୍ରିକିଲ ଓ ଓସ୍ଥା ନାମକ ସ୍ୱେଚ୍ଛାସେବୀ ଜୁଆଙ୍ଗଙ୍କ ଜୀବନ ଜୀବିକାରେ ପରିବର୍ତ୍ତନ କରିବାକୁ ନିଯୁକ୍ତି ପାଇଛନ୍ତି। ଦୁଇ ଏନ୍‌ଜିଓ ସଂସ୍ଥା ଉନ୍ନୟନ ନାମରେ ମାସକୁ ମାସ ରାଜ୍ୟ ସରକାରଙ୍କୁ ଲୁଟ୍ କରୁଥିବା ବେଳେ ପ୍ରକୃତରେ ନଗଡ଼ା ପରିବର୍ତ୍ତନ କାଗଜ କଲମରେ ସିମିତ ହୋଇଥିବା ଅଞ୍ଚଳବାସୀ କହିଛନ୍ତି। ସେପ୍ଟେମ୍ବର ୨୫ ତାରିଖରେ ରାଜ୍ୟ ଖାଦ୍ୟ ସୁରକ୍ଷା ବୋର୍ଡ଼ ଅଧ୍ୟକ୍ଷ ରଙ୍ଗଲାଲ ଜାମୁଦା ନଗଡ଼ା ଗସ୍ତ କରି ଏକ ସମୀକ୍ଷା ବୈଠକ କରିଥିଲେ। ବୈଠକରେ ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଉପସ୍ଥିତିରେ ବିଭିନ୍ନ ଯୋଜନାର ଅବ୍ୟବସ୍ଥାକୁ ନେଇ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିଥିଲେ। ବିଜୁପକ୍କାଘର, କଂକ୍ରିଟ ରାସ୍ତା ନିର୍ମାଣରେ ଜିଲା ପ୍ରଶାସନ ଜୋର ଦେଉଥିବାବେଳେ ଅପପୁଷ୍ଟି ଓ ରକ୍ତହୀନତା ଘଟଣାକୁ ଅଣଦେଖା କରିଚାଲିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ମନ୍ତ୍ରୀ ନଗଡ଼ା ଗସ୍ତ କରି ସ୍ୱାସ୍ଥ୍ୟରେ କୌଣସି ଅବହେଳା ପ୍ରଦର୍ଶନ କରାଯିବନି, ନଗଡ଼ାରେ ଶିଶୁ କିମ୍ବା କୌଣସି ଗର୍ଭବତୀ ମା'ର ମୃତ୍ୟୁ ଘଟିବନି ବୋଲି ଦୃଢତା ସହ କହିଥିଲେ। ନଗଡ଼ା ଏକ ଅଗମ୍ୟ ଅଞ୍ଚଳ ରହିଥିବାରୁ ପ୍ରଶାସନ ପକ୍ଷରୁ ଅଶୋକଝର ପାଦଦେଶରୁ ତଳ ନଗଡ଼ା ପର୍ଯ୍ୟନ୍ତ ୮.୧୦୦ କିମି ରାସ୍ତାକୁ ୧୨ କୋଟି, ୯୫ ଲକ୍ଷ, ୭୧ ହଜାର ଟଙ୍କା ବ୍ୟୟ ଅଟକଳରେ ଏକ ରାସ୍ତା ନିର୍ମାଣ କରାଯାଉଛି। ଆନ୍ଧ୍ର ମେସର୍ସ ହାଇଗ୍ରୀବା ଇନଫ୍ରାଟେକ ପ୍ରୋଜେକ୍ଟ ଲିମିଟେଡ଼ ନାମକ ଠିକାଦାରକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏହାର ନିର୍ମାଣ ଦାୟିତ୍ୱ ଯାଜପୁର ଗ୍ରାମ୍ୟ ଉନ୍ନୟନ ନିର୍ମାଣ ବିଭାଗ କରିଥିଲା । ହେଲେ ଏକ ବର୍ଷ ଭିତରେ ରାସ୍ତା ଶୋଚନୀୟ ହୋଇ ପଡିଛି। ଜିଲା ପ୍ରଶାସନ ପକ୍ଷରୁ ନଗଡ଼ା ଅଞ୍ଚଳରେ ଶିଶୁ ମୃତ୍ୟୁ ରୋକିବାକୁ ପ୍ରତି ମାସରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୪ଥର ଏକ ଡ଼ାକ୍ତରୀ ଦଳ ବୁଲି ସମସ୍ତ ଶିଶୁ ଓ ମା'ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ସେବା କରୁଥିବା ଦାବି କରୁଛନ୍ତି । ଏହା ପରେ ମଧ ସେଠାରେ ଶିଶୁ ମୃତ୍ୟୁ ରୋକବା ଭଳି ଘଟଣା ନଜରକୁ ଆସୁଛି। ଏ ନେଇ ଜିଲାପାଳ ରଞ୍ଜନ କୁମାର ଦାସଙ୍କୁ ଯୋଗାଯୋଗ କରିବାରୁ କୌଣସି ଉତ୍ତର ମିଳିପାରି ନାହିଁ। ନଗଡ଼ା ବିକାଶ କମିଟିର ସଂଯୋଜକ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରୁ ନଗଡାର ବିକାଶ ଧୀରେଧୀରେ ଚାଲିଥିବା କହିଛନ୍ତି। ଆର୍ଦଶ ଗ୍ରାମ ଗଢି ତୋଳିବା କେବଳ କାଗଜ କଲମରେ ସୀମିତ ହୋଇଥିବା ବୁଦ୍ଧିଜିବୀ ମତ ଦେଇଛନ୍ତି।

### ଯୌତୁକ ନିର୍ଯାତନା, ଥାନାର ଦ୍ୱାରସ୍ଥ ହେଲେ ବୋହୂ

**କଳିଙ୍ଗନଗର, ୨୪।୧୦(ଡି.ଏନ୍.ଏ.)**

ଯୌତୁକ ପାଇଁ ଶାଶୁଘର ଲୋକେ ଶାରିରୀକ ନିର୍ଜାତନା ଦେଉଥିବା ପୂର୍ଣ୍ଣିମା ସାହୁ ବୁଧବାର ଟମକା ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା (୯୮/୨୦୧୮) ରୁଜୁ କରି ତଦନ୍ତ ଚଳାଇଛି। ଏହି ଥାନା ଅନ୍ତର୍ଗତ କିଆଝର ଗ୍ରାମର ପୂର୍ଣ୍ଣିମା ମହାନ୍ତି(୨୧) ନୁଆ ବଗପାଟିଆ ଗ୍ରାମର ଗୌରାଙ୍ଗ(୩୭)କୁ ବୈଦିକମତେ ବିବାହ କରିଥିଲେ । ବିବାହ ବେଳେ ଦାବି ମୁତାବକ ଟଙ୍କା, ସୁନା ସମେତ ଆବଶ୍ୟକୀୟ ସମସ୍ତ ସାମଗ୍ରୀ ବାପ ଘର ପକ୍ଷରୁ ଦିଆଯାଇଥିଲା । ହେଲେ ବିବାହର ଏକ ବର୍ଷ ପରେ ଶାଶୁଘରଲୋକେ ଅଧିକ ୫୦ହଜାର ଟଙ୍କା ଯୌତୁକ ଦାବି କରିଥିଲେ। ପୂର୍ଣ୍ଣିମାଙ୍କ ବାପାଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ଅଧିକ ଯୌତୁକ ଦେବା ସମ୍ଭବ ହୋଇ ପାରି ନ ଥିଲେ। ଏହାକୁ ନେଇ ସ୍ୱାମୀ ଗୌରାଙ୍ଗ, ଶ୍ୱଶୁର ଅଙ୍ଗଜ, ଶାଶୁ ମିଶି ବିଭିନ୍ନ ସମୟରେ ତାଙ୍କୁ ନିର୍ଯାତନା ଦେବାରୁ ୪ ମାସ ହେବ ସେ ବାପ ଘରେ ରହୁଥିବା କହିଛନ୍ତି। ସ୍ଥାନୀୟ ଲୋକେ ସମାଧାନ ପାଇଁ ବହୁବାର ଚେଷ୍ଟା କରିଥିଲେ ମଧ ସୁଫଳ ମିଳିପାରି ନ ଥିଲା। ତେଣୁ ସେ ବାଧ୍ୟ ହୋଇ ଥାନାର ଦ୍ୱାରସ୍ତ ହୋଇଥିବା କହିଛନ୍ତି।

## କାଳୀପୂଜା ପ୍ରସ୍ତୁତି: ମୂର୍ତ୍ତି ନିର୍ମାଣ ପାଇଁ ଉଠିଲା ମାଟି

**ଯାଜପୁର ରୋଡ,୨୪।୧୦(ନି.ପ୍ର)**

ଗଣେଶ ପୂଜାଠାରୁ ପାର୍ବଣ ଋତୁ ଆରମ୍ଭ ହୋଇଛି। ଦୁର୍ଗାପୂଜା, ମା' ଲକ୍ଷ୍ମୀ ପୂଜାଙ୍କ ପରେ ଆସୁଛି କାଳୀପୂଜା । ଏହି ସହରରେ କାଳୀପୂଜା ଏକ ଗଣପର୍ବ। ତେଣୁ ସହରରେ ଏହି ପୂଜା ମାହୋଲକୁ ସରସ ସୁନ୍ଦର କରିବା ପାଇଁ ବିଭିନ୍ନ ପୂଜା କାଳୀ ପୂଜା କମିଟି ପକ୍ଷରୁ ବାରମ୍ବାର ବୈଠକ ହୋଇ କାଳୀପୂଜାର ରୂପରେଖ ପ୍ରସ୍ତୁତ କରାଯାଇଛି। ପାରମ୍ପାରିକ ଅନୁଯାୟୀ ମା'ଲକ୍ଷ୍ମୀଙ୍କ ପୂଜା ଓ କୁମାର ଉତ୍ସବ ତିଥିରେ ମା'କାଳୀଙ୍କ ମୂର୍ତ୍ତୀ ନିର୍ମାଣ ପାଇଁ ମାଟି ଉଠେ। ଏହି ସହରରେ ବିଭିନ୍ନ ପୂଜା ମଣ୍ଡପ ପକ୍ଷରୁ ବୈତରଣୀ ନଦୀ ପଠା, ଖରସ୍ରୋତା ନଦୀ ପଠା, ବ୍ୟାସ ସରୋବର ଓ ଅନ୍ୟାନ୍ୟ ପବିତ୍ର ସ୍ଥାନରୁ ବୈଦିକ ରୀତିରେ ମାଟିପୂଜା କରାଯାଇ ମା'କାଳୀଙ୍କ ମୂର୍ତ୍ତି ଗଠନ ପାଇଁ ମାଟି ଉଠିଛି । ଚୋରଦା କାଳୀପୂଜା କମିଟି ପକ୍ଷରୁ କାଳୀ ମେଲଣ ପଡିଆ, ଆର୍ଯ୍ୟନ କ୍ଲବ ଓ ଷ୍ଟିଲ ସିଟି କ୍ଲବ ପକ୍ଷରୁ ବୈତରଣୀ ନଦୀର ବ୍ରଜନଗର ଘାଟ, ଧବଳଗିରି କମିଟି ପକ୍ଷରୁ ଗଣ୍ଡାନାଳରୁ, ବସଷ୍ଟାଣ୍ଡ, ନହକା, ବ୍ୟାଙ୍କ ଷ୍ଟ୍ରିଟ୍, କୋପଣ୍ଡ, ରେଲୱେ, ରାଧାନାଥ ମାର୍ଗ ପକ୍ଷରୁ ବ୍ୟାସସରୋବର, ଖରସ୍ରୋତା ନଦୀ ପ୍ରଭୃତିରୁ ମାଟି ଉଠିଛି। ପ୍ରଥମେ ପୂଜାର୍ଚ୍ଚନା କରାଯାଇ ମାଟି ସଂଗ୍ରହ କରାଯାଇ ପୂଜା ମଣ୍ଡପକୁ ଅଣାଯାଇଛି। ସେଠାରେ ମଧ ପୂଜାର୍ଚ୍ଚନା କରାଯାଇ ପୂଜା ପାଇଁ ପ୍ରସ୍ତୁତି ଆରମ୍ଭ କରାଯାଉଛି ।

## ବଜାଜ୍ ଶୋ-ରୁମ୍ ଉଦ୍‌ଘାଟିତ



**ଯାଜପୁର ରୋଡ,୨୪।୧୦(ନି.ପ୍ର)**

ଯାଜପୁର ରୋଡ ଦଳା ଛକଠାରେ ବୁଧବାର ଅତ୍ୟାଧୁନିକ ପରିଡା ବଜାଜ୍ ଶୋ-ରୁମ୍ ଉଦ୍‌ଘାଟିତ ହୋଇଯାଇଛି। ବଜାଜ ଅଟୋ ଲିମିଟେଡର ଜେନେରାଲ ମ୍ୟାନେଜର ସଦାନନ୍ଦ ସ୍ୱାମୀ ଓ ଯାଜପୁର ରୋଡ ଷ୍ଟେଟ୍ ବ୍ୟାଙ୍କ ରିଜିଓନାଲ ମ୍ୟାନେଜର ଚନ୍ଦ୍ରଶେଖର ସାମନ୍ତରାୟ ଏହାକୁ ଉଦ୍‌ଘାଟନ କରିଥିଲେ। ପରିଡା ଅଟୋମୋବାଇଲ ମ୍ୟାନେଜିଂ ପାର୍ଟନର ବନ୍ଦିତା ପରିଡା, ପ୍ରକାଶ କୁମାର ପରିଡା ଓ ପ୍ରମୋଦ କୁମାର ପରିଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଯାଜପୁର ଜିଲାର ଏକମାତ୍ର ଅତ୍ୟାଧୁନିକ ପରିଡା ଶୋ-ରୁମ୍ ଗ୍ରାହକଙ୍କୁ ସୁବିଧା ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଏହି ଉଦଘାଟନୀ ଉତ୍ସବରେ ଷ୍ଟେଟ୍ ବ୍ୟାଙ୍କର ଚିଫ୍ ମ୍ୟାନେଜର ଶରତ ଚନ୍ଦ୍ର ଦୋରା ଓ ବଜାଜ ଅଟୋ ଲିମିଟେଡର ମିସ୍ ସୌମ୍ୟା ସୁରଭୀ ପ୍ରମୁଖ ଉପସ୍ଥିତ ଥିଲେ।

### ଥାନାର ଦ୍ୱାରସ୍ଥ ହେଲେ ଅଗ୍ନିବିପନ୍ନ ପରିବାର

**ସୁକିନ୍ଦା,୨୪।୧୦(ଡି.ଏନ୍.ଏ.)**

ସୁକିନ୍ଦା ଥାନା ଅନ୍ତର୍ଗତ ମୂଳଖମ୍ବ ଗ୍ରାମର ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡରେ ଗୋବିନ୍ଦ ପାତ୍ରଙ୍କ ୩ ବଖରା ଘର ସମ୍ପୂର୍ଣ୍ଣ ଭାବରେ ଜଳିଯାଇଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କେହି ଘରେ ନିଆଁ ଲଗାଇଥିବା ନେଇ ମଙ୍ଗଳବାର ଗାବିନ୍ଦଙ୍କ ସ୍ତ୍ରୀ ସୁକିନ୍ଦା ଥାନାରେ ଅଭିଯୋଗ କରିଥିବା ଜଣାପଡିଛି। ପ୍ରକାଶ ଯେ, ଘରେ ନିଆଁ ଲାଗିଯାଇଥିବା ନେଇ ଗୋବିନ୍ଦଙ୍କ ନାତୁଣୀ ଦେଖି ପାଟି କରିଥିଲେ । ପରେ ପରିବାର ଲୋକେ ଗ୍ରାମବାସୀଙ୍କ ସହଯୋଗରେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ ନିଆଁକୁ ଆୟତ୍ତ କରିପାରି ନ ଥିଲେ । ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ଘର ସମେତ ଆସବାବପତ୍ର ସମ୍ପୂର୍ଣ୍ଣ ଭାବରେ ପୋଡିଯାଇଥିଲା ।

## ଯାଜପୁର ଗଣପର୍ବ କାଳୀପୂଜା ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

**ଯାଜପୁର ଅଫିସ,୨୪।୧୦**

ଯାଜପୁରର ଗଣ ପର୍ବ କାଳୀପୂଜା ଓ ପ୍ରସିଦ୍ଧ ଲକ୍ଷ୍ମୀ ନାରାୟଣ ପୂଜାର ଭସାଣି ଉତ୍ସବ ନଭେମ୍ବର ୧୩ ଓ ୧୪ ତାରିଖରେ ଅନୁଷ୍ଠିତ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଛି । ଆସନ୍ତା ୬ ତାରିଖରେ ଲକ୍ଷ୍ମୀ ପୁଜା ଓ ୭ ତାରିଖରେ କାଳୀପୂଜା ଆରମ୍ଭ ହେଉଛି। ତେଣୁ ଏହାକୁ ଶୃଙ୍ଖଳିତ ଓ ସଦ୍‌ଭାବନାର ସହ ପାଳନ ପାଇଁ ସମସ୍ତେ ସହଯୋଗ କରିବାକୁ ଜିଲାପାଳ ରଞ୍ଜନ କୁମାର ଦାସ ଅନୁରୋଧ କରିଛନ୍ତି। ମଙ୍ଗଳବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ କାଳୀପୂଜା ଓ ଭସାଣି ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ଜିଲାକୁ ରାଜ୍ୟସ୍ତରୀୟ ଯୁବ ଉତ୍ସବ ପାଳନ ପାଇଁ ସୁଯୋଗ ମିଳିଥିବାରୁ କାଳୀପୂଜା ଭସାଣି ପରେ ଏହା କରାଯିବ ଓ ନଭେମ୍ବର ୧୯ରୁ ଜିଲା ମହୋତ୍ସବର ଆୟୋଜନ ହେଉଛି । ଭସାଣୀରେ ଗତ ବର୍ଷ ଭଳି ଡିଜେ ମୁକ୍ତ ଓ ନିଶା ମୁକ୍ତ ଶାନ୍ତିପୂର୍ଣ୍ଣ ଭସାଣି ପାଇଁ ଜିଲାପାଳ ଦାସ ଅନୁରୋଧ କରିଥିଲେ। ଆରକ୍ଷୀ ଅଧିକ୍ଷକ ଚରଣ ସିଂ ମୀନା ଜନସାଧାରଣ, ପୂଜା କମିଟିର ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ ଓ ଆଇନ ଶୃଙ୍ଖଳା ପ୍ରତି ଉତ୍ତରଦାୟୀ ରହିବାକୁ ପ୍ରତ୍ୟେକଙ୍କୁ ଅନୁରୋଧ କରିଥିଲେ । ପ୍ରତ୍ୟେକ ପୂଜା କମିଟି ସାମ୍ଭାବ୍ୟ ଅଗ୍ନିକାଣ୍ଡର ମୁକାବିଲା ପାଇଁ ବାଲି ଓ ପାଣିର ବ୍ୟବସ୍ଥା କରିବା, ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଶ୍ଳୀଳ ନୃତ୍ୟ ସଂଗୀତ ପ୍ରଦର୍ଶନ ନ କରିବା, ଶବ୍ଦ ପ୍ରଦୂଷଣ ନ କରିବା ସହ ଅବକାରୀ ବିଭାଗ ପକ୍ଷରୁ ପ୍ରତ୍ୟେକ ସନ୍ଦିଗ୍ଧ ସ୍ଥାନ, ଛକ, ଦୋକାନ ଇତ୍ୟାଦିରେ ନିରନ୍ତର ଭାବେ ଧରପଗଡ କରିବା ଓ ବ୍ରେଥ ଆନାଲାଇଜର ମାଧ୍ୟମରେ ମଦ୍ୟପଙ୍କୁ ଧରିବାକୁ ନିଷ୍ପତ୍ତି ନିଆଗଲା । ପ୍ରତ୍ୟେକ ପୂଜା କମିଟି ଅଧିକ ଶବ୍ଦରେ ମାଇକ ନ ବଜାଇବା, ଭସାଣିରେ ସର୍ବାଧିକ ୬ଟି ସାଉଣ୍ଡ ବକ୍ସ ବ୍ୟବହାର କରିବା, ପୂଜା ଏବଂ ଭସାଣିରେ ପ୍ରତ୍ୟେକ ପୂଜା କମିଟିର ବରିଷ୍ଠ ସଦସ୍ୟମାନେ ଉପସ୍ଥିତ ରହିବା, ଶାନ୍ତି କମିଟି ସଦସ୍ୟମାନେ ଏକାଧିକବାର ବୈଠକ କରି ବିଭିନ୍ନ ସମସ୍ୟାର ସମାଧାନ କରିବାକୁ ବୈଠକରେ ସ୍ଥିର ହୋଇଛି। ପ୍ରତ୍ୟେକ ପୂଜା ମଣ୍ଡପକୁ ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକ ପରିଦର୍ଶନ କରିବେ ବୋଲି ସୂଚନା ଦେଇଥିଲେ । ଗତ ବର୍ଷ ଭଳି ବିସର୍ଜନ ପାଇଁ ଦେବୀଗଡା ଠାରେ ନଦୀ ବାଲିରେ ଏକ ଗର୍ଭ ଖୋଳାଯାଇ ମୂର୍ତ୍ତି ବିସର୍ଜନ କରାଯିବ। ପ୍ରାରମ୍ଭରେ ଯାଜପୁର ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ ସମସ୍ତଙ୍କୁ ସ୍ୱାଗତ କରିବା ସହ ବିଗତ ବର୍ଷର ବିବରଣୀ ପଠନ କରିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ କଳିଙ୍ଗ ନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଯାଜପୁର ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ସହକାରୀ ଜିଲାପାଳ ଉମେଶଚନ୍ଦ୍ର ଲେଙ୍କା, ତହସିଲଦାର ସୁନିଲ କୁମାର ମେହେର ପ୍ରମୁଖ ଉପସ୍ଥିତ ଥିଲେ । ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ, ବସମାଲିକ ସଂଘ ସଂପାଦକ ବିଜୟ ମହାନ୍ତି, ବିଭିନ୍ନ ପୂଜା କମିଟିର ସଦସ୍ୟ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ବିଭିନ୍ନ ସ୍ଥାନରେ ମା' ଗଜଲକ୍ଷ୍ମୀଙ୍କ ପୂଜା



ଓଡଙ୍ଗଠାରେ ପୂଜା ପାଉଛନ୍ତି ମା' ଲକ୍ଷ୍ମୀ।



ଛତିଆ



ମାଣିତ୍ରୀ



ବାରବାଟୀ



ଗଡ଼ମଧୁପୁର ବେହେରା ସାହି



ଭଗତପୁର



କୋରେଇ



ଚଢେଇଧରା ମୁରଲିପୁର ଯୋଗଡା ପୂଜା କମିଟି



ଜାରକା ପୂଜା ମଣ୍ଡପ

### ସଂକ୍ଷେପରେ

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ୨ ଗୁରୁତର



**ଦଶପଲ୍ଲା,୨୪।୧୦ (ଡି.ଏନ.ଏ.):** ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ସ୍ଥାନୀୟ ରଙ୍ଗମାଟିଆ ଛକ ନିକଟରେ ବୁଧବାର ସନ୍ଧ୍ୟାରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୫ଜଣ ଆହତ ହୋଇଥିବାବେଳେ ୨ଜଣ ଗୁରୁତର ହୋଇଛନ୍ତି। ଆହତମାନେ ହେଲେ ରଙ୍ଗମାଟିଆ ଅଞ୍ଚଳର ଅର୍ଜୁନ ଜାନି, ପିଙ୍କୁ କର୍ମି, ତୁମାଣ୍ଡି ଅଞ୍ଚଳର ଆନନ୍ଦ ଚନ୍ଦ୍ର ନାୟକ, ମହି ନାୟକ ଓ ସୁବ୍ରତ ନାୟକ। ଘଟଣାସ୍ଥଳରେ ଦମକଳବାହିନୀ ଓ ୧୦୮ ଆମ୍ବୁଲାନ୍ସ ପହଞ୍ଚି ଆହତ ବ୍ୟକ୍ତିମାନଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି। ଅର୍ଜୁନ ଓ ଆନନ୍ଦଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କ ପକ୍ଷରୁ ଥାନାରେ ଅଭିଯୋଗ

**ଦଶପଲ୍ଲା,୨୪।୧୦ (ଡି.ଏନ.ଏ.):** ଦଶପଲ୍ଲା-ଗଣିଆ ରାସ୍ତାର ସ୍ଥାନୀୟ ମଧୁପୁର ଛକ ନିକଟରେ ଗତ ୨୧ ତାରିଖ ସନ୍ଧ୍ୟାରେ ହୋଇଥିବା ଦୁର୍ଘଟଣାରେ ବିଜୟ ବେହେରା ଗୁରୁତର ହୋଇଥିଲେ। ବୁଧବାର ଏ ସମ୍ପର୍କରେ ତାଙ୍କ ସ୍ତ୍ରୀ ସଞ୍ଜୁଲତା ବେହେରା ଦଶପଲ୍ଲା ଥାନାରେ ଅଭିଯୋଗ କରିଛନ୍ତି। ସଞ୍ଜୁଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ସ୍ୱାମୀ ଭୁବନେଶ୍ୱରରୁ ଫେରି ଘରକୁ ଯାଉଥିବା ସମୟରେ ଏକ ବାଇକ୍ ଆସି ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ଗୁରୁତର ଅବସ୍ଥାରେ ବିଜୟଙ୍କୁ ଉଦ୍ଧାର କରାଯାଇଥିବା ବେଳେ ସେ ଏବେ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି।

## ୨୦୦୪ ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ



**ନୟାଗଡ଼ ଅଫିସ,୨୪।୧୦:** ନୟାଗଡ଼ ବ୍ଲକ ଚମ୍ପତିପୁର ପଞ୍ଚାୟତ ଶ୍ରୀଜଗନ୍ନାଥ ନୋଡାଲ ଉଚ୍ଚ ବିଦ୍ୟାଳୟର ୨୦୦୪ ମସିହା ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁମନ୍ତ କୁମାର ବିଶ୍ୱାଳ, ସୁଶାନ୍ତ ପ୍ରଧାନ ଓ ଅମୀୟ ସାଥୁଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସହପାଠୀ ଓ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ରହି ପୁରୁଣା ଦିନର ସ୍ମୃତି ବଖାଣିଥିଲେ। ଆଗାମୀ ଦିନରେ ମୋ ସ୍କୁଲ ଯୋଜନାରେ ସାମିଲ ହୋଇ ବିଦ୍ୟାଳୟକୁ ପ୍ରଗତି ପଥେ ଆଗେଇନେବା ପାଇଁ ସହପାଠୀମାନେ ନିଷ୍ପତ୍ତି ନେଇଥିଲେ। ଶିକ୍ଷକ ପ୍ରସନ୍ନ କୁମାର ରଥ, ରାମଚନ୍ଦ୍ର ଦାସ, କୃଷ୍ଣଚନ୍ଦ୍ର ରଥ, କବିରାଜ ମାର୍ଥା, ବିଶ୍ୱନାଥ ମୁଦୁଲି, ଖଲି ସାହୁ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପର୍ଶୁରାମ ଦାସ, ବୈକୁଣ୍ଠ ଦାସ ଓ ବୈକୁଣ୍ଠନାଥ ଦଳବେହେରା ପ୍ରମୁଖ ଉପସ୍ଥିତ ରହି ପୁରାତନ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ୮୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।




### ■ ନୟାଗଡ଼ ନିର୍ବାଚନମଣ୍ଡଳୀ: ଆଗକୁ ସାଧାରଣ ନିର୍ବାଚନ

# ଆରମ୍ଭ ହେଲାଣି ଅଙ୍କକଷା

**ନୟାଗଡ଼ ଅଫିସ,୨୪।୧୦**

- ■ପଦଯାତ୍ରା ମାଧ୍ୟମରେ ଲୋକଙ୍କ ନିକଟତର ହେଉଛି ବିଜେଡି
- ■ସଭାସମିତିରେ ମାତିଛି କଂଗ୍ରେସ
- ■ଭାଜପା ପଛରେ ପଡ଼ିଯାଇଥିବା ଚର୍ଚ୍ଚା

ଆଗକୁ ସାଧାରଣ ନିର୍ବାଚନ। ଏହାକୁ ଦୃଷ୍ଟିରେ ରଖି ନୟାଗଡ଼ ନିର୍ବାଚନମଣ୍ଡଳୀର ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ଅଙ୍କକଷା ଆରମ୍ଭ ହୋଇଯାଇଛି। ପ୍ରମୁଖ ୩ ଦଳ କିପରି କ୍ଷମତାକୁ ଆସିବେ ସେଥିପାଇଁ ନିଜର ନୀଳ ନକ୍ସା ତିଆରି କରିବାରେ ଲାଗିପଡ଼ିଛନ୍ତି। ବିଜେଡି ପଦଯାତ୍ରା ମାଧ୍ୟମରେ ଲୋକଙ୍କ ନିକଟତର ହେଉଥିବାବେଳେ କଂଗ୍ରେସ ସଭାସମିତି କରି ବିଜେଡି ବିରୋଧରେ ବିଷୋଦ୍‌ଗାର କରୁଛି। ଏପରିସ୍ଥଳେ ଭାଜପା ଏକରକମ ପଛରେ ପଡ଼ିଯାଇଥିବା ଚର୍ଚ୍ଚା ହେଉଛି। ନିର୍ବାଚନମଣ୍ଡଳୀରେ ବିଭିନ୍ନ କାର୍ଯ୍ୟକ୍ରମକୁ ଦେଖିଲେ ଏହା ସ୍ପଷ୍ଟ ବାରି ହୋଇପଡୁଛି।

ବିଜେଡି ବିଧାୟକ ଡ. ଅରୁଣ କୁମାର ସାହୁ କର୍ମୀମାନଙ୍କୁ ଧରି ଅକ୍ଟୋବର ୨ ତାରିଖରୁ ପଦଯାତ୍ରା ଆରମ୍ଭ କରିଛନ୍ତି। ୧୫ ଦିନରେ ସେ ୩୦୦ କିଲୋମିଟର ବୁଲିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ୪ଦିନ ପଦଯାତ୍ରା କରି ୧୪ ପଞ୍ଚାୟତର ବିଭିନ୍ନ ଗ୍ରାମ ବୁଲି ଲୋକମାନଙ୍କ ନିକଟତର ହୋଇଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ ଅଞ୍ଚଳରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ ବିଧାୟକ ସାହୁ ଲୋକମାନଙ୍କୁ ଜଣାଉଛନ୍ତି।

କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ନୟାଗଡ଼ ନିର୍ବାଚନମଣ୍ଡଳୀରୁ ବିଜେଡି ଟିକେଟ ପାଇବା ପାଇଁ ଆଶାୟୀ ଥିବା ନେଇ ଚର୍ଚ୍ଚା ହେଉଥିଲା। କିଛିମାସ ତଳେ ଏମ୍‌ପିଙ୍କ ସମର୍ଥକମାନଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ସହିତ ନୟାଗଡ଼ର ବିଭିନ୍ନ କାର୍ଯ୍ୟକ୍ରମରେ ସିଂ ଯୋଗ ଦେଉଥିଲେ। ହେଲେ ଏହି କାର୍ଯ୍ୟକ୍ରମ ବର୍ତ୍ତମାନ ଆଉ ଦେଖିବାକୁ ମିଳୁନାହିଁ, ଯାହାକି ବିଧାୟକ ସାହୁଙ୍କ ପାଇଁ ପଥ ପରିଷ୍କାର କରିଦେଇଥିବା ରାଜନୈତିକ ସମୀକ୍ଷକଙ୍କ ମହଲରେ ଆଲୋଚନା ହେଉଛି। ଅନ୍ୟପଟେ କଂଗ୍ରେସ କିପରି ଜିଲାରେ ତାର ସ୍ଥିତି ସୁଦୃଢ଼ କରିପାରିବ ତାହାକୁ ଲକ୍ଷ୍ୟରେ ରଖି ନୂତନ ଭାବେ ଜିଲା ସଭାପତି ହୋଇଥିବା ରଣଜିତ୍ ଦାଶ ନୟାଗଡ଼ ସହରରେ ବିଭିନ୍ନ ସ୍ଥାନରେ ସଭାସମିତି କରି ବିଜେଡି ବିରୋଧରେ ବିଷୋଦ୍‌ଗାର କରୁଛନ୍ତି। ଆଗାମୀ ଦିନରେ ବିଧାୟକ ସାହୁଙ୍କ ବିରୋଧରେ ଥିବା ବିଭିନ୍ନ ଅଭିଯୋଗକୁ ଅସ୍ତ୍ର କରି ଲୋକଙ୍କ ନିକଟତର ହେବାକୁ ଯୋଜନା କରିଛନ୍ତି ସଭାପତି ରଣଜିତ୍। ଲାଲା ମନୋଜ ରାୟ କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦାନ ପରେ ଯେଉଁଭଳି ଭାବେ ସକ୍ରିୟ ହୋଇ ଲୋକଙ୍କ ପାଖକୁ ଯାଉଥିଲେ ତାହା ଆଉ ବର୍ତ୍ତମାନ ଦେଖିବାକୁ ମିଳୁନାହିଁ। ଲାଲାଙ୍କ ସ୍ତ୍ରୀ ତଥା ଭାଜପା ନେତ୍ରୀ ଇରାନୀ ରାୟ ନିଜର କିଛି ସମର୍ଥକଙ୍କୁ ଧରି ଗ୍ରାମ ବୁଲିବାରେ ସୀମିତ। ଏହିଭଳି ସ୍ଥଳେ ଭାଜପା କିପରି ଆଗକୁ ଯିବ ତାହାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଲାଗିରହିଛି। ବୁଦ୍ଧିଜୀବୀ ସମ୍ମିଳନୀ ପରେ ଭାଜପାର ଆଉ ଦେଖାଦର୍ଶନ ମିଳୁନାହିଁ। ଏ ନେଇ ଜିଲା ଭାଜପା ସଭାପତି ସନ୍ନ୍ୟାସୀ ନାୟକଙ୍କୁ ପଚାରିବାରୁ ସେ କହନ୍ତି, ଆଗାମୀ ଦିନରେ ସମସ୍ତ ବ୍ଲକ ଘେରାଉ କରାଯିବ। ନଭେମ୍ବର ୧ରୁ ୭ ପ୍ରବାସୀ କାର୍ଯ୍ୟକ୍ରମ, ୧୧ରୁ ୩୧ ପଦଯାତ୍ରା ଭଳି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଅନ୍ୟପଟେ ସରକାରୀ କାର୍ଯ୍ୟକ୍ରମକୁ ବିଜେଡି ହାଇଜାକ୍ କରି ଲୋକଙ୍କ ନିକଟତର ହୋଇଥିବା ପ୍ରକାଶ କରିଥିଲେ। ଆଗାମୀ ଦିନରେ ଲୋକଙ୍କ ନିକଟତର ହେବା ପାଇଁ ଜିଲା ଭାଜପାର ବିଭିନ୍ନ କାର୍ଯ୍ୟକ୍ରମ କରାଯିବ ବୋଲି ସଭାପତି ନାୟକ ସୂଚନା ଦେଇଥିଲେ।

### ■ଓଡ଼ଗାଁରେ ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ

## ସକାଳର ସୂର୍ଯ୍ୟୋଦୟ ଦେଖନ୍ତୁ-ବିଧାୟକ




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ଓଡ଼ଗାଁ, ୨୪।୧୦(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଆନୁକୂଲ୍ୟରେ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ସ୍ଥାନୀୟ ମିନି ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ରଘୁନାଥ ମନ୍ଦିରରୁ ଏକ ଶୋଭାଯାତ୍ରା ସଭାସ୍ଥଳ ପର୍ଯ୍ୟନ୍ତ ଆସିଥିଲା । ଏକ ଭ୍ରାମ୍ୟମାଣ ଭ୍ୟାନ ଜରିଆରେ ଭିଡିଓ ପରଦାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ସମ୍ବୋଧିତ କରିଥିଲେ। ମୁଖ୍ୟଅତିଥି ବିଧାୟକ ଅରୁଣ କୁମାର ସାହୁ ବିଜୁ ବାହିନୀର ସଦସ୍ୟମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ ଅଯଥା ମୋବାଇଲରେ ସମୟ ଅପଚୟ ନ କରିବା ଏବଂ ଜୀବନରେ ସଫଳତା ହାସଲ କରିବାକୁ ହେଲେ ଦୈନିକ ସୂର୍ଯ୍ୟୋଦୟ ଦେଖିବାକୁ ପରାମର୍ଶ ଦେଇଥିଲେ। ସେହିପରି ଅନ୍ୟତମ ଅତିଥି ରଣପୁର ବିଧାୟକ ରବିନାରାୟଣ ମହାପାତ୍ର ବିଜୁ ଯୁବବାହିନୀ ପ୍ରଥମରୁ ହିଁ ସଫଳତା ହାସଲ କରିଥିବାରୁ ସରକାରଙ୍କ ଏତାଦୃଶ ଉଦ୍ୟମକୁ ପ୍ରଶଂସା କରିଥିଲେ। ସେହିପରି ଜିଲାପାଳ ଡ. ଏନ ତିରୁମଲା ନାୟକ ବିଜୁ ଯୁବ ବାହିନୀକୁ ସମ୍ବୋଧିତ କରିବା ଅବସରରେ ଆମେ ସବୁ ହିରୋ ଆଗରେ ଆଉ ସବୁ ଭିଲିୟାନ ପଛରେ ବୋଲି କହିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଜିଲା ଆରକ୍ଷୀ ଅଧୀକ୍ଷକ ଶଶୀଭୂଷଣ ଶତପଥୀ, ବ୍ଲକ ଅଧ୍ୟକ୍ଷା ମମତା ବେହେରା, ଉପଧ୍ୟକ୍ଷା ବିରଜାଲକ୍ଷ୍ମୀ ସାହୁ, ଜିଲା କ୍ରୀଡା ଅଧିକାରିଣୀ ସୁଜାତା ସାହୁ ଓ ବିଡିଓ ମନୋଜ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ହେଲେ ବିଜୁ ବାହିନୀର କାର୍ଯ୍ୟକ୍ରମ ହୋଇଥିବା ସତ୍ତ୍ୱେ ସେମାନଙ୍କ ରାଜ୍ୟ, ଜିଲା କିମ୍ବା ବ୍ଲକ ସଂଯୋଜକଙ୍କୁ ମଞ୍ଚରେ ସ୍ଥାନ ମିଳି ନ ଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା ।

### ମା'ଲକ୍ଷ୍ମୀଙ୍କଠାରୁ କପର୍ଦ୍ଦି ଖେଳରେ ହାରିଲେ ଶ୍ରୀଜୀଉ

## ଗ୍ରାମବାସୀଙ୍କ ସୁରକ୍ଷା ପାଇଁ ଗ୍ରାମ ପରିକ୍ରମା

**ଖଣ୍ଡପଡା,୨୪।୧୦(ସ୍ୱ.ପ୍ର.)**

କୁମାରପୂର୍ଣ୍ଣିମା ତିଥିରେ ବୁଧବାର ପରମ୍ପରା ଅନୁସାରେ ନୀଳମାଧବ ଜୀଉଙ୍କ ପୀଠରେ ମା'ଲକ୍ଷ୍ମୀଙ୍କ ସହିତ ପ୍ରଭୁ ଶ୍ରୀନୀଳମାଧବ ଜୀଉଙ୍କ କପର୍ଦ୍ଦି(ଜୁଆ)ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀଜୀଉ ମା'ଲକ୍ଷ୍ମୀଙ୍କଠାରୁ ପରାଜିତ ହୋଇଥିବା ଦୃଶ୍ୟକୁ ବହୁ ଶ୍ରଦ୍ଧାଳୁ ଉପଭୋଗ କରିଥିବା ପରିଲକ୍ଷିତ ହୋଇଛି । ସେହିପରି ନୀଳମାଧବ ଜୀଉଙ୍କ ଆୟୁଧ ସୁଦର୍ଶନ ଗ୍ରାମବାସୀଙ୍କୁ ସୁରକ୍ଷା ଦେବା ପାଇଁ ସନ୍ଧ୍ୟାରେ ଗ୍ରାମ ବିଜେ କରିଥିଲେ । ଶ୍ରୀନୀଳମାଧବ ଜୀଉଙ୍କ ସମସ୍ତ ନୀତିକାନ୍ତି ଏବଂ ସକାଳ ଧୁପ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା । ସନ୍ଧ୍ୟାରେ ସୁଦର୍ଶନଙ୍କୁ ବିମାନରେ ବିଜେ କରାଯାଇ ଘଣ୍ଟ, ଘଣ୍ଟା, କାହାଳୀ, ମୃଦଙ୍ଗ ଆଦି ବାଜଣା ମାଧ୍ୟମରେ ଗ୍ରାମ ପରିକ୍ରମା କରାଯାଇଥିଲା । କଥିତ ଅଛି ବର୍ଷାଋତୁ ପରେ ଲୋକେ ଝାଡା, ବାନ୍ତି, ଜ୍ୱର ଆଦି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡିଥାନ୍ତି । ଏହି ସବୁ ରୋଗରୁ ମୁକ୍ତି ତଥା ଲୋକଙ୍କୁ ସୁରକ୍ଷା ଦେବା ଲାଗି ଏଠାରେ ଶ୍ରୀନୀଳମାଧବ ଜୀଉଙ୍କ ଆୟୁଧ ସୁଦର୍ଶନ ଜୀଉଙ୍କ ଗ୍ରାମ ପରିକ୍ରମା କରିବା ପରମ୍ପରା ବହୁ ପୂର୍ବରୁ ପ୍ରଚଳିତ । ଏହି ପର୍ବ ପରେ ଶ୍ରୀ ଜୀଉଙ୍କ କପର୍ଦ୍ଦି(କଉଡ଼ି) ପୂଜା ଅନୁଷ୍ଠିତ ହୋଇଥିଲା । ଠାକୁରଙ୍କ ବଡ ସିଂହାର ସମୟରେ ଏହି କପର୍ଦ୍ଦି ପୂଜାର ବିଧି ରହିଛି। ଏହା ପରେ ଠାକୁରଙ୍କ ଜୁଆଖେଳ ନୀତି ଅନୁଷ୍ଠିତ ହୋଇଥିଲା । ଶ୍ରୀ ଜୀଉଙ୍କ ମାଧ୍ୟମ ପୂଜାରୀ ପିତବାସ ମିଶ୍ର ଓ ପତ୍ରୀ କୁଳମଣି ମିଶ୍ରଙ୍କ ମଧ୍ୟରେ ଜୁଆଖେଳ ସମ୍ପନ୍ନ ହୋଇଥିଲା । ସୂଚନାଯୋଗ୍ୟ ଯେ, କପର୍ଦ୍ଦି ଖେଳ ପାଇଁ ଶ୍ରୀ ଜୀଉଙ୍କ ୨୧ଟି ରୁପାର କପର୍ଦ୍ଦି ରହିଛି । ଖଣ୍ଡପଡାର ବିଭିନ୍ନ ଅଞ୍ଚଳରେ ପୂଜା ପାଉଥିବା ଠାକୁରଙ୍କ ଏହି ନୀତିକୁ ଅନୁସରଣ କରି ବିଶେଷକରି ପ୍ରଭୁଙ୍କ ଏହି ଜୁଆ ଖେଳ ନୀତିକୁ ଆଧାର କରି ଖଣ୍ଡପଡା ଓ ଏହାର ଆଖପାଖ ଅଞ୍ଚଳର ଶତାଧିକ ଯୁବକ ଓ ବୟସ୍କ ବ୍ୟକ୍ତି ଅହୋରାତ୍ର ଜୁଆ ଖେଳିଥାନ୍ତି।

## ୩୦ରେ ଭାଜପାର ନୂଆଗାଁ ବ୍ଲକ ଘେରାଉ

**ନୂଆଗାଁ,୨୪।୧୦ (ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଚଳିତ ମାସ ୩୦ ତାରିଖରେ ନୂଆଗାଁ ଭାରତୀୟ ଜନତା ପାର୍ଟି(ଭାଜପା) ତରଫରୁ ଆନ୍ଦୋଳନ କରାଯିବା ସହ ବ୍ଲକ ଘେରାଉ କରାଯିବ ବୋଲି ଭାରତୀୟ ଜନତା ପାର୍ଟି ଜିଲା ସଭାପତି ସନ୍ନ୍ୟାସୀ ନାୟକ ସୂଚନା ଦେଇଛନ୍ତି। କେନ୍ଦ୍ର ସରକାର ଲୋକଙ୍କ ଜୀବନଧାରାକୁ ସହଜ ଓ ସରଳୀକରଣ କରିବା ନିମନ୍ତେ ଲୋକମାନଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରୁଛନ୍ତି । କିନ୍ତୁ ରାଜ୍ୟ ସରକାର ନିଜ ଯୋଜନା କହି ଲୋକଙ୍କୁ ଠକୁଥିବା ଭାଜପା ଅଭିଯୋଗ କରିଛି। ରାଜ୍ୟ ସରକାର ଲୋକଙ୍କୁ ସମସ୍ତ ସୁବିଧା ଯୋଗାଇ ଦେଇଥିବା ଡିଣ୍ଡିମ ପିଟୁଥିବା ବେଳେ ନୂଆଗାଁ ବ୍ଲକର ଅନେକ ଗ୍ରାମକୁ ଆଜି ଯାଏ ରାସ୍ତା ନାହିଁ। ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷକମାନଙ୍କ ସମସ୍ୟା, ରାଶନ କାର୍ଡରେ ଅନିୟମିତତା, ଆବାସ ଯୋଜନାରେ ଅନିୟମିତତା ଆଦି ସମସ୍ୟା ଦେଖା ଦେଇଥିବା ବେଳେ ବିଜେଡି ସରକାର କୌଣସି ସମସ୍ୟା ସୁଧାରି ପାରୁନି । ଏସବୁ ସମସ୍ୟାର ପ୍ରତିବାଦରେ ଭାଜପା ଆନ୍ଦୋଳନ କରି ଲୋକଙ୍କ ସମସ୍ୟା ସୁଧାରିବା ପାଇଁ ନିଷ୍ପତ୍ତି ନେଇଛି । ତେଣୁ ରାଜ୍ୟର ନିଷ୍ପତ୍ତି କ୍ରମେ ନୟାଗଡ ଜିଲା ଭାରତୀୟ ଜନତା ଦଳର ସଭାପତି ନାୟକ ବୁଧବାର ନୂଆଗାଁ ଡାକ ବଙ୍ଗଳାଠାରେ ଏକ କର୍ମୀ ସମ୍ମିଳନୀ ଆୟୋଜନ କରିଥିଲେ। ୩୦ ତାରିଖ ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ କରାଯାଇଥିଲା। ନୂଆଗାଁ ବ୍ଲକର ଦୁଇ ମଣ୍ଡଳ ସଭାପତି ଦିନବନ୍ଧୁ ସାହୁ ଓ ଗୋଲକ ବିହାରୀ ମୁଦୁଲିଙ୍କ ନେତୃତ୍ୱରେ ହେବାକୁଥିବା ଏହି ଆନ୍ଦୋଳନ ଓ ବ୍ଲକ ଘେରାଉ କାର୍ଯ୍ୟକ୍ରମ ଅବସରରେ ଡାକ ବଙ୍ଗଳାଠାରୁ ଏକ ଶୋଭାଯାତ୍ରା ବାହାରି ବଜାର ମଧ୍ୟ ଦେଇ ବ୍ଲକ ପର୍ଯ୍ୟନ୍ତ ଯିବ । ବ୍ଲକ ସମ୍ମୁଖରେ ପ୍ରତିବାଦ ସଭା କରାଯାଇ ବିଡିଓଙ୍କୁ ଦାବିପତ୍ର ଦିଆଯିବ ବୋଲି ଭାରତୀୟ ଜନତା ପାର୍ଟିର ଜିଲା ସଭାପତି ନାୟକ ସୂଚନା ଦେଇଛନ୍ତି। ଏହି ପ୍ରସ୍ତୁତି ବୈଠକରେ ଜିଲା ସଭାପତି, ମଣ୍ଡଳ ସଭାପତି ସାହୁ, ବିଜୟ କୁମାର ପ୍ରଧାନ, ମୁରଲୀଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ବାର୍‌ହା ମାଂସ ଜବତ: ଜଣେ ଗିରଫ

**ରଣପୁର,୨୪।୧୦(ସ୍ୱ.ପ୍ର.):** ନୟାଗଡ ଜିଲା ରଣପୁର ବ୍ଲକ ଅନ୍ତର୍ଗତ ବଡପାରି ଗ୍ରାମରେ ବୁଧବାର ବନ କର୍ମଚାରୀମାନେ ଚଢାଉ କରି ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ୧୨କେଜି ବାର୍‌ହା ମାଂସ ଜବତ କରିଛନ୍ତି। ଏଥିସହ ବାର୍‌ହା ମାଂସ ରଖିଥିବା ଅଭିଯୋଗରେ ତପନ କୁମାର ପୃଷ୍ଟିଙ୍କୁ ଗିରଫ କରିଛନ୍ତି। ରଣପୁର ବନବିଭାଗର ମାଳ ସଂରକ୍ଷିତ ଜଙ୍ଗଲରେ ବେଆଇନ ଭାବେ ଶିକାରୀମାନେ ଦିନ ଦ୍ୱିପ୍ରହରରେ ଶିକାର କରୁଛନ୍ତି। ପରେ ମାଂସ ବାଣ୍ଟି ବିକ୍ରି କରୁଥିବା ଅଭିଯୋଗ ହୋଇ ଆସୁଛି।




## ପୂର୍ବ ତଟ ରେଳପଥ

### ଚୁକ୍ତିଭିତ୍ତିକ ମେଡ଼ିକାଲ ପ୍ରାକ୍ଟିସନର (CMP) ନିମନ୍ତେ ୱାକ୍-ଇନ୍-ଇଣ୍ଟରଭ୍ୟୁ

(1) ନିଯୁକ୍ତି ସୂଚନା ସଂ. 02/2018-CMP ତା.08.10.2018 ରିଖ

ପୂର୍ବ ତଟ ରେଳପଥ/ଖୋର୍ଦ୍ଧା ରୋଡ଼ ମଣ୍ଡଳ, ପୂର୍ଣ୍ଣକାଳୀନ ଚୁକ୍ତିଭିତ୍ତିକ ମେଡ଼ିକାଲ ପ୍ରାକ୍ଟିସନର (CMP) ଭାବେ ନିଯୁକ୍ତି ଦେବା ନିମନ୍ତେ ମୁକ୍ତ ବଜାର (Open Market)ରୁ ତଥା ଅବସରପ୍ରାପ୍ତ ରେଳବାଇ ଡାକ୍ତର ଏବଂ ଅବସରପ୍ରାପ୍ତ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ଡାକ୍ତରଙ୍କ ଏକ ନାମ ତାଲିକା ପ୍ରସ୍ତୁତ କରିବା ପାଇଁ ଚୁକ୍ତି ଭିତ୍ତିରେ **ଏକ ବର୍ଷ** ଅବଧି ନିମନ୍ତେ ଏକ ୱାକ୍-ଇନ୍-ଇଣ୍ଟରଭ୍ୟୁ ଆୟୋଜନ କରିବ। ସଂପୃକ୍ତ CMP ମାନଙ୍କ ସମ୍ମତି ଭିତ୍ତିରେ ପରବର୍ତ୍ତୀ ସମୟରେ ଏହାକୁ ପୁନର୍ବାର ବର୍ଷକୁ ବର୍ଷ ସାନି ଚୁକ୍ତି କରାଯାଇପାରିବ, ଯାହାକି 12 ବର୍ଷରୁ ଊର୍ଦ୍ଧ୍ୱ ଅବଧି ହେବ ନାହିଁ କିମ୍ବା IRMS ଦ୍ୱାରା ଚୟନ ହୋଇଥିବା ଡାକ୍ତରମାନଙ୍କୁ ଏହି ପଦରେ ନିଯୁକ୍ତି ପର୍ଯ୍ୟନ୍ତ କିମ୍ବା ଏହି ବ୍ୟବସ୍ଥା ଉପଲବ୍ଧ ଥିବା ପର୍ଯ୍ୟନ୍ତ ଯେଉଁଟି ପ୍ରଥମେ ହେବ, ସେହି ଅବଧି ପର୍ଯ୍ୟନ୍ତ ଏହି ନିଯୁକ୍ତି ବଳବତ୍ତର ରହିବ। ସବିଶେଷ ବିବରଣୀ ନିମ୍ନ ପ୍ରଦତ୍ତ ଅଟେ :

ଖାଲି ଥିବା ମୋଟ୍ ପଦବୀ: **02 (ଖୋର୍ଦ୍ଧା ରୋଡ଼ ମଣ୍ଡଳର ବ୍ରହ୍ମପୁର ହେଲଥ ୟୁନିଟ୍, କେନ୍ଦୁଝରଗଡ଼ - ଯଖପୁରା ସେକ୍ସନ ପ୍ରତ୍ୟେକଙ୍କ ପାଇଁ 01 ଗୋଟି ହିସାବରେ)।**

ଶିକ୍ଷାଗତ ଯୋଗ୍ୟତା/ଉପଯୁକ୍ତତା: ପ୍ରାର୍ଥୀ ଭାରତୀୟ ଚିକିତ୍ସା ପରିଷଦ(Indian Medical Council) ଦ୍ୱାରା ସ୍ୱୀକୃତ ସର୍ବନିମ୍ନ MBBS ଡିଗ୍ରୀ ପ୍ରାପ୍ତ କରିଥିବା ସହିତ ସେ ଏକ ବର୍ଷ ବାଧ୍ୟତାମୂଳକ ରୋଟେଟୋରୀ ଇଣ୍ଟର୍ଣ୍ଣସିପ୍ (Rotatory Internship)ସମାପ୍ତ ପରେ କିମ୍ବା ଭାରତୀୟ ଚିକିତ୍ସା ପରିଷଦରେ ଭାରତର ଯେକୌଣସି ରାଜ୍ୟ ଚିକିତ୍ସା ପରିଷଦରୁ ବୈଧ ରେଜିଷ୍ଟ୍ରେସନ ପ୍ରମାଣ ପତ୍ର ପାଇଥିବେ। ଅନ୍ୟ କୌଣସି ପ୍ରମାଣପତ୍ର ଗ୍ରହଣ କରାଯିବ ନାହିଁ।

ପାରିଶ୍ରମିକ: ପୂର୍ଣ୍ଣକାଳୀନ ଜେନେରାଲ ଡ୍ୟୁଟି ମେଡ଼ିକାଲ ଅଫିସର-CMP ମାନଙ୍କ ପାଇଁ ମାସିକ ପାରିଶ୍ରମିକ ଟ.75,000/-(HRA ଏବଂ ପରିବହନ ଭତ୍ତା ସହିତ)।

### ଅଂଶକାଳିକ (Part Time) ଚୁକ୍ତିଭିତ୍ତିକ ମହିଳା ଚିକିତ୍ସକ ନିଯୁକ୍ତି ନିମନ୍ତେ ୱାକ୍-ଇନ୍-ଇଣ୍ଟରଭ୍ୟୁ

(2) ନିଯୁକ୍ତି ସୂଚନା ସଂ. CMP.03/2018 ତା.08.10.2018 ରିଖ

ଏକ ବର୍ଷ ଅବଧି ନିମନ୍ତେ **ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନସ୍ଥ ହେଲଥ ୟୁନିଟ୍, ଅନୁଗୋଳ** ଠାରେ ଦୈନିକ 4 ଘଣ୍ଟା ଏବଂ ସପ୍ତାହରେ 6 ଦିନ ଡ୍ୟୁଟି ପାଇଁ ଚୁକ୍ତି ଭିତ୍ତିରେ **ଅଂଶକାଳିକ ମହିଳା ଚିକିତ୍ସକମାନଙ୍କ** ନିଯୁକ୍ତି ପ୍ରଦାନ କରିବା ନିମନ୍ତେ ଏକ ନାମ ତାଲିକା (Panel) ପ୍ରସ୍ତୁତ କରିବା ପାଇଁ ଏକ ୱାକ୍-ଇନ୍-ଇଣ୍ଟରଭ୍ୟୁ ର ଆୟୋଜନ କରାଯିବ। ପରବର୍ତ୍ତୀ ସମୟରେ ସଂପୃକ୍ତ ଅଂଶକାଳିକ ଚୁକ୍ତିଭିତ୍ତିକ ମହିଳା ଚିକିତ୍ସକମାନଙ୍କ ସମ୍ମତି ଭିତ୍ତିରେ ପ୍ରତି ବର୍ଷ ସାନି ଚୁକ୍ତି ଦ୍ୱାରା ଏହାକୁ ପୁନଃ ନବୀକରଣ କରାଯାଇପାରିବ, ଯାହାର ଅବଧି ସର୍ବାଧିକ 05 ବର୍ଷ ପର୍ଯ୍ୟନ୍ତ କିମ୍ବା ନିୟମିତ IRMS ଚିକିତ୍ସକ ଦ୍ୱାରା ଏହି ପଦବୀ ପୂରଣ ହେବା ପର୍ଯ୍ୟନ୍ତ କିମ୍ବା ଏହି ଯୋଜନା ଉପଲବ୍ଧ ଥିବା ପର୍ଯ୍ୟନ୍ତ, ଯେଉଁଠି ପ୍ରଥମେ ହେବ, ସେହି ପର୍ଯ୍ୟନ୍ତ ଏହି ଚୁକ୍ତି ବଳବତ୍ତର ରହିବ। ସବିଶେଷ ବିବରଣୀ ନିମ୍ନ ପ୍ରଦତ୍ତ ଅଟେ :

ଖାଲି ଥିବା ମୋଟ୍ ପଦବୀ : **01(ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନସ୍ଥ ହେଲଥ ୟୁନିଟ୍, ଅନୁଗୋଳ ଠାରେ 01 ଗୋଟି)।**

**ଶିକ୍ଷାଗତ ଯୋଗ୍ୟତା/ଉପଯୁକ୍ତତା** : ପ୍ରାର୍ଥୀ MBBS କିମ୍ବା ସ୍ନାତକୋତ୍ତର(MD କିମ୍ବା MS)ଡିଗ୍ରୀ ପ୍ରାପ୍ତ କରିଥିବା ସହିତ ସେ ଏକ ବର୍ଷ ବାଧ୍ୟତାମୂଳକ ରୋଟେଟୋରୀ ଇଣ୍ଟର୍ଣ୍ଣସିପ୍ (Rotatory Internship)ସମାପ୍ତ ପରେ କିମ୍ବା ଭାରତୀୟ ଚିକିତ୍ସା ପରିଷଦରେ ଭାରତର ଯେକୌଣସି ରାଜ୍ୟ ଚିକିତ୍ସା ପରିଷଦରୁ ବୈଧ ରେଜିଷ୍ଟ୍ରେସନ ପ୍ରମାଣପତ୍ର ପାଇଥିବେ।

**ପାରିଶ୍ରମିକ** : (i) ମାସିକ ପାରିଶ୍ରମିକ ଟ.36,900/-, (ii) ଉପଯୁକ୍ତ ସମୟ ଠାରୁ ଅଧିକ ଦିନ ଅନୁପସ୍ଥିତ କ୍ଷେତ୍ରରେ ପାରିଶ୍ରମିକରୁ ଦୈନିକ ଦିନ ପ୍ରତି ଟ.1,230/- ଦରରେ କାଟ ହୋଇପାରେ।

**ବୟସ**: ତା.01.10.2018 ରିଖ ସୁଦ୍ଧା 53 ବର୍ଷରୁ ଅଧିକ ବୟସ ହୋଇନଥିବ। ଅନ୍ୟ ପକ୍ଷରେ ଅନୁସୂଚିତ ଜାତି (SC)/ଅନୁସୂଚିତ ଜନଜାତି(ST)ପ୍ରାର୍ଥୀଙ୍କ ପାଇଁ 5 ବର୍ଷ ଏବଂ ଅନ୍ୟ ପଛୁଆ ବର୍ଗ(OBC) ପ୍ରାର୍ଥୀଙ୍କ ପାଇଁ 3 ବର୍ଷ ପର୍ଯ୍ୟନ୍ତ ବୟସ ସୀମାରେ କୋହଳ କରାଯିବ (କ୍ରମ ସଂ. 1 ଏବଂ 2 ନିମନ୍ତେ)।

**'ୱାକ୍-ଇନ୍-ଇଣ୍ଟରଭ୍ୟୁ' ସ୍ଥାନ, ତାରିଖ ଓ ସମୟ (କ୍ରମ ସଂ. 1 ଏବଂ 2 ନିମନ୍ତେ) :**

| "ୱାକ୍-ଇନ୍ ଇଣ୍ଟରଭ୍ୟୁ" ସ୍ଥାନ | ତାରିଖ, ରିପୋର୍ଟ କରିବା ସମୟ ଏବଂ "ୱାକ୍-ଇନ୍ ଇଣ୍ଟରଭ୍ୟୁ" ସମୟ |
|---|---|
| ମୁଖ୍ୟ ଚିକିତ୍ସା ଅଧୀକ୍ଷକଙ୍କ କାର୍ଯ୍ୟାଳୟ, ମଣ୍ଡଳ ରେଳ ଚିକିତ୍ସାଳୟ, ଖୋର୍ଦ୍ଧା ରୋଡ଼, ପୋଷ୍ଟ: ଜଟଣୀ-752025, ଓଡ଼ିଶା | ତା.08.11.2018ରିଖ 1030 ଘଟିକା |

**ଦ୍ରଷ୍ଟବ୍ୟ** : ସାକ୍ଷାତକାରରେ ଯୋଗଦେବା ପାଇଁ ପ୍ରାର୍ଥୀମାନଙ୍କୁ କୌଣସି ପ୍ରକାର ଯାତ୍ରା ଭଡ଼ା/ଦୈନିକ ଭତ୍ତା/ରହିବା ସୁବିଧା ପ୍ରଦାନ କରାଯିବ ନାହିଁ (କ୍ରମ ସଂ. 1 ଏବଂ 2 ନିମନ୍ତେ)।

ସଂପୂର୍ଣ୍ଣ ବିବରଣୀ, ଦରଖାସ୍ତ ଫର୍ମାଟ୍ ଓ ଅନ୍ୟାନ୍ୟ ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଦୟାକରି ୱେବ୍‌ସାଇଟ୍ **www.eastcoastrail.indianrailways.gov.in** ଅବଲୋକନ କରନ୍ତୁ।

PR-367/J/18-19 — ମଣ୍ଡଳ ରେଳ ପ୍ରବନ୍ଧକ(କାର୍ମିକ), ଖୋର୍ଦ୍ଧା ରୋଡ଼

## ସର୍ବସାଧାରଣ ବିଜ୍ଞପ୍ତି

ଏତଦ୍ୱାରା ଅଧିସୂଚିତ କରାଯାଉଛି ଯେ ଶ୍ରୀ ଅଜିତ କୁମାର, ସିସି/ଡିଜେଏଚ୍ଆର୍, ସିଜିଏସ୍/ଡିଜେଏଚ୍ଆର୍ ଅଧୀନରେ ସିସି ଭାବେ କାର୍ଯ୍ୟରତ ଥିବା ବେଳେ ଗୁରୁତର ଅସଦାଚରଣ କରିଛନ୍ତି କାରଣ ଆପଣ କୌଣସି କ୍ଷମତାପ୍ରାପ୍ତ ରେଳପଥ କର୍ତ୍ତୃପକ୍ଷଙ୍କଠାରୁ ଆଗୁଆ ଅନୁମତି ନ ନେଇ ତା୧୪।୦୮।୨୦୧୫ରୁ ୧୦।୦୬।୨୦୧୬ରିଖ ତଥା ଆଜି ପର୍ଯ୍ୟନ୍ତ ଅଣପ୍ରାଧିକୃତ ଭାବେ ଅନୁପସ୍ଥିତ ରହିଆସିଛନ୍ତି ଯାହା ରେଳପଥ ସେବା ଆଚରଣ ନିୟମ, ୧୯୬୬ର ନିୟମ ୩.୧ (ii) ଏବଂ (iii)ର ଉଲ୍ଲଂଘନ ଅଟେ । କଥିତ ଉଲ୍ଲଂଘନ ପାଇଁ ଆପଣଙ୍କ ସକାଶେ ମେଜର୍ ପେନାଲ୍ଟି ଚାର୍ଜଶିଟ୍, ଜ୍ଞାପକପତ୍ର ନଂ. ସି.୯୪/ଏକେ/ସିସି/ଡିଜେଏଚ୍ଆର୍/୧୮, ତାରିଖ: ୨୧।୦୮।୨୦୧୭ ଜାରି କରାଯାଇଥିଲା, ଯେହେତୁ ଆପଣଙ୍କ ଖୋଜଖବର ମିଳୁ ନ ଥିଲା ଏବଂ ଆପଣ ନିଜର ଜ୍ଞାତ ଠିକଣାରେ ଉପଲବ୍ଧ ନ ଥିଲେ ତେଣୁ ଏହାକୁ ଆପଣଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଲଗାଯାଇଥିଲା। ପଞ୍ଜୀକୃତ ଡାକ ଯୋଗେ ଏବଂ ତା୨୫।୦୫, ୧୫।୦୬ ଏବଂ ୦୨।୦୭।୨୦୧୮ରିଖରେ ଷ୍ଟେଶନ ନୋଟିସ ବୋର୍ଡ ଲଗାଯାଇ ଆଇଓଙ୍କ ବାରମ୍ବାର ଆପଣଙ୍କୁ ସୂଚିତ କରାଯିବାର ପ୍ରଚେଷ୍ଟା ସତ୍ତ୍ୱେ ଆପଣ ଶୃଙ୍ଖଳାଗତ ଏବଂ ଅପିଲ ନିୟମ, ୧୯୬୮ ଅଧୀନରେ ତଦନ୍ତରେ ଉପସ୍ଥିତ ହେବାର ବିଫଳ ହୋଇଛନ୍ତି। ଏହି ନୋଟିସକୁ ଚୂଡ଼ାନ୍ତ ନୋଟିସ ଭାବେ ବିବେଚନା କରାଯାଇପାରିବ ଯାହା ଆପଣଙ୍କୁ ନିଜର ସଫେଇ ଦେବା ଏବଂ ମାମଲାରେ ପ୍ରତିନିଧିତ୍ୱ କରିବାର ସୁଯୋଗ ଦେଇଥାଏ ଯାହାଦ୍ୱାରା ପ୍ରାକୃତିକ ନ୍ୟାୟ ମଞ୍ଜୁର କରାଯାଇପାରିବ। ଏଣୁ, ଆପଣଙ୍କୁ ଅନୁରୋଧ ଯେ ଖବରକାଗଜରେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୧୫ ଦିନ ମଧ୍ୟରେ ଡିଏ ଅର୍ଥାତ୍ ଏସିଏମ୍/ସିକେପିଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ହୁଅନ୍ତୁ ଅନ୍ୟଥା ପ୍ରଶାସନ ସମ୍ପୃକ୍ତ ମାମଲାରେ ଏକତରଫା ନିଷ୍ପତ୍ତି ଗ୍ରହଣ କରିବା ଲାଗି ବାଧ୍ୟ ହେବ।

**ଶୃଙ୍ଖଳାଗତ କର୍ତ୍ତୃପକ୍ଷ**
**ଏସିଏମ୍/ସିକେପି**

(PR-840)

**ଦକ୍ଷିଣ ପୂର୍ବ ରେଳପଥ**
ଆମେ ହର୍ଷର ସହିତ ସେବା କରୁ

## ସର୍ବସାଧାରଣ ବିଜ୍ଞପ୍ତି

୧) ଶ୍ରୀ ପି.ସି. ଧୁନିଆ, ସିନିୟର୍ ଟେକ୍ (ଏମ୍), ଡିଏଲ୍ଏସ୍/ବିଏନ୍‌ଡିଏମ୍, ପିତା- ନକୁଳ ଧୁନିଆ, ଗ୍ରାମ- ତିନାଲଡିହି, ପୋଷ୍ଟ- ଚାନ୍ଦିଲ, ଥାନା - ପୂର୍ବ ଇଛାଗଡ଼, ଜିଲ୍ଲା- ସିଂହଭୂମ, ରାଜ୍ୟ- ଝାଡ଼ଖଣ୍ଡ, ପିନ୍-୮୩୨୪୦୧, ଭାୟା ସିନିୟର୍ ଡିଏମ୍ଇ (ଡି)/ବିଏନ୍‌ଡିଏମ୍‌ଙ୍କ ଦଣ୍ଡ ନୋଟିସ୍ ଡିଏଲ୍ଇ/୭୬୬/ପିସିଡି/୧୮/୩୭୩୭, ଏତଦ୍ୱାରା ଆପଣଙ୍କୁ ରେଲୱେ ସର୍ଭାଣ୍ଟ (ଡି ଆଣ୍ଡ ଏ) ନିୟମାବଳୀ, ୧୯୬୮ର ନିୟମ ୬ (VIII) ଅଧୀନରେ ଅନୁକମ୍ପାମୂଳକ ଭତ୍ତା ଭାବେ ୨/୩ୟ ପେନସନ୍ ଏବଂ ଗ୍ରାଚୁଇଟି ସହିତ ଆପଣଙ୍କୁ ସେବାରୁ ବହିଷ୍କାର କରାଯାଉଛି। ଏହା ତତ୍କାଳ ଲାଗୁ ହେବ। ଅପିଲ, ଯଦି ଥାଏ, ୪୫ ଦିନ ମଧ୍ୟରେ ଅପିଲୀୟ କର୍ତ୍ତୃପକ୍ଷ ଏଡିଆର୍ଏମ୍/ସିକେପିଙ୍କ ନିକଟରେ କରାଯାଇପାରିବ।

୨) ଏନ୍.ବଡ଼ାଏକ, ଟେକ୍-III, ଡିଏଲ୍ଏସ୍/ବିଏନ୍‌ଡିଏମ୍, ମାର୍ଫତ ବୈଜୟନ୍ତ ବଡ଼ାଏକ, ସ୍ଥାନ- ଅରିଲେପ୍ଟା, ପୋଷ୍ଟ- ସୁନ୍ଦରଗଡ଼, ରାଜ୍ୟ- ଓଡ଼ିଶା, ପିନ୍-୭୭୦୦୩୫, ଭାୟା ଏଡିଏମ୍ଇ (ଡି)/ବିଏନ୍‌ଡିଏମ୍‌ଙ୍କ ଦଣ୍ଡ ନୋଟିସ ଡିଏଲ୍ଇ/୭୬୬/ଏନ୍‌ବି/୧୮/୧୫୧୬, ଏତଦ୍ୱାରା ଆପଣଙ୍କୁ କୌଣସି ଅନୁକମ୍ପାମୂଳକ ଭତ୍ତା ବିନା ସେବାରୁ ବହିଷ୍କାର କରାଯାଉଛି। ଏହା ତତ୍କାଳ ଲାଗୁ ହେବ। ଅପିଲ, ଯଦି ଥାଏ, ୪୫ ଦିନ ମଧ୍ୟରେ ଅପିଲୀୟ କର୍ତ୍ତୃପକ୍ଷ ଡିଏମ୍ଇ (ଡି)/ବିଏନ୍‌ଡିଏମ୍‌ଙ୍କ ନିକଟରେ କରାଯାଇପାରିବ।

୩) ସଚିନ କୁମାର, ଟେକ୍-III, ପିତା- ହରେକୃଷ୍ଣ ପ୍ରସାଦ, ଗ୍ରାମ- ବିରଶ୍ରା, ପୋଷ୍ଟ- ସିଙ୍ଘିଘାଟ, ଜିଲ୍ଲା- ସମସ୍ତିପୁର, ରାଜ୍ୟ- ବିହାର, ପିନ୍-୮୪୮୨୩୬ । ଭାୟା ଏଡିଏମ୍ଇ (ଡି)/ବିଏନ୍‌ଡିଏମ୍‌ଙ୍କ ଦଣ୍ଡ ନୋଟିସ ଡିଏଲ୍ଇ/୭୬୬/ଏନ୍‌ବି/୧୮/୧୫୧୬, ଏତଦ୍ୱାରା ଆପଣଙ୍କୁ କୌଣସି ଅନୁକମ୍ପାମୂଳକ ଭତ୍ତା ବିନା ସେବାରୁ ବହିଷ୍କାର କରାଯାଉଛି। ଏହା ତତ୍କାଳ ଲାଗୁ ହେବ। ଅପିଲ, ଯଦି ଥାଏ, ୪୫ ଦିନ ମଧ୍ୟରେ ଅପିଲୀୟ କର୍ତ୍ତୃପକ୍ଷ ଡିଏମ୍ଇ (ଡି)/ବିଏନ୍‌ଡିଏମ୍‌ଙ୍କ ନିକଟରେ କରାଯାଇପାରିବ।

(PR-844)

**ସିନିୟର ଡିଏମ୍ଇ (ଡି)/ବିଏନ୍‌ଡିଏମ୍**

**ଦକ୍ଷିଣ ପୂର୍ବ ରେଳପଥ**
ଆମେ ହର୍ଷର ସହିତ ସେବା କରୁ

## ଧରିତ୍ରୀ DHARITRI Puja Quiz- 2018

Quiz No.11

**Main Sponsor** TVS — **Co-Sponsors** CENTRAL, Nikon

☑ Tick mark the box which is correct

୧. ପୋଷ୍ଟାଲ ଇଣ୍ଡେକ୍ସ ନମ୍ବର ଭାରତରେ କେବେ ପ୍ରଚଳିତ ହେଲା ?
କ. ୧୯୭୦ ☐ ଖ. ୧୯୭୨ ☐ ଗ. ୧୯୭୫ ☐ ଘ. କେଉଁଟି ନୁହେଁ ☐

୨. ନିମ୍ନଲିଖିତ କେଉଁ ଅର୍ଥବ୍ୟବସ୍ଥା ୟୁ.ଏସ୍.ଏ.ରେ ପ୍ରଚଳିତ ?
କ. ସମାଜବାଦୀ ଅର୍ଥବ୍ୟବସ୍ଥା ☐ ଖ. ପୁଞ୍ଜିବାଦୀ ଅର୍ଥବ୍ୟବସ୍ଥା ☐ ଗ. ମିଶ୍ରିତ ଅର୍ଥବ୍ୟବସ୍ଥା ☐ ଘ. କେଉଁଟି ନୁହେଁ ☐

୩. ଭାରତୀୟ ଗଣତନ୍ତ୍ରର ମୁଖ୍ୟ ବୈଶିଷ୍ଟ୍ୟଟି କ'ଣ ?
କ. ସୁପ୍ରିମ୍‌କୋର୍ଟ ☐ ଖ. ପାର୍ଲାମେଣ୍ଟ ☐ ଗ. ନିର୍ବାଚନ କମିଶନ ☐ ଘ. କେଉଁଟି ନୁହେଁ ☐

୪. ନିମ୍ନଲିଖିତ ମଧ୍ୟରୁ କେଉଁଟି ଶୀଘ୍ର ବଢୁଥିବା ଗଛ ?
କ. ନଡ଼ିଆ ଗଛ ☐ ଖ. ବରଗଛ ☐ ଗ. ଇଉକାଲିପଟାସ୍ ☐ ଘ. କେଉଁଟି ନୁହେଁ ☐

୫. ପୃଥିବୀର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ କିଏ ?
କ. ଗୋଲ୍ଡା ମିର୍ ☐ ଖ. ଇନ୍ଦିରା ଗାନ୍ଧୀ ☐ ଗ. ସିରିମାଭୋ ବନ୍ଦରନାଏକ ☐ ଘ. କେଉଁଟି ନୁହେଁ ☐

Participant's Name:....................
Address:....................
....................
Education ....................
Mobile.................... Age:..........
E-mail:....................

Terms & conditions:
1. Only original coupons will be considered.
2. Persons working with Dharitri or sponsors are not eligible for the contest.
3. Coupons should reach us within 7 days of publication.
4. Everyday three Daily Winners will be selected by lucky draw.
5. Mega prize winners will be selected from correct entries by lucky draw and Winners will bear gift taxes if any, as per Govt. norms.
6 Prize distribution date, time and venue will be intimated to the winners individually.
7. Selection of winners by the juries will be final. No complaints will be entertained.

*Conditions apply

Prizes: 1st - TVS Apache 160cc 2nd - TVS Jupiter Scooter, 3rd - TVS Scooty Pep+,
Consolation Prizes : Gift Vouchers from CENTRAL, Digital Cameras from NIKON
**Cut this coupon and send it to the following address:**
**DHARITRI Puja Quiz No. 11**
**B-15, Industrial Estate, Rasulgarh, Bhubaneswar-10**



## ସଂକ୍ଷେପରେ

### ବର୍ଷାରେ ଭାଙ୍ଗିଲା ଘର



**ଫିରିଙ୍ଗିଆ,୨୪।୧୦:** ଅଗଷ୍ଟରେ ହୋଇଥିବା ଲଗାଣ ବର୍ଷାରେ ଫିରିଙ୍ଗିଆ ବ୍ଲକ ସଲାଗୁଡା ପଞ୍ଚାୟତ ତାମ୍ବିସୁଗା ଗ୍ରାମର ନରେଶ କହଁରଙ୍କ ଘର ଭାଙ୍ଗିଯାଇଛି। ସ୍ଥାନୀୟ ପ୍ରଶାସନ ନିକଟରେ ଅଭିଯୋଗ କରି ମଧ କୌଣସି ସୁଫଳ ମିଳି ନାହିଁ। ଏବେ କୌଣସି ଉପାୟ ନ ପାଇ ପଡୋଶୀଙ୍କ ଘରେ ସାମୟିକ ଆଶ୍ରୟ ନେଇଛନ୍ତି ନରେଶ । ବିଡିଓଙ୍କ ପାଖରେ ଗୁହାରି କରିଛନ୍ତି । କିନ୍ତୁ କୌଣସି ଆବାସ ଯୋଜନାରେ ତାଙ୍କୁ ଆଜି ଯାଏ ସାମିଲ କରାଯାଇ ନ ଥିବା ଜଣାଇଛନ୍ତି ନରେଶ। ନିଜର ୪ ଜଣିଆ ପରିବାରକୁ ନେଇ କେଉଁଠି ଆଶ୍ରୟ ନେବେ ସେ ନେଇ ଚିନ୍ତାରେ ପଡିଛନ୍ତି । ସ୍ଥାନୀୟ ଆରଆଇ ଦୀନେଶ କୁମାର ସାହୁଙ୍କୁ ପଚାରିବାରୁ ଏ ସମ୍ପର୍କରେ ରିପୋର୍ଟ ଦିଆଯାଇଛି । ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ମିଳିଲେ ପରବର୍ତ୍ତୀ ପଦକ୍ଷେପ ନିଆଯିବ । ଫିରିଙ୍ଗିଆ ଅତିରିକ୍ତ ତହସିଲଦାର ଆକାଶ ରଞ୍ଜନ ସାହୁ କହିଛନ୍ତି, ଯଦି ଏଭଳି କିଛି ହୋଇଥାଏ ତେବେ ତଦନ୍ତ ପରେ ପଦକ୍ଷେପ ନିଆଯିବ।

### ନାବାଳିକାଙ୍କୁ ବଳାତ୍କାର ମାମଲାରେ ଜଣେ ଅଟକ

**ଛତ୍ରପୁର,୨୪।୧୦(ଡି.ଏନ.ଏ.):** ଛତ୍ରପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ହୋଇଥିବା ଅଭିଯୋଗ ହୋଇଛି। ନିଜେ ବଳାତ୍କାରର ଶିକାର ନାବାଳିକା ଜଣକ ଏନେଇ ଛତ୍ରପୁର ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ଛତ୍ରପୁର ପୋଲିସ ଏକ ମାମଲା (ନଂ-୧୬୩/୧୮) ରୁଜୁ କରି ତଦନ୍ତ ଚଳାଇଛି । ଜଣେ ଯୁବକ ବିବାହ ପ୍ରଲୋଭନ ଦେଖାଇ ଉକ୍ତ ନାବାଳିକା ଜଣଙ୍କୁ ଜୟପୁର ନେଇଯାଇଥିଲା । ସେଠାରେ ଯୁବକ ଜଣକ ତାଙ୍କୁ ବଳାତ୍କାର କରିବା ସହ ପରେ ନାବାଳିକାଙ୍କୁ ତାଙ୍କ ଘରେ ଛାଡି ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି । ଏହି ମାମଲାରେ ଜଣଙ୍କୁ ଅଟକ ରଖାଯାଇଥିବା ଜଣାପଡିଛି ।

### ଛତ୍ରପୁରରେ ଗଜଲକ୍ଷ୍ମୀ ପୂଜା



**ଛତ୍ରପୁର,୨୪।୧୦(ଡି.ଏନ.ଏ.):** ଛତ୍ରପୁର ଲୋଏର ବସ୍‌ଷ୍ଟାଣ୍ଡ ନିକଟ ଲକ୍ଷ୍ମୀ କମ୍ପ୍ଲେକ୍ସରେ ବୁଧବାର ମା' ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଛି । ମଙ୍ଗଳବାର ମନ୍ଦିର କମିଟି ସଦସ୍ୟମାନଙ୍କ ପକ୍ଷରୁ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । ପ୍ରତି ବର୍ଷ ଏହି ପୂଜା ମହାସମାରୋହରେ ଆୟୋଜନ କରାଯାଉଛି । ଏହି ପୂଜା ୭ ଦିନ ଧରି ଚାଲିବ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଏଠାରେ ଭକ୍ତଙ୍କ ସମାଗମ ହେଉଥିବା ଦେଖିବାକୁ ମିଳିଛି ।

■ ଗୋପାଳପୁର ପୋର୍ଟରେ ଶ୍ରମିକଙ୍କୁ ମିଳୁନି କାମ

# ୨୬ରୁ ଶ୍ରମିକ ସଂଗଠନ ମହାସଂଘର ଧାରଣା

■ଜନପ୍ରତିନିଧି ନୀରବ ନେଇ ସମାଲୋଚନା

■ପ୍ରତିଶ୍ରୁତି ଦେଇ ଚାଲିଛନ୍ତି ପୋର୍ଟ କର୍ତ୍ତୃପକ୍ଷ

**ଛତ୍ରପୁର,୨୪।୧୦(ଡି.ଏନ.ଏ.)**

ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ବଡ ଆର୍ଯ୍ୟପଲ୍ଲୀ ନିକଟରେ ଥିବା ଗୋପାଳପୁର ପୋର୍ଟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଶ୍ରମିକ ମାରଣ ନୀତି ଅବଲମ୍ବନ କରାଯାଉଥିବା ଅଭିଯୋଗ ହୋଇଛି। ପୋର୍ଟରେ ପଞ୍ଜୀକୃତ ଟ୍ରକ୍ ଲୋଡିଂ, ସ୍କେଲ ଆଣ୍ଡ୍ ବେଗିଙ୍ଗ, ପରିବହନ, ୱାଗନ ଲୋଡିଂ ଓ ଅନ୍‌ଲୋଡିଂ, ମଲିଟପରପୋଜ୍, ସ୍କେଲ୍ ସୁପରଭାଇଜର, ଷ୍ଟକିଂ ଏବଂ ଅନ୍ୟ ଶ୍ରମିକମାନଙ୍କୁ ପୋର୍ଟ କର୍ତ୍ତୃପକ୍ଷ କାମ ଯୋଗାଉ ନାହାନ୍ତି । ବାରମ୍ବାର ଶ୍ରମିକମାନଙ୍କ ସମସ୍ୟା ନେଇ ପୋର୍ଟ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନକୁ ଜଣାଇଥିଲେ ହେଁ କୌଣସି ସୁଫଳ ମିଳିନି। ଏପରିକି ବିଭିନ୍ନ ସମୟରେ ଶ୍ରମିକ ୟୁନିୟନଗୁଡିକ ପକ୍ଷରୁ ପୃଥକ ପୃଥକ ଭାବେ ଦାବି ପୂରଣ ନେଇ ଆନ୍ଦୋଳନ ମଧ୍ୟ ହୋଇଛି । ପରେ ପୋର୍ଟର ସମସ୍ତ ୟୁନିୟନ ଏକଜୁଟ୍ ହୋଇ ଗୋପାଳପୁର ପୋର୍ଟ ଶ୍ରମିକ ସଂଗଠନ ମହାସଂଘ ଗଠନ କରିଥିଲେ । ଏହି ମହାସଂଘ ପକ୍ଷରୁ ଶ୍ରମିକମାନଙ୍କ ସମସ୍ୟା ସମାଧାନ ନେଇ ଜୁନ୍ ୭ ତାରିଖରେ ଜିଲା ପ୍ରଶାସନ, ଶ୍ରମବିଭାଗ ଓ ପୋର୍ଟ କର୍ତ୍ତୃପକ୍ଷଙ୍କୁ ମହାସଂଘ ପକ୍ଷରୁ ଚିଠି କରାଯାଇଥିଲା । ଦାବି ପୂରଣ ନହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ମହାସଂଘ ନିଷ୍ପତ୍ତି ନେଇଥିଲା । ପରେ ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ଜୁନ୍ ୧୮ ତାରିଖରେ ଅତିରିକ୍ତ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଶ୍ରମିକ ସଂଗଠନ ମହାସଂଘର କର୍ମକର୍ତ୍ତା, ପୋଲିସ ବିଭାଗ, ଶ୍ରମ ବିଭାଗ ଏବଂ ପୋର୍ଟ କର୍ତ୍ତୃପକ୍ଷଙ୍କୁ ନେଇ ଏକ ଆଲୋଚନା ବୈଠକ ବସିଥିଲା । ଦାବି ପୂରଣ ନେଇ ପୋର୍ଟ କର୍ତ୍ତୃପକ୍ଷ ସେତେବେଳେ ପ୍ରଶାସନ ଉପସ୍ଥିତିରେ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ବର୍ତ୍ତମାନ ସୁଦ୍ଧା ଏହା କାର୍ଯ୍ୟକାରୀ ହେଲା ନାହିଁ । ଜିଲା ପ୍ରଶାସନ ଓ ପୋର୍ଟ କର୍ତ୍ତୃପକ୍ଷ ତାଲିକା ଭୁକ୍ତ ଥିବା ଶ୍ରମିକଙ୍କ ସମସ୍ୟାକୁ ସଦାସର୍ବଦା ଅଣଦେଖା କରି ଆସୁଥିବା ପୋର୍ଟ ଶ୍ରମିକ ସଂଗଠନ ମହାସଂଘ ପକ୍ଷରୁ ଅଭିଯୋଗ ହୋଇଛି । ଏଣୁ ୨୬ ତାରିଖରୁ ଗୋପାଳପୁର ପୋର୍ଟ ମୁଖ୍ୟ ଫାଟକ ପାର୍ଶ୍ୱରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମହାସଂଘ ପକ୍ଷରୁ ଧାରଣା ଦିଆଯିବ । ବୁଧବାର ଏ ସମ୍ପର୍କରେ ମହାସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି । ପୋର୍ଟରେ ସାର ଜାହାଜ ନ ଲାଗିବାରୁ ଶ୍ରମିକଙ୍କୁ କାମ ମିଳୁନି । ୧ ଟଙ୍କାରେ ଓଏସ୍‌ଏଲକୁ ସରକାର ପୋର୍ଟ ହସ୍ତାନ୍ତର କରିଥିଲେ । ମାତ୍ର ଶ୍ରମିକଙ୍କ ସମସ୍ୟା ଦୂର ହେଉନି । ଏଣୁ ସରକାର ନିଜେ ଏହି ପୋର୍ଟକୁ ନିଜ ହାତକୁ ନେବା ଆବଶ୍ୟକ ବୋଲି ଶ୍ରମିକ ଠିକା କୋଅପରେଟିଭ ସୋସାଇଟି ସଭାପତି ରାଜେନ୍ଦ୍ର କୁମାର ଦାଶ କହିଥିଲେ। ଗୋପାଳପୁର ପୋର୍ଟରେ ଶ୍ରମିକମାନଙ୍କୁ କାମ ମିଳୁ ନ ଥିବା ଏବଂ ବିଭିନ୍ନ ସମସ୍ୟା ଲାଗି ରହିଥିଲେ ହେଁ ନିର୍ବାଚିତ ଜନପ୍ରତିନିଧିମାନେ ବିଧାନସଭା କିମ୍ବା ପାର୍ଲାମେଣ୍ଟରେ ଏହି ବିଷୟ ଉଠାଉ ନ ଥିବା ଏବଂ ନୀରବ ରହୁଥିବା ନେଇ ଡକ୍ ୱାର୍କସ ୟୁନିୟନ ସଭାପତି ଜି.ଏରେୟା ସମାଲୋଚନା କରିଥିଲେ। ୨୦୧୭ ଜୁନ୍‌ରୁ ଆଉ ସାର ଜାହାଜ ପୋର୍ଟକୁ ଆସି ନ ଥିବା ସୂଚନା ଦିଆଯାଇଥିଲା । ପୋର୍ଟରେ ୪ ହଜାର ୮୮୮ ଶ୍ରମିକ ଅଛନ୍ତି । ଶ୍ରମିକଙ୍କୁ କାମ ମିଳୁନି। ପୋର୍ଟ କର୍ତ୍ତୃପକ୍ଷ ଓ ପ୍ରଶାସନ ଶୁଣୁ ନ ଥିବା ମହାସଂଘ ସଂଯୋଜକ ତଥା ଫୋରମ୍ୟାନ୍, ୱିଙ୍ଗମ୍ୟାନ୍ ଏଣ୍ଡ ୱାର୍କସ ୟୁନିୟନ ସଭାପତି ପ୍ରଶାନ୍ତ କୁମାର କର କହିଛନ୍ତି। ସେପ୍ଟେମ୍ବର ସୁଦ୍ଧା ଦାବି ପୂରଣ ସହ ଏହାକୁ କାର୍ଯ୍ୟକାରୀ କରିବାକୁ ପୋର୍ଟ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଏଯାବତ୍ ଏହା କାର୍ଯ୍ୟକାରୀ ହୋଇ ନ ଥିବା ନେଇ ମଜଦୁର ୟୁନିୟନ ସଭାପତି କେ. ଏଲେୟା ସମାଲୋଚନା କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ପୋର୍ଟ ସୁପରଭାଇଜର ଏଣ୍ଡ୍ ୱାର୍କର୍ସ ୟୁନିୟନ ସଭାପତି ପ୍ରଶାନ୍ତ ପାଟଯୋଶୀ ଓ ସମ୍ପାଦକ କେଶବ ନାହାକ, କଳିଙ୍ଗ ପୋର୍ଟ ୱାର୍କର୍ସ ୟୁନିୟନ ଉପସଭାପତି ଗାଉରେୟା ରେଡ୍ଡି, ଗୋପାଳପୁର ବନ୍ଦର ଶ୍ରମିକ ସଂଘ ସଭାପତି ବିଜୟ କୁମାର ମୁଦୁଲି, ଗୋପାଳପୁର ପୋର୍ଟ ଲେବର ୟୁନିୟନ ଉପସଭାପତି ଏସ୍. ଲାଛମେୟା ରେଡ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।




ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି ।

### ଛତ୍ରପୁର: ବ୍ୟାଙ୍କ୍‌ରେ ପୋଲିସର ମକ୍‌ଡ୍ରିଲ

**ଛତ୍ରପୁର,୨୪।୧୦(ଡି.ଏନ.ଏ.)**

ଗଞ୍ଜାମ ଜିଲା ହେଡକ୍ୱାର୍ଟର ଛତ୍ରପୁର ସହରରେ ଥିବା ବ୍ୟାଙ୍କଗୁଡିକରେ ସ୍ଥାନୀୟ ପୋଲିସ ପକ୍ଷରୁ ମକ୍‌ଡ୍ରିଲ୍ କରାଯାଇଛି। ବିଭିନ୍ନ ସମୟରେ ବ୍ୟାଙ୍କ ଏବଂ ବ୍ୟାଙ୍କ ବାହାରୁ ଲୋକଙ୍କଠାରୁ ଲୁଟ୍ ହେଉଛି । ଏଥିସହ ବ୍ୟାଙ୍କ ଶାଖା , ଏଟିଏମ୍‌ରୁ ଟଙ୍କା ଲୁଟ୍ ଘଟଣା ଘଟୁଛି। ଏନେଇ ଲୋକ, ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ସଚେତନ କରିବା ପାଇଁ ସେମାନଙ୍କ ଅଜାଣତରେ ପୋଲିସ ପକ୍ଷରୁ ଏହି ମକ୍‌ଡ୍ରିଲ୍ କରାଯାଇଥିଲା। ଏପରିକି ବ୍ୟାଙ୍କରେ ଥିବା ଡମି ଲୁଟେରାଙ୍କୁ ମଧ ପୋଲିସ ଧରିଥିଲା। ଏସବୁ ଘଟଣାର ମୁକାବିଲା ପାଇଁ ପୋଲିସର କ'ଣ ସବୁ ପ୍ରସ୍ତୁତି ରହିଛି ତାହା ଜାଣିବା ପାଇଁ ଏହି ମକ୍‌ଡ୍ରିଲ୍ କରାଯାଇଛି । ଛତ୍ରପୁର ସହରରେ ଥିବା ଆକ୍ସିସ୍ ବ୍ୟାଙ୍କ, ଏଚ୍‌ଡିଏଫସି ବ୍ୟାଙ୍କ ଓ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ପୋଲିସ ପକ୍ଷରୁ ଏହି ମକ୍‌ଡ୍ରିଲ୍ କରାଯାଇଥିଲା। ବ୍ୟାଙ୍କରେ ଥିବା ସୁରକ୍ଷା ବ୍ୟବସ୍ଥା, ସିସି କ୍ୟାମେରା ଓ ତାର ହାର୍ଡଡିସ୍କର ସ୍ଥିତି ଉକ୍ତ ମକ୍‌ଡ୍ରିଲ୍ ଦ୍ୱାରା ପୋଲିସ ଜାଣିପାରିଥିଲା। ବ୍ୟାଙ୍କ ଷ୍ଟାଫ୍‌ମାନେ ଏହାକୁ ସାମନା କରୁଛନ୍ତି ବୋଲି ପୋଲିସର ଏହି ମକ୍‌ଡ୍ରିଲ୍ ଦ୍ୱାରା ଜଣାପଡିଥିଲା। ଷ୍ଟାଫ୍‌ମାନେ ଏନେଇ ସଚେତନ ହୋଇପାରିଥିଲେ । ମକ୍‌ଡ୍ରିଲ୍ ବେଳେ ବ୍ୟାଙ୍କ ଶାଖାରେ ଉପସ୍ଥିତ ଗ୍ରାହକମାନେ ମଧ ଏ ସମ୍ପର୍କରେ ଅବଗତ ହେବା ସହ ସଚେତନ ହୋଇଥିଲେ। ଛତ୍ରପୁର ଥାନା ଆଇଆଇସି ପ୍ରିୟଶ ରଞ୍ଜନ ଛୋଟରାୟ ଏବଂ ତାଙ୍କ ଷ୍ଟାଫ୍ ଏହି ମକ୍‌ଡ୍ରିଲ୍‌ରେ ସାମିଲ ଥିଲେ । ଡମି ଲୁଟେରା ମଧ ପୋଲିସ ପକ୍ଷରୁ ବ୍ୟାଙ୍କକୁ ପଠାଯାଇଥିଲା ।

# ଫସଲ କ୍ଷତି ଅନୁଧ୍ୟାନ କଲେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ

**ଆସିକା,୨୪।୧୦(ଡି.ଏନ୍.ଏ.)**

ଆସିକା ଅଞ୍ଚଳରେ ତିତ୍‌ଲି ଜନିତ ବାତ୍ୟା ଓ ବନ୍ୟାରେ ବିଭିନ୍ନ ପଞ୍ଚାୟତରେ ଧାନ, ଆଖୁ ଓ ପନିପରିବା ଫସଲର ବ୍ୟାପକ କ୍ଷୟକ୍ଷତି ଘଟିଛି। ବୁଧବାର ରାଜ୍ୟ କୃଷି ବିଭାଗର ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ ଆସିକା ଅଞ୍ଚଳର ବିଭିନ୍ନ ଗ୍ରାମକୁ ଯାଇ ଚାଷୀଙ୍କ କ୍ଷତିଗ୍ରସ୍ତ ଧାନ, ଆଖୁ ଓ ପନିପରିବା ଫସଲ କ୍ଷେତ ପରିଦର୍ଶନ କରିବା ସହ ପରିସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ସଚିବ ଗର୍ଗ ଏହି ଗସ୍ତରେ ଆସିକା ଏନ୍‌ଏସି, ଦେବଭୂମି, କର୍ପୂରନୂଆଗାଁ, କେ.ନୂଆପଲ୍ଲୀ, ମଙ୍ଗଳପୁର, ନବରତ୍ନପୁର, ଗଙ୍ଗାପୁର ଆଦି ଗ୍ରାମାଞ୍ଚଳର ଚାଷଜମି ପରିଦର୍ଶନ କରିଥିଲେ। ଚାଷୀମାନେ ଆଖୁ ଫସଲକୁ ବୀମାଶ୍ରେଣୀ ଭୁକ୍ତ କରିବା ସହ ଆଖୁ ଫସଲ ଲାଗି ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା ନିମନ୍ତେ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଭିନ୍ନ ଅଞ୍ଚଳ ପରିଦର୍ଶନ ପରେ ଆସିକା ଚିନିଶିଳ୍ପ ଅତିଥି ଭବନ ଠାରେ ଅନୁଷ୍ଠିତ ଏକ ଆଲୋଚନା ବୈଠକରେ ସଚିବ ଗର୍ଗ ଗଞ୍ଜାମ ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ, ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀନାରାୟଣ ବେହେରା, ଜିଲା ଉପକୃଷି ନିର୍ଦ୍ଦେଶକ ମନୋଜ କୁମାର ବେହେରା, ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ଦିଗାମ୍ବର ପଣ୍ଡା, ଜଳଛାୟା ମିଶନ୍ ପ୍ରକଳ୍ପ ନିର୍ଦ୍ଦେଶକ ଶୁଭେନ୍ଦୁ ଦାସ, କୃଷି ଯୋଜନା ଅଧିକାରୀ ରାମଚନ୍ଦ୍ର ମିଶ୍ର, ଆସିକା କୃଷି ଜିଲା ଅଧିକାରୀ ଅର୍ଜୁନ ବିଶୋୟୀ, ବ୍ଲକ୍ ସହକାରୀ କୃଷି ଅଧିକାରୀ ଦୀପକ କୁମାର ନାୟକ ପ୍ରମୁଖଙ୍କୁ ନେଇ ଏକ ବୈଠକରେ ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଥିବା ଜଣାଯାଇଛି।



ପ୍ରମୁଖ ଶାସନ ସଚିବ ଗର୍ଗ କ୍ଷତିଗ୍ରସ୍ତ ଆଖୁ ଫସଲ କ୍ଷେତ ପରିଦର୍ଶନ କରୁଛନ୍ତି ।

### ୧୨ ଜୁଆଡି ଗିରଫ: ୧ଲକ୍ଷ ୧୨୦ଟଙ୍କା, ମୋବାଇଲ ଜବତ

**ପୁରୁଷୋତ୍ତମପୁର, ୨୪।୧୦(ଡି.ଏନ୍.ଏ.)**

ପୁରୁଷୋତ୍ତମପୁର ପୋଲିସ ରଣଝାଲି, ଶୋଳଘର ଓ ଭାଟକୁମରାଡାରେ ଚାଲିଥିବା ଜୁଆ ଆଡ୍ଡାରେ ଚଢ଼ାଉ କରି ୧୨ଜଣଙ୍କୁ ଗିରଫ କରିଛି। ଗିରଫ ଜୁଆଡ଼ିଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଅଜୟ କୁମାର ବାରିକ କହିଛନ୍ତି। ସେଠାରୁ ୧ଲକ୍ଷ ୧୨୦ ଟଙ୍କା ସହ ୬ ମୋବାଇଲ, ତାସ ଜବତ ହୋଇଛି। ଏନେଇ ନଂ.୨୩୭/୧୮, ୨୩୮/୧୮, ୨୩୯/୧୮ରେ ୩ଟି ମାମଲା ରୁଜୁ ହୋଇଛି।

### ଜୁଆ ଆଡ୍ଡାରେ ଚଢ଼ାଉ, ୨୪ ଗିରଫ

**ଭଞ୍ଜନଗର,୨୪।୧୦(ଡି.ଏନ.ଏ.)-** ବେଲଗୁଣ୍ଠା ଫାଣ୍ଡି ପୋଲିସ ବୁଧବାର ଡ଼ିମିରିପଲ୍ଲୀ,ଗୁଡ଼ିପଲ୍ଲୀ, ଠେଙ୍ଗାଧାର ଓ ଗିରିଶୋଲା ଗ୍ରାମରେ ଚାଲିଥିବା ଜୁଆ ଆଡ୍ଡାରେ ଚଢ଼ାଉ କରି ୨୪ଜଣଙ୍କୁ ଗିରଫ କରିଛି। ଏଥିସହ ସେମାନଙ୍କ ଠାରୁ ୩୬ ହଜାର ଟଙ୍କା ଓ ୫ଟି ମୋବାଇଲ ଫୋନ ଜବତ କରାଯାଇଛି ବୋଲି ଫାଣ୍ଡି ଅଧିକାରୀ ସବ୍ୟସାଚୀ ମଲ୍ଲ ଏଠାରେ ସୂଚନା ଦେଇଛନ୍ତି।

### ବାତ୍ୟା ପ୍ରଭାବିତ ଅଞ୍ଚଳରେ ଯୋଜନା ବୋର୍ଡ ସଦସ୍ୟ

**ଆର.ଉଦୟଗିରି, ୨୪।୧୦(ଡି.ଏନ.ଏ.)**

ଆର.ଉଦୟଗିରି ଓ ନୂଆଗଡ଼ ବ୍ଲକର ବାତ୍ୟା ପ୍ରଭାବିତ ଅଞ୍ଚଳକୁ ମଙ୍ଗଳବାର ଯୋଜନା ବୋର୍ଡ ସଦସ୍ୟ ରାମ ପଣ୍ଡା ପରିଦର୍ଶନ କରିଛନ୍ତି। ବ୍ଲକର ରାମଗିରି ବାତ୍ୟା ପ୍ରଭାବିତ ଅଞ୍ଚଳ ବିଭିନ୍ନ ସ୍ଥାନରେ ଭାଙ୍ଗି ଯାଇଥିବା ଘର ଥାଟରାଜ କଲୋନୀ, ଭୂୟାଁପଡ଼ା, କନ୍ତଳ, ଅନଗାଁ, ଗମାଙ୍ଗ ସାହି, ରାଇସିଂ, ରଣ୍ଡିବା ପଞ୍ଚାୟତର ବାମନପଡ଼ା, ପୁରୁଣା ରଣ୍ଡିବା, ଗଙ୍ଗରାଜପୁର ପଞ୍ଚାୟତର ବାଲିଡ଼ି (କ), ବାଲିଡ଼ି (ଖ) ଏବଂ ନୂଆଗଡ଼ ବ୍ଲକର ଟାଙ୍ଗିଲି, ପୁଡ଼ାଗୁମ୍ଫା, ପରିମଳ ପଞ୍ଚାୟତର ବିଭିନ୍ନ ଗ୍ରାମ, ତବାରସିଂ ପଞ୍ଚାୟତର ତେନ୍ତୁଳିସାହି, ଉଲମୁଣ୍ଡା, ଲୁହାଗୁଡ଼ି, କିମଲଙ୍ଗ ଏବଂ ସୁନ୍ଦରବାଡ଼ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ପଣ୍ଡା ବୁଲି ଦେଖିଥିଲେ। କ୍ଷୟକ୍ଷତି ଦେଖିବା ସହ ବିଭିନ୍ନ ସ୍ଥାନରେ ଆଶ୍ରୟ ନେଇଥିବା ଲୋକଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ବର୍ତ୍ତମାନ ସୁଦ୍ଧା ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହେଉନଥିବା ବେଳେ କିରୋସିନ୍ ମିଳୁନଥିବା ନେଇ ଗ୍ରାମବାସୀ ଜଣାଇଥିଲେ। ବିଭିନ୍ନ ଗ୍ରାମକୁ ଯାଇ ରିଲିଫ ସମ୍ପର୍କରେ ଲୋକଙ୍କୁ ପଚାରି ବୁଝିଥିଲେ। କ୍ଷୟକ୍ଷତି ସମ୍ପର୍କରେ ସରକାରଙ୍କୁ ଅବଗତ କରାଇ କ୍ଷତିଗ୍ରସ୍ତ ଲୋକଙ୍କୁ ସହାୟତା ଯୋଗାଇ ଦିଆଯିବ ବୋଲି ପଣ୍ଡା କହିଥିଲେ।

### ମଦମୁକ୍ତ ଗ୍ରାମ ଗଠନ ପାଇଁ ଗ୍ରାମବାସୀଙ୍କ ନିଷ୍ପତ୍ତି

**ବେଗୁନିଆପଡ଼ା, ୨୪।୧୦(ଡି.ଏନ.ଏ.)**

ବେଗୁନିଆପଡ଼ା ବ୍ଲକ ଷଣ୍ଢମୂଳ ପଞ୍ଚାୟତର ଶାଳବଣ ଗ୍ରାମରେ ମଦମୁକ୍ତ ଗ୍ରାମ ଗଠନ ପାଇଁ ମଙ୍ଗଳବାର ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି। ଗ୍ରାମର ରାଧାକୃଷ୍ଣ ମଣ୍ଡପ ଠାରେ ଗ୍ରାମ୍ୟ କମିଟିର ଆହ୍ୱାନକ୍ରମେ ସମସ୍ତେ ଏକତ୍ରିତ ହୋଇଥିଲେ। ଦୀର୍ଘଦିନରୁ ଏହି ଗ୍ରାମରେ ମଦ ବିକ୍ରୟ ବନ୍ଦ ରହିଥିବା ବେଳେ କିଛି ଲୋକ ବାହାରୁ ମଦ ପିଇ ଗ୍ରାମରେ ବିଶୃଙ୍ଖଳା କରୁଥିବା ସହ ପାରିବାରିକ ଅଶାନ୍ତି କାରଣରୁ ଗ୍ରାମବାସୀ ଗ୍ରାମରେ ସମ୍ପୂର୍ଣ୍ଣ ମଦ ବିକ୍ରି ବନ୍ଦ ସହ କୌଣସି ବ୍ୟକ୍ତି ମଦ ପିଇ ଗ୍ରାମରେ ବିଶୃଙ୍ଖଳା କରିବେ ନାହିଁ, ଯଦି କେହି ମଦ ପିଇ ଗ୍ରାମରେ ବିଶୃଙ୍ଖଳା କରେ ତେବେ ଆଇନର ଆଶ୍ରୟ ନେଇ ଉକ୍ତ ବ୍ୟକ୍ତି ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିପାଇଁ ଏକ କମିଟି ମଧ ଗଠନ କରାଯାଇଛି।



ଗ୍ରାମବାସୀଙ୍କ ବୈଠକ।

### ବିଦ୍ୟୁତ୍ ତାର ଲାଗି ମହିଳା ଗୁରୁତର

**ପାତ୍ରପୁର,୨୪।୧୦(ଡି.ଏନ୍.ଏ.):** ପାତ୍ରପୁର ବ୍ଲକ ଅଭୟପୁର ଓ ବଇଁଶିଗାଁ ମଧ୍ୟରେ ଯାଇଥିବା ୧୧କେଭି ବିଦ୍ୟୁତ୍ ତାର ଲାଗି ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ଅଭୟପୁର ଗ୍ରାମର ବି. ତେଜେଶ୍ୱରୀ। ତେଜେଶ୍ୱରୀ ବିଲକୁ ଯାଇଥିବା ବେଳେ ଛିଡ଼ି ପଡିଥିବା ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇ ପଡିଥିଲେ। ତାଙ୍କୁ ପରିବାର ଲୋକେ ପ୍ରଥମେ ପାତ୍ରପୁର ମେଡ଼ିକାଲ ଓ ପରେ ବ୍ରହ୍ମପୁର ସ୍ଥାନାନ୍ତର କରିଛନ୍ତି।

# ଆମ ଘର ଏଲଇଡି ଯୋଜନାର ଶୁଭାରମ୍ଭ

**ପୋଲସରା,୨୪।୧୦(ଡି.ଏନ.ଏ.)**

ପୋଲସରା ବ୍ଲକ ତୁଙ୍କାପଡ଼ା ପଞ୍ଚାୟତସ୍ଥିତ ତୁଙ୍କାପଡ଼ା ଗ୍ରାମରେ ମଙ୍ଗଳବାର ଆମ ଘର ଏଲଇଡି ଯୋଜନାର ଶୁଭାରମ୍ଭ ହୋଇଛି। ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାରଙ୍କ ଏହି ମାଗଣା ଏଲ୍‌ଇଡି ବଲବ୍ ବିତରଣ ଯୋଜନାରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ହିତାଧିକାରୀଙ୍କୁ ବଣ୍ଟନ କରାଯାଇଥିଲା। ପ୍ରତି ହିତାଧିକାରୀଙ୍କୁ ପ୍ରଥମ ପର୍ଯ୍ୟାୟରେ ୨ଟି ବଲ୍‌ବ ପ୍ରଦାନ କରାଯାଇଥିଲା। ପୁଣି ଦ୍ୱିତୀୟ ପର୍ଯ୍ୟାୟରେ ଆଉ ଦୁଇଟି ବଲ୍‌ବ ପ୍ରଦାନ କରାଯିବ ବୋଲି ବିଡିଓ ଶମ୍ଭୁନାଥ ନନ୍ଦି ସୂଚନା ଦେଇଥିଲେ। ବ୍ଲକ ଅଧ୍ୟକ୍ଷ ବଳରାମ ସେଠୀ, ବିଡିଓ ଶମ୍ଭୁନାଥ ନନ୍ଦି, ଯୋଗାଣ ଅଧିକାରୀ ହେମନ୍ତ କୁମାର ପ୍ରଧାନ, ବ୍ଲକ ବିଜେଡି ସମ୍ପାଦକ ଅଶୋକ ବିଶୋୟୀ, ଜିଲା ପରିଷଦ ସଭ୍ୟା ସସ୍ମିତା କୁମାରୀ ତରାଇ, ସରପଞ୍ଚ ପ୍ରତିନିଧି ବସନ୍ତ ଜେନା ପ୍ରମୁଖ ବହୁଲୋକ ଉପସ୍ଥିତ ଥିଲେ।



ଜଣେ ହିତାଧିକାରୀଙ୍କୁ ବିଧାୟକ ଏଲଇଡି ବଲବ୍ ପ୍ରଦାନ କରୁଛନ୍ତି।

# ବାଲ୍ୟ ବିବାହ ପ୍ରତିରୋଧ ମଞ୍ଚର ବାର୍ଷିକ ସମ୍ମିଳନୀ

**ଫୁଲବାଣୀ ଅଫିସ,୨୪।୧୦**

ବୁଧବାର ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନରେ କନ୍ଧମାଳ ଜିଲା ବାଲ୍ୟ ବିବାହ ପ୍ରତିରୋଧ ମଞ୍ଚର ବାର୍ଷିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଜିଲାରେ ବାଲ୍ୟ ବିବାହ ବିରୋଧରେ ଏହି ସମ୍ମିଳନୀରେ ବିଭିନ୍ନ ପଦକ୍ଷେପ ନିଆଯାଇଥିଲା । ଅନ୍ତରଙ୍ଗ କନ୍ଧମାଳ, ଆକ୍ସନ ଏଡ,ଜିଲା ଶିଶୁ ସୁରକ୍ଷା ୟୁନିଟ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଆନୁକୂଲ୍ୟରେ ଅୟୋଜିତ ସମ୍ମିଳନୀରେ ବାର୍ଷିକ ବିବରଣୀ ପାଠକରି ମଞ୍ଚ ସମ୍ପାଦିକା ବିଷ୍ଣୁପ୍ରିୟା ପ୍ରଧାନ କହିଥିଲେ, ୨୦୦୮ରୁ ଜିଲାରେ ସାମ୍ପ୍ରଦାୟିକ ସଦ୍‌ଭାବ ପ୍ରତିଷ୍ଠା ସହ ବିଭିନ୍ନ ପ୍ରମୁଖ ସମସ୍ୟା ସମାଧାନ ଦିଗରେ ଅନୁଷ୍ଠାନ କାର୍ଯ୍ୟ କରୁଛି। ଏବେ ଏହି ଅନୁଷ୍ଠାନରେ ୩୫୬୭ ବାଳିକାଙ୍କ ସମେତ ସମୁଦାୟ ୧୨ ହଜାର ୫୭୦ ସଦସ୍ୟ ରହିଛନ୍ତି । ବାଲ୍ୟ ବିବାହ କନ୍ଧମାଳ ଜିଲାର ଅନ୍ୟତମ ପ୍ରମୁଖ ସମସ୍ୟା ହୋଇଥିବାରୁ ଏହା ବିରୋଧରେ ସଚେତନତା ସୃଷ୍ଟି କରି ଆଜି ସୁଦ୍ଧା ୫୬ ବାଳିକା ଓ ୯ ନାବାଳକଙ୍କ ବିବାହ ରୋକାଯାଇ ପାରିଥିବା ବିଷୟ ସୂଚନା ଦିଆ ଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫୁଲବାଣୀ ଉପଜିଲାପାଳ ନିମାଇଁ ଚରଣ ସୁତାର ବାଲ୍ୟ ବିବାହ ଭଳି କୁତ୍ସିତ ପରମ୍ପରା ବିରୋଧରେ ସଂଗ୍ରାମ କରୁଥିବା ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ସାଧୁବାଦ ଜଣାଇଥିଲେ । ଆର୍ଥିକ ଅସୁବିଧାରୁ ପାଠ ପଢିପାରୁ ନ ଥିବା ବିଦ୍ୟାର୍ଥୀଙ୍କୁ ପ୍ରଶାସନ ପକ୍ଷରୁ ସମସ୍ତ ସହାୟତା ଯୋଗାଇବା ପାଇଁ ଏ ଅବସରରେ ଉପଜିଲାପାଳ ଘୋଷଣା କରିଥିଲେ। ଆକ୍ସନ ଏଡ୍‌ର ଘାସିରାମ ପଣ୍ଡା ମୁଖ୍ୟ ବକ୍ତାଭାବେ ଯୋଗ ଦେଇ କନ୍ଧମାଳ ଭଳି ପଛୁଆ ଜିଲାରେ ଆଜି ମଧ୍ୟ ବାଲ୍ୟ ବିବାହ ଭଳି ପ୍ରଥା ଚାଲୁ ଥିବାରୁ କ୍ଷୋଭ ପ୍ରକଶ କରି ଅଭିଭାବକ ଓ ଜନସାଧାରଣଙ୍କ ସହଯୋଗ ରହିଲେ ଏହାର ସମାଧାନ ହୋଇପାରିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ୱାତୀ ସମ୍ପାଦକ ହରିଶଙ୍କର ରାଉତ, ଅନ୍ତରଙ୍ଗ ସଭାପତି ଦିଲୀପ ସାହୁ, ସମ୍ପାଦକ ହୃଷୀକେଶ ପ୍ରଧାନ, ଜାଗୃତି ସମ୍ପାଦକ କୈଳାସ ଦଣ୍ଡପାଟ, ଆକ୍ସନ ଏଡର ଲୋପାମୁଦ୍ରା,କେଳାପଡା ସରପଞ୍ଚ ପ୍ରେମଶିଳା ଝାଙ୍କର ପ୍ରମୁଖ ନିଜ ନିଜ ବକ୍ତବ୍ୟ ରଖି ବାଲ୍ୟ ବିବାହ ପ୍ରଥାର କୁପ୍ରଭାବ ଓ ଏହାର ନିରାକରଣ ସମ୍ପର୍କରେ କହିଥିଲେ ।




ସଭାରେ ଉପସ୍ଥିତ ଅତିଥି ।



ମନୁଷ୍ୟ ଯେତେବେଳେ ସଦ୍‌ଗୁଣଗୁଡ଼ିକ ହରାଇ ଦେଉଥାଏ,
ସେତିକିବେଳେ ତା'ର ଧନ ପ୍ରତି ଲୋଭ ବଢ଼ିଯାଉଥାଏ।
- ବେନ୍ ଜନ୍‌ଶନ୍



## ସଂକ୍ଷେପରେ

### ବେଆଇନ ଭାବେ ଜୁଆଖେଳ ବୃଦ୍ଧି

**ରଣପୁର,୨୪।୧୦(ସ୍ୱ.ପ୍ର.):** ନୟାଗଡ ଜିଲା ରଣପୁର ଏବଂ ଏହାର ଆଖପାଖ ଗୋପାଳପୁର ଏବଂ ଚାନ୍ଦପୁର ଅଞ୍ଚଳରେ କୁମାର ପୂର୍ଣ୍ଣିମା ଅବସରରେ ବେଧଡକ ଭାବେ ଜୁଆଖେଳର ଆସର ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି । ଫଳରେ ଏହାର ପ୍ରଭାବ କୋମଳମତି ପିଲା ମାନଙ୍କଉପରେ ପଡୁଛି । ଜୁଆଖେଳ ନିଶାରେ ଲୋକେ ଘରୁ ଜିନିଷ ପତ୍ର ବିକ୍ରିକରି ଖେଳ ଖେଳୁଛନ୍ତି । ଫଳରେ ପରିବାରରେ ଅଶାନ୍ତି ଲାଗିରହୁଛି । ଏପରିକି ଏହି ଅଞ୍ଚଳକୁ ବାହାର ଲୋକମାନେ ଜୁଆଖେଳିବାକୁ ଆସୁଥିବା ଅଭିଯୋଗ ହେଉଛି । ସ୍ଥାନୀୟ ଅଞ୍ଚଳର ଲୋକମାନେ ଏହି ଖେଳକୁ ନାପସନ୍ଦ କରୁଥିଲା ବେଳେ ତୁରନ୍ତ ଏଥିପ୍ରତି ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

### ଅନଙ୍ଗ ନରେନ୍ଦ୍ର ସାହିତ୍ୟ ସଂସଦର ପ୍ରସ୍ତୁତି ବୈଠକ

**ବୋଲଗଡ଼,୨୪।୧୦(ଡି.ଏନ.ଏ.):** ରାମଲୀଳା ରଚୟିତା କବି ଅନଙ୍ଗ ନରେନ୍ଦ୍ର ବୋଲଗଡ଼ ବ୍ଲକସ୍ଥ ବାଙ୍କୋଇ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ସ୍ମୃତିରେ ଅନଙ୍ଗ ନରେନ୍ଦ୍ର ସାହିତ୍ୟ ସଂସଦ ପ୍ରତିଷ୍ଠା ହୋଇଛି। ବୁଧବାର ବାଙ୍କୋଇସ୍ଥିତ କାଳିଚରଣ ପାଞ୍ଚଗଡ ଅନଙ୍ଗ ନରେନ୍ଦ୍ର ମହାବିଦ୍ୟାଳୟ ନିକଟରେ ଏହାର ବାର୍ଷିକୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଶିକ୍ଷାବିତ୍ ସୁମନ୍ତ ଛୋଟରାୟଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଶିକ୍ଷାବିତ୍ କାଳୀଚରଣ ଜୟସିଂହ, କୈଳାସ ଚନ୍ଦ୍ର ସାହୁ, ନବକିଶୋର ସାହୁ, ଭୀମସେନ ଫତେସିଂହ ଓ ଅଧାପକ ରଙ୍କନିଧି ବଳିୟାରସିଂହ ପ୍ରମୁଖ ଉପସ୍ଥିତ ଥିଲେ। ବାର୍ଷିକ ଉତ୍ସବ ନିମନ୍ତେ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଆଗାମୀ ୩୧ ତାରିଖରେ ଅନୁଷ୍ଠିତ ହେବ । ଅନଙ୍ଗ ନରେନ୍ଦ୍ରଙ୍କ ସମ୍ପର୍କରେ ଲେଖା ପ୍ରଦାନ ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ଆଗାମୀ ପ୍ରସ୍ତୁତି ବୈଠକରେ ଯୋଗଦେବାକୁ ସୂଚନା ଦିଆଯାଇଛି।

### ଭଲିବଲ୍ ଟୁର୍ନାମେଣ୍ଟ

**ରଣପୁର,୨୪।୧୦(ସ୍ୱ.ପ୍ର.):** ନୟାଗଡ ଜିଲା ରଣପୁର ବ୍ଲକ ଅନ୍ତର୍ଗତ କେରଣ୍ଡାଟାଙ୍ଗୀ ପଞ୍ଚାୟତର ଏକତାଳ ଗ୍ରାମସ୍ଥିତ ରଘୁନାଥ ୟଙ୍ଗଷ୍ଟାର କ୍ଲବ ତରଫରୁ ବୁଧବାର ଏକ ଦିବସୀୟ ଦିବାରାତ୍ର ଭଲିବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ନାମେଣ୍ଟକୁ ଓଡିଶା ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦକ ସତ୍ୟ ନାରାୟଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଶୁଭଶ୍ରୀ ପଣ୍ଡା,ଚାନ୍ଦପୁର ଜୋନ ସଭାପତି ବିପିନ ବିହାରୀ ନାୟକ ପ୍ରମୁଖ ଯୋଗଦେଇଥିଲେ । ରଣପୁର ଅଞ୍ଚଳର ୮ଟି ଟିମକୁ ନେଇ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ମୁକ୍ତାପୁର ଟିମ ଚାମ୍ପିୟନ ହୋଇଥିଲା ବେଳେ ଉଦୁଗୁରି ଟିମ ରନର୍ସଅପ ହୋଇଥିଲେ ।

### ଅବସରପ୍ରାପ୍ତ କର୍ମଚାରୀ ସଂଘର କର୍ମକର୍ତ୍ତା ଚୟନ



**ଖଣ୍ଡପଡା,୨୪।୧୦(ସ୍ୱ.ପ୍ର.):** କଣ୍ଟିଲୋ ଅବସରପ୍ରାପ୍ତ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ନିଖିଳ ଉତ୍କଳ କଂସାରି ସମାଜ କଲ୍ୟାଣ ସଦନଠାରେ ପୂର୍ବତନ ସଭାପତି ତଥା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ସଂଘର ଜୋନାଲ ସେକ୍ରେଟାରୀ ରାମଚନ୍ଦ୍ର କାଣ୍ଡିଙ୍କ ଆବାହକତ୍ୱ ତଥା ପୂର୍ବତନ ସମ୍ପାଦକ ଭୀମସେନ କାଣ୍ଡିଙ୍କ ଅଧକ୍ଷତାରେ ବୈଠକ ବସିଥିଲା। ଏହି ନିର୍ବାଚନ ସଭାରେ ୫୦ରୁ ଉର୍ଦ୍ଧ୍ୱ ସଦସ୍ୟା ଓ ସଦସ୍ୟ ଯୋଗଦେଇଥିଲେ। କର୍ମକର୍ତ୍ତା ନିର୍ବାଚନରେ କିଛି ଅବ୍ୟବସ୍ଥା ନେଇ ସଂଘ ତରଫରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ସର୍ବସମ୍ମତି କ୍ରମେ ଅନୁଷ୍ଠାନର ନୂତନ କମିଟି ଗଠନ ଅବସରରେ ଏକ ୧୪ ଜଣିଆ କମିଟି ଗଠନ କରାଯାଇଥିଲା। ଅଖିଳ କୁମାର ମହାରଣା ସଭାପତି, ଶ୍ରୀମତୀ ଉଜ୍ୱଳ ମହାରଣା ଉପସଭାପତି, ଶ୍ରୀପତି ମହାରଣା ସମ୍ପାଦକ, ବନମାଳୀ ସାହୁ ସହସମ୍ପାଦକ, ରାଜ କିଶୋର ସାହୁ କୋଷାଧକ୍ଷ ଏବଂ ପରିଚାଳନା କମିଟିର ସଦସ୍ୟ ଭାବରେ ପ୍ରଫୁଲ୍ଲ କୁମାର ମିଶ୍ର, ପ୍ରଫୁଲ୍ଲ ମହାପାତ୍ର, ରାମଚନ୍ଦ୍ର କାଣ୍ଡି, ସୁରେନ୍ଦ୍ର ନାଥ ସାହୁ, ହଟି କମଳିନୀ ସାହୁ, ଦୁର୍ଯୋଧନ ସାହୁ, ସତ୍ୟବାଦି ଦାସ ଓ ଉପଦେଷ୍ଟା ଭାବେ ଡ. ସଚ୍ଚିଦାନନ୍ଦ ମିଶ୍ର ଓ ଭୀମସେନ କାଣ୍ଡି ପ୍ରମୁଖଙ୍କୁ ଚୟନ କରାଯାଇଥିଲା ।

# ଖାଲିପଡ଼ିଛି ଡାକ୍ତର ପଦବୀ



ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

**ବୋଲଗଡ଼,୨୪।୧୦(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ୍ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳର ପ୍ରଥମ ସ୍ୱାସ୍ଥ୍ୟକେନ୍ଦ୍ର ଭାବେ ୧୯୬୨ ମସିହାରେ ସ୍ଥାପିତ ହୋଇଥିଲା। ତେବେ ଦୀର୍ଘଦିନ ଧରି ଏଠାରେ ଡାକ୍ତର ପଦବୀ ଖାଲିପଡିଥିବା କାରଣରୁ ରୋଗୀସେବା ବ୍ୟାହତ ହେଉଛି। ଏ ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହେଉଛି। ତେଣୁ ଡାକ୍ତର ପଦବୀ ତୁରନ୍ତ ପୂରଣ ନିମନ୍ତେ ପ୍ରଶାସନ ତଥା ଲୋକ ପ୍ରତିନିଧି ବିଶେଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ଏଠାରେ ନିୟମିତ ଡାକ୍ତର ଆସୁନାହାନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ୫ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଜଣେ ମେଡିକାଲ ଅଫିସର ଇନଚାର୍ଜ(ଏମ୍ଓଆଇସି) ଓ ଜଣେ ବ୍ଲକ ପ୍ରୋଗ୍ରାମ୍ ହେଲଥ୍ ଅଫିସର(ବିପିଏଚ୍ଓ) ପଦବୀ ରହିଛି। ସେହିପରି ଗାଇନାକୋଲୋଜିଷ୍ଟ, ପେଡିଆଟ୍ରିକ୍ସିଆନ୍, ସର୍ଜରୀ ଓ ମେଡିସିନ୍ ସ୍ପେଶାଲିଷ୍ଟ ଆଦି ୪ଟି ପଦବୀ ଖାଲିପଡିଛି। ଡାକ୍ତର ଚିତ୍ତରଞ୍ଜନ ପାତ୍ର ମେଡିକାଲ ଅଫିସର ଓ ଡାକ୍ତର ପ୍ରଶାନ୍ତ କୁମାର ତ୍ରିପାଠୀ ଆୟୁଷ ଡାକ୍ତର ଭାବେ କାର୍ଯ୍ୟ କରୁଛନ୍ତି। ତେଣୁ ସ୍ୱାସ୍ଥ୍ୟକେନ୍ଦ୍ରଟି କିଭଳି ଅବହେଳିତ ଅବସ୍ଥାରେ ରହିଛି ତାହା ସ୍ପଷ୍ଟ ଅନୁମେୟ।

**କ'ଣ କହନ୍ତି ଏମାନେ**

ଡାକ୍ତର ପଦବୀ ଖାଲି ପଡିଥିଲେ ମଧ୍ୟ ରୋଗୀ ସେବା ପାଇଁ ଆମେ ଉପସ୍ଥିତ ରହୁଛୁ। ତେବେ ପଦବୀ ପୂରଣ ହେଲେ ଅଧିକ ରୋଗୀ ସେବା ପାଇପାରିବେ।

**– ଡାକ୍ତର ଚିତ୍ତରଞ୍ଜନ ପାତ୍ର, ମେଡିକାଲ ଅଫିସର**



ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡିଥିବା ଡାକ୍ତର ପଦବୀଗୁଡିକ ଯଥାଶୀଘ୍ର ପୂରଣ କରାଯିବାର ଆବଶ୍ୟକତା ରହିଛି। ଆମେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛୁ।

**– ଜୟକୃଷ୍ଣ ଫତେସିଂହ, ସାମାଜିକ କର୍ମୀ**



ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ପଦବୀଗୁଡିକ ପୂରଣ ପାଇଁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ବାରମ୍ବାର ଦାବି ହୋଇଆସୁଛି । ତେଣୁ ଶୀଘ୍ର ଏହା ପୂରଣ କରାଯାଉ।

**– ମାଧବ ଚନ୍ଦ୍ର ବିଶ୍ୱାଳ, ପୂର୍ବତନ ସରପଞ୍ଚ**



ଆବଶ୍ୟକ ଡାକ୍ତର ପଦବୀ ପୂରଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦୃଢ଼ ଦାବି ହେଉଛି ।

**– କୃଷ୍ଣଚନ୍ଦ୍ର ବାରିକ, ସାମାଜିକ କର୍ମୀ**



ଏହା ଏକ ପୁରାତନ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିଲେ ମଧ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି।

**– ପ୍ରଦୀପ କୁମାର ପଟ୍ଟନାୟକ, ସାମାଜିକ କର୍ମୀ**

# ଜିଆର୍‌ଏସ୍ ସଂଘର ନୂତନ କର୍ମକର୍ତ୍ତା ଚୟନ

**ନୟାଗଡ଼ ଅଫିସ,୨୪।୧୦**

ନୟାଗଡ଼ ଜିଲା ଗ୍ରାମ ରୋଜଗାର ସେବକ (ଜିଆରଏସ୍) ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ମଲ୍ଲୁରିଆପଲ୍ଲୀସ୍ଥିତ ଭୈରବୀ ମନ୍ଦିର ପରିସରରେ ପୂର୍ବତନ ସଭାପତି ବାଦଲ କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯିବା ପରେ ସର୍ବସମ୍ମତିକ୍ରମେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଆର୍ତ୍ତବନ୍ଧୁ ପ୍ରଧାନ, ସମ୍ପାଦକ ଭବାନୀ ଶଙ୍କର ମିଶ୍ର ଓ କୋଷାଧକ୍ଷ ଭାବେ ଜିତେନ୍ଦ୍ର କୁମାର ପୃଷ୍ଟି ମନୋନୀତ ହୋଇଥିଲେ। ସେହିଭଳି ଜିଲାର ପ୍ରତି ବ୍ଲକରୁ ୨ ଜଣ ଜିଆରଏସ୍‌ଙ୍କୁ ଜିଲା କମିଟିର ସଦସ୍ୟଭାବେ ଚୟନ କରାଯାଇଥିଲା। ଜିଲା ସଂଘ ସବୁ ସମୟରେ ଜିଆରଏସ୍‌ମାନଙ୍କୁ ସହଯୋଗ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଜିଲାର ସମସ୍ତ ଜିଆରଏସ୍ ଯୋଗ ଦେଇଥିଲେ।



ବୈଠକରେ ଯୋଗଦେଇଥିବା ଜିଆରଏସ୍‌ମାନେ।

# ପୁରପଲ୍ଲୀରେ କୁମାର ଉତ୍ସବ ଓ ଗଜଲକ୍ଷ୍ମୀ ପୂଜା ପାଳିତ



ବୋଲଗଡ଼।



ଦଶପଲ୍ଲା।



କଣ୍ଟିଲୋ।



ଗଣିଆ।



ନୟାଗଡ଼।



ଓଡ଼ଗାଁ।

**ଓଡ଼ଗାଁ, ୨୪।୧୦(ସ୍ୱ.ପ୍ର.)**

ବୁଧବାର ପବିତ୍ର କୁମାର ପୂର୍ଣ୍ଣମୀ ଅବସରରେ ସ୍ଥାନୀୟ ଅଞ୍ଚଳରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି । ବିଭିନ୍ନ ପୂଜା ମଣ୍ଡପରେ ମା' ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ପ୍ରତିମାଙ୍କୁ ପୂଜାର୍ଚ୍ଚନା କରାଯାଇ ପ୍ରାୟ ୪ଦିନ ବ୍ୟାପୀ ପୂଜା ଉତ୍ସବର ଶୁଭାରମ୍ଭ ହୋଇଛି। ସ୍ଥାନୀୟ ବିଜୟମଣ୍ଡପ ସାହି, ଶିଳ୍ପିନଗରୀ ସାହି ଓ ବଜାର ସାହି ପୂଜା ମଣ୍ଡପରେ ପୂଜା ପାଉଥିବା ମା'ଙ୍କୁ ଦର୍ଶନ ପାଇଁ ଗାଁ ଗହଳିରୁ ଲୋକେ ସପରିବାର ଆସୁଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଲକ୍ଷ୍ମୀବଜାରର ଅଧିଷ୍ଠାତ୍ରୀ ମା' ଲକ୍ଷ୍ମୀଙ୍କ ମନ୍ଦିରରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଥିବା ବେଳେ ୫ଦିନ ବ୍ୟାପୀ ବିଶ୍ୱ ଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ସାହି ସାହିରେ କୁମାରୀମାନେ ତୁଳସୀ ଚଉରା ମୂଳରେ ସମବେତ ହୋଇଥିଲେ। ଝିଅମାନେ ଭୋର ସମୟରୁ ସୂର୍ଯ୍ୟଦେବତାଙ୍କୁ ଖଇ, କାକୁଡି ଓ ନଡିଆ ଭୋଗ ଲାଗି କରିବା ସହିତ ସନ୍ଧ୍ୟାରେ ପୁନେଇ ଜହ୍ନକୁ ଖଇ ଭୁଜା ଆଞ୍ଜୁଳି ଅର୍ପଣ କରିଛନ୍ତି । ଏହି ପରମ୍ପରା ପ୍ରତ୍ୟେକ ଓଡ଼ିଆ ଘରେ ପ୍ରଚଳିତ।

**ନୟାଗଡ଼ ଅଫିସ:** ନୟାଗଡ଼ ଜିଲାର ସହରଠାରୁ ଆରମ୍ଭ କରି ପୁରପଲ୍ଲୀରେ ବୁଧବାର ମା'ଗଜଲକ୍ଷ୍ମୀଙ୍କ ପୂଜା ଧୁମଧାମ୍‌ରେ ପାଳନ କରାଯାଇଛି। ସହର ଓ ଗ୍ରାମର ବିଭିନ୍ନ ପୂଜାମଣ୍ଡପରେ ଲାଇଟ୍ ଓ ତୋରଣ ପୂଜା ମାହୋଲକୁ ଦ୍ୱିଗୁଣିତ କରିଦେଇଛି। ନୟାଗଡ଼ ସହରରେ ୧୦ରୁ ଉର୍ଦ୍ଧ୍ୱ ସ୍ଥାନରେ ମା'ଙ୍କ ପ୍ରତିମାଙ୍କୁ ପୂଜାର୍ଚ୍ଚନା କରାଯାଉଛି। ପାର୍କ ଲେନ୍, ଓଡ଼ଗାଁ ଛକ, ଜୁବୁଲି ମାର୍କେଟ ଓ ରାଜୀବ ମାର୍କେଟରେ ହୋଇଥିବା ପୂଜା ମଣ୍ଡପରେ ଲୋକଙ୍କ ଭିଡ଼ ପରିଲକ୍ଷିତ ହେଉଥିବା ଦେଖିବାକୁ ମିଳିଥିଲା। ଏହାକୁ ଦୃଷ୍ଟିରେ ରଖି ଟ୍ରାଫିକ୍ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ବିଭିନ୍ନ ପୂଜା ମଣ୍ଡପରେ ମଧ୍ୟ ପୋଲିସ କର୍ମଚାରୀମାନେ ନିୟୋଜିତ ହୋଇଥିଲେ। ଓଡ଼ଗାଁ ବ୍ଲକ ଗୋଡ଼ିପଡ଼ା ଗ୍ରାମରେ ମଧ୍ୟ ମା'ଙ୍କ ପୂଜା ଅନୁଷ୍ଠିତ ହୋଇଛି। କୁମାର ଉତ୍ସବ ଉପଲକ୍ଷେ କୁମାରୀମାନେ ଚଉରାମୂଳେ ଏକାଠି ହୋଇ ପୂଜାର୍ଚ୍ଚନା କରିଥିଲେ।

**ଦଶପଲ୍ଲା,(ଡି.ଏନ.ଏ.):** ଦଶପଲ୍ଲାରେ ବୁଧବାର ପବିତ୍ର ଗଜଲକ୍ଷ୍ମୀ ପୂଜା ଓ କୁମାର ପୂର୍ଣ୍ଣିମା ପାଳିତ ହୋଇଯାଇଛି। ସ୍ଥାନୀୟ ମେଡିକାଲ ଛକସ୍ଥିତ ଲକ୍ଷ୍ମୀ ବଜାର ଓ ସାତପାଟଣାସ୍ଥିତ ଲକ୍ଷ୍ମୀ ବଜାରଠାରେ ଏହି ପୂଜା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହେଉଛି। ମା'ଙ୍କୁ ଦର୍ଶନ ନିମନ୍ତେ ପୂଜା ମଣ୍ଡପରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଉପଲକ୍ଷେ ୧୩ଟି ବଜାରର କର୍ମକର୍ତ୍ତାଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ବୋଲଗଡ଼,(ଡି.ଏନ.ଏ.):** କୁମାରପୂର୍ଣ୍ଣିମା ଅବସରରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ ବୋଲଗଡ଼ ବ୍ଲକର ବିଭିନ୍ନ ସ୍ଥାନରେ ବୁଧବାର ଅନୁଷ୍ଠିତ ହେଉଛି। ବୋଲଗଡ, ବାଙ୍କୋଇ, ସାନପଦର, ରାଜସୁନାଖଳା, ଭୀମପଡା, କାଦୁଅବେରେଣୀ ଓ ଧଳାପଥର ଆଦି ଅଞ୍ଚଳ ଏବଂ ବିଭିନ୍ନ ଗ୍ରାମରେ ସୁସଜ୍ଜିତ ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ଅନୁଷ୍ଠିତ ହେଉଛି। ରଙ୍ଗବେରଙ୍ଗର ଆଲୋକସଜ୍ଜା ହୋଇଥିବା ତୋରଣଗୁଡ଼ିକ ବେଶ୍ ଆକର୍ଷଣୀୟ ମନେହେଉଛି। ପୂଜାମଣ୍ଡପ ସମ୍ମୁଖରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ ନିମନ୍ତେ ଜନ ସମାଗମ ଦୃଷ୍ଟିଗୋଚର ହେଉଛି।

**ଗଣିଆ,(ଡି.ଏନ.ଏ.):** ଗଣିଆ ବ୍ଲକର ବିଭିନ୍ନ ଗ୍ରାମରେ ବୁଧବାର କୁମାର ଉତ୍ସବ ଖୁବ୍ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଏହି ଉତ୍ସବ ପାଇଁ ପ୍ରତ୍ୟେକ ଗ୍ରାମର କୁଆଁରୀ କନ୍ୟାମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ତୁଳସୀଚଉରା ମୂଳେ ଝୋଟି ପକାଇବା ସହ ଚତୁଃପାର୍ଶ୍ୱ ରଙ୍ଗବେରଙ୍ଗ ଆଲୋକମାଳାରେ ସଜ୍ଜା ଯାଇଥିବା ଦେଖିବାକୁ ମିଳିଥିଲା । ସନ୍ଧ୍ୟାରେ କୁମାରୀ ଝିଅମାନେ ନୂତନ ବସ୍ତ୍ର ପରିଧାନ କରି ମା ବୃନ୍ଦାବତୀଙ୍କୁ ସାତପ୍ରକାର ପିଠା,ଫଳ ଓ ଫୁଲରେ ପୂଜାର୍ଚ୍ଚନା କରିଥିଲେ । ପରେ ପୂର୍ଣ୍ଣମୀ ଚାନ୍ଦଙ୍କୁ ବନ୍ଦାପନା କରିବା ପରେ ଓଷା ଉଦ୍‌ଯାପିତ ହୋଇଥିଲା । ମାସ ସାରା ଜହ୍ନି ଓ ଆମିଷ ଦ୍ରବ୍ୟ ଭକ୍ଷଣ ନକରି ନିଜର ଅଭିଷ୍ଟ ପୂରଣ ପାଇଁ ଜହ୍ନି ଓଷା ବା କୁମାର ଉତ୍ସବ ପାଳିତ ହୋଇଥାଏ। ସେହିପରି ଆଡକଟା ପଞ୍ଚାୟତ ଧୂଆମଡା ଗ୍ରାମବାସୀଙ୍କ ତରଫରୁ ମା ଗଜଲକ୍ଷ୍ମୀଙ୍କର ୯ମ ବାର୍ଷିକ ପୂଜାଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପୂଜା ମଣ୍ଡପରେ ଘଟ କଳସ ସ୍ଥାପନ ପୂର୍ବକ ପାରମ୍ପରିକ ରୀତିନୀତି ଅନୁଯାୟୀ ମାଙ୍କ ମୃଣ୍ମୟୀ ମୂର୍ତ୍ତିକୁ ପୂଜାର୍ଚ୍ଚନା କରାଯାଇଥିଲା । ଦିନବେଳା ପୂଜାମଣ୍ଡପ ନିକଟରେ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଛି।

**ରଣପୁର,(ସ୍ୱ.ପ୍ର.):** ନୟାଗଡ ଜିଲା ରଣପୁର ଏବଂ ଏହାର ଆଖପାଖ ଚାନ୍ଦପୁର, ସୁନାଖଳା,ଗୋପାଳପୁର,ଦର୍ପନାରାୟଣପୁର ଅଞ୍ଚଳରେ ବୁଧବାର କୁମାର ପୂର୍ଣ୍ଣମା ଓ ଗଜଲକ୍ଷ୍ମୀପୂଜା ପାଳିତ ହୋଇଯାଇଛି। କୁମାରୀ ଝିଅମାନେ ପ୍ରାତଃରୁ ଉଠି ସ୍ନାନକାର୍ଯ୍ୟ ସାରି ନୂଆ ପୋଷାକ ପରିଧାନ କରି ଚଉରାମୂଳେ ଆଞ୍ଜୁଳି ଅର୍ପଣ କରିଥିଲେ। ସନ୍ଧ୍ୟାରେ ଖଇରେ ପ୍ରସ୍ତୁତ ଚାନ୍ଦ ପୂଜା କରିଥିଲେ । ଏହି ଅବସରରେ ବିଭିନ୍ନ ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

**ଖଣ୍ଡପଡା,(ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକ୍ ଅନ୍ତର୍ଗତ ଖଣ୍ଡପଡା, ରଥଗଡା ଓ ବଜାର ସମେତ ଖଳିସାହି, ବାଣପୁର, ବଳଭଦ୍ରପ୍ରସାଦ, କୋସକା ମଧୁପୁର, ବସନ୍ତପୁର, ଜଗନ୍ନାଥ ପ୍ରସାଦ, ମଙ୍ଗଳପୁର, ବାହାଡା, ବନମାଳୀପୁର, ବରକୋଳିବନ୍ଧ, ବେଣାଗାଡିଆ ଏବଂ ସିଧାମୂଳା ଗ୍ରାମରେ ଗଜଲକ୍ଷ୍ମୀ ପୂଜା ମହାସମାରୋହରେ ପାଳିତ ହେଉଛି । ପୂଜାମଣ୍ଡପଗୁଡିକ ସାଜସଜ୍ଜାରେ ଝଲସି ଉଠୁଛି । ଏହି ଅବସରରେ ବେଣାଗାଡିଆରେ ୩ ଦିନ ବ୍ୟାପୀ ମା'ଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା କରାଯାଉଛି । ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ରଥଗଡାରେ ୩ଟି ପୂଜାମଣ୍ଡପ ହୋଇଛି। ପ୍ରଥମେ ରଥଗଡାଠାରେ ଖଣ୍ଡପଡା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ୨୦୦୦ ମାଟ୍ରିକ ବ୍ୟାଚଙ୍କ ଦ୍ୱାରା ମୃଣ୍ମୟୀ ମୂର୍ତ୍ତି ପୂଜା ଆୟୋଜନ କରାଯାଇଥିଲା ।

# ଫତେଗଡ଼ରେ ବ୍ୟାପୁଛି ଚର୍ମରୋଗ

**ଖଣ୍ଡପଡ଼ା/ଭାପୁର,୨୪।୧୦ (ସ୍ୱ.ପ୍ର./ଡି.ଏନ.ଏ.)**

ଭାପୁର ବ୍ଲକ୍ ଅନ୍ତର୍ଗତ ଫତେଗଡ ଗ୍ରାମରେ ୧୫୦ରୁ ଉର୍ଦ୍ଧ୍ୱ ପରିବାର ଚର୍ମରୋଗରେ ଆକ୍ରାନ୍ତ ହୋଇଛନ୍ତି । କ୍ରମଶଃ ଏହା ଅଧିକ ସଂକ୍ରମିତ ହେଉଥିବା ଅଭିଯୋଗ ହେଉଛି । ତେଣୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତୁରନ୍ତ ଏ ଦିଗରେ ବିହିତ ପଦକ୍ଷେପ ପାଇଁ ସାଧାରଣରେ ଦାବି ହୋଇଥିଲା। ଗ୍ରାମରେ ଥିବା ଏକ ବେସରକାରୀ ଅନୁଷ୍ଠାନ 'ସେଣ୍ଟର ଫର୍ ୟୁଥ୍ ଆଣ୍ଡ୍ ସୋସିଆଲ୍ ୱେଲଫେୟାର୍' ତରଫରୁ ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ଗ୍ରାମରେ ଦୀର୍ଘ ଏକ ବର୍ଷଧରି ବ୍ୟାପୁଥିବା ଏହି ଚର୍ମରୋଗ ଏବେ ଚରମ ସୀମାରେ ପହଞ୍ଚିଛି। ତେବେ ବେସରକାରୀସ୍ତରୀୟ ଚିକିତ୍ସାରେ ବିଶେଷ ପ୍ରଭାବ ପଡୁ ନ ଥିବା କୁହାଯାଇଛି। ସମ୍ପୃକ୍ତ ଗ୍ରାମକୁ ଏକ ଡାକ୍ତର ଦଳ ପଠାଇବା ପାଇଁ ବ୍ଲକ୍ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ସୋମବାର ସଂଗଠନ ତରଫରୁ ନିବେଦନ କରାଯାଇଥିଲା। ଫଳରେ ମଙ୍ଗଳବାର ସକାଳେ ୪ ଜଣିଆ ମେଡିକାଲ ଟିମ୍ ଗ୍ରାମରେ ପହଞ୍ଚି ରୋଗୀମାନଙ୍କୁ ପରୀକ୍ଷା କରିଛନ୍ତି । ଏଠାରେ ଫଙ୍ଗାଲ ଗିନେଆ କରପୋରିଆ ଏବଂ ଅନ୍ୟ ୭ଚର୍ମ ରୋଗକୁ ଟିମ୍ ଚିହ୍ନଟ କରିଛି। ଅପରିଷ୍କାର ଜଳ ଯୋଗୁ ଏହି ରୋଗ ହୋଇଥାଏ ବୋଲି ସେମାନେ ମତ ଦେଇଥିଲେ। ଏହାର ନିରାକରଣ ପାଇଁ ଜନସଚେତନତାର ଆବଶ୍ୟକତା ରହିଛି ବୋଲି ଡାକ୍ତର ପ୍ରଦୀପ କୁମାର ପାଇକରାୟ ସୂଚନା ଦେଇଥିଲେ । ତେବେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ନୟାଗଡ ମୁଖ୍ୟ ଚିକିତ୍ସାଳୟକୁ ରିପୋର୍ଟ ପଠାଇବା ପରେ ଏଡିଏମ୍ଓଙ୍କ ନିଷ୍ପତ୍ତି କ୍ରମେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜନସ୍ୱାସ୍ଥ୍ୟ ଅଧିକାରୀ ଅଶୋକ କୁମାର ସାହୁ କହିଛନ୍ତି।



ଗ୍ରାମରେ ଡାକ୍ତରୀ ଟିମ୍।

# କୁମାରପୂର୍ଣ୍ଣମୀ: ହଜିଗଲାଣି ସ୍ୱତନ୍ତ୍ରତା

**ଖଣ୍ଡପଡା,୨୪।୧୦(ସ୍ୱ.ପ୍ର.)**

କୁଆଁରୀ ଝିଅମାନଙ୍କ ବହୁ ପ୍ରତୀକ୍ଷିତ ପର୍ବ କୁମାରପୂର୍ଣ୍ଣିମା ବୁଧବାର ପାଳିତ ହୋଇଛି। ଏହାକୁ ଜହ୍ନିଓଷା ଭାବରେ କୁମାରୀମାନେ ଭାଦ୍ରବ ମାସ ପୂର୍ଣ୍ଣମୀଠାରୁ ଆଶ୍ୱିନ ପୂର୍ଣ୍ଣମୀ ପର୍ଯ୍ୟନ୍ତ ପାଳନ କରି କୁମାରପୂର୍ଣ୍ଣମୀରେ ଉଦ୍‌ଯାପନ କରିଥାନ୍ତି। ଏହି ଏକ ମାସ ଧରି କୁମାରୀମାନେ ଆମିଷ ଭକ୍ଷଣଠାରୁ ଦୂରରେ ରହି ଜହ୍ନି ନ ଖାଇ ତୁଳସୀ ଚଉରା ମୂଳେ ଓଷା ପାଳନ କରିଥାନ୍ତି। କୁହାଯାଏ କୁମାରପୂର୍ଣ୍ଣମୀ ତିଥିରେ ଜହ୍ନ ଅନ୍ୟ ଦିନ ଅପେକ୍ଷା ଅଧିକ ଗୋଲ ଓ ସୁନ୍ଦର ଦେଖାଯାଏ । ଏହି ଜହ୍ନକୁ ଦେଖି ଜଣେ ସୁନ୍ଦର ତଥା ଗୁଣବାନ ସ୍ୱାମୀଟିଏ ପାଇବା ପାଇଁ କୁଆଁରୀ ଝିଅମାନେ କାମନା କରିଥାନ୍ତି। ଆଜି ହେଉଛି ଜହ୍ନି ଓଷାର ଉଦ୍‌ଯାପନୀ ଦିବସ। ଖଣ୍ଡପଡା, ବେଣାଗାଡିଆ, କଣ୍ଟିଲୋ, ପଥରଚକଡା, ଧାନଚେଙ୍ଗଡା, ମାଧପୁର, ପଦ୍ମାବତୀ, ବାଣପୁର, ସିଧାମୂଳା, ଖଳିସାହି, ମଙ୍ଗଳପୁର ଆଦି ଅଞ୍ଚଳର ବିଭିନ୍ନ ସାହି ବସ୍ତିରେ କୁମାରୀମାନେ ଖୁବ୍ ଧୁମଧାମରେ ଏହି ଓଷା ପାଳନ କରୁଥିବା ଦେଖାଯାଇଥିଲା । ଭୋରରୁ କୁମାରୀମାନେ ଚଉରା ମୂଳେ ଚାନ୍ଦ ଦର୍ଶନ ପାଇଁ ଅପେକ୍ଷା କରିଥିବା ବେଳେ ପୂର୍ଣ୍ଣିମା ଚାନ୍ଦ ବିଳମ୍ବରେ ପ୍ରାୟ ସାଢେ୬ଟାରେ ଆକାଶରେ ଦେଖା ଦେଇଥିଲା । ଚାନ୍ଦ ଦେଖି କୁମାରୀମାନେ ପୂଜା ଆରମ୍ଭ କରିଥିଲେ । ରାଣୀଛେଲ୍ଲୀ ପଞ୍ଚାୟତର ମଙ୍ଗଳପୁର ଗ୍ରାମରେ ଚାନ୍ଦ ପୂଜା ଏକ ନିଆରା ଢଙ୍ଗରେ ପାଳନ କରାଯାଏ । ଚାନ୍ଦ ପୂଜା ପରେ ଝିଅମାନଙ୍କ ଝୁଣାମରା ଦୃଶ୍ୟ ଦେଖଣାହାରୀଙ୍କୁ ଆକୃଷ୍ଟ କରିଥାଏ । ଏହି ଦୃଶ୍ୟକୁ ଉପଭୋଗ କରିବାକୁ ମଙ୍ଗଳପୁର ଓ ଏହାର ଆଖପାଖ ଅଞ୍ଚଳର ହଜାର ହଜାର ଲୋକ ସମାଗମ ହୋଇଥିଲେ । ପଦ୍ମାବତୀ ଅଞ୍ଚଳର ଜନୈକା ଶିକ୍ଷୟତ୍ରୀ ଏହି ଓଷା କିପରି ପାଳନ କରାଯାଏ ବୋଲି ପଚାରିବାରେ ସେ କହିଥିଲେ, ପିଲାଦିନେ ଆମେ କୁମାର ପୂର୍ଣ୍ଣିମାକୁ ଜଗି ବସୁଥିଲୁ । ପ୍ରାତଃ ସ୍ନାନ କରି ନୂଆ କୁଲାରେ ଖଇ, କଦଳୀ, ଆଖୁ ଆଦି ଫଳ ପୁଷ୍ପ ଦେଇ ସୂର୍ଯ୍ୟଙ୍କୁ ଧ୍ୟାନ କରି ପ୍ରଭାତରେ ସୂର୍ଯ୍ୟ ପୂଜା ସାରିବା ସାଙ୍ଗକୁ ସନ୍ଧ୍ୟାରେ ଖଇ ଛେନା, କଦଳୀ ଆଦି ଚକଟି ସୁନ୍ଦର ଚାନ୍ଦଟିଏ ଗଢି ଠିକ୍ ଚାନ୍ଦ ଉଇଁ ଆସିବା ବେଳେ ଚଉରା ମୂଳେ ପୂଜା କରୁଥିଲୁ । ଚାନ୍ଦକୁ ପୂଜା କରିବା ପରେ ଆମେ ସାଙ୍ଗେ ସାଙ୍ଗେ ଭୋଗ ଖାଇଦେଉ। ଯଦି କିଛି ବଳିଲା ତାକୁ କବାଟ କୋଣରେ ଲୁଚାଇ ରଖି ପରେ ପାଣିରେ ପକାଇ ଖୋଜୁ । ଏହି ଖୋଜିବାରେ ଏକ ତାତ୍ପର୍ଯ୍ୟ ରହିଛି। ପାଣିରୁ ଭୋଗ ଖୋଜିବା ବେଳେ ଯଦି ଶାମୁକା ମିଳେ ତେବେ ବିବାହିତା ମହିଳାଙ୍କ ପୁଅ ଓ ଯଦି ଗେଣ୍ଡା ମିଳିଲା ତେବେ ଝିଅ ହେବା ବିଶ୍ୱାସ ରହିଥିଲା । ସେହିପରି ଚାନ୍ଦ ପୂଜା କରି ଭୋଗ ସାଙ୍ଗେ ସାଙ୍ଗେ ନ ଖାଇ ବିଳମ୍ବରେ ଖାଇଲେ ବର ବୁଢ଼ା ହୋଇଯିବ ବୋଲି ବିଶ୍ୱାସ ରହିଥିବା ବିଜୟଲକ୍ଷ୍ମୀ ସାହୁ ନାମ୍ନୀ ଜଣେ ତରୁଣୀ କହିଥିଲେ। ତେବେ ପିଲାଟି ଦିନରୁ ଜହ୍ନି ଓଷା ବା ଚାନ୍ଦ ପୂଜା କରି ଆସୁଥିବା କେତେକ ବିବାହିତା ମହିଳା କୁହନ୍ତି କୁମାରପୂର୍ଣ୍ଣିମା ଆଉ ସେଦିନର ହୋଇ ନାହିଁ। ନା ଅଛି ସେ ସମୟର ଚଳଣି, ନା ଅଛି ଝିଅମାନଙ୍କ ମଧ୍ୟରେ ନିବିଡତା । ସମସ୍ତେ ଏବେ ଟିଭି, ମୋବାଇଲରେ ବ୍ୟସ୍ତ, ଖୁସି ଗପ କରିବାକୁ ସତେଯେପରି କାହାରି ପାଖରେ ସମୟ ନ ଥିବା ସେମାନେ କୁହନ୍ତି । ଏବେ ପ୍ରତ୍ୟକ ସାହି ବସ୍ତିରେ କୁମାରୀ ଝିଅମାନେ ଅଲଗା ଅଲଗା ଦଳ ହୋଇ ଏହି ପୂଜା କରୁଥିବା ଦେଖିବାକୁ ମିଳୁଛି ।

**ମଙ୍ଗଳପୁର ଗ୍ରାମରେ ଝିଅଙ୍କ ଝୁଣାମରା ଦୃଶ୍ୟ ନିଆରା**



ଝିଅମାନଙ୍କ ଚାନ୍ଦ ପୂଜା।